ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୯/୨୦୨୩ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, April 29/2023 Page 16 ₹ 7.00 SAMBALPUR

୪୯ଶ ଭାଗ ୧୫୪ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 154 ମୂଲ୍ୟ ₹୭/-

# ସଙ୍କଟମୁହାଁ ହାତୀଙ୍କ ସୁରକ୍ଷାବଳୟ

ଏକଦା ହାତୀଙ୍କ ସୁରକ୍ଷାବଳୟ ଥିଲା କୁଲଡ଼ିହା। ସଂରକ୍ଷିତ ଅଭୟାରଣ୍ୟ ହୋଇଥିବାରୁ ଭଲ ବଢ଼ୁଥିଲା ଏହି ଐତିହ୍ୟ ପ୍ରାଣୀଙ୍କ ସଂଖ୍ୟା। ୨୦୧୭ ଗଣନାରୁ ଏଠାରେ ୯୭ଟି ହାତୀ ଥିବା ଜଣାପଡ଼ିବା ପରେ ବେଶ୍ ବାହାବା ନେଇଥିଲା ବନ ବିଭାଗ। କିନ୍ତୁ ୬ ବର୍ଷ ହେଲା ଆଉ ଗଣନା ହୋଇନି। ହାତୀଙ୍କ ସଂଖ୍ୟା ବଢ଼ିଛି କି ଛିଡ଼ିଛି ତାହା ମଧ୍ୟ ଜାଣିନି ବନ ବିଭାଗ। ହେଲେ କିଛିବର୍ଷ ହେଲା ବାଲେଶ୍ୱର ଜିଲାର ଏହି ଅନ୍ୟତମ ଜୈବମଣ୍ଡଳରେ ହାତୀଙ୍କ ମୃତ୍ୟୁ ସଂଖ୍ୟା ଯେପରି ବଢ଼ିଚାଲିଛି ତାହାକୁ ନେଇ ସାଧାରଣରେ ଗଭୀର ଚିନ୍ତାବ୍ୟକ୍ତ କରାଯାଇଛି। ବିଶେଷକରି ବର୍ଷକ ମଧ୍ୟରେ ୮ଟି ହାତୀଙ୍କ ଜୀବନ ଯିବା ଉଦ୍‌ବେଗର ବିଷୟ ହୋଇଛି। କେଉଁଥିପାଇଁ ହାତୀଙ୍କ ଏହି ସୁରକ୍ଷିତ ଆବାସସ୍ଥଳୀ ଏବେ ସଙ୍କଟମୁହାଁ ସେ ନେଇ ବିଧିବଦ୍ଧ ଅନୁଧ୍ୟାନର ଆବଶ୍ୟକତା ରହିଛି।

## କୁଲଡ଼ିହା: ବର୍ଷକରେ ମଲେଣି ୮ ହାତୀ


କୁଲଡ଼ିହାରେ ଥିବା ହାତୀ।

ମାନସ ବିଶ୍ୱାଳ

ବାଲେଶ୍ୱର ଅଫିସ,୨୮।୪

ବାଲେଶ୍ୱର ଜିଲାର ନୀଳଗିରି ଓ ଔପଦା ବ୍ଲକର ପ୍ରାୟ ୨୭୨.୭୫ ବର୍ଗ କି.ମି. ଅଞ୍ଚଳରେ ରହିଛି କୁଲଡିହା ଅଭୟାରଣ୍ୟ। ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁରେ ପରିପୂର୍ଣ୍ଣ ଉତ୍ତରଓଡ଼ିଶାର ଏହି ଜୈବମଣ୍ଡଳକୁ ହାତୀମାନଙ୍କ ପାଇଁ ଅମରାବତୀ କୁହାଯାଉଥିଲା। କିନ୍ତୁ ଗତ ୫ ବର୍ଷ ହେଲା ଏହି ଅଭୟାରଣ୍ୟ ହାତୀ ଓ ଅନ୍ୟ ବନ୍ୟପ୍ରାଣୀଙ୍କ ପାଇଁ ଅସୁରକ୍ଷିତ ହୋଇପଡୁଥିବା ଅଭିଯୋଗ ହେଉଛି। କେତେବେଳେ ଜଙ୍ଗଲରେ ଖାଦ୍ୟାଭାବ ତ ଆଉ କେତେବେଳେ ଜଙ୍ଗଲ ନିଆଁ ଦାଉ ସାଜୁଛି। ଫଳରେ ପ୍ରତିକୂଳ ପ୍ରଭାବ ହେତୁ ଜଙ୍ଗଲୀ ଜନ୍ତୁଙ୍କ ପାଇଁ ସଂକଟ ସୃଷ୍ଟି ହେଉଛି। ଯାହାର ପରିଣାମ ସ୍ୱରୂପ ବନ୍ୟଜନ୍ତୁ ଜନବସତିମୁହାଁ ହେଉଛନ୍ତି। ଏପରି କି ୨୦୧୭ ପରଠାରୁ ଅଭୟାରଣ୍ୟରେ କେତେ ହାତୀ ଅଛନ୍ତି, ତାହା ବନ ବିଭାଗକୁ ଜଣା ନ ଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ିଚାଲିବା ପ୍ରାଣୀପ୍ରେମୀଙ୍କୁ ବ୍ୟଥିତ କରୁଛି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ପଦବୀ ପାଇଁ ଦୌଡ଼

## ବିଶ୍ୱର ସବୁଠୁ ପୁରୁଣା ଖବରକାଗଜ ବନ୍ଦ ହେବ




ଭିଏନା,୨୮।୪

ବିଶ୍ୱର ସବୁଠୁ ପୁରୁଣା ଖବରକାଗଜ ଭାବେ ଜଣାଶୁଣା ଅଷ୍ଟ୍ରିଆର 'ୱିନେର ଜେଇଟୁଙ୍ଗ୍' ଏହାର ଛାପା ସଂସ୍କରଣ ବନ୍ଦ କରିବାକୁ ଯାଉଛି। ୧୭୦୩ରୁ ପ୍ରକାଶ ପାଇ ଆସୁଥିବା ଏହି ଖବରକାଗଜକୁ ବନ୍ଦ କରିବା ପାଇଁ ଅଷ୍ଟ୍ରିଆ ପାର୍ଲାମେଣ୍ଟ ଗୁରୁବାର ନିଷ୍ପତ୍ତି ନେଇଛି। ପାର୍ଲାମେଣ୍ଟରେ ସଂଖ୍ୟାଗରିଷ୍ଠ ଭୋଟରେ ଉକ୍ତ ଆଇନ ଗୃହୀତ ହୋଇଛି। ☞ପୃଷ୍ଠା-୪










# ଅଭିଯୋଗ ନ ଥିଲେ ବି ମାମଲା ରୁଜୁ କର

## ଘୃଣା ମନ୍ତବ୍ୟକୁ ନେଇ ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୮।୪(ପି.ଟି.)

ଘୃଣିତ ବକ୍ତୃତା ଘଟଣାରେ ଅଭିଯୋଗ ହୋଇ ନ ଥିଲେ ମଧ୍ୟ ମାମଲା ଦାଏର କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି। ଘୃଣିତ ମନ୍ତବ୍ୟ ଅତ୍ୟନ୍ତ ଗମ୍ଭୀର ଅପରାଧ ଯାହା ଦେଶର ଧର୍ମନିରପେକ୍ଷ ବ୍ୟବସ୍ଥାକୁ ପ୍ରଭାବିତ କରିବାକୁ ସମର୍ଥ ବୋଲି ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ କହିଛନ୍ତି। ୨୦୨୨ ଅକ୍ଟୋବର ୨୧ରେ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶନାମା ଧର୍ମମତ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଲାଗୁ ହେବ। ମାମଲା ଦାଏର କରିବାରେ ବିଳମ୍ବକୁ ଅଦାଲତ ଅବମାନନା ଭାବେ ଗ୍ରହଣ କରାଯିବ ବୋଲି ଖଣ୍ଡପୀଠ କହିଛନ୍ତି।



ଅକ୍ଟୋବର ୨୧ ରାୟ ଦେବାବେଳେ ଧର୍ମ ନାମରେ ଆମେ କେଉଁଠି ପହଞ୍ଚିଲୁଣି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିବା ସହ ଧର୍ମ ବାସ୍ତବରେ ଏବେ ଦୁଃଖଦ ସ୍ତରକୁ ଖସିଯାଇଥିବା କହିଥିଲେ। ଘୃଣା ମନ୍ତବ୍ୟ ଦେଉଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଚଢ଼ାଉ କରିବାକୁ ଅଦାଲତ ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ଉତ୍ତରାଖଣ୍ଡକୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବିଧାନରେ ଭାରତକୁ ଏକ ଧର୍ମ ନିରପେକ୍ଷ ରାଷ୍ଟ୍ର ଭାବେ ପରିକଳ୍ପନା କରାଯାଇଥିବାବେଳେ ଅଭିଯୋଗକୁ ଅପେକ୍ଷା ନ କରି ତୁରନ୍ତ ଅପରାଧୀମାନଙ୍କ ବିରୋଧରେ ମାମଲା ରୁଜୁ କରିବାକୁ ଉପରୋକ୍ତ ୩ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ବିଚାରପତିମାନେ ରାଜନୀତି ବିମୁଖ। ସେମାନେ କୌଣସି ଦଳ ପାଇଁ ଚିନ୍ତା ନ କରି ଭାରତର ସମ୍ବିଧାନ ବିଷୟରେ ଚିନ୍ତା କରିଥାନ୍ତି ବୋଲି ଶୁକ୍ରବାର ଖଣ୍ଡପୀଠ କହିଛନ୍ତି। ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ଏବଂ ଆଇନର ଶାସନ ପ୍ରତିଷ୍ଠାକୁ ସୁନିଶ୍ଚିତ କରିବା ଲାଗି ଦେଶର ଅନ୍ୟ ସ୍ଥାନଗୁଡ଼ିକରେ ଘୃଣା ମନ୍ତବ୍ୟ ବିରୋଧରେ ଅଦାଲତ ପିଟିଶନଗୁଡ଼ିକୁ ବିଚାର ପାଇଁ ଗ୍ରହଣ କରିଆସୁଥିବା କହିଛନ୍ତି।

ରାଜନୈତିକ ନେତାମାନେ ଅନେକ ସମୟରେ ଘୃଣିତ ମନ୍ତବ୍ୟ ଦେଇ ବିବାଦ ଘେରକୁ ଆସୁଛନ୍ତି। ଦିଲ୍ଲୀ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ଏଭଳି ଘୃଣା ମନ୍ତବ୍ୟ ଅନେକ ସମୟରେ ସାମ୍ନାକୁ ଆସୁଛି। ଖବରଦାତା ଶାହିନ ଅବଦୁଲ୍ଲାଙ୍କ ପିଟିଶନ ଆଧାରରେ ସୁପ୍ରିମକୋର୍ଟ ଗତବର୍ଷ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଏଭଳି ମନ୍ତବ୍ୟ ଦେଉଥିବା ବ୍ୟକ୍ତିମାନଙ୍କ ବିରୋଧରେ ମାମଲା ରୁଜୁ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ରାୟକୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଲାଗୁ କରିବା ପାଇଁ ଅବଦୁଲ୍ଲା ପୁନର୍ବାର ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଘୃଣା ମନ୍ତବ୍ୟ ଗମ୍ଭୀର ପ୍ରସଙ୍ଗ ହୋଇଥିବାରୁ ସୁପ୍ରିମକୋର୍ଟ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମାମଲା ରୁଜୁ କରିବା ପାଇଁ କହିଛନ୍ତି।

## ସଂକ୍ଷେପରେ

### ମଣିପୁର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ମଞ୍ଚରେ ନିଆଁ ଲଗାଇବା ଘଟଣା

## ୧୪୪ ଧାରା ଲାଗୁ, ଇଣ୍ଟରନେଟ୍ ବନ୍ଦ

**ଇମ୍ଫାଲ,୨୮।୪:** ମଣିପୁର ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ତାଙ୍କ ସଭାମଞ୍ଚରେ ବିକ୍ଷୋଭକାରୀ ଭଙ୍ଗାରୁଜା କରିବା ସହ ନିଆଁ ଲଗାଇଦେବା ଘଟଣାରେ ଉତ୍ତେଜନା ଲାଗି ରହିଛି। ଉତ୍ତେଜନାକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ ୧୪୪ ଧାରା ଜାରି କରାଯିବା ସହ ଇଣ୍ଟରନେଟ୍ ସେବାକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ମଣିପୁରର ଚୁରାଚାନ୍ଦପୁର ଜିଲାରେ ମୁଖ୍ୟମନ୍ତ୍ରୀ ଶୁକ୍ରବାର ଏକ ଜିମ୍ ତଥା କ୍ରୀଡ଼ା କେନ୍ଦ୍ରର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିଲା। ସଂରକ୍ଷିତ ଓ ସୁରକ୍ଷିତ ଜଙ୍ଗଲ ଏବଂ ଆର୍ଦ୍ରଭୂମି ଉପରେ ଭାଜପା ନେତୃତ୍ୱାଧୀନ ସରକାରଙ୍କ ସର୍ଭେକୁ ବିରୋଧ କରିଆସୁଥିବା ଇଣ୍ଡିଜେନିଅସ୍ ଟ୍ରାଇବାଲ୍ ଲିଡର୍ସ ଫୋରମ୍‌ର ବିକ୍ଷୋଭକାରୀମାନେ ଗୁରୁବାର ରାତିରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚି ଚେୟାର ଓ କ୍ରୀଡ଼ା ଉପକରଣ ଭଙ୍ଗାରୁଜା କରିବା ସହ ସଭାମଞ୍ଚରେ ନିଆଁ ଲଗାଇ ଦେଇଥିଲେ।

## ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଇଟାରେ ଛେଚି ହତ୍ୟା

**ନୂଆଦିଲ୍ଲୀ,୨୮।୪:** ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ ପରିଚାଳିତ ଏକ ସ୍କୁଲ୍‌ର ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଦୁଇ ଅଭିଯୁକ୍ତ ଇଟାରେ ଛେଚି ହତ୍ୟା କରିବା ପରେ ମୃତଦେହକୁ ବାଦରପୁର ଅଞ୍ଚଳର ଏକ ଡ୍ରେନ୍‌ରେ ଫିଙ୍ଗିଦେଇଛନ୍ତି। ମୃତ ଛାତ୍ର ସୌରଭ(୧୨) ଦିଲ୍ଲୀ ମୋରାଲବନ୍ଦ ଗ୍ରାମର ବିଳାସପୁର କ୍ୟାମ୍ପରେ ରହୁଥିଲେ ଓ ତାଜପୁର ପହରିଠାରେ ଥିବା ସ୍କୁଲରେ ପଢୁଥିଲେ। ଗୁରୁବାର ରାତିରେ ପୋଲିସ ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇଁ ଘଟଣାସ୍ଥଳରେ ପହଞ୍ଚି ଛାତ୍ରଙ୍କ ମୃତଦେହ ଏବଂ ସ୍କୁଲ ବ୍ୟାଗ୍ ପାଇଥିଲା। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏମ୍ସ ପଠାଇବା ସହ ହତ୍ୟା ମାମଲା ରୁଜୁ କରିଛି।

## ସତ୍ୟପାଲଙ୍କୁ ସିବିଆଇ ଜେରା



ସତ୍ୟପାଲ ମଲିକ

**ନୂଆଦିଲ୍ଲୀ,୨୮।୪:** ୩୦୦ କୋଟି ଟଙ୍କା ଲାଞ୍ଚ ଯଚାଯିବା ଅଭିଯୋଗ ଉପରେ ସିବିଆଇ ଅଧିକାରୀମାନେ ଜମ୍ମୁ-କଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲିକଙ୍କୁ ଶୁକ୍ରବାର ୫ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଜେରା କରିଛନ୍ତି। ସତ୍ୟପାଲ ଜମ୍ମୁ-କଶ୍ମୀର ରାଜ୍ୟପାଳ ଥିବା ସମୟରେ ଦୁଇଟି ଫାଇଲ୍‌କୁ ମଞ୍ଜୁରୀ ପ୍ରଦାନ କରିବା ଲାଗି ୩୦୦ କୋଟି ଟଙ୍କା ଲାଞ୍ଚ ଯଚାଯାଇଥିଲା ବୋଲି ସେ ଅଭିଯୋଗ କରିଥିଲେ। ତାଙ୍କୁ ୨୭ କିମ୍ବା ୨୮ ତାରିଖରେ ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବା ନିମନ୍ତେ ପୂର୍ବରୁ ନୋଟିସ ଜାରି ହୋଇଥିଲା। ସରକାରୀ କର୍ମଚାରୀଙ୍କ ଲାଗି ଗ୍ରୁପ୍ ମେଡିକାଲ ଇନ୍‌ସୁରାନ୍ସ ଯୋଜନାର ଠିକା ଏବଂ କିରୁ ଜଳବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ସତ୍ୟପାଲ ଅଭିଯୋଗ କରିବା ପରେ ଗତବର୍ଷ ଏପ୍ରିଲରେ ସିବିଆଇ ଏତଲା ଦାଏର କରିଥିଲା।

### ଦିଲ୍ଲୀ ଅବକାରୀ ଦୁର୍ନୀତି ମନିଲଣ୍ଡରିଂ ମାମଲା

## ସିସୋଡିଆଙ୍କୁ ମିଳିଲାନି ଜାମିନ

ନୂଆଦିଲ୍ଲୀ,୨୮।୪

ଦିଲ୍ଲୀ ଅବକାରୀ ଦୁର୍ନୀତି ସହ ଜଡ଼ିତ ମନିଲଣ୍ଡରିଂ ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଡିଆଙ୍କୁ ଜାମିନ ଦେବାକୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ମନା କରିଦେଇଛନ୍ତି। ତଦନ୍ତ ଏବେ ଏଭଳି ସ୍ତରରେ ରହିଛି ଯେ ଜାମିନ ପ୍ରଦାନ କରାଯାଇପାରିବ ନାହିଁ ବୋଲି ସ୍ୱତନ୍ତ୍ର କୋର୍ଟ ବିଚାରପତି ଏମ୍.କେ. ନାଗପାଲ କହିଛନ୍ତି। ତଦନ୍ତ ଜଟିଳ ସ୍ତରରେ ରହିଥିବାରୁ ସିସୋଡିଆଙ୍କ ଜାମିନ ଆବେଦନକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବିରୋଧ କରିଥିଲା। ଦିଲ୍ଲୀ ସରକାରଙ୍କ ନୂଆ ଅବକାରୀ ନୀତିକୁ ଜନସାଧାରଣ ଅନୁମୋଦନ କରିଥିବାର ଜାଲ୍ ଇ-ମେଲ୍ ଆମ୍ ଆଦ୍‌ମୀ ପାର୍ଟି ନେତା ପ୍ରସ୍ତୁତ କରିଥିଲେ ବୋଲି ଇଡି ଅଭିଯୋଗ କରିଥିଲା। ମାର୍ଚ୍ଚ ୩୧ରେ ମଧ୍ୟ ସିସୋଡିଆଙ୍କ ଜାମିନ ଆବେଦନକୁ କୋର୍ଟ ଅଗ୍ରାହ୍ୟ କରିଦେଇଥିଲେ।





ନୂଆଦିଲ୍ଲୀରେ ଅନୁଷ୍ଠିତ ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକ ଅବସରରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ(ମଝି)ଙ୍କ ସହ ଚାଇନା ପ୍ରତିପକ୍ଷ ଲି ଶାଙ୍ଗ୍‌ଫୁ(ବାମ), ଏସ୍‌ସିଓ ଆଞ୍ଚଳିକ ଆତଙ୍କବାଦ ନିରୋଧୀ ଢାଞ୍ଚାର ନିର୍ଦ୍ଦେଶକ ମିର୍ଜାଏଭ୍ ରୁସ୍‌ଲାନ ଏର୍କିନୋଭିଚ୍(ବାମରୁ ଦ୍ୱିତୀୟ), ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସର୍ଗେଇ ଶୋଇଗୁ ଏବଂ ତାଜିକିସ୍ତାନ ପ୍ରତିପକ୍ଷ କଲୋନେଲ ଜେନେରାଲ ଶେରାଲି ମିର୍ଜୋ।

## ଆତଙ୍କବାଦର ମୂଳୋତ୍ପାଟନ କରିବାକୁ ହେବ

### ଏସ୍‌ସିଓ ପ୍ରତିରକ୍ଷା ମନ୍ତ୍ରୀଙ୍କ ବୈଠକ

### ସମର୍ଥନକାରୀଙ୍କୁ ଉତ୍ତରଦାୟୀ କରାଯାଉ: ରାଜନାଥ

ନୂଆଦିଲ୍ଲୀ,୨୮।୪(ପି.ଟି.)

ବିଶ୍ୱର ଆତଙ୍କବାଦର ମୂଳୋତ୍ପାଟନ ଲାଗି ମିଳିତ ଭାବେ କାର୍ଯ୍ୟ କରିବାକୁ ହେବ ବୋଲି ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ପ୍ରତିରକ୍ଷା ମନ୍ତ୍ରୀ ସମ୍ମିଳନୀରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଏଥିସହିତ ଆତଙ୍କବାଦକୁ ସମର୍ଥନ ଯୋଗାଉଥିବା ରାଷ୍ଟ୍ରଗୁଡ଼ିକୁ ଉତ୍ତରଦାୟୀ କରାଯାଉ ବୋଲି ସେ ପାକିସ୍ତାନର ନାଁ ନ ନେଇ କହିଥିଲେ। ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଥିବା ରାଷ୍ଟ୍ର କେବଳ ଅନ୍ୟମାନଙ୍କ ପାଇଁ ବିପଦ ସୃଷ୍ଟି କରୁନାହିଁ, ନିଜ ପାଇଁ ମଧ୍ୟ ବିପଦକୁ ଡାକି ଆଣୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ। ଶୁକ୍ରବାର ଅନୁଷ୍ଠିତ ଏସ୍‌ସିଓ ବୈଠକରେ ରାଜନାଥ ଅଧ୍ୟକ୍ଷତା କରି କହିଥିଲେ, ଭାରତ ଆଞ୍ଚଳିକ ସହଯୋଗର ଏକ ମଜଭୁତ ଢାଞ୍ଚା ପରିକଳ୍ପନା କରିଛି, ଯେଉଁଥିରେ ସବୁ ସଦସ୍ୟ ରାଷ୍ଟ୍ରଙ୍କ ବୈଧ ସ୍ୱାର୍ଥକୁ ଧ୍ୟାନ ଦେଇ ସେମାନଙ୍କ ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ସଂହତି ପ୍ରତି ପାରସ୍ପରିକ ସମ୍ମାନ ରହିବ। ବୈଠକରେ ଚାଇନା ପ୍ରତିରକ୍ଷା ମନ୍ତ୍ରୀ ଲି ଶାଙ୍ଗଫୁ ଉପସ୍ଥିତ ଥିଲେ।

### ଜିଆ ଖାନ୍ ଆତ୍ମହତ୍ୟା ମାମଲା

## ସୂରଜ ପାଞ୍ଚୋଲି ଦୋଷମୁକ୍ତ

ମୁମ୍ବାଇ,୨୮।୪

ବଲିଉଡ୍ ଅଭିନେତ୍ରୀ ଜିଆ ଖାନ୍ ଆତ୍ମହତ୍ୟା ମାମଲାରେ ତଥ୍ୟ ପ୍ରମାଣ ଅଭାବରୁ ସ୍ୱତନ୍ତ୍ର ସିବିଆଇ ଅଦାଲତ ଶୁକ୍ରବାର ଅଭିନେତା ସୂରଜ ପାଞ୍ଚୋଲିଙ୍କୁ ଦୋଷମୁକ୍ତ କରିଛନ୍ତି। ଆତ୍ମହତ୍ୟା ପାଇଁ ଜିଆଙ୍କୁ ବାଧ୍ୟ କରିଥିବା ନେଇ ସୂରଜଙ୍କ ବିରୋଧରେ ମାମଲାର ବିଚାର ଚାଲିଥିଲା। ଜିଆ ୨୦୧୩ ଜୁନ୍ ୩ରେ ମୁମ୍ବାଇର ଜୁହୁ ବାସଭବନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ସୂରଜଙ୍କୁ ଜୁନ୍ ୧୦ରେ ଜୁହୁ ପୋଲିସ ଗିରଫ କରିଥିଲା। ଜେଲରେ ମାସେ ରହିବା ପରେ ଜୁଲାଇ ୩ରେ ବମ୍ବେ ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଥିଲେ। ଜିଆଙ୍କ ମା' ରାବିଆ ଖାନ୍‌ଙ୍କ ଅଭିଯୋଗକ୍ରମେ



ଜିଆ ଖାନ୍



ସୂରଜ ପାଞ୍ଚୋଲି

ତାଙ୍କ ବିରୋଧରେ ଚାଲିଥିବା ତଦନ୍ତ ଓ ଚାର୍ଜସିଟ୍ ମିଛ ବୋଲି ସୂରଜ ଅଦାଲତଙ୍କୁ କହିଥିଲେ। ତଥ୍ୟ ପ୍ରମାଣ ଅଭାବରୁ ସୂରଜଙ୍କୁ ଦୋଷମୁକ୍ତ କରାଗଲା ବୋଲି ସ୍ୱତନ୍ତ୍ର ସିବିଆଇ ବିଚାରପତି ଏ.ଏସ୍. ସୟେଦ ରାୟରେ କହିଛନ୍ତି।

### ବିଷଧର ସର୍ପ ମନ୍ତବ୍ୟ

## ଖାର୍ଗେଙ୍କ ବିରୋଧରେ ଫୌଜଦାରି ମାମଲା ପାଇଁ ଭାଜପାର ଦାବି

ନୂଆଦିଲ୍ଲୀ,୨୮।୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବିଷଧର ସର୍ପ କହିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ବିରୋଧରେ ଫୌଜଦାରି ମାମଲା ରୁଜୁ କରିବା ସହ ତାଙ୍କୁ କର୍ଣ୍ଣାଟକ ନିର୍ବାଚନ ପ୍ରଚାରରୁ ଦୂରେଇ ରଖିବା ଲାଗି ଭାଜପା ନିର୍ବାଚନ କମିଶନଙ୍କୁ ନିବେଦନ କରିଛି। ଖାର୍ଗେଙ୍କ ମନ୍ତବ୍ୟ କଂଗ୍ରେସର ଘୃଣିତ ରାଜନୀତି ବୋଲି ଭାଜପା ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା କେନ୍ଦ୍ରମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଗଣମାଧ୍ୟମକୁ କହିଛନ୍ତି। ଖାର୍ଗେ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ଭାଜପା ସାଧାରଣ ସମ୍ପାଦକ ତରୁଣ ଚୁଗ୍ କହିଛନ୍ତି। ଆଇପିସିର ଧାରା ୪୯୯, ୫୦୦ ଏବଂ ୫୦୪ରେ ଖାର୍ଗେଙ୍କ ବିରୋଧରେ ମାମଲା ରୁଜୁ ପାଇଁ ଭାଜପା ଦାବି କରିଛି। କଂଗ୍ରେସ ଅଧ୍ୟକ୍ଷ କର୍ଣ୍ଣାଟକର ଏକ ନିର୍ବାଚନୀ ରାଲିରେ ଉଦ୍‌ବୋଧନ ଦେବା ଅବସରରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ବିଷଧର ସର୍ପ ସହ ତୁଳନା କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେବା ପରେ ସେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହା କହି ନ ଥିବା ସଫେଇ ଦେଇଥିଲେ।

## ବିବିସି ଅଧ୍ୟକ୍ଷ ରିଚାର୍ଡ ଶାର୍ପଙ୍କ ଇସ୍ତଫା

ଲଣ୍ଡନ,୨୮।୪

ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ବୋରିସ ଜନ୍‌ସନଙ୍କ ପାଇଁ ଋଣ ମାମଲାରେ ସାର୍ବଜନିକ ନିଯୁକ୍ତି ନିୟମ ଉଲ୍ଲଂଘନ କରିଥିବା ଜଣାପଡ଼ିବା ପରେ ବିବିସି ଅଧ୍ୟକ୍ଷ ରିଚାର୍ଡ ଶାର୍ପ ଶୁକ୍ରବାର ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ୨୦୨୧ରେ ସରକାର ଶାର୍ପଙ୍କୁ କିପରି ବିବିସି ମୁଖ୍ୟ ଭାବେ ଚୟନ କଲେ ଏହାର ତଦନ୍ତ ଜାରି ରହିଛି। ବ୍ୟକ୍ତିଗତ ସ୍ୱାର୍ଥରେ ନିଷ୍ପତ୍ତି ପ୍ରଭାବିତ ହୋଇଥିବା ସମ୍ପର୍କିତ ତଥ୍ୟକୁ ଲୁଚାଇ ସେ ସରକାରଙ୍କ ନିଯୁକ୍ତି ନିୟମ ଉଲ୍ଲଂଘନ କରିଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୨୧ରେ ବିବିସି ଅଧ୍ୟକ୍ଷ ହେବା ପୂର୍ବରୁ ଶାର୍ପ ଜେପି



ମୋର୍ଗାନରେ ୮ ବର୍ଷ ଏବଂ ଗୋଲ୍ଡମ୍ୟାନ୍ ସାଚସ୍‌ରେ ୨୩ ବର୍ଷ କାମ କରିଥିଲେ। ବୋରିସ ଜନ୍‌ସନ ପ୍ରଧାନମନ୍ତ୍ରୀ ଥିବାବେଳେ ତାଙ୍କୁ ୮ ଲକ୍ଷ ପାଉଣ୍ଡ ଋଣ ମଞ୍ଜୁର କରିବାରେ ଶାର୍ପ ସହାୟତା କରି ସମାଲୋଚିତ ହୋଇଥିଲେ। ବିବିସିରେ ନିଯୁକ୍ତି ପ୍ରକ୍ରିୟା ବେଳେ ସେ ଏହାକୁ ଲୁଚାଇଥିଲେ।

## ସମଲିଙ୍ଗୀ ବିବାହର ଆଇନଗତ ସ୍ୱୀକୃତିକୁ ବିରୋଧ

### ରାଷ୍ଟ୍ରପତିଙ୍କୁ ପତ୍ର ଲେଖିଲେ ୧୨୦ ବିଶିଷ୍ଟ ବ୍ୟକ୍ତି

ନୂଆଦିଲ୍ଲୀ,୨୮।୪(ପି.ଟି.)

ସମଲିଙ୍ଗୀ ବିବାହର ବୈଧିକରଣ ଲାଗି ହେଉଥିବା ଉଦ୍ୟମକୁ ବିରୋଧ କରି ୧୨୦ରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ପତ୍ର ଲେଖିଛନ୍ତି। ସେମାନଙ୍କ ମଧ୍ୟରେ ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଓ ପୂର୍ବତନ ପ୍ରଶାସନିକ ଅଧିକାରୀମାନେ ଅଛନ୍ତି। ସମଲିଙ୍ଗୀ ବିବାହ ଅବାସ୍ତବ ଓ ଅପ୍ରାକୃତ ହୋଇଥିବାରୁ ଏହାକୁ ଭାରତୀୟ ସମାଜ ଓ ସଂସ୍କୃତି ଗ୍ରହଣ କରିବ ନାହିଁ ବୋଲି ସେମାନେ କହିଛନ୍ତି। ଦେଶର ସାଂସ୍କୃତିକ ପରମ୍ପରା ଓ ଧର୍ମୀୟ ସିଦ୍ଧାନ୍ତ ବିରୋଧରେ କ୍ରମାଗତ ଆକ୍ରମଣ ଚାଲିଥିବାରୁ ଏଥିରେ ସେମାନେ ମର୍ମାହତ ବୋଲି ପତ୍ରରେ ସ୍ୱାକ୍ଷର କରିଥିବା ବ୍ୟକ୍ତିମାନେ କହିଛନ୍ତି। ବିବାହ ଅନୁଷ୍ଠାନର ନ୍ୟାୟିକ ବ୍ୟାଖ୍ୟା କରି କିମ୍ବା ବର୍ତ୍ତମାନର ବୈଧାନିକ ଢାଞ୍ଚାକୁ ରଦ୍ଦ କରି ଅଦାଲତ ଏହାକୁ ନଷ୍ଟ କରିବାରୁ ଦୂରେଇ ରହନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ପତ୍ରର ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ସିଏଜି ରାଜବୀ ମହର୍ଷି, ପୂର୍ବତନ ସ୍ୱରାଷ୍ଟ୍ର ସଚିବ ଏଲ୍.ସି. ଗୋୟଲ, ପୂର୍ବତନ ବହିର୍ବ୍ୟାପାର ସଚିବ ଶଶାଙ୍କ, ପୂର୍ବତନ ର' ମୁଖ୍ୟ ସଞ୍ଜୀବ ତ୍ରିପାଠୀ, ଅବସରପ୍ରାପ୍ତ ବିଚାରପତି ଏସ୍.ଏନ୍. ଧିଙ୍ଗ୍ରା ଏବଂ ଲୋକପାଳ ସିଂ।

## ସୁରକ୍ଷା ବାବଦ ୮ ଲକ୍ଷ ଦେବାକୁ ନଭଲଖାଙ୍କୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୮।୪:** ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ଗୃହବନ୍ଦୀ ଥିବା ସାମାଜିକ କର୍ମୀ ଗୌତମ ନଭଲଖାଙ୍କୁ ପୋଲିସ ସୁରକ୍ଷା ବାବଦ ୮ ଲକ୍ଷ ଟଙ୍କା ଜମା କରିବାକୁ ସୁପ୍ରିମକୋର୍ଟ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ଗତବର୍ଷ ନଭେମ୍ବର ୧୦ରେ ନଭଲଖାଙ୍କୁ ଗୃହବନ୍ଦୀ ରଖିବା ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେବା ସହ ପୋଲିସ ସୁରକ୍ଷା ଖର୍ଚ୍ଚ ବାବଦକୁ ୨.୪ ଲକ୍ଷ ଟଙ୍କା ଭରିବାକୁ କହିଥିଲେ। ସୁରକ୍ଷା ବାବଦରେ ମୋଟ ୬୬ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଅତିରିକ୍ତ ସଲିସିଟର ଜେନେରାଲ



ଗୌତମ ନଭଲଖା

ଏସ୍.ଭି. ରାଜୁ ବିଲ୍ ଉପସ୍ଥାପନ କରିବା ପରେ ଜଷ୍ଟିସ କେ.ଏମ୍. ଜୋସେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ବ୍ରିଜ୍ ଭୂଷଣଙ୍କ ବିରୋଧରେ ଏତଲା ଦାଏର ହେବ

### ସୁପ୍ରିମକୋର୍ଟଙ୍କୁ ଜଣାଇଲା ଦିଲ୍ଲୀ ପୋଲିସ

ନୂଆଦିଲ୍ଲୀ,୨୮।୪ (ପି.ଟି.)

ଭାରତର କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ଅଧ୍ୟକ୍ଷ ବ୍ରିଜ୍ ଭୂଷଣ ଶରନ ସିଂଙ୍କ ବିରୋଧରେ ଏତଲା ଦାଏର କରିବାକୁ ଦିଲ୍ଲୀ ପୋଲିସ ଶୁକ୍ରବାର ସୁପ୍ରିମକୋର୍ଟଙ୍କୁ ଜଣାଇଛି। ବ୍ରିଜ୍ ଭୂଷଣଙ୍କ ବିରୋଧରେ ୭ ଜଣ ମହିଳା କୁସ୍ତିଯୋଦ୍ଧା ଯୌନ ନିର୍ଯ୍ୟାତନା ଅଭିଯୋଗ ଆଣି ନୂଆଦିଲ୍ଲୀରେ ବିକ୍ଷୋଭ ଜାରି ରଖିଛନ୍ତି। ଶୁକ୍ରବାର ଏତଲା ଦାଏର କରାଯିବ ବୋଲି ଦିଲ୍ଲୀ ପୋଲିସ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ ପି.ଏସ୍.



ବ୍ରିଜ୍ ଭୂଷଣ ଶରନ ସିଂ

ନରସିଂହଙ୍କ ଖଣ୍ଡପୀଠକୁ ଜଣାଇଥିଲେ। ବ୍ରିଜ୍ ଭୂଷଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ କୁସ୍ତିଯୋଦ୍ଧାମାନେ ଗତ ରବିବାରଠାରୁ ଦିଲ୍ଲୀର ଯନ୍ତରମନ୍ତରଠାରେ ଧାରଣାରେ ବସି ରହିଛନ୍ତି।

୨୦୧୨ରୁ ଡବ୍ଲ୍ୟୁଏଫ୍‌ଆଇ ମୁଖ୍ୟ ଥିବା ୬୬ ବର୍ଷୀୟ ବ୍ରିଜ୍ ଭୂଷଣଙ୍କ ନାଁରେ ୪୦ ମାମଲା ରହିଥିବା ବରିଷ୍ଠ ଆଇନଜୀବୀ କପିଲ ସିବଲ କହିଛନ୍ତି। କୁସ୍ତିଯୋଦ୍ଧାମାନଙ୍କ ତରଫରୁ ସିବଲ ଜଉମୁଦା ଲଫାପାରେ ସତ୍ୟପାଠ ଦାଖଲ କରି ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ନାବାଳିକାଙ୍କ ସୁରକ୍ଷାକୁ ନେଇ ଆଶଙ୍କା ବ୍ୟକ୍ତ କରିଥିଲେ। ତାଙ୍କ ସମେତ ୭ ଅଭିଯୋଗକାରିଣୀଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ଯୋଗାଇଦେବାକୁ ସିବଲ ଦାବି କରିଥିଲେ।

ବ୍ରିଜ୍ ଭୂଷଣଙ୍କ ବିରୋଧରେ ଏତଲା ଦାଏର ହେବ ବୋଲି ପୋଲିସ ସର୍ବୋଚ୍ଚ ଅଦାଲତଙ୍କୁ କହିଥିଲେ ମଧ୍ୟ ଏହା ଉପରେ ବିଶ୍ୱାସ ନାହିଁ ବୋଲି କୁସ୍ତିଯୋଦ୍ଧାମାନେ କହିଛନ୍ତି। ପୋଲିସ ନିଶ୍ଚୟ କୋହଳ ଏତଲା ଦାଏର କରିବ ବୋଲି ବିକ୍ଷୋଭକାରୀ ଆଶଙ୍କା ବ୍ୟକ୍ତ କରିଛନ୍ତି।

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୁସ୍ତିଯୋଦ୍ଧାମାନଙ୍କ ସମର୍ଥନରେ ବାହାରିଛନ୍ତି। ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ ବୋଲି ସେ କହିଛନ୍ତି।



## ମେ'ରେ ପ୍ରବଳ ଗରମ ହେବ
### ୧୫ ଜିଲାରେ ଝଡ଼ବର୍ଷା ସମ୍ଭାବନା

ଭୁବନେଶ୍ୱର,୨୮।୪(ବ୍ୟୁରୋ): ମେ'ରେ ପ୍ରବଳ ଗରମ ହେବା ସମ୍ଭାବନା ରହିଛି। ଏ ନେଇ ଆଇଏମ୍‌ଡି ପକ୍ଷରୁ ସତର୍କତା ଜାରି କରାଯାଇଛି। ତେବେ ଏହି ମାସରେ ବି କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। ସେ କହିଛନ୍ତି ବିଶେଷକରି ଉପକୂଳ ଓଡ଼ିଶାରେ ହିଟ୍‌ୱେଭ ଆସିପାରେ। ସେହିପରି ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାରରେ ବି ହିଟ୍‌ୱେଭ ହେବାର ସମ୍ଭାବନା ରହିଛି। ମେ' ୧୨ରୁ ୧୮ ତାରିଖ ମଧ୍ୟରେ ହିଟ୍‌ୱେଭ ଆସିପାରେ ବୋଲି ମୃତ୍ୟୁଞ୍ଜୟ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟରେ କାଳବୈଶାଖୀଜନିତ ବର୍ଷା ଯୋଗୁ କିଛିଦିନ ହେବ ତାତିରେ ବିରାମ ଲାଗିଛି। ମେ'୫ ତାରିଖ ଯାଏ ରାଜ୍ୟରେ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି।




# ଓଡ଼ିଶା ବିଜୁ ପକ୍କାଘରେ ଆନ୍ଧ୍ରର ଷ୍ଟିକର

- ଲଗାଯାଇଥିବା ଷ୍ଟିକରରେ ରହିଛି ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଫଟୋ
- ସୀମାନ୍ତ ଗ୍ରାମରେ ଆନ୍ଧ୍ରର ସ୍ୱାସ୍ଥ୍ୟ ଶିବିର

ପଟ୍ଟାଙ୍ଗି, ୨୮।୪(ଡି.ଏନ୍.ଏ.)


ଆନ୍ଧ୍ର ସାଲୁର ବ୍ଲକ କର୍ମଚାରୀମାନେ ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ତଳ ଗଞ୍ଜେଇପଦର ଗାଁରେ ଷ୍ଟିକର ବାଣ୍ଟୁଛନ୍ତି।

ଓଡ଼ିଶାରେ ଆନ୍ଧ୍ରର ଅନୁପ୍ରବେଶ ଜାରି ରହିଛି। ବିଭିନ୍ନ ସରକାରୀ ଯୋଜନା ମାଧ୍ୟମରେ ଲୋକଙ୍କୁ ଆନ୍ଧ୍ର ପ୍ରଭାବିତ କରିବାରେ ଲାଗିଛି। କିଛି ଦିନ ତଳେ କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର କିଛିଗ୍ରାମରେ ଆନ୍ଧ୍ରର ଅଧିକାରୀମାନେ ଆଧାର କାର୍ଡ କ୍ୟାମ୍ପ କରି ଲୋକଙ୍କ ବାୟୋମେଟ୍ରିକ ତଥ୍ୟ ସଂଗ୍ରହ କରିଥିବାବେଳେ ଏବେ ଉକ୍ତ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ଦ୍ୱାରା ନିର୍ମିତ ବିଜୁ ପକ୍କାଘର ଗୁଡ଼ିକରେ ଆନ୍ଧ୍ର ସରକାର ନିଜ ଷ୍ଟିକର ଲଗାଇଛନ୍ତି। ଉକ୍ତ ଷ୍ଟିକରରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗମୋହନ ରେଡ୍ଡୀଙ୍କ ଫଟୋ ଲାଗିଥିବା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ ପଟ୍ଟାଙ୍ଗି ବ୍ଲକ ପ୍ରଶାସନ ପକ୍ଷରୁ ରାଜ୍ୟ ସରକାରଙ୍କ ବିଜୁ ପକ୍କା ଯୋଜନା ମାଧ୍ୟମରେ ୨୦୧୯-୨୦ ଏବଂ ୨୦୨୨-୨୩ ଦୁଇ ଆର୍ଥିକ ବର୍ଷରେ ୬୭୭ଟି ଘର କୋଟିଆ ପଞ୍ଚାୟତର ୨୧ଟି ବିବାଦୀୟ ଗ୍ରାମକୁ ଦିଆଯାଇଛି। ସୋମବାର ଆନ୍ଧ୍ର ଉପମୁଖ୍ୟମନ୍ତ୍ରୀ ପିଡିକା ରାଜନା ଦୋରା ଉକ୍ତ ପଞ୍ଚାୟତର ସୀମାନ୍ତ ଗ୍ରାମକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ଗତ ୧୭ ତାରିଖରୁ ଆନ୍ଧ୍ରର ସାଲୁର ବ୍ଲକର କର୍ମଚାରୀ କୋଟିଆ ପଞ୍ଚାୟତ ତଳ ଗଞ୍ଜେଇପଦର, ଉପର ସେମ୍ଳି, ତଳ ସେମ୍ଳି, ଧୂଳିପଦର ଗ୍ରାମରେ ପହଞ୍ଚି ଓଡ଼ିଶା ସରକାରଙ୍କ ବିଜୁପକ୍କା ଗୃହରେ ଆନ୍ଧ୍ର ମୁଖ୍ୟମନ୍ତ୍ରୀଙ୍କ ଚିତ୍ର ଥିବା ଷ୍ଟିକର ପ୍ରତି ଘରେ ମାରିବା ଆରମ୍ଭ କରିଛନ୍ତି। ପ୍ରତ୍ୟେକ ଦିନ ଦୁଇରୁ ତିନୋଟି ଗ୍ରାମରେ ପହଞ୍ଚି ସେମାନେ ଉକ୍ତ ଷ୍ଟିକର୍ ଲଗାଉଥିବା ବେଳେ ଏ ଦିଗରେ ବ୍ଲକ ପ୍ରଶାସନର ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ୧ନଂ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଛନ୍ତି। ଆନ୍ଧ୍ର ସରକାର ସୀମାନ୍ତ ଗ୍ରାମରେ ନିଜର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ କିପରି ପ୍ରତି ଘରେ ପହଞ୍ଚିପାରିବ ସେନେଇ ଯୋଜନା ପ୍ରସ୍ତୁତ କରି ନିଜ କାର୍ଯ୍ୟ ଜାରି ରଖିଛନ୍ତି।

ସେହିପରି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତର ଆନ୍ଧ୍ର ସୀମାନ୍ତ ଉପର ଗଞ୍ଜେଇପଦର ଏବଂ ଧୂଳିପଦର ଗ୍ରାମରେ ଆନ୍ଧ୍ର ସ୍ୱାସ୍ଥ୍ୟ ଶିବିର କରିଛି। ଉକ୍ତ ୨ ଗ୍ରାମରେ ଆନ୍ଧ୍ର ରାଜ୍ୟର ପାର୍ବତୀପୁରମ୍ ଜିଲା ଅଧୀନରେ ରହିଥିବା ତୋନମ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଅଜୟଙ୍କ ନେତୃତ୍ୱରେ ଅନୁଷ୍ଠିତ ସ୍ୱାସ୍ଥ୍ୟ ଶିବିରରେ ଏକ ଟିମ୍ ୭୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ମାଗଣା ଔଷଧ ଦେଇଛନ୍ତି। ଏପରି କି ସ୍ୱାସ୍ଥ୍ୟ ଶିବିର କାର୍ଯ୍ୟକ୍ରମ ସାରି ଧୂଳିପଦର ଗ୍ରାମ ମଝିରେ ବର୍ଷାପାଣି ଜମିବା ଯୋଗୁ ହେଉଥିବା କାଦୁଅକୁ ନିଜେ ସଫାକରି ଗ୍ରାମକୁ ପରିଷ୍କାର ରଖିବାକୁ ପରାମର୍ଶ ଦେଇଛନ୍ତି।

# ଦକ୍ଷତା ବିକାଶ ପ୍ରତିବଦ୍ଧତାକୁ ଦୋହରାଇଲା ଭାରତ

## ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ଉଦ୍‌ଯାପିତ

### କୋଣାର୍କ ସୂର୍ଯ୍ୟମନ୍ଦିର ବୁଲିଲେ ବିଦେଶୀ ପ୍ରତିନିଧି

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଜି-୨୦ ଶିକ୍ଷା କାର୍ଯ୍ୟଗୋଷ୍ଠୀର ତୃତୀୟ ବୈଠକ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ୩ ଦିନିଆ ବୈଠକ ଓ ସେମିନାରରେ ପ୍ରାଥମିକ କ୍ଷେତ୍ର ଯଥା-କ୍ଷମତା ନିର୍ମାଣ ଓ ଭବିଷ୍ୟତର କାର୍ଯ୍ୟ କ୍ଷେତ୍ରରେ ଆଜୀବନ ଅଧ୍ୟୟନକୁ ପ୍ରୋତ୍ସାହନ ଉପରେ ବିଚାରବିମର୍ଶ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶ ଲାଗି ପ୍ରତିବଦ୍ଧତାକୁ ଭାରତ ଦୋହରାଇଲା। ଶିକ୍ଷା ମନ୍ତ୍ରଣାଳୟ ଅଧୀନ ଉଚ୍ଚଶିକ୍ଷା ବିଭାଗ ସଚିବ କେ. ସଞ୍ଜୟ ମୂର୍ତ୍ତି, ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ସଚିବ ସଞ୍ଜୟ କୁମାର ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ସଚିବ ଅତୁଲ ତିୱାରୀଙ୍କ ସମେତ ବିଭିନ୍ନ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ, ଜି-୨୦ ସଦସ୍ୟ ରାଷ୍ଟ୍ର ସମେତ ୨୭ଟି ନିମନ୍ତ୍ରିତ ରାଷ୍ଟ୍ର, ବିଭିନ୍ନ ଅନ୍ତର୍ଜାତୀୟ ସଙ୍ଗଠନ, ୟୁନିସେଫ, ୟୁନେସ୍କୋ ଏବଂ ଆର୍ଥିକ ସହଯୋଗ ଓ ବିକାଶ ସଙ୍ଗଠନ (ଓଇସିଡି)ର ୬୦ରୁ ଅଧିକ ପ୍ରତିନିଧି ଏଥିରେ ଅଂଶଗ୍ରହଣ କରିଥିଲେ।

ପ୍ରତିନିଧିସ୍ତରୀୟ ବୈଠକ ପୂର୍ବରୁ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ସହଭାଗିତାରେ ଭୁବନେଶ୍ୱରସ୍ଥିତ ଧାତୁ ଓ ଖଣିଜ ପ୍ରଯୁକ୍ତି ପ୍ରତିଷ୍ଠାନ (ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି)ରେ 'ଭବିଷ୍ୟତର କାର୍ଯ୍ୟ ପରିପ୍ରେକ୍ଷୀରେ କ୍ଷମତା ନିର୍ମାଣ, ଆଜୀବନ ଅଧ୍ୟୟନକୁ ପ୍ରୋତ୍ସାହନ' ଶୀର୍ଷକ ସେମିନାର ଆୟୋଜିତ ହୋଇଥିଲା। ଏଥିରେ ୩ଟି ପାନେଲ ଆଲୋଚନା କରାଯାଇଥିଲା। ସେମିନାରରେ ବ୍ରାଜିଲ, ସ୍ପେନ, ୟୁଏଇ, ସିଙ୍ଗାପୁର, ରୁଷ୍, ଦକ୍ଷିଣ ଆଫ୍ରିକା, ମରିସସ୍, ଓଇସିଡି, ୟୁନିସେଫ, ଅଷ୍ଟ୍ରେଲିଆ, ବ୍ରିଟେନ ସମେତ ଅନ୍ୟ ରାଷ୍ଟ୍ର ଏବଂ ଅନ୍ତର୍ଜାତୀୟ ସଙ୍ଗଠନର ବିଶେଷଜ୍ଞ ପାନେଲିଷ୍ଟମାନେ ଅଂଶଗ୍ରହଣ କରିଥିଲେ। ସେମାନେ ନିଜ ନିଜ ଦେଶରେ ଏହି ବିଷୟବସ୍ତୁ ଉପରେ ଆଧାରିତ ଶ୍ରେଷ୍ଠ ପଦ୍ଧତି ଓ ନୀତିଗୁଡ଼ିକ ଉପରେ ମତାମତ ରଖିଥିଲେ। ଧନ୍ଦାମୂଳକ ଶିକ୍ଷା ଓ ତାଲିମ ଉପରେ ନୀତି ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପରିବର୍ତ୍ତିତ ବିଶ୍ୱ ସହିତ ଖାପଖୁଆଇବା ଲାଗି ଦକ୍ଷତା ବିକାଶ, ଉନ୍ନତ ଦକ୍ଷତା ବିକାଶ ଏବଂ ନିରନ୍ତର ଦକ୍ଷତା ବିକାଶ (ସ୍କିଲିଂ, ଅପ୍ ସ୍କିଲିଂ ଓ ରି ସ୍କିଲିଂ) ଉପରେ ଆଲୋକପାତ କରିଥିଲେ। ଭବିଷ୍ୟତର କାର୍ଯ୍ୟକୁ ନେଇ ନିଜ ଦେଶରେ ଦେଖାଦେଇଥିବା ସମସ୍ୟା ଉପରେ ମଧ୍ୟ ଆଲୋକପାତ କରିଥିଲେ।

ତୃତୀୟ ଶିକ୍ଷା କାର୍ଯ୍ୟଗୋଷ୍ଠୀ ବୈଠକ ପରିପ୍ରେକ୍ଷୀରେ ଏକ ସପ୍ତାହବ୍ୟାପୀ ମଲ୍ଟିମିଡିଆ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପ୍ରଦର୍ଶନୀରେ ଶିଳ୍ପ, ଶିକ୍ଷା ଜଗତ, ସରକାରୀ ସଂସ୍ଥା, ବହୁପକ୍ଷୀୟ ସଂସ୍ଥା, ଷ୍ଟାର୍ଟଅପ୍ ଏବଂ ଅନ୍ୟାନ୍ୟ ସଙ୍ଗଠନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଭବିଷ୍ୟତର କାର୍ଯ୍ୟ ଉପରେ ସ୍ୱତନ୍ତ୍ର ଅନୁଭୂତି ଜୋନ ସହିତ ବ୍ୟାପକ ଜ୍ଞାନକୌଶଳ ପ୍ରଦର୍ଶିତ ହୋଇଥିଲା। ମେଟା, ହେକ୍ସାଗନ, ଇନ୍‌ଫୋସିସ, ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରଣାଳୟ, ୟୁନିସେଫ, ଭାରତୀୟ ଜ୍ଞାନ ବ୍ୟବସ୍ଥା ଡିଭିଜନ, ଆଇଆଇଟି ଭୁବନେଶ୍ୱର, ଆଇଆଇଏମ୍ ସମ୍ବଲପୁର, ଟ୍ରାଇଫେଡ ଏବଂ ଅନେକ ସଂସ୍ଥା ଯୋଗଦେଇଥିଲେ। ୨୩ରୁ ୨୫ ଏବଂ ୨୭ ଓ ୨୮ ତାରିଖରେ ସ୍ଥାନୀୟ ଶିକ୍ଷାନୁଷ୍ଠାନ, ଛାତ୍ରଛାତ୍ରୀ, ଶିକ୍ଷାବିତ ଓ ଗବେଷକଙ୍କ ପାଇଁ ପ୍ରଦର୍ଶନୀ ଖୋଲାଯାଇଥିଲା। ଉଦ୍‌ଯାପନୀ ଦିବସରେ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କୁ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ନିଆଯାଇଥିଲା। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରତିନିଧିମାନଙ୍କୁ ଓଡ଼ିଶା ଗସ୍ତ କରିବାର ଏକ ସ୍ମରଣୀୟ ପ୍ରତୀକ ରୂପେ ପଟ୍ଟଚିତ୍ର ଉପହାର ଦିଆଯାଇଥିଲା।



ଦକ୍ଷତା ବିକାଶ ଓ ଉଦ୍ୟମିତା ସଚିବ ଅତୁଲ ତିୱାରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଉଛନ୍ତି।

## ରାଜ୍ୟ ମହିଳା କମିଶନରେ ୬ ସଦସ୍ୟ ନିଯୁକ୍ତ

ଭୁବନେଶ୍ୱର,୨୮।୪(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରାଜ୍ୟ ମହିଳା କମିଶନରେ ୬ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି । ସେମାନେ ହେଲେ ବିଞ୍ଝାରପୁରର ସ୍ୱର୍ଣ୍ଣଲତା ସାମଲ, ବ୍ରଜରାଜନଗରର ସୁଜାତା ଡିଗଲ, ସୁନ୍ଦରଗଡ଼ ତଳସରାର ବିଜୟା ବରୱା, ଭୁବନେଶ୍ୱର ଝାରପଡ଼ାର ସ୍ୱାଗତିକା ମହାନ୍ତି, ଜଗତ୍‌ସିଂହପୁର ବାଲିକୁଦାର ବବିତା ସ୍ୱାଇଁ ଏବଂ ଅଫିସିଆଲ ସଦସ୍ୟ ଭାବେ ମହିଳା ଓ ଶିଶୁ ବିକାଶ ବିଭାଗ ଅତିରିକ୍ତ ସଚିବ ବିଥିକା ସ୍ୱାଇଁ।

# ଶ୍ରୀମନ୍ଦିର ସଂସ୍କାର ମାମଲା: ୧ରେ ଶୁଣାଣି

ନୂଆଦିଲ୍ଲୀ,୨୮।୪

ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ସଂସ୍କାର ସମ୍ପର୍କିତ ମାମଲାର ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତା ୧ତାରିଖରେ ହେବ। ଆବେଦନକାରିଣୀ ମ୍ରିଣାଳିନୀ ପାଢ଼ୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି ବିଚାରପତି ଏମ୍.ଆର୍.ଶାହ ଏବଂ ଜଷ୍ଟିସ ସି.ଟି. ରବିକୁମାରଙ୍କ ଖଣ୍ଡପୀଠରେ ହେବ। ପୂର୍ବରୁ ଏହି ମାମଲରେ ଉଭୟ ରାଜ୍ୟ ସରକାର ଏବଂ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ସେମାନଙ୍କ ସତ୍ୟପାଠ ଦାଖଲ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ୩୩ପୃଷ୍ଠା ସମ୍ବଳିତ ସତ୍ୟପାଠ ଦାଖଲ କରିଛି। ସତ୍ୟପାଠରେ ଜଣେ ପୂର୍ଣ୍ଣକାଳୀନ ଶ୍ରୀମନ୍ଦିର ପ୍ରଶାସକଙ୍କୁ ନିଯୁକ୍ତି କରିବାକୁ ଉଲ୍ଲେଖ ରହିଛି। ଏଥିସହ ଶ୍ରୀମନ୍ଦିର ଦୈନିକ ରୀତିନୀତି ଏବଂ ପୂଜାପର୍ବାଣି, ଗୁରୁକୁଳ ସେବାଶ୍ରମ ଆରମ୍ଭ ଏବଂ ଜଗନ୍ନାଥ ମହାପ୍ରଭୁଙ୍କ ଜମି ଓ ସମ୍ପତ୍ତିକୁ ତଦାରଖ କରିବା ପାଇଁ ଜଣେ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ସତ୍ୟପାଠରେ କୁହାଯାଇଛି। ଗତ ଶୁଣାଣିରେ ରାଜ୍ୟ ସରକାର ଶ୍ରୀମନ୍ଦିର ପାଇଁ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିଯୁକ୍ତି ପ୍ରସଙ୍ଗରେ ସମୟ ମାଗିଥିଲେ। ଏପରି କି ମୁଖ୍ୟ ପ୍ରଶାସକ ନିଯୁକ୍ତି ସମୟ ସୀମାକୁ ୨୦୨୩ ଡିସେମ୍ବର ପର୍ଯ୍ୟନ୍ତ ଦେବାକୁ ଅନୁରୋଧ କରିଥିଲେ। ହେଲେ ରାଜ୍ୟ ସରକାରଙ୍କ ଉକ୍ତ ପ୍ରାର୍ଥନାକୁ ସର୍ବୋଚ୍ଚ ଅଦାଲତ ଖାରଜ କରିବା ସହ ପୂର୍ଣ୍ଣକାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିଯୁକ୍ତି କରାଯାଇ ନ ଥିବାରୁ ଅଦାଲତ ଅବମାନନା ପ୍ରୋସିଡିଂ ଆରମ୍ଭ କରିଥିଲେ। ଏଥିସହିତ ସେବାୟତ ପିଲାମାନଙ୍କ ଶିକ୍ଷା ଏବଂ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ୫କୋଟି ଟଙ୍କାକୁ କିଭଳି ଖର୍ଚ୍ଚ କରାଯାଇଛି ତାହା ଜଣାଇବାକୁ କୋର୍ଟ କହିଥିଲେ।

# ଚାଷୀଙ୍କୁ ମିଳିବ ୯୫୦୦ କୋଟିର ଖରିଫ ଋଣ

## କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମହିଳା ଏସ୍‌ଏଚ୍‌ଜିଙ୍କୁ ଋଣ ପ୍ରଦାନରେ ଅଗ୍ରାଧିକାର ଦିଆଯାଉଛି: ମନ୍ତ୍ରୀ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ସମବାୟ ବିଭାଗ ପକ୍ଷରୁ ୨୦୨୩ ଖରିଫ ଫସଲ ନିମନ୍ତେ ୯୫୦୦ କୋଟି ଟଙ୍କାର ଋଣ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ରାଜ୍ୟରେ ମୋଟ ଫସଲ ଋଣର ସିଂହଭାଗ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ବିଭିନ୍ନ ପ୍ରାଥମିକ କୃଷି ଋଣ ସମବାୟ ସମିତି ମାଧ୍ୟମରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଛି। ଖରିଫ ଚାଷ ନିମନ୍ତେ ଚାଷୀମାନେ ଆବଶ୍ୟକ କରୁଥିବା ଋଣ ଯେପରି ଠିକ୍ ସମୟରେ ପାଇପାରିବେ ସେଥିନିମନ୍ତେ ଆଗୁଆ ପଦକ୍ଷେପ ନେବା ସକାଶେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ନିର୍ଦ୍ଦେଶ ଦେଇଛନ୍ତି। ଫସଲ ଋଣ ପ୍ରଦାନ କ୍ଷେତ୍ରରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଅଗ୍ରାଧିକାର ଦେବା ପାଇଁ କୁହାଯାଇଛି। ଭାଗଚାଷୀ, ପ୍ରକୃତ ଚାଷୀମାନଙ୍କୁ ଯୁଗ୍ମଦେୟ ଗୋଷ୍ଠୀ ଗଠନ ମାଧ୍ୟମରେ ଫସଲ ଋଣ ଯୋଗାଇ ଦେବା ପାଇଁ ମନ୍ତ୍ରୀ କହିଛନ୍ତି। ଏଥିସହିତ କୃଷି ଓ ଆନୁଷଙ୍ଗିକ କୃଷିକାର୍ଯ୍ୟ ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି), ବିଶେଷକରି ମହିଳା ଏସ୍‌ଏଚ୍‌ଜିଗୁଡ଼ିକୁ ପ୍ରାଧାନ୍ୟ ଦେବା ପାଇଁ କୁହାଯାଇଛି। ଡାଲିଜାତୀୟ ଫସଲ, ତୈଳବୀଜ, ଆଳୁ ଏବଂ ଅନ୍ୟ ଅର୍ଥକରୀ ଫସଲ ଚାଷ ନିମନ୍ତେ ପ୍ରାଥମିକତା ଭିତ୍ତିରେ ଫସଲ ଋଣ ଯୋଗାଇବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଉଦ୍ୟାନ କୃଷି ଓ ବାଣିଜ୍ୟିକ ଫସଲ ଚାଷ ନିମନ୍ତେ ଫସଲ ଋଣ ଯୋଗାଇ ଦେବାକୁ ପ୍ରାଥମିକତା ପ୍ରଦାନ ସହିତ ସ୍ୱତନ୍ତ୍ର ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି।

ବାଦ୍ ପଡ଼ିଥିବା ଚାଷୀଙ୍କ ମଧ୍ୟରୁ ଅଧିକରୁ ଅଧିକ ଚାଷୀଙ୍କୁ ସମବାୟ ଋଣ ପରିସରଭୁକ୍ତ କରି ସେମାନଙ୍କୁ ନୂତନ କିଷାନ କ୍ରେଡିଟ୍ କାର୍ଡ ଯୋଗାଇ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ, ଡିଆର୍‌ସିଏସ୍, ମୁଖ୍ୟ ଜିଲା କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

୨୦୨୨ ଖରିଫ ଋତୁରେ ସମବାୟ ସଂସ୍ଥା ଦ୍ୱାରା ୯୦୦୦କୋଟି ଟଙ୍କା ଫସଲ ଋଣ ଲକ୍ଷ୍ୟ ରଖାଯାଇଥିଲା ବେଳେ ରାଜ୍ୟର ୧୮ଲକ୍ଷ ୯୯୯ ଜଣ ଚାଷୀଙ୍କୁ ୮୭୧୦ କୋଟି ୭୮ ଲକ୍ଷ ଟଙ୍କା ଫସଲ ଋଣ ଯୋଗାଇ ଦିଆଯାଇଥିଲା। ସେହିପରି ଗତ ୨୦୨୨-୨୩ ରବି ଋତୁରେ (୨୯ ମାର୍ଚ୍ଚ, ୨୦୨୩ ସୁଦ୍ଧା) ସମବାୟ ସଂସ୍ଥା ପକ୍ଷରୁ ରାଜ୍ୟର ୧୬ଲକ୍ଷ ୨୩ହଜାର ୭୯୦ ଜଣ ଚାଷୀଙ୍କୁ ୭୮୧୨ କୋଟି ୨୨ ଲକ୍ଷ ଟଙ୍କା ଫସଲ ଋଣ ଯୋଗାଇ ଦିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

ସମବାୟ ସଂସ୍ଥା ଜରିଆରେ ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ଫସଲ ଋଣ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବ୍ୟାପକ ରିହାତି ଯୋଗାଇ ଦିଆଯାଉଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ପରିଶୋଧ କରୁଥିବା ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ କୌଣସି ସୁଧ ଦେବାକୁ ପଡୁନାହିଁ। ସେହିପରି ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଓ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ନିମନ୍ତେ ମାତ୍ର ୨ ପ୍ରତିଶତ ସୁଧ ଦେବାକୁ ପଡୁଛି।

ଫସଲ ଋଣ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବ୍ୟାପକ ରିହାତି ପ୍ରଦାନ କରାଯାଇଥିବା ପରିପ୍ରେକ୍ଷୀରେ ହିତାଧିକାରୀଙ୍କ ଆଧାର କାର୍ଡକୁ ସେମାନଙ୍କର କିଷାନ କ୍ରେଡିଟ୍ କାର୍ଡ ଏବଂ ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୋଗ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ଯେପରି ପ୍ରକୃତ ହିତାଧିକାରୀ ଯୋଜନାର ସୁଫଳ ପାଇପାରିବେ। ଏଥିସହିତ ମଞ୍ଜୁରୀପ୍ରାପ୍ତ ଋଣ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏ ସମସ୍ତ କାର୍ଯ୍ୟ କେବଳ ଅନ୍‌ଲାଇନ୍ ମାଧ୍ୟମରେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

୨୦୨୩ ଖରିଫ ଫସଲ ଋଣ ଯୋଗାଣର ସଫଳ ରୂପାୟନ ସହ ତ୍ୱରିତ କାର୍ଯ୍ୟାନ୍ୱୟନ ଦିଗରେ ଜିଲାପାଳମାନେ କୃଷି, ଉଦ୍ୟାନ କୃଷି ଏବଂ ସମ୍ପୃକ୍ତ ବିଭାଗର କ୍ଷେତ୍ର ଅଧିକାରୀଙ୍କ ସହିତ ବୈଠକ କରି ଆଗୁଆ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି, ଯେପରି ରାଜ୍ୟର ଚାଷୀମାନେ ଲାଭାନ୍ୱିତ ହୋଇପାରିବେ ଏବଂ କୃଷି ଉତ୍ପାଦନ ବୃଦ୍ଧି ପାଇବ।




# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରକରଣା ବୁଦ୍ଧି ଯାହାକୁ ଦିଶେ**
**ଗୁହ ଲୁଣ୍ଡା ଆଣି ଚାଳରେ ଖୋସେ।**

ଘରକରଣା ବୁଦ୍ଧିରେ ପରିପୂର୍ଣ୍ଣ ଥିବା ବ୍ୟକ୍ତି ଜଣକ ସବୁକଥାରେ ନିଘା ରଖିଥାଏ। ଏପରିକି ନିହାତି ସାମାନ୍ୟ ବା ଅଦରକାରୀ ମନେ ହେଉଥିବା ଜିନିଷକୁ ବି ବାହାରୁ ସାଉଁଟି ଆଣି ସଞ୍ଚୟ କରି ରଖେ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଘରେ ନାହିଁ ମାଣେ ଧାନ**
**ନାଲି ଗାମୁଛାକୁ ଫାଳେ ପାନ**
**ଘରେ ନ ଜଳେ ଚୁଲି**
**ପଛ ଆଡେ ପାଟଫୁଲି।**

ଉତ୍ସାହଜନକ ପରିବେଶରେ ବ୍ୟକ୍ତି ଉଦବୁଦ୍ଧ ହେବା ସ୍ୱାଭାବିକ। ପରନ୍ତୁ ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ପାଖରେ ପଇସା ନ ଥିବାବେଳେ କିଛି ବ୍ୟକ୍ତି ବେଶ ପରିପାଟି ହୋଇ ଅନ୍ୟ ଆଗରେ ତୁଚ୍ଛାକୁ ଦେଖେଇ ହେଉଥିବାର ଲକ୍ଷ୍ୟ କରାଯାଇଥାଏ। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ୩ ରୁଟ୍‌ରେ ଚଳାଯାଉ ବନ୍ଦେ ଭାରତ ଟ୍ରେନ୍

**ରେଳମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାଜ୍ୟ ପରିବହନ ମନ୍ତ୍ରୀ**



**ପୁରୀ-ହାଓଡା, ପୁରୀ-ରାଉରକେଲା, ଭୁବନେଶ୍ୱର-ହାଇଦ୍ରାବାଦ ମଧ୍ୟରେ ଚଳାଚଳ ପାଇଁ ଦାବି**

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ଓଡ଼ିଶାରୁ ୩ଟି ରୁଟ୍‌ରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଚିଠି ଲେଖିଛନ୍ତି । ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଗତ ୨୦ ବର୍ଷ ମଧ୍ୟରେ ଓଡ଼ିଶାର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହେବା ସହ କିଛି ବର୍ଷ ଧରି ପୁଞ୍ଜିନିବେଶ କ୍ଷେତ୍ରରେ ଓଡ଼ିଶା ଆଗୁଆ ରହିଛି। ଦେଶର ଅର୍ଥନୈତିକ ବ୍ୟବସ୍ଥାରେ ମଧ୍ୟ ଓଡ଼ିଶାର ଯୋଗଦାନ ଉଲ୍ଲେଖନୀୟ ରହିଛି। ଏହି ପରିପ୍ରେକ୍ଷୀରେ ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ବ୍ୟାପକ ଉନ୍ନତୀକରଣର ଆବଶ୍ୟକତା ରହିଛି। ସମ୍ପ୍ରତି ଦେଶବ୍ୟାପୀ ତ୍ୱରିତ ଗମନାଗମନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ ଚଳାଚଳ ଆରମ୍ଭ କରାଯାଇଛି। ରାଜ୍ୟବାସୀଙ୍କ ଦାବି ତଥା ବାଣିଜ୍ୟିକ ପ୍ରତିଷ୍ଠାନ, ପର୍ଯ୍ୟଟକ ଏବଂ ଓଡ଼ିଶାବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୁରୀ-ହାଓଡ଼ା, ପୁରୀ-ସମ୍ବଲପୁର-ରାଉରକେଲା ଏବଂ ଭୁବନେଶ୍ୱର-ହାଇଦ୍ରାବାଦ ମଧ୍ୟରେ ୩ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍ ଚଳାଇବାକୁ ରାଜ୍ୟ ପରିବହନ ମନ୍ତ୍ରୀ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହାଦ୍ୱାରା ପଶ୍ଚିମବଙ୍ଗ ଯାତ୍ରୀମାନଙ୍କର ସୁବିଧା ହେବା ସହିତ ପଶ୍ଚିମ ଓଡ଼ିଶାବାସୀଙ୍କର ରାଜଧାନୀ ଭୁବନେଶ୍ୱର ସହିତ ଯୋଗାଯୋଗ ପାଇଁ ସମୟ ବଞ୍ଚିବ। ସେହିପରି ହାଇଦ୍ରାବାଦରେ ରହୁଥିବା ବହୁସଂଖ୍ୟକ ଓଡ଼ିଶାବାସୀ ଉପକୃତ ହେବେ ବୋଲି ମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ।

# ୯୧ ଏଫ୍‌ଏମ୍ ରେଡିଓ ଟ୍ରାନ୍ସମିଟର ଉଦ୍‌ଘାଟିତ

**■ ସରକାର ପ୍ରଯୁକ୍ତିର ଗଣତାନ୍ତ୍ରିକରଣ ପାଇଁ ନିରନ୍ତର କାର୍ଯ୍ୟ କରୁଛନ୍ତି: ମୋଦି**



ନରେନ୍ଦ୍ର ମୋଦି

**■ ଓଡ଼ିଶାରେ ୭ ସ୍ଥାନରେ ଲୋକାର୍ପିତ**

ନୂଆଦିଲ୍ଲୀ/ ଭୁବନେଶ୍ୱର, ୨୮।୪ (ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୧୮ଟି ରାଜ୍ୟ ଓ ୨ କେନ୍ଦ୍ରଶାସିତ ଅଞ୍ଚଳରେ ୯୧ଟି ଏଫ୍‌ଏମ୍ ରେଡିଓ ଟ୍ରାନ୍ସମିଟରର ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ସୀମାନ୍ତ ଅଞ୍ଚଳ ଏବଂ ଆକାଂକ୍ଷୀ ଜିଲାଗୁଡ଼ିରେ ଏଫଏମ୍ ରେଡିଓ ସଂଯୋଗ ବଢ଼ାଇବାରେ ଏହା ସହାୟକ ହେବ। ୮୪ ଜିଲାରେ ସ୍ଥାପନ ହୋଇଥିବା ନୂଆ ଟ୍ରାନ୍ସମିଟର ରେଡିଓ ପ୍ରସାରଣକୁ ଅଧିକ ୩୫,୦୦୦ ବର୍ଗକିଲୋମିଟର ବଢ଼ାଇବ ଏବଂ ଅତିରିକ୍ତ ୨ କୋଟି ଲୋକ ଉପକୃତ ହେବେ। ଏହା ରେଡିଓ ଶିଳ୍ପରେ କ୍ରାନ୍ତି ଆଣିବ। ତାଙ୍କ ସରକାର ପ୍ରଯୁକ୍ତିର ଗଣତାନ୍ତ୍ରିକରଣ ଲାଗି ନିରନ୍ତର କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆସନ୍ତା ରବିବାର ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍‌ର ୧୦୦ତମ ଅଧ୍ୟାୟ ପ୍ରସାରଣ ପୂର୍ବରୁ ୯୧ ଏଫ୍‌ଏମ୍ ଟ୍ରାନ୍ସମିଟର ଉଦ୍‌ଘାଟନ କରାଯାଇଛି। ଏହା ଲୋକଙ୍କ ପାଖରେ କୃଷି କାର୍ଯ୍ୟ ପାଇଁ ପାଣିପାଗ ଅନୁମାନ, ନୂଆ ବଜାର ସହ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସମ୍ପର୍କ ଆଦି ଅନେକ ସୂଚନା ଠିକ୍ ସମୟରେ ପହଞ୍ଚାଇପାରିବ ବୋଲି ମୋଦି କହିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ, ଏମ୍‌ପି ଏବଂ ବିଧାୟକଙ୍କ ସମେତ ପ୍ରସାର ଭାରତୀର ଉଚ୍ଚପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି କ୍ରମରେ ଓଡ଼ିଶାର ୭ଟି ସ୍ଥାନ ଯଥା କେନ୍ଦ୍ରାପଡ଼ା ଜିଲାର ଗୋପ, ନବରଙ୍ଗପୁର, ଗଜପତିର ମୋହନା, ବରଗଡ଼, କନ୍ଧମାଳର ଫୁଲବାଣୀ, କୋରାପୁଟ ଏବଂ ମାଲକାନଗିରି ଠାରେ ଏହି ଏଫ୍‌ଏମ୍ ଟ୍ରାନ୍ସମିଟର ଲୋକାର୍ପିତ ହୋଇଛି। ଓଡ଼ିଶାରୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ସୂଚନା ଓ ଲୋକସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଭର୍ଚୁଆଲରେ ଯୋଗଦେଇଥିଲେ।

# ଗାଁ ଦାଣ୍ଡରେ ଚାଲିଗଲା ୩ ଜୀବନ

**■ ଗାଡ଼ି ଚଢ଼ାଇ ଦେଲେ କାର୍ ଚାଳକ**
**■ ମୃତକଙ୍କ ମଧ୍ୟରେ ୨ ଶିଶୁ, ଜଣେ ମହିଳା**
**■ ତାଳଚେର ଗୋବରା ଗ୍ରାମରେ ଉତ୍ତେଜନା**

ଅନୁଗୋଳ ଅଫିସ/ ତାଳଚେର, ୨୮।୪

ଗାଁ ଦାଣ୍ଡରେ ପିଲା ଖେଳୁଥିବା ବେଳେ ଶୁକ୍ରବାର ଅପରାହ୍ନରେ ଘଟିଗଲା ଦୁର୍ଘଟଣା। ଦ୍ରୁତ ଗତିରେ ଯାଉଥିବା ଏକ କାର୍ (ନଂ. ଓଡି୦୨ବିସି-୩୭୬୫) ଭାରସାମ୍ୟ ହରାଇ ୨ ପିଲା ଓ ଜଣେ ମହିଳାଙ୍କ ଉପରେ ଚଢ଼ିଯିବାରୁ ୩ ଜଣଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ଜିଲା ତାଳଚେର ବ୍ଲକ ବିକ୍ରମପୁର ଥାନା ଗୋବରା ଗ୍ରାମରେ ଘଟିଥିବା ଏହି ଦୁର୍ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଥିବା ବେଳେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଛି।

ପୋଲିସ କହିଛି, ଗୋବରା ଗାଁର ପ୍ରମିଳା ପ୍ରଧାନ(୫୫) ଦାଣ୍ଡରେ ଠିଆ ହୋଇଥିବା ବେଳେ ସେଠାରେ ରାମଚନ୍ଦ୍ର ପ୍ରଧାନଙ୍କ ଝିଅ ପୁନମ ପ୍ରଧାନ(୭) ଓ ସତ୍ୟନାରାୟଣ ପ୍ରଧାନଙ୍କ ପୁଅ ଗୁରୁ ପ୍ରଧାନ(୪) ଖେଳୁଥିଲେ। ଏହି ସମୟରେ ଗାଁ ରାସ୍ତା ଦେଇ ଯାଉଥିବା ଏକ କାର୍ ସମ୍ପୃକ୍ତ ୩ ଜଣଙ୍କ ଉପରେ ଚଢ଼ିଯିବା ସହ ଏକ ଇଟାଗଦାକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ପ୍ରମିଳାଙ୍କ ମୃତ୍ୟୁ ହୋଇଯାଇଥିଲା। ୨ ଶିଶୁଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କ ମୃତ୍ୟୁ ହୋଇଯାଇଥିଲା। ଘଟଣାକୁ ନେଇ ଗୋବରା ଗାଁରେ ଉତ୍ତେଜନା ଦେଖାଦେଇଛି। ଗାଡ଼ି ଚାଳକ ନିଶାଶକ୍ତ ଅବସ୍ଥାରେ ଥିବା ଲୋକେ ଅଭିଯୋଗ କରିବା ସହ ତାଙ୍କୁ ଓ ଗାଡ଼ିରେ ଥିବା ଅନ୍ୟମାନଙ୍କୁ ମାଡ଼ ମାରିଥିଲେ। ଖବରପାଇ ବିକ୍ରମପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ ପାଇଁ ଉଦ୍ୟମ ଚଳାଇଥିବା ଜଣାପଡ଼ିଛି।

# ବଜ୍ରପାତରେ ୨ ଚାଷୀଙ୍କ ମୃତ୍ୟୁ

ନିରାକାରପୁର/ପିପିଲି, ୨୮।୪(ଡି.ଏନ୍.ଏ./ସ୍ୱ.ପ୍ର.)

ରାଜ୍ୟର ବିଭିନ୍ନ ଜିଲାରେ ଶୁକ୍ରବାର ବର୍ଷା ହେବା ସହ ବଜ୍ରପାତ ହୋଇଛି। ଏହି ବଜ୍ରପାତରେ ଦୁଇ ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅଧୀନ ହରିପୁରପାଟଣାର ଜଳନ୍ଧର ସାମନ୍ତରାୟ(୭୦) ଓ ପୁରୀ ଜିଲା ପିପିଲି ବ୍ଲକ ଅନ୍ତର୍ଗତ ପୋଡ଼ଙ୍ଗ ଗୁରୁସାହିର ଜାପାନୀ ଗୁରୁ(୪୦)। ସୂଚନା ମୁତାବକ, ହରିପୁରପାଟଣାର ଜଳନ୍ଧର ସକାଳେ ବିଲକୁ ଯାଇଥିବା ବେଳେ ହଠାତ୍ ବର୍ଷା ହୋଇଥିଲା। ଫଳରେ ସେ ସେଠାରେ ଥିବା ଏକ ପୋଖରୀ ବନ୍ଧ ନିକଟକୁ ପଳାଇଥିଲେ। ଏହି ସମୟରେ ବଜ୍ରପାତ ହେବାରୁ ତାଙ୍କ ଶରୀରର ବିଭିନ୍ନ ସ୍ଥାନ ପୋଡ଼ିଯାଇଥିଲା। ପରିବାର ଲୋକ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଖୋର୍ଦ୍ଧା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମୃତକଙ୍କ ପୁଅ ରମେଶ ସାମନ୍ତରାୟ ନିରାକାରପୁର ଥାନାରେ ଅଭିଯୋଗ କରିଛନ୍ତି। ସେହିପରି ପୋଡଙ୍ଗ ଗୁରୁସାହିର ଜାପାନୀ ସକାଳେ ଗୁହାଳରେ ଗୋରୁଙ୍କୁ ଖାଦ୍ୟ ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ହଠାତ୍ ବର୍ଷା ସହ ବଜ୍ରପାତ ହୋଇଥିଲା। ବଜ୍ରପାତ ଆଘାତରେ ସେହିଠାରେ ଜାପାନୀ ଅଚେତ ହୋଇପଡ଼ିଥିଲେ। ପରିବାରଲୋକେ ତାଙ୍କୁ ସ୍ଥାନୀୟ ମଙ୍ଗଳପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ, ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଯୁବନେତା ବିଶ୍ୱଜିତ୍ ଦାଶ, ଜୟନ୍ତ ଦାସ ପ୍ରମୁଖ ମୃତ ଜାପାନୀଙ୍କ ଘରେ ପହଞ୍ଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

# ବଜ୍ରପାତରେ ମହିଳା ଶ୍ରମିକଙ୍କ ମୃତ୍ୟୁ

ନରସିଂହପୁର,୨୮।୪(ସ୍ୱ.ପ୍ର.)

କେନ୍ଦୁପତ୍ର ତୋଳିବାକୁ ଯାଇଥିବାବେଳେ ବଜ୍ରପାତ ହେବାରୁ ଶୁକ୍ରବାର ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ କଟକ ଜିଲା ନରସିଂହପୁର ବ୍ଲକ ଅଧୀନ କୋକଳବା ପଞ୍ଚାୟତ ଅନ୍ତର୍ଗତ ଘଣ୍ଟାପଡ଼ା ଗ୍ରାମର ପ୍ରମିଳା ମୁଖୀ (୫୫) । ସେ ସକାଳେ ଏହି ଗ୍ରାମ ନିକଟରେ ଥିବା ଜଙ୍ଗଲକୁ ଅନ୍ୟ ମହିଳାମାନଙ୍କ ସହ କେନ୍ଦୁପତ୍ର ତୋଳିବାକୁ ଯାଇଥିଲେ। ଏହି ସମୟରେ ଅଚାନକ ବର୍ଷା ସହ ବଜ୍ରପାତ ହୋଇଥିଲା। ପ୍ରମିଳା ଏହି ବ୍ରଜପାତ ସଂସ୍ପର୍ଶରେ ଆସିବାରୁ ସେଠାରେ ଟଳି ପଡ଼ିଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ଖବରପାଇ ନରସିଂହପୁର ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ମ୍ବା ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲା । ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର ହେବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ପ୍ରଥମ ପୃଷ୍ଠାରୁ...

## ସଙ୍କଟମୁହାଁ ହାତୀଙ୍କ ...

ବନବିଭାଗର ତଥ୍ୟ ଅନୁଯାୟୀ, ୨୦୧୭ରେ ହୋଇଥିବା ଶେଷ ଗଣନା ବେଳେ କୁଲଡିହା ଅଭୟାରଣ୍ୟରେ ୯୭ ହାତୀ ରହିଥିଲେ। ସେଥିରୁ ୧୯ଟି ଦନ୍ତା, ୫୧ ମାଈ ଓ ୨୭ଟି ଛୁଆ ହାତୀ ଥିଲେ। କିନ୍ତୁ ୨୦୧୮ରୁ ୨୦୨୩ ମଧ୍ୟରେ ବାଲେଶ୍ୱର ଡିଭିଜନ୍‌ରେ ବିଭିନ୍ନ କାରଣରୁ ମୋଟ୍ ୨୦ଟି ହାତୀଙ୍କ ମୃତ୍ୟୁ ହୋଇଛି। ୨୦୧୮ରେ ଗୋଟିଏ ହାତୀର ଜୀବନ ଯାଇଥିବା ବେଳେ ୨୦୧୯ରେ୫ଟି, ୨୦୨୦ରେ୨, ୨୦୨୧ରେ୪, ୨୦୨୨ରେ୬ଓ୨୦୨୩ର ୪ ମାସ ମଧ୍ୟରେ ୨ଟି ହାତୀଙ୍କ ମୃତ୍ୟୁ ଘଟିଛି। ଏ ନେଇ ପରିବେଶବିତ୍ ପ୍ରଶାନ୍ତ କୁମାର ପାଢ଼ୀ କହିଛନ୍ତି, କୁଲଡ଼ିହା ଅଭୟାରଣ୍ୟରେ ଉତ୍କଟ ଜଳାଭାବ ସହ ଖାଦ୍ୟାଭାବ ରହିଛି। ଫଳରେ ଡିହାଇଡ୍ରେସନ ହାତୀ ମୃତ୍ୟୁର କାରଣ ସାଜିଛି। ବନାଗ୍ନି ବୃଦ୍ଧି ସାଙ୍ଗକୁ ପରିବେଶ ଅସନ୍ତୁଳନ ହେତୁ ମଧ୍ୟ ହାତୀମାନଙ୍କ ଜୀବନ ଯାଉଛି। ଶିକାରୀମାନେ ଦାନ୍ତ ଲୁଟିବା ପାଇଁ ଦନ୍ତାହାତୀଙ୍କୁ ମାରିଦେଉଥିବା ଅନେକ ସମୟରେ ଦେଖିବାକୁ ମିଳିଛି। ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ସଜାଗ ରହିବା ସହ ଉପଯୁକ୍ତ ପରିବେଶ ସୃଷ୍ଟି ଏବଂ ଶିକାରୀଙ୍କୁ ଦମନ କରିବା ନିତାନ୍ତ ଆବଶ୍ୟକ। ବାଲେଶ୍ୱର ଡିଏଫ୍‌ଓ ଖୁସୱନ୍ତ ସିଂହ କହିଛନ୍ତି, ହାତୀଙ୍କ ମୃତ୍ୟୁ ସ୍ୱାଭାବିକ ଭାବେ ହୋଇଛି। ଅଭୟାରଣ୍ୟରେ ପ୍ରାକୃତିକ ଆବାସ ସୃଷ୍ଟି କରାଯିବା ଦିଗରେ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ନିଆଯାଉଛି। ହାତୀଙ୍କ ପାଇଁ ଉପଯୁକ୍ତ ଖାଦ୍ୟ ବ୍ୟବସ୍ଥା କରାଯାଇଛି। ପିଆଇ ମେମ୍ବର ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ବୈଠକ କରାଯାଉଛି। ସଚେତନତା ପାଇଁ ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଯାଉଛି। ୨୪ଘଣ୍ଟିଆ ସତର୍କତା ଅବଲମ୍ବନ କରାଯାଉଛି। ହାତୀ ମୃତ୍ୟୁର ବିଶେଷ କାରଣ ଅଳ୍ପଦିନ ମଧ୍ୟରେ ଜାଣିବା ସମ୍ଭବ ନୁହେଁ। ତଥାପି ହାତୀଙ୍କ ମଧ୍ୟରେ ହେଉଥିବା ଲଢ଼େଇ, ପରିବର୍ତ୍ତନଶୀଳ ପରିବେଶ ଏବଂ ବାର୍ଦ୍ଧକ୍ୟଜନିତ ମୃତ୍ୟୁ ଏହାର ଏକ କାରଣ ହୋଇପାରେ ବୋଲି ଡିଏଫ୍‌ଓ ସିଂହ ପ୍ରକାଶ କରିଛନ୍ତି।

## ବିଶ୍ୱର ସବୁଠୁ ପୁରୁଣା ...

ୱିନେର ଜେଇଟୁଙ୍ଗ୍ ଏହାର ୩୨୦ ବର୍ଷର ଇତିହାସରେ ଯୁବ ମୋଜାର୍ଟଙ୍କଠାରୁ ଆରମ୍ଭ କରି ଶେଷ ହାବ୍ସବର୍ଗ ସମ୍ରାଟଙ୍କ ପଦତ୍ୟାଗ ପର୍ଯ୍ୟନ୍ତ ପ୍ରତ୍ୟେକ ଖବର ପ୍ରକାଶ କରିଆସିଥିଲା। ୧୮୫୭ରେ ଅଷ୍ଟ୍ରିଆ ସରକାର ଉକ୍ତ ଖବରକାଗଜର ମାଲିକାନା ହାତକୁ ନେବା ପରେ ଏକ ଖବର ସାଙ୍ଗକୁ ସରକାରୀ ଗେଜେଟ ଭାବେ ଏଥିରେ ନିଯୁକ୍ତି ଓ ଅନ୍ୟାନ୍ୟ ସରକାରୀ ବିଜ୍ଞପ୍ତି ପ୍ରକାଶ ପାଇଆସୁଥିଲା। ଉକ୍ତ ବିଜ୍ଞାପନ ହିଁ ଏହାର ମୁଖ୍ୟ ଆୟ ଥିଲା। ଗୁରୁବାର ଅଷ୍ଟ୍ରିଆ ପାର୍ଲାମେଣ୍ଟରେ ଗୃହୀତ ଆଇନ ଅନୁଯାୟୀ ଖବରକାଗଜର ପ୍ରିଣ୍ଟ ଏଡିଶନରେ ବିଜ୍ଞାପନ ବାହାର କରାଯିବ ନାହିଁ। ଦୈନିକ ଖବରକାଗଜ ଚଳାଇବା ଓ ଏହାକୁ ଆର୍ଥିକ ସହାୟତା ଦେବା ସରକାରଙ୍କ କାର୍ଯ୍ୟ ନୁହେଁ ବୋଲି ଅଷ୍ଟ୍ରିଆର କଞ୍ଜରଭେଟିଭ୍ ଚାନ୍‌ସେଲର ସେବାଷ୍ଟିଆନ୍ କୁର୍ଜ ୨୦୨୧ରେ କହିଥିଲେ। ନୂଆ ମିଡିଆ ନିୟମାବଳୀ ୱିନେର ଜେଇଟୁଙ୍ଗ୍‌କୁ ଦୈନିକ ସମ୍ବାଦପତ୍ରରୁ ଏକ 'ପ୍ରଶିକ୍ଷଣ ଓ ଶିକ୍ଷା ମାଧ୍ୟମ'ରେ ପରିଣତ କରିଛି। ଆଇନ ଉପରେ ଭୋଟ ଦିନ ଉକ୍ତ ଖବରକାଗଜରେ 'ଏଣ୍ଡ୍ ବାଏ ଲ' ନାମରେ ଏକ ଲେଖା ପ୍ରକାଶ ପାଇଥିଲା। ନୂଆ ବର୍ଣ୍ଣନା ଏକ ଅସ୍ୱଚ୍ଛ ଜନାଦେଶ, ଯାହା ଏହାର ସାମ୍ବାଦିକତା ପ୍ରସ୍ତୁତ କରିବା ସାମର୍ଥ୍ୟକୁ ନଷ୍ଟ କରିଦେବ ବୋଲି ଏଥିରେ କୁହାଯାଇଛି। ସବୁଠୁ ପୁରଣା ଖବରକାଗଜକୁ ଯୋଜନାବଦ୍ଧ ଭାବେ ବନ୍ଦ କରାଯାଉଥିବାରୁ ଭିଏନାର ଫେଡେରାଲ ଆସେମ୍ବ୍ଲି ବାହାରେ ହଜାର ହଜାର କର୍ମଚାରୀ ଓ ପାଠକ ରୁଣ୍ଡ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଖବରକାଗଜର ଅନ୍‌ଲାଇନ ସଂସ୍କରଣ ଏବଂ ମାସିକ ଛାପା ସଂସ୍କରଣ ଜାରି ରହିଲେ ମଧ୍ୟ ସରକାରଙ୍କ ନିଷ୍ପତ୍ତି 'ଡିଜିଟାଲ ବା ପେପର'ଠାରୁ ଅଧିକ କିଛି ବୋଲି ୱିନେର ଜେଇଟୁଙ୍ଗ୍‌ର ଡେପୁଟି ଏଡିଟର-ଇନ୍-ଚିଫ୍ ଥୋମାସ ସିଫେର୍ଟ କହିଛନ୍ତି।

# କାନ୍ଥ ପଡ଼ି ଶିଶୁକନ୍ୟା ମୃତ, ୩ ଗୁରୁତର



ହାତୀ ଭାଙ୍ଗିଥିବା ଘର।

**■ ଗାଁରେ ପଶି ଘର ଭାଙ୍ଗିଲା ଦନ୍ତା**
**■ ବନ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ**

ଢେଙ୍କିକୋଟ/ଘଟଗାଁ,୨୮।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ରେଞ୍ଜ ଢେଙ୍କିକୋଟ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ମେଣ୍ଢାମୁଣ୍ଡି ସାହିରେ ଗୁରୁବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ବିଳମ୍ବିତ ରାତିରେ ଏକ ଦନ୍ତା ଗାଁରେ ପଶି ଘର ଭାଙ୍ଗିବା ସହ ବ୍ୟାପକ ଧାନ ଖାଇ ନଷ୍ଟ କରିଛି। ହାତୀ ଭାଙ୍ଗିଥିବା ଘର କାନ୍ଥ ପଡ଼ି ୧ ବର୍ଷର ଜଣେ ଶିଶୁ କନ୍ୟାଙ୍କର ମୃତ୍ୟୁ ହୋଇଛି। ମା' ବାପାଙ୍କ ସମେତ ୬ ବର୍ଷର ଶିଶୁ କନ୍ୟା ଗୁରୁତର ହୋଇଛନ୍ତି। ମୃତ ଶିଶୁକନ୍ୟା ହେଲେ ମୋନାଲିସା ମୁଣ୍ଡା। ଗୁରୁତର ସୋନାଲୀ ମୁଣ୍ଡା(୬), ଡାକ୍ତର ମୁଣ୍ଡା (୨୮) ଓ ରଶ୍ମି ମୁଣ୍ଡା (୨୭)ଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବନ ବିଭାଗ ପକ୍ଷରୁ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ମେଣ୍ଢାମୁଣ୍ଡି ସାହିର ଡାକ୍ତର ମୁଣ୍ଡା, ତାଙ୍କ ସ୍ତ୍ରୀ ଓ ଦୁଇ ଶିଶୁ କନ୍ୟାଙ୍କ ସହ ଘରେ ଶୋଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ଏକ ଦନ୍ତା ଗାଁରେ ପଶି ଡାକ୍ତରଙ୍କ ଘରେ ଥିବା ହାଣ୍ଡିଆ ବାସ୍ନାରେ କାନ୍ଥକୁ ଠେଲି ଭାଙ୍ଗିଦେଇଥିଲା। ଫଳରେ ଘରେ ଶୋଇଥିବା ପରିବାର ଲୋକଙ୍କ ଉପରେ କାନ୍ଥ ପଡ଼ିଯାଇଥିଲା। ଚିତ୍କାର ଶୁଣି ପଡ଼ୋଶୀ ପହଞ୍ଚି ହାତୀକୁ ଘଉଡ଼ାଇ ସମସ୍ତଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ଢେଙ୍କିକୋଟ ଫରେଷ୍ଟର ଚିତ୍ତରଞ୍ଜନ ପରିଡ଼ା ପହଞ୍ଚି କର୍ମଚାରୀଙ୍କ ସହାୟତାରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମୋନାଲିସାଙ୍କୁ ମୃତ ଘୋଷଣା କରିଥିଲେ। ମା' ବାପାଙ୍କ ସହ ଅନ୍ୟ ଏକ ଝିଅର ଚିକିତ୍ସା ଜାରି ରହିଛି। ଘଟଗାଁ ରେଞ୍ଜର ପ୍ରଭାସ କୁଅଁର ଚିକିତ୍ସାଳୟରେ ପହଞ୍ଚି ୪୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବା ସହ ଚିକିତ୍ସା ବିଷୟରେ ପଚାରି ବୁଝିଥିଲେ। ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅଧିକାରୀ ତରଣୀସେନ ବାଗ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା(ନଂ.୧୯/୨୩) ରୁଜୁ ହୋଇଛି। ଉକ୍ତ ଦନ୍ତା ରାତିରେ ରଘୁବେଡ଼ାଠାରେ ଥିବା ଅଲେଖ ମହିମା ମଠ ଭାଙ୍ଗିବା ସହ ସାନ ମସିଣାବିଲା ଗ୍ରାମରେ ପଶି ପଞ୍ଚାନନ ମୁଣ୍ଡାଙ୍କ ଘର ଭାଙ୍ଗି ଧାନ ଖାଇଥିବା ମଧ୍ୟ ଜଣାପଡ଼ିଛି। ରେଞ୍ଜ ଅଫିସର କୁଅଁର କହିଛନ୍ତି, ହାତୀ ହାଣ୍ଡିଆ ବାସ୍ନାରେ ଘରେ ପଶିଥିବା ବେଳେ କାନ୍ଥ ପଡ଼ି ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ସରକାରଙ୍କ ତରଫରୁ ତତ୍କାଳୀନ ୪୦ ହଜାର ଟଙ୍କା ସହାୟତା ଦିଆଯାଇଛି। ବାକି ୩ ଲକ୍ଷ ୬୦ ହଜାର ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଦିଆଯିବ। ଘଟଗାଁ ରେଞ୍ଜରେ ୧୭ ହାତୀ ଚଳପ୍ରଚଳ କରୁଛନ୍ତି। ବନ କର୍ମଚାରୀ ହାତୀପଲ ଉପରେ ନଜର ରଖିଥିବା ସେ କହିଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କୁ କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀ ସାହାଯ୍ୟ ଓ ସହଯୋଗ କରିବାର ପ୍ରତିଶ୍ରୁତି ଦେଇପାରନ୍ତି। ଯାନ୍ତ୍ରିକ ଶିଳ୍ପ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ କିଛି ଊଣା ହେବନି। ପାରିବାରିକ ଅଶାନ୍ତି ଦୂର ପାଇଁ ବନ୍ଧୁଙ୍କ ସାହାଯ୍ୟ ନେଇ ପାରନ୍ତି। ସନ୍ତାନ ହେତୁକ ଅନାଦର ଭାବ ଅନୁଭବ କରି ଦୁଃଖିତ ହେବେ।

**ବୃଷ**
ଅନ୍ୟମନସ୍କ ରହିବା ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇପାରନ୍ତି। ପରିବେଶ ସରଗରମ ଥିଲେ ମଧ୍ୟ ଆଜି ଅଫିସ୍‌ରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବ୍ୟବସାୟିକ ଦୃଷ୍ଟିକୋଣରୁ ଦିନଟି ବହୁତ ବଢ଼ିଆ ଓ ସନ୍ତୋଷଜନକ ଫଳ ପାଇବେ। ପାରିବାରିକ କ୍ଷେତ୍ରରେ ଜଗିରଖି ଚଳନ୍ତୁ, ଅନ୍ୟଥା ସମସ୍ୟା ବଢ଼ି ବଢ଼ି ଯାଇପାରେ।

**ମିଥୁନ**
ଚେଷ୍ଟା କରୁଥିବା କାମରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ଦୁଃସାହସିକ ପଦକ୍ଷେପ ନେବା ଶୁଭଫଳ ଦେବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅଶାନ୍ତିକୁ ଡାକିଆଣିବେ। ଉଚ୍ଚ ପଦାଧିକାରୀଙ୍କ ସମ୍ମୁଖରେ ମନକଥା କହି କାମ ହାସଲରେ ସମର୍ଥ ହେବେ।

**କର୍କଟ**
ଅଧସ୍ତନ କର୍ମଚାରୀଙ୍କ ମନକୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ନିୟନ୍ତ୍ରଣରେ ରଖିପାରିବେ। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ, ସହଯୋଗ ପାଇବା କଷ୍ଟକର ହେବ। ବିଶେଷ ଭ୍ରମଣ କାରଣରୁ ସ୍ୱାସ୍ଥ୍ୟହାନି ଦେଖାଦେଇପାରେ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରିନେବା ପାଇଁ ପ୍ରଯତ୍ନ କରିପାରନ୍ତି।

**ସିଂହ**
ସ୍ଥଗିତ କାର୍ଯ୍ୟ ବହୁତ ଥିବାରୁ ମାନସିକ ସ୍ଥିରତା ରହିବ ନାହିଁ। ସଭାସମିତିରେ ପ୍ରିୟଜନଙ୍କୁ ଯୁକ୍ତିଯୁକ୍ତ କଥା କହି ସମସ୍ୟା ସୁଧାରିନେବେ। କିଛି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାଇବାରେ ଅସୁବିଧା ହେବନାହିଁ। ନିଜ ପରିସରର ବ୍ୟକ୍ତିଙ୍କ ସଦିଚ୍ଛା କାରଣରୁ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**କନ୍ୟା**
ଆଜି ବିଭିନ୍ନ ଦିଗରୁ ସାହାଯ୍ୟ, ସହଯୋଗର ଅବାରିତ ଧାରା ବହି ଆସିବ। ଜମିଜମା, ମାଲିମକଦ୍ଦମା, ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି। ନୂତନ ଭାବେ ଆରମ୍ଭ କରିବାକୁ ଥିବା କାମ ନିର୍ବିଘ୍ନରେ ସମାପନ କରିପାରିବେ। ଆନୁଷ୍ଠାନିକ କାମରେ ବନ୍ଧୁମିଳନରୁ ଖୁସି ରହିବେ।

**ତୁଳା**
ଆଜି ପାରିବାରିକ, ସାମାଜିକ, ରାଜନୈତିକ, ସାଂଗଠନିକ ଓ ଲୋକସମ୍ପର୍କ କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତ ହୁଅନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ଅଫିସ୍‌ରେ ପରିଚାଳନା ଦାୟିତ୍ୱ ବୃଦ୍ଧି ପାଇପାରେ।

**ବିଛା**
ଦୀର୍ଘଦିନରୁ ଚିନ୍ତା କରୁଥିବା କାମରେ ଅଗ୍ରଗତିର ସୂଚନା ପାଇ ସାମୟିକ ଖୁସି ହେବେ। ବନ୍ଧୁମିଳନ ସହ ଆଧାତ୍ମିକ ଭାବଧାରାରେ ଉଦ୍‌ବୁଦ୍ଧ ହେବେ। କର୍ମକ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଉଚ୍ଚବର୍ଗଙ୍କ ସହାୟତା ମିଳିବା ସାଙ୍ଗକୁ ପ୍ରଶାସନିକସ୍ତରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ଅତୀତ ଘଟଣାକୁ ଚିନ୍ତାକରି ଆଜି ସକାଳୁ ବିଭିନ୍ନ ଦୁଶ୍ଚିନ୍ତା ମନକୁ ଆକ୍ରାନ୍ତ କରିବ। ପାରିବାରିକ ସମସ୍ୟା ଭୁଲି ଗୁରୁତ୍ୱପୂର୍ଣ୍ଣ କାମକୁ ପ୍ରାଧାନ୍ୟ ଦେବେ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କାମ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। କୌଣସି ଗୁରୁବର୍ଗୀୟ ବ୍ୟକ୍ତିଙ୍କ ଆରୋଗ୍ୟ ସକାଶେ ବ୍ୟାକୁଳ ହେବେ।

**ମକର**
ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ମୁଗ୍ଧ କରିବାରେ ଅଗ୍ରଣୀ ହେବେ। ଋଣଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ମାଙ୍ଗଳିକ ତଥା ଜନକଲ୍ୟାଣମୂଳକ କାମରେ ନିଜକୁ ନିୟୋଜିତ କରି ଖୁସି ରହିବେ। ବ୍ୟବସାୟୀମାନେ ନିଜର ପ୍ରାଧାନ୍ୟ ବିସ୍ତାର କରି ବନ୍ଧୁଙ୍କ ସମସ୍ୟାକୁ ସୁଧାରିନେବେ।

**କୁମ୍ଭ**
ଗତକାଲିର ସ୍ଥଗିତ କାମକୁ ଆଜି ପୂରାଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନ୍‌ନୀୟ ବ୍ୟକ୍ତିବିଶେଷ ସହାୟତା କରିବା ଦ୍ୱାରା ଅଟକିଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କଳହ ସୃଷ୍ଟି ହୋଇପାରେ।

**ମୀନ**
ଆପଣଙ୍କର ଯାହାକିଛି ସାଧାରଣ ସମସ୍ୟା ରହିଛି, ସେଥିରେ ବିଶେଷ କିଛି ଅସୁବିଧା ହେବ ନାହିଁ। ବ୍ୟବସାୟ ଓ ପରିବହନ, ଲୋକସମ୍ପର୍କ, ଆଲୋଚନା, ସଭାସମିତି ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ୍ ହେବେ। ମାଙ୍ଗଳିକ କାମ ଲାଗି ଦୂରଯାତ୍ରା କରିବାକୁ ପଡ଼ିପାରେ। ପରିବାରରେ ପିତୃଅର୍ଜିତ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିର ଆଶଙ୍କା ମଧ୍ୟ ରହିଛି।

ଆଜି ବୈଶାଖ ଶୁକ୍ଳପକ୍ଷର ସୀତାନବମୀ ଶନିବାର, ଏପ୍ରିଲ ୨୯ ତାରିଖ, ବିଶ୍ୱ ନୃତ୍ୟ ଦିବସ, ବିଶ୍ୱ ପଶୁ ଚିକିତ୍ସା ଦିବସ(ଏପ୍ରିଲ ଶେଷ ଶନିବାର), ରାଶି ନକ୍ଷତ୍ର-ଦିବା ଘ.୧୨।୪୭ମି. ଗତେ, ଅଶ୍ଳେଷା/କର୍କଟ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୦୮ମି. ଗତେ ଘ.୦୧।୦୮ମି. ମଧ୍ୟେ ଶୁଦ୍ଧ ଶୁଭବେଳା ।। ଦିବା ଘ.୦୮।୩୩ମି. ଗତେ ଘ.୧୦।୦୮ମି. ମଧ୍ୟେ ରାହୁକାଳ ।।

# ପଞ୍ଚୁବରାହୀ ପୀଠ ଉନ୍ନତି ପାଇଁ ଖର୍ଚ୍ଚ ହେବ ୨୨ କୋଟି

## ମୁଖ୍ୟମନ୍ତ୍ରୀ ଘୋଷଣା କରିବେ ଆର୍ଥିକ ପ୍ୟାକେଜ

କେନ୍ଦ୍ରାପଡ଼ା ଅଫିସ/ଆଳି/ରାଜକନିକା/ରାଜନଗର,୨୮।୪(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ବିକାଶର ସମୀକ୍ଷା ପାଇଁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ (୫-ଟି) ଭି.କେ. ପାଣ୍ଡିଆନଙ୍କ ୨ଦିନିଆ ଗସ୍ତ ଶୁକ୍ରବାର ଶେଷ ହୋଇଛି। ପାଣ୍ଡିଆନଙ୍କୁ ଜିଲାବାସୀ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ସେ ଆଳିର ଲକ୍ଷ୍ମୀବରାହ ଜୀଉ, ରାଜନଗରର କେରଡ଼ାଗଡ଼ସ୍ଥିତ ଜଗନ୍ନାଥ ମନ୍ଦିର, ବାୟାବାବାଙ୍କ ଜନ୍ମସ୍ଥାନ ଆଦି ପରିଦର୍ଶନ କରିଛନ୍ତି। ସେହିପରି ସମୁଦ୍ର ତଟକ୍ଷୟ ପାଇଁ ସାତଭାୟାରୁ ଗୁପ୍ତିର ବଗପାଟିଆ ଥଇଥାନସ୍ଥଳର ସମୀକ୍ଷା କରିଛନ୍ତି। ସାତଭାୟାରୁ ବଗପାଟିଆକୁ ସ୍ଥାନାନ୍ତର ପ୍ରତ୍ୟକ୍ଷ ଦେବୀ ପଞ୍ଚୁବରାହୀ ପୀଠର ଉନ୍ନୟନ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ପୀଠର ଉନ୍ନତି ପାଇଁ ୨୨ କୋଟି ଟଙ୍କାର ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିବେ ବୋଲି ସ୍ଥାନୀୟ ଅଞ୍ଚଳବାସୀଙ୍କ ନିକଟରେ ପାଣ୍ଡିଆନ କହିଛନ୍ତି।

ସକାଳ ୬ଟା ୪୦ମିନିଟ୍‌ରେ ଆଳିର ଲକ୍ଷ୍ମୀବରାହ ଜୀଉଙ୍କ ପୀଠରେ ସଚିବ ପାଣ୍ଡିଆନ୍ ପହଞ୍ଚିଥିଲେ। ପୀଠର ଉନ୍ନତି ସମ୍ପର୍କରେ ଆଳି ରାଜା ବ୍ରଜକିଶୋର ଦେବ, ସେବାୟତ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ। ଫୁଟ୍‌ବଲ ଷ୍ଟାଡିୟମ କାର୍ଯ୍ୟର ସମୀକ୍ଷା ପରେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳନା ସମ୍ପର୍କରେ ଅବଗତ ହୋଇଥିଲେ। ମା' ମଙ୍ଗଳା ଏସ୍‌ଏସ୍‌ଜି ଦ୍ୱାରା ପରିଚାଳିତ କ୍ୟାଣ୍ଟିନରେ ଜଳଖିଆ କରିବା ସହ ଖାଦ୍ୟ ସାମଗ୍ରୀର ବେପାର ବୃଦ୍ଧି ନେଇ ଆଲୋଚନା ହୋଇଥିଲା। ଏଠାରେ ଅନ୍ୟ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ମଧ୍ୟ ଆଲୋଚନା ହୋଇଥିଲା। ବିଭିନ୍ନ ସଂଘ ପକ୍ଷରୁ ସେତୁ, ଅଡିଟୋରିୟମ, ପ୍ରାଣୀ ଚିକିତ୍ସା କେନ୍ଦ୍ରର ଆବଶ୍ୟକତା ସମ୍ପର୍କରେ ସ୍ମାରକପତ୍ର ଦିଆଯାଇଥିଲା। ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ସରାସ ଓ ବଡପାଳି ହାଇସ୍କୁଲ ପରିଦର୍ଶନ କରି ସ୍କୁଲର ୫-ଟି ରୂପାନ୍ତରଣ ପରେ ଅନ୍ୟ ସମସ୍ୟା ସମ୍ପର୍କରେ ଶିକ୍ଷାର୍ଥୀ ଓ ଶିକ୍ଷକଙ୍କ ମତାମତ ନେଇଥିଲେ। ସ୍ଥାନୀୟ ସାମାଜିକ କର୍ମୀ ବିଧାନ ଦାସ ରାଜକନିକାର ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ମୌଳିକ ସମସ୍ୟା ଉପସ୍ଥାପନ କରିଥିଲେ। ରାଜନଗର ସିଏଚ୍‌ସିର ସମସ୍ୟାଗୁଡ଼ିକର ସମୀକ୍ଷା ପରେ ପାଣ୍ଡିଆନ ଧର୍ମଗୁରୁ ବାୟାବାବାଙ୍କ ଜନ୍ମସ୍ଥାନ ବୁଲିଥିଲେ। ପରେ ବଗପାଟିଆର ଉନ୍ନୟନ ସମୀକ୍ଷା କରିଥିଲେ। ସ୍ଥାନୀୟ ଅଞ୍ଚଳବାସୀ କର୍ମନିଯୁକ୍ତି ପାଇଁ ଜିଲା ବାହାରକୁ ଯାଉଥିବାରୁ ଏଠାରେ ଏକ ଗାରମେଣ୍ଟ ଫ୍ୟାକ୍ଟ୍ରି ସ୍ଥାପନ ପାଇଁ ପ୍ରୋତ୍ସାହିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ଥଇଥାନସ୍ଥଳକୁ ଏକ ଆଦର୍ଶ ଗ୍ରାମ ରୂପେ ଗଢ଼ିବାକୁ ରାଜ୍ୟ ସରକାର ବଦ୍ଧପରିକର ବୋଲି ସ୍ଥାନୀୟ ଲୋକଙ୍କ ନିକଟରେ ମତ ରଖିଥିଲେ। ଅପରାହ୍ନରେ ଉଦୟନଗରସ୍ଥ ସଂସ୍କୃତି ଭବନରେ ଜିଲାର ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କଠାରୁ ସ୍ମାରକପତ୍ର ଗ୍ରହଣ କରିଥିଲେ। ଗସ୍ତ କାର୍ଯ୍ୟକ୍ରମରେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦିପ ସମ୍ପଦ, ଏଡିଏମ୍ ପୀତାମ୍ବର ସାମଲ, ଉପଜିଲାପାଳ ନିରଞ୍ଜନ ବେହେରା, ଆଳି ବିଡିଓ ଦ୍ୱିବେନ୍ଦୁ ଦାସ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜୋନ୍ ସଭ୍ୟ ଭୀଷ୍ମ ମହାନ୍ତି, ରାଜକନିକା ବିଡିଓ ରବିନାରାୟଣ ଆଚାର୍ଯ୍ୟ, ତହସିଲଦାର ଅଶୋକ ଦେହୁରୀ, ବ୍ଲକ ଅଧ୍ୟକ୍ଷା ମିନତି ରାଉତ, ରାଜନଗର ବିଡିଓ ସମୀର କୁମାର ବେହେରା, ତହସିଲଦାର ଅଶ୍ୱିନୀ କୁମାର ଭୂଆଁ ଓ ପ୍ରଶାସନିକ ଅଧିକାରୀମାନେ ସାମିଲ ହୋଇଥିଲେ।



ରାଜନଗର ମା' ପଞ୍ଚୁବରାହୀ ମନ୍ଦିର ପ୍ଲାନ୍ ଦେଖୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

### କେରଡ଼ାଗଡ଼ ଜଗନ୍ନାଥ ମନ୍ଦିରରେ ଆଳତି କଲେ ସଚିବ ପାଣ୍ଡିଆନ



୨୦୦୭ରୁ ଜାତିଗତ ବିବାଦ ଯୋଗୁ ସାଧାରଣ ଲୋକଙ୍କୁ ରାଜନଗରର କେରଡ଼ାଗଡ଼ ଜଗନ୍ନାଥ ମନ୍ଦିର ପ୍ରବେଶ ନିଷେଧ ହୋଇଥିଲା। ଦୀର୍ଘ ୧୬ ବର୍ଷ ପରେ ୫-ଟି ସଚିବ ଭି.କେ. ପାଣ୍ଡିଆନ, ରାଜନଗର ବିଧାୟକ ଧ୍ରୁବ ସାହୁ, ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ସେବାୟତମାନେ ମନ୍ଦିର ମଧ୍ୟକୁ ପ୍ରବେଶ କରିଥିଲେ। ପାଣ୍ଡିଆନ ଏଠାରେ ସଚିବ ଶ୍ରୀଜଗନ୍ନାଥଙ୍କୁ ଆଳତି କରିଥିଲେ।

# ସୂର୍ଯ୍ୟମନ୍ଦିର ବୁଲିଲେ ଜି୨୦ ପ୍ରତିନିଧି ମଣ୍ଡଳୀ

## ଲାଇଟ୍ ଶୋ' ମାଧ୍ୟମରେ ମନ୍ଦିର ଇତିହାସ ଜାଣିଲେ

କୋଣାର୍କ,୨୮।୪(ଡି.ଏନ୍.ଏ.)

ବିଭିନ୍ନ ଦେଶର ଜି୨୦ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର କୋଣାର୍କ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ର, ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ୨୦ ଦେଶର ୮୫ଜଣ ପ୍ରତିନିଧି ଅପରାହ୍ନରେ କୋଣାର୍କରେ ପହଞ୍ଚିବା ପରେ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ୟାଖ୍ୟାନ କେନ୍ଦ୍ରରେ ଶାମୁକା ମାଳି ଓ ଉତ୍ତରୀୟ ପ୍ରଦାନ କରାଯାଇ ଭିତରକୁ ପାଛୋଟି ନିଆଯାଇଥିଲା। ଓଡ଼ିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ନାଗା ନୃତ୍ୟ ଓ ଘୋଡ଼ାନାଚରେ ପ୍ରକମ୍ପିତ ହୋଇଉଠିଥିଲା ବ୍ୟାଖ୍ୟାନ କେନ୍ଦ୍ର ପରିସର। ସମସ୍ତ ବିଦେଶୀ ପ୍ରତିନିଧି ପ୍ରଥମେ ବ୍ୟାଖ୍ୟାନ କେନ୍ଦ୍ର ବୁଲି ଦେଖିଥିଲେ। ଏହାପରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ ବିଦେଶୀ ଓ ବିଦେଶିନୀମାନେ। ମନ୍ଦିର ବୁଲି ସାରିବା ପରେ ସନ୍ଧ୍ୟାରେ ସୂର୍ଯ୍ୟମନ୍ଦିର ପରିସରରେ ମନ୍ଦିରର ଗାଥା ଗାରିମା ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ମାଧ୍ୟମରେ ଉପଭୋଗ କରିଥିଲେ। ଶେଷରେ ପୁରୀ-କୋଣାର୍କ ବେଳାମାର୍ଗ ଲୋଟସ ରିସର୍ଟରେ ରାତ୍ରଭୋଜନ ସାରି ଭୁବନେଶ୍ୱର ଫେରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ପୁରୀ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଦିବ୍ୟସୀତା ବ୍ରଜସୁନ୍ଦର ଗଡ଼ନାୟକ, ଅତିରିକ୍ତ ଜିଲାପାଳ ଦିଲୀପ ମହାପାତ୍ର, ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ତହସିଲଦାର ଶେଖ ସାଗିର, ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ଚିତ୍ତରଞ୍ଜନ ଦାଶ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମିୟ କୁମାର ସେଠୀ, କୋଣାର୍କ ଆଇଆଇସି ରଞ୍ଜନ କୁମାର ମଲ୍ଲିକ, ବିଭିନ୍ନ ବିଭାଗୀୟ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ସୂର୍ଯ୍ୟମନ୍ଦିର ପରିସରରେ ଜି୨୦ ସମ୍ମିଳନୀର ପ୍ରତିନିଧି ଦଳ।



କୋଣାର୍କ ସୂର୍ଯ୍ୟ ମନ୍ଦିରରେ ଲାଇଟ୍ ଶୋ'ର ଏକ ଦୃଶ୍ୟ।

# ବିଭାଗୀୟ ଅଧିକାରୀଙ୍କ ଯାଞ୍ଚ ଚାଲିଛି

## ପାରାଦୀପ ବନ୍ଦର ଏନ୍ କ୍ୟୁ ବର୍ଥ ଫାଟିବା ଘଟଣା



ଏନ୍ କ୍ୟୁ ବର୍ଥରେ ହୋଇଥିବା ଫାଟ

ପାରାଦୀପ ୨୮।୪(ସ୍ୱ.ପ୍ର.)

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ଏନ୍ କ୍ୟୁ ବର୍ଥ ଗୁରୁବାର ସନ୍ଧ୍ୟାରେ ହଠାତ ଫାଟି ଯାଇଛି। ଉକ୍ତ ଫାଟ ମଧ୍ୟରେ ଏକ ଭାରିଯାନ ଫସି ଯାଇଥିଲା। ତାକୁ ଶୁକ୍ରବାର ଉଦ୍ଧାର କରାଯାଇଛି। ଏମ୍‌ପିବି (ମଲ୍ଟି ପର୍ପଜ ବର୍ଥ, ବହୁମୁଖୀ ବର୍ଥ) ଏନ୍ କ୍ୟୁ କୋଣରେ ଏହି ଘଟଣା ଘଟିଛି। ଏହାଦ୍ୱାରା ପାରାଦୀପ ବନ୍ଦରର ପ୍ରଭୂତ କ୍ଷତି ହୋଇଛି ବୋଲି ଜଣାପଡ଼ିଛି। କାରଣ ଗୋଟିଏ ବର୍ଥ ପାଇଁ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିବାବେଳେ ତିଆରି ପାଇଁ ଲମ୍ବା ସମୟ ଲାଗିଥାଏ। ବର୍ଥରେ ପଣ୍ୟବାହୀ ଜାହାଜରୁ ବୋଝେଇ ଖଲାସ କରାଯାଇଥାଏ। ବର୍ଥର କଂକ୍ରିଟ୍ ଚଟାଣରେ ପଣ୍ୟ ଗଚ୍ଛିତ ରୁହେ। ସେହି ସ୍ଥାନରେ ଫାଟ ସୃଷ୍ଟି ହୋଇଛି। ଧାର୍ଯ୍ୟ ପଣ୍ୟଠାରୁ ଅଧିକ ଗଚ୍ଛିତ ରଖିବା ଯୋଗୁ କିମ୍ବା ପାଣି ତଳେ କୌଣସି ଅସୁବିଧା ଯୋଗୁ ଏହି ଘଟଣା ଘଟିଛି ତାହାର ତର୍ଜମା କରାଯାଉଛି ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଶହୀଦ ସ୍ୱାମୀଙ୍କ ଜୁଇରେ ଶୋଇଲେ ସ୍ତ୍ରୀ

- ବିଚଳିତ କଲା ଭାବବିହ୍ୱଳ ଦୃଶ୍ୟ
- ଗ୍ରାମବାସୀ, ସୁରକ୍ଷାକର୍ମୀ ବୁଝାଶୁଝା କଲେ



ସ୍ୱାମୀଙ୍କ ଜୁଇରେ ଶୋଇଛନ୍ତି ଶହୀଦ ଯବାନଙ୍କ ସ୍ତ୍ରୀ।

ମାଲକାନଗିରି,୨୮।୪(ଡି.ଏନ୍.ଏ.)

ଜଣେ ଶହୀଦ ଯବାନଙ୍କ ସ୍ତ୍ରୀ କାନ୍ଦି କାନ୍ଦି ସ୍ୱାମୀଙ୍କ ଜୁଇରେ ଶୋଇରହିବା ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରି ପକାଇଛି। ସ୍ୱାମୀଙ୍କ ସହିତ ତାଙ୍କୁ ପୋଡ଼ି ଦେବାକୁ ଜିଦ୍ ଧରିବା ଅତୀତର ସତୀଦାହ ପ୍ରଥାକୁ ମନେ ପକାଇ ଦେଇଥିଲା। ଗ୍ରାମବାସୀ ଓ ସୁରକ୍ଷା କର୍ମୀ ବୁଝାଶୁଝା କରି ସମ୍ପୃକ୍ତା ମହିଳାଙ୍କୁ ଜୁଇରୁ ଉଠାଇ ଆଣିବା ପରେ ଯବାନଙ୍କ ଅନ୍ତିମ ସଂସ୍କାର କରାଯାଇଛି।

ଛତିଶଗଡ଼ ଦାନ୍ତେୱାଡା ଜିଲା ଅରନପୁର ଅଞ୍ଚଳରେ ଗତ ବୁଧବାର ମାଓବାଦୀଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୧୦ ଯବାନ ଓ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ସଲାମୀ ଦିଆଯାଇଥିଲା। ଶହୀଦଙ୍କ ମୃତଦେହ ଛତିଶଗଡ ସରକାରଙ୍କ ଦ୍ୱାରା ସେମାନଙ୍କ ଜନ୍ମମାଟିକୁ ପଠାଯାଇଥିଲା। ମାଓବାଦୀଙ୍କ ଭୟରେ ୨ ଶହୀଦଙ୍କ ମୃତଦେହ ନେବାକୁ ସେମାନଙ୍କ ପରିବାର ଲୋକେ ଆସି ନ ଥିବାରୁ ଦାନ୍ତେୱାଡା ଜିଲା ପ୍ରଶାସନ ପକ୍ଷରୁ ଅନ୍ତିମ ସଂସ୍କାର କରାଯାଇଥିଲା। ବେଡେଗଡା ବାସିନ୍ଦା ଶହୀଦ ରାଜୁ କରାଟଙ୍କ ପାର୍ଥିବ ଶରୀର ତାଙ୍କ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଆଖପାଖ ଅଞ୍ଚଳର ସମ୍ପର୍କୀୟମାନେ ଏହି ଦୁଃଖଦ ଘଟଣାକୁ ସହି ପାରି ନ ଥିଲେ। କାନ୍ଦ ବୋବାଳିରେ ଅଞ୍ଚଳ ଫାଟି ପଡୁଥିଲା। ଆଦିବାସୀ ପରମ୍ପରା ଅନୁଯାୟୀ ଶ୍ମଶାନରେ ଶହୀଦ ରାଜୁଙ୍କ ଶେଷକୃତ୍ୟ ନିମନ୍ତେ ପ୍ରସ୍ତୁତି ଜୁଇ ସଜଡା ଯାଇଥିଲା। ଏହି ସମୟରେ ତାଙ୍କ ସ୍ତ୍ରୀ ରେଶ୍ମା ଅତ୍ୟଧିକ ଭାବବିହ୍ୱଳ ହୋଇ କାନ୍ଦି କାନ୍ଦି ଜୁଇ ପାଖକୁ ଚାଲି ଯାଇଥିଲେ। 'ମୋ ସ୍ୱାମୀଙ୍କ ସହିତ ମୁଁ ଚାଲିଯିବି, ମୋ ସ୍ୱାମୀଙ୍କ ସହ ମୋତେ ମଧ୍ୟ ପୋଡିଦିଅ' ବୋଲି କହି ସେ ଜୁଇ ଉପରେ ଶୋଇ ପଡିଥିଲେ। ଏପରି ଦୃଶ୍ୟ ଦେଖିବା ପରେ ସେଠାରେ ଥିବା ଲୋକଙ୍କ ଆଖିରେ ଲୁହ ଆସି ଯାଇଥିଲା। ଶ୍ମଶାନରେ ଉପସ୍ଥିତ ସୁରକ୍ଷା କର୍ମୀ, ଗ୍ରାମ ମୁଖିଆମାନେ ବଳପୂର୍ବକ ରେଶ୍ମାଙ୍କୁ ଜୁଇ ଉପରୁ ଉଠାଇ ଆଣି ବୁଝାଶୁଝା କରିବା ପରେ ଶହୀଦ ରାଜୁଙ୍କ ଅନ୍ତିମ ସଂସ୍କାର କରାଯାଇଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ସୁପ୍ରଭା ବେକରୀ
ଆବଶ୍ୟକ
ଅଟୋ ଡ୍ରାଇଭର ସହିତ ସେଲ୍‌ସମ୍ୟାନ ।
ପରାମର୍ଶ ମୋ.ନଂ.-
9337663136

PRIVATE CAR DRIVER REQUIRED
Interview on 30th April & 4th May at 11 A.M.
Come with certificates, Aadhaar Card, Driving Licence.
Contact: 9438081042

WANTED
A LADY for office work. +2 above. Phulnakhara, Cuttack.
Ghara free + Fooding + 10000 + Bonus with other facilities.
7809525452

ACCOUNTS EXECUTIVE
With Tally Prime knowledge required with 2-5 year's experience for a company in Bhubaneswar should have experience of Tally Prime Accounting System immediate hiring. Anyone interested can contact the below mentioned person in office hours.
Contact Person
Mr. Rajiv Agarwal, Director
Mobile : 9437006047

See Career Appointment on every Wednesday & Saturday

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
Qual.: 9th, 10th, +2, +3
Salary: 10,000 to 25,000
Age: (18-35) Yrs
ଯୋଗାଯୋଗ ମୋବାଇଲ ନମ୍ବର
9668180637

APPOINTMENT
GIMPEX PVT. LTD. - A reputed star export house - is looking for a Young & Energetic Person in the age group of 30-45 years to be posted at their Barbil Office as its head of operation.
Candidates having adequate experience in logistics & excellent liaisoning experience with Railways both at local & divisional level may apply to "The HRD Head, Gimpex House, 282 Linghi Chetty Street, Chennai-600001"

OFFICE OF THE PRINCIPAL
GOVT. WOMEN'S COLLEGE, BALANGIR
Email: womenscollegebalangir@gmail.com
Notice No. 724/GWC Date: 28.04.2023
A Walk-in-Interview for engagement of Guest Faculties against the existing teaching vacancies of Govt. Women's Higher Secondary School, Balangir for the academic session 2023-24 will be held as per the schedule given below. Candidates having a minimum of 55% of marks in the concerned subject at P.G. Level are eligible to apear the interview. They should produce all their testimonials in original with a set of self-attested copies of the same at the time of interview for verification and evaluation. Candidates with B.Ed will be given preference as per the guideline of the Government.

| Sl. No. | Date & Day | Time of Reporting | Subjects |
|---|---|---|---|
| 1 | 06.05.2023 (Saturday) | 08.00 A.M. | English, Odia, Hindi, Indian Music, Education, Pol. Science, Physics, Chemistry, Mathematics, Botany, Zoology |

Sd./- Principal
Govt. Women's College, Balangir

OFFICE OF THE D.G. & I.G. OF POLICE, JHARKHAND, RANCHI.

EXPRESSION OF INTEREST
RE-TENDER NOTICE No. 01/2023-24

Jharkhand Police has a ALH Dhruv Helicopter for its operational requirements of rescue and relief. This Re-Tender is being published in continuation of Tender no – 09 / 2022-23 due to single company participation. Jharkhand Police seeks to insure the helicopter on an annual basis consequent up on expiry of the Insurance **on 04th May 2023. Interested Insurance Companies duly experienced in aviation insurance**, including insuring helicopters may apply in response to this EOI. The details of the helicopter are provided in Part I. The applicant companies may submit their proposals as per format in Part II. However, they are free to give additional information, if any, on separate sheets. The date of submission of EOI would be **01.05.2023** till **1600hrs**. The 'Expressions of Interest' can also be seen on Jharkhand Police Website **www.jhpolice.gov.in.**

AIRCRAFT PARTICULARS
Part I

| | |
|---|---|
| Insured Party | Jharkhand Police, Department of Home, Government of Jharkhand. |
| *Aircraft Details* | |
| Make, Type & Serial Number | ALH-DHRUV &DS-51 |
| Year of Manufacturing/Purchase | 2005/2007 |
| Seating Capacity | 09 (Nine) passengers |
| Engine Number and Type | 1118 (LH) and 1119 (RH)- TURBO SHAFT TM 3332B2 ENGINE |
| Registration/Identification Marks | VT-HAP Jharkhand Government symbol & Jharkhand Police symbol |
| Value of aircraft | INR 30 Crores approx. |
| Extra equipments and Accessories fitted with value | Air Conditioning System. |
| Coverage | All Risks of Physical Loss or damage including Legal liability to Third Party. (Comprehensive)<br>Additional coverage on premature withdrawal of following major aircraft components due to failure:<br>(a) Aircraft Engines<br>(b) Integrated Dynamic Systems (IDS)<br>(c) AFCS Computers<br>(d) Main & Tail Rotor Blades (Complete Set)<br>(e) Main Rotor and Tail Rotor Servo Actuators<br>(f) Engine HP Pump and Fuel Metering Unit.<br>(g) Weather Radar System<br>(h) Integrated Sensor Unit.<br>(i) Full Authority Digital Engine Control. |
| Geographical Area | PAN India |
| Period | 12 Months STARTING 05.05.2023 00:00 HRS |
| Values TO Be Insured | |
| (a) Hull Values | INR 29,77,00,000 (Rupees twenty nine crores and seventy seven Lakhs only). |
| (b) Legal Liabilities to Third Parties | INR 1,00,00,000 (one crore only) any one occurrence and in aggregate. |
| (c) Passenger Admitted Liability Baggage | INR 40,00,000 per person (Total INR. 3,60,00,000/-)<br>INR 75,000 per person (Total INR 6,75,000/-) |
| Pilots Experience | Duly licensed and certificated for the flights on ALH-DHRUV |
| Hangar Facility | Fully, equipped hangar base available for aircraft storage & maintenance. |
| Use of Aircraft | All weather days and night operations, Troop Transport, Evacuation, VIP Communication, Normal Passenger Carriage, Carriage of arms and ammunition. |

Part II
Format of offer TO BE FILLED IN BY BIDDERS ON COMPANY LETTER HEAD DUE DATE OF OPENING OF OFFERS BEFORE AUTHORISED COMMITTEE:
ISSUE OF ACCEPTANCE LETTER TO SELECTED COMPANY:
SELECTED COMPANY TO ISSUE INSURANCE POLICY BY: 04.05.2023 - 00.00 Hrs.

| | |
|---|---|
| Aviation Insurance (Specifically Helicopter Insurance) Experience- THIS IS MANDATORY | |
| PREFERENTIAL PREQUALIFICATION | |
| CLAUSE IN VIEW OF THE SENSITIVE/STRATEGIC NATURE OF THE USE OF THE AIRCRAFT | |
| Client List with relevant details and dates | |
| Conditions | All conditionalities of offer must be clearly spelt out as part of offer and will have a bearing on the selection of insuring party. |
| (a)Hull Values | Must be clearly mentioned in total terms without any hidden costs |
| (b)Legal Liabilities to Third Parties | |
| (c) Passenger Admitted Liability Baggage (without S.T.)<br>Service Tax (Without G.S.T.)<br>Total Premium (Without G.S.T.) | |
| Discounts/Deductibles offered | Must be clearly mentioned in total terms without any hidden costs |
| | AUTHORISED SIGNATORY |

I.G. of Police (Provision),
Jharkhand Ranchi.
PR 296113 Police(23-24)#D

ଈଶ୍ୱର ମଣିଷକୁ ବାଟ ଦେଖାନ୍ତି। କିନ୍ତୁ ମଣିଷ ଚାଲେ ଅବାଟରେ। ନିମ୍ନସ୍ତରର ମରଣଶୀଳ ତ୍ରୁଟି ଓ ସ୍ଖଳନ ଉପରେ ପରାପ୍ରକୃତି ବା ଦିବ୍ୟପ୍ରକୃତି ସଜାଗ ଦୃଷ୍ଟି ରଖିଥାଏ। ଏହା ହିଁ ଆମ ଲାଗି ପ୍ରତିବନ୍ଧକ ଓ ପରର ବିରୋଧୀତା। ଆମକୁ ଏକ ଉଜ୍ଜ୍ୱଳଜ୍ଞାନ ଭିତରକୁ ଯିବା ଲାଗି- ଏହି ଦ୍ୱନ୍ଦ୍ୱ ଭିତରୁ ବାହାରିଯିବାକୁ ହେବ ନିଶ୍ଚୟ। -ଶ୍ରୀଅରବିନ୍ଦ



# ପଦବୀ ପାଇଁ ଦୌଡ଼



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଆସନ୍ତା ଜୁନ୍ ଶେଷରେ ସେବାନିବୃତ୍ତ ହେବାକୁଥିବା ତାମିଲନାଡୁ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସି.ଶୈଳେନ୍ଦ୍ର ବାବୁଙ୍କ ପରେ ସେହି ପଦବୀ ଲାଗି ଦୌଡ଼ ଆରମ୍ଭ ହୋଇଯାଇଛି। ଦିଲ୍ଲୀରେ ଏହାକୁ ନେଇ ଗୁଞ୍ଜରଣ ବି ସୃଷ୍ଟି ହୋଇଛି। ଶୁଣିବାକୁ ମିଳୁଛି, ଦିଲ୍ଲୀ ପୋଲିସ କମିଶନର ସଞ୍ଜୟ ଅରୋରା ଏହି ଦୌଡ଼ରେ ନିଶ୍ଚୟ ଜିତିବେ ଏବଂ ବାବୁଙ୍କ ପରେ ତାମିଲନାଡୁର ଶୀର୍ଷ ପୋଲିସ ଅଧିକାରୀ ପଦବୀ ପାଇଁ ସେ ହିଁ ସବୁଠୁ ଅଧିକ ପସନ୍ଦର ପ୍ରାର୍ଥୀ। ସୂତ୍ରରୁ ଜଣାପଡ଼ିଛି , ନିଯୁକ୍ତି ସକାଶେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ନିକଟକୁ ବିଚାର ପାଇଁ ପଠାଯାଇଥିବା ତାଲିକା (ଏମ୍‌ପ୍ୟାନେଲମେଣ୍ଟ)ରେ ଯୋଗ୍ୟ ୧୨ ଜଣ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ ଅରୋରା ଆଗରେ ଅଛନ୍ତି। ତେବେ ୟୁପିଏସ୍‌ସି ଦ୍ୱାରା ହେବାକୁ ଥିବା ଶର୍ଟଲିଷ୍ଟର ୩ ଜଣ ଅଧିକାରୀମାନଙ୍କ ମଧ୍ୟରୁ ରାଜ୍ୟ ସରକାର ଜଣଙ୍କୁ ଚୟନ କରିବେ। କୁହାଯାଉଛି, ବରିଷ୍ଠତା ଦୃଷ୍ଟିରୁ ଅରୋରାଙ୍କ ପରେ ଅଛନ୍ତି ବି.କେ.ରବି ଏବଂ ଚେନ୍ନାଇ ପୋଲିସ କମିଶନର ଶଙ୍କର ଜିୱାଲ। ଏହି ୩ ଶୀର୍ଷ ଅଧିକାରୀମାନଙ୍କ ମଧ୍ୟରେ ଆରୋରା ଦୁଇ ସଶସ୍ତ୍ର ବଳ ସିଆରପିଏଫ୍ ଏବଂ ଆଇଟିବିପିର ନେତୃତ୍ୱ ନେଇଥିଲେ ଏବଂ ଆରକ୍ଷୀ ଅଧୀକ୍ଷକ ଦାୟିତ୍ୱ ତଥା ଜଙ୍ଗଲ ଦସ୍ୟୁ ବୀରାପ୍ପାନଙ୍କୁ ଗୁଳିକରି ହତ୍ୟା କରିବାରେ ସାହସିକତା ଓ ବୀରତ୍ୱ ପ୍ରଦର୍ଶନ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କ ବୀର ପଦକ ପାଇଥିଲେ। ତେବେ ଡିଜିପି ଦୌଡ଼ରେ ସାମିଲ ଅନ୍ୟ ପୋଲିସ ଅଧିକାରୀମାନେ ହେଲେ,ଏ.କେ. ବିଶ୍ୱନାଥନ, ଆଭାସ କୁମାର, ଟି.ଭି. ରବିଚନ୍ଦ୍ରନ, ସୀମା ଅଗ୍ରୱାଲା ଏବଂ ଅମରେଶ ପୂଜାରୀ। ଏମ୍‌ପ୍ୟାନେଲମେଣ୍ଟ ଯୋଗ୍ୟ ହେବା ଲାଗି ନିର୍ଦ୍ଧାରିତ ସର୍ଭିସ ବର୍ଷର ସଂଖ୍ୟାକୁ ବିଚାରକୁ ନେଇ ତାମିଲନାଡୁ ଗୃହ ବିଭାଗ ରାଜୀବ କୁମାର, ସନ୍ଦୀପ ରାୟ ରାଠୋର, ଅଭୟ କୁମାର ସିଂ ଏବଂ କେ.ଭାନିଆ ପେରୁମଲଙ୍କ ନାମ ୟୁପିଏସ୍‌ସିକୁ ପଠାଇଥିବା ତାଲିକାରେ ରଖିଛି।

### ଖେମ୍‌କାଙ୍କ ଦୁଃଖ

ଜମି କିଣାବିକା ଅନିୟମିତତା ପାଇଁ ଏଫ୍‌ଆଇଆର ଦାୟର କରିବାର ୫ ବର୍ଷ ପରେ ହରିୟାଣା ସରକାର କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ଜ୍ୱାଇଁ ରବର୍ଟ ଭଦ୍ରାଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ଏହାକୁ ନେଇ ବରିଷ୍ଠ ଆଇଏଏସ୍ ଅଧିକାରୀ ଅଶୋକ ଖେମ୍‌କା ନିରାଶ ହୋଇଛନ୍ତି। ସେତେବେଳେ ଭଦ୍ରା ଜଡ଼ିତ ଥିବା ୩୩ ଏକର ଜମି ଡିଲ୍‌ର ମ୍ୟୁଟେଶନକୁ ଖେମ୍‌କା ରଦ୍ଦ କରିଦେଇଥିଲେ ଓ ଜଣେ ହ୍ୱିସିଲ ବ୍ଲୋୟର ଭାବେ ବେଶ୍ ପ୍ରଶଂସା ପାଇଥିଲେ। ହରିୟାଣାରେ କଂଗ୍ରେସ ଶାସନ ସମୟରେ ଜମି କିଣାବିକାରେ ଅନିୟମିତତା ହୋଇଥିଲା ବୋଲି ୨୦୧୪ ନିର୍ବାଚନ ବେଳେ ଭାଜପା ଅଭିଯୋଗ କରି ଏହାକୁ ମୁଖ୍ୟ ପ୍ରସଙ୍ଗ କରିଥିଲା। ତେବେ ଉକ୍ତ ମାମଲାରେ କ୍ଲିନ୍‌ଚିଟ୍‌କୁ ନେଇ ଏବେ ୧୯୯୧ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଖେମ୍‌କା ଟୁଇଟ କରି ଦର୍ଶାଇଛନ୍ତି ଯେ, ଦୁର୍ନୀତି ଅଭିଯୋଗ କ'ଣ କେବଳ ରାଜନୈତିକ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ । ନୈତିକତା ଦୃଷ୍ଟିରୁ ଜଣେ ସଚ୍ଚୋଟ ଅଧିକାରୀ ଭାବେ ଖେମ୍‌କାଙ୍କ ଖ୍ୟାତି ରହିଛି। ହେଲେ ଏହା ନିଶ୍ଚିତ ଯେ, ତାଙ୍କ ସ୍ୱଚ୍ଛ ଭାବମୂର୍ତ୍ତିର ମୂଲ୍ୟ ତାଙ୍କୁ ଦେବାକୁ ପଡ଼ିଛି। ତାଙ୍କ କ୍ୟାରିୟର ମଧ୍ୟରେ ଭୁଲ୍ ବାଟରେ ହରିୟାଣାକୁ ଶାସନ କରିଥିବା ପ୍ରତ୍ୟେକ ସରକାରଙ୍କୁ ସେ ହରଡ଼ଘଣାରେ ପକାଇବାରେ ସକ୍ଷମ ହୋଇଛନ୍ତି। ଖେମ୍‌କା ତାଙ୍କ ୩୦ ବର୍ଷ କ୍ୟାରିୟର ମଧ୍ୟରେ କେବଳ ରାଜ୍ୟରେ ନୁହେଁ, ସମ୍ଭବତଃ ସାରା ଦେଶରେ ସବୁଠୁ ଅଧିକ ଥର ବଦଳି ହୋଇଛନ୍ତି। ସେ ଏବେ ୫୬ ତମ ବଦଳିରେ ରାଜ୍ୟ ଅଭିଲେଖାଗାର ବିଭାଗର ଅତିରିକ୍ତ ଯୁଗ୍ମ ସଚିବ ଭାବେ ଦାୟିତ୍ୱ ନେଇଛନ୍ତି। ତେବେ ତାଙ୍କୁ ଯେ ସେଠାରୁ ପୁଣି ବଦଳି କରା ନ ଯିବ ତାହା କେହି କହିପାରିବେ ନାହିଁ। ତେବେ ସ୍ୱଚ୍ଛ ପ୍ରଶାସନ ପାଇଁ ସେ ଜାରି ରଖିଥିବା ସଂଘର୍ଷ ପ୍ରତି ଏବକାର ଝଟ୍‌କା ହିଁ ତାଙ୍କ ନୈରାଶ୍ୟ ଓ ଦୁଃଖର କାରଣ ହୋଇଛି।

### ନୂଆ ଇନିଂସ୍

ପ୍ରଶାସନରେ ମୁଖ୍ୟ ପଦବୀଗୁଡ଼ିକରେ ଅବସରପ୍ରାପ୍ତ ବାବୁମାନଙ୍କୁ ପୁନଃ ନିଯୁକ୍ତି ଦେବାର ଧାରା ଜାରି ରଖିଛନ୍ତି କେନ୍ଦ୍ର ସରକାର। କେନ୍ଦ୍ରର ଏଭଳି ପଦାଙ୍କ ଅନୁସରଣ କରିବା ମଧ୍ୟ ରାଜ୍ୟ ସରକାରଗୁଡ଼ିକ ପାଇଁ ଏକ ଟ୍ରେଣ୍ଡ ହୋଇଗଲାଣି। ପୁନଃ ନିଯୁକ୍ତି ବା ନୂଆ ଇନିଂସ୍ ପାଉଥିବା ଅଧିକାରୀମାନଙ୍କୁ ବହୁସମୟରେ କ୍ଷମତାସୀନ ସରକାରଙ୍କ ପ୍ରିୟ ଭାବେ ଚୟନ କରାଯାଏ। ଶାସନରେ ଲଗାତର ରହିବା ଏବଂ ପ୍ରଶାସନିକ ପ୍ରକ୍ରିୟା ଉପରେ ନିୟନ୍ତ୍ରଣ ରଖିବାର ଉଦ୍ଦେଶ୍ୟକୁ ଏଭଳି ନିଯୁକ୍ତି ସ୍ପଷ୍ଟ କରେ। କେବଳ ଏତିକି ନୁହେଁ,ଏହା ମଧ୍ୟ ରାଜନୈତିକ ସ୍ୱାର୍ଥକୁ ଆଗକୁ ବଢ଼ାଉଛି। ନିକଟରେ ଛତିଶଗଡ଼ ସରକାର ୧୯୮୬ ବ୍ୟାଚ୍‌ର ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଡି.ଏମ୍.ଅୱସ୍ଥିଙ୍କୁ ରାୟପୁର ପୋଲିସ ମୁଖ୍ୟାଳୟରେ ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି (ଓଏସ୍‌ଡି) ଭାବେ ନିଯୁକ୍ତ କରିଛନ୍ତି। ଏହାକୁ ନେଇ ରାଜ୍ୟର ବାବୁ ଓ ରାଜନୈତିକ ପରିସରରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ଅୱସ୍ଥିଙ୍କୁ ସରକାରଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଇକୋନୋମିକ ଅଫେନ୍ସ ୱିଙ୍ଗ(ଇଓଡବ୍ଲ୍ୟୁ) ଏବଂ ଆଣ୍ଟି କରପ୍ସନ ବ୍ୟୁରୋ(ଏସିବି)ର ଦାୟିତ୍ୱ ଦିଆଯାଇଛି। ଚଳିତ ବର୍ଷ ମାର୍ଚ୍ଚରେ ଅୱସ୍ଥି ଅବସର ନେଇଥିଲେ ବି ତାଙ୍କୁ ତୁରନ୍ତ ଓଏସ୍‌ଡି ଭାବେ ଚୁକ୍ତିଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଇଥିଲା, ଯାହା ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲାଙ୍କ ସରକାରରେ ତାଙ୍କ ଗୁରୁତ୍ୱକୁ ପ୍ରତିପାଦିତ କରେ। ସେ ସବୁବେଳେ ବଘେଲାଙ୍କର ଅତି ପ୍ରିୟ ଅଧିକାରୀ ଥିଲେ ବୋଲି କାହାକୁ ଅଛପା ନାହିଁ। ତେବେ ଏହି ନିଯୁକ୍ତିକୁ ବଘେଲାଙ୍କ ପ୍ରଶାସନରେ ଅୱସ୍ଥିଙ୍କ ବିଶେଷଜ୍ଞାନ ଓ ଅଭିଜ୍ଞତାରୁ ଲାଭ ଉଠାଇବାର ଏକ ପ୍ରଚେଷ୍ଟା ଭାବେ ଦେଖାଯାଉଛି।

Email: dilipcherian@gmail.com

## su|do|ku Puzzles by Srikant Ghosh — ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 5 | 4 | | 1 | | | | | 8 |
| | | | | | | | | 7 |
| | | | 6 | | 3 | | | |
| | | 8 | | 4 | 7 | | | 9 |
| | | 9 | 5 | | | | | 3 |
| 6 | | | | | | | 8 | |
| 3 | | | | 6 | 4 | | 7 | 2 |
| 9 | | | | | | | | 4 |
| | | | | | 9 | 3 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 6 | 8 | 4 | 3 | 9 | 1 | 7 | 5 |
| 1 | 3 | 9 | 8 | 5 | 7 | 2 | 6 | 4 |
| 7 | 4 | 5 | 1 | 2 | 6 | 3 | 9 | 8 |
| 3 | 1 | 2 | 6 | 9 | 8 | 5 | 4 | 7 |
| 4 | 8 | 6 | 5 | 7 | 2 | 9 | 1 | 3 |
| 5 | 9 | 7 | 3 | 1 | 4 | 6 | 8 | 2 |
| 8 | 5 | 1 | 9 | 4 | 3 | 7 | 2 | 6 |
| 6 | 2 | 3 | 7 | 8 | 1 | 4 | 5 | 9 |
| 9 | 7 | 4 | 2 | 6 | 5 | 8 | 3 | 1 |

ଗତକାଲିର ଉତ୍ତର

# ଡିଜିଟାଲ କାରବାର ଓ ଅନ୍ତର୍ଜାତୀୟକରଣ



ଡ. ପ୍ରୀତିଶ୍ କୁମାର ସାହୁ

ପ୍ରତ୍ୟେକ ଦେଶର ପ୍ରଗତିରେ ଏକ ଦୃଢ଼ ଆର୍ଥିକ କ୍ଷେତ୍ର ବା ଆର୍ଥିକ ବ୍ୟବସ୍ଥାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ ମୁଖ୍ୟ ଭାବରେ ଆର୍ଥିକ ଅନିୟମିତତା ଯୋଗୁ ବିଶ୍ୱରେ ସମୟ ସମୟରେ ଅନେକ ଆର୍ଥିକ ସଙ୍କଟ ଦେଖାଯାଇଛି। ୧୭୭୨ରେ ଇଂଲଣ୍ଡରୁ ଉପୁଜିଥିବା କ୍ରେଡିଟ୍ ହେଉ କିମ୍ବା ୧୯୯୭ରେ ଏସିଆର ଆର୍ଥିକ ସଙ୍କଟ ହେଉ ବା ୨୦୦୮-୦୯ର ବୃହତ୍ ଆର୍ଥିକ ସଙ୍କଟ ହେଉ ମୁଖ୍ୟତଃ ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଅନିୟମିତତା ଯୋଗୁ ହିଁ ଏପରି ହୋଇଥାଏ। ଭାରତରେ ବ୍ୟାଙ୍କିଙ୍ଗ୍ ସେକ୍ଟରର କାର୍ଯ୍ୟପ୍ରଣାଳୀ ଏବଂ ସରଳୀକରଣ ସମୟ ସମୟରେ ଆବଶ୍ୟକତା ଅନୁଯାୟୀ ପରିବର୍ତ୍ତନ ହୋଇଛି। ମୁଖ୍ୟ ଭାବରେ ରଙ୍ଗରାଜନ କମିଟିର ସୁପାରିସ୍ ପରେ ଭାରତରେ ୧୯୮୦ ଦଶକରୁ ପର୍ଯ୍ୟାୟକ୍ରମେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ କମ୍ପ୍ୟୁଟର ପ୍ରୟୋଗ କରାଯାଇଥିଲା। ପରେ ୧୯୯୧ ଜଗତୀକରଣ, ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅଭିନବୀକରଣ ଓ ପ୍ରଯୁକ୍ତି ବିଦ୍ୟାକୁ ଉପଯୋଗ କରି ଇ-ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପାଦ ରଖିଥିଲା। ୧୯୯୬ ଆଇସିଆଇସିଆଇ ବ୍ୟାଙ୍କ୍ ଦ୍ୱାରା ପ୍ରଥମ ଇ-ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ପରିଚାଳନା ପରେ ପ୍ରାୟତଃ ସବୁ ଭାରତୀୟ ବ୍ୟାଙ୍କ ଇ- ବ୍ୟାଙ୍କିଙ୍ଗ୍‌ର ସୁବିଧା ସମୟାନୁକ୍ରମେ ଯୋଗାଇ ଦେଇଥିଲେ।

ଆଇଟିବିପ୍ଳବ ଏବଂ ଆଧୁନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଗ୍ରହଣ କରିବା ସତ୍ତ୍ୱେ ମଧ୍ୟ ଆମର ବ୍ୟାଙ୍କିଙ୍ଗ୍ ଏବଂ କାରବାର ବ୍ୟବସ୍ଥା ଯେଉଁସ୍ତରରେ ପହଞ୍ଚିବା ଆଶା କରାଯାଉଥିଲା, ସେପରି ଲକ୍ଷ୍ୟସ୍ଥଳରେ ପହଞ୍ଚିପାରି ନ ଥିଲା। ଗ୍ରାମାଞ୍ଚଳର ଅଧିକାଂଶ ଲୋକ, ବିଶେଷକରି ଦୁର୍ବଳ ଶ୍ରେଣୀର ଲୋକମାନେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବଞ୍ଚିତ ରହିଥିଲେ। ଅନ୍‌ଲାଇନ୍ କାରବାର, ମୋବାଇଲ ବ୍ୟାଙ୍କିଙ୍ଗ୍ ଓ ଡିଜିଟାଲ ପେମେଣ୍ଟ ସେମାନଙ୍କ ପାଇଁ ଦିବାସ୍ୱପ୍ନ ଥିଲା। ଏପରି କି ସ୍ୱାଧୀନତାର ୭୫ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଯେଉଁମାନଙ୍କ ପାଖରେ ବ୍ୟାଙ୍କ୍ ଖାତା ନ ଥିଲା, ସେମାନଙ୍କ ପାଇଁ ବ୍ୟାଙ୍କ୍ ଖାତା ଖୋଲିଲା ଏବଂ ସେମାନଙ୍କୁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ଅନ୍ତର୍ଭୁକ୍ତ କରାଇବାର ଏକ ବୃହତ୍ ପ୍ରୟାସକୁ ବହୁମାତ୍ରାରେ ସଫଳତା ମିଳିଲା। ଏହାସହିତ ଡିଜିଟାଲ ବିଭାଜନକୁ ଦୂର କରାଯାଇ ଡିଜିଟାଲ ଉପଲବ୍ଧତା, ଡିଜିଟାଲ ଅନ୍ତର୍ଭୁକ୍ତୀକରଣ, ଡିଜିଟାଲ ସଶକ୍ତୀକରଣ ଏବଂ ଡିଜିଟାଲ କାରବାର ଉପରେ ଗୁରୁତ୍ୱ ଦିଆଯାଇଛି।

ଆଜିର ଦିନରେ ବର୍ଦ୍ଧିତ ବ୍ୟାଙ୍କିଙ୍ଗ୍ ସେବା ଏବଂ ନେଟ୍‌ୱର୍କ ସଂଯୋଗୀକରଣର ଉପଲବ୍ଧତା, ଉଭୟ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଓ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) କାରବାରକୁ ଏକ ନୂତନ ସ୍ତରକୁ ନେଇଯାଇଛି। ପୂର୍ବରୁ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଦ୍ୱାରା ଡିଜିଟାଲ କାରବାରଗୁଡ଼ିକ ମୁଖ୍ୟତଃ ସହରାଞ୍ଚଳରେ ସୀମିତ ଥିବାବେଳେ ଏବେ ଉଭୟ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଏବଂ ୟୁପିଆଇ ପେମେଣ୍ଟ ଉପଲବ୍ଧତା ଦେଶର ପ୍ରତ୍ୟେକ କୋଣରେ ପହଞ୍ଚିବାରେ ସକ୍ଷମ ହୋଇଛି। ମୁଖ୍ୟତଃ ବର୍ଦ୍ଧିତ ୟୁପିଆଇ କାରବାର ଛୋଟ ବ୍ୟବସାୟଠାରୁ ଆରମ୍ଭକରି ସାଧାରଣ ଜନତା ଓ ଦେଶର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହୋଇଥାଏ। ଏହା ଦୁର୍ନୀତି, ନକଲି ମୁଦ୍ରା ଏବଂ ଟିକସ ଫାଙ୍କିବା ରୋକିବାରେ ମଧ୍ୟ ସାହାଯ୍ୟ କରିଥାଏ। ଡିଜିଟାଲ ଦେୟ ଦ୍ୱାରା ପ୍ରତ୍ୟେକ କାରବାର ଅର୍ଥନୀତିରେ ଦୃଶ୍ୟମାନ ହେବା ସହିତ ଦେୟ ପ୍ରମାଣକୁ ସୁରକ୍ଷିତ ରଖିଥାଏ, ଯାହା ବେଆଇନ କାର୍ଯ୍ୟକଳାପକୁ ହ୍ରାସ କରିବାରେ ସହାୟକ ହୋଇଥାଏ। ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ୍ (ନାବାର୍ଡ) ୨୦୧୯ରେ ଏକ ଅଧ୍ୟୟନରେ କହିଛି - ଇଲେକ୍ଟ୍ରୋନିକ୍ ପେମେଣ୍ଟ ସିଷ୍ଟମ୍ କ୍ଷୁଦ୍ର ବ୍ୟବସାୟୀମାନଙ୍କର ଆର୍ଥିକ ପରିଚାଳନାରେ ଉନ୍ନତି ଆଣିବା ସହିତ କାରବାର ଖର୍ଚ୍ଚ ହ୍ରାସ କରିବ ଏବଂ ସେମାନଙ୍କ ରାଜସ୍ୱ ବୃଦ୍ଧି କରିବାରେ ସାହାଯ୍ୟ କରିବ।



ୟୁପିଆଇ ହେଉଛି ଏକ ତତ୍‌କ୍ଷଣାତ୍ ରିୟଲ ଟାଇମ ପେମେଣ୍ଟ ସିଷ୍ଟମ୍, ଯାହା ନ୍ୟାଶନାଲ ପେମେଣ୍ଟ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ଦ୍ୱାରା ବିକଶିତ ହୋଇଛି। ଏହା ଜଣେ ବ୍ୟକ୍ତିଙ୍କଠାରୁ ଅନ୍ୟ ଜଣଙ୍କୁ ଏବଂ ବ୍ୟକ୍ତିଠାରୁ ବ୍ୟବସାୟିକ କାରବାରକୁ ସହଜ କରିଥାଏ। ଦୁଇଟି ବ୍ୟାଙ୍କ୍ ଆକାଉଣ୍ଟ ମଧ୍ୟରେ ତୁରନ୍ତ ପାଣ୍ଠି ସ୍ଥାନାନ୍ତର କରିବା ପାଇଁ ଏହା ମୋବାଇଲ ଡିଭାଇସ୍‌ରେ ବ୍ୟବହୃତ ହୁଏ। ୨୦୧୬ରୁ ଆରମ୍ଭ ହୋଇଥିବା ୟୁପିଆଇ, ଭାରତରେ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡର ବ୍ୟବହାର ରେକର୍ଡ ସୀମାକୁ ଅତିକ୍ରମ କରିଛି। ଫେବୃୟାରୀ ୨୦୨୩ ସୁଦ୍ଧା ଏହାକୁ (ୟୁପିଆଇ) ୨୬୦ ନିୟୁତରୁ ଅଧିକ ଭାରତୀୟ ବ୍ୟବହାର କରୁଛନ୍ତି। ଏନ୍‌ପିସିଆଇର ତଥ୍ୟ ଅନୁଯାୟୀ, ୨୦୨୨ କ୍ୟାଲେଣ୍ଡର ବର୍ଷରେ ୟୁପିଆଇ ବ୍ୟବହାର କରି ୧୨୫.୯୪ ଟ୍ରିଲିୟନ ଟଙ୍କା ମୂଲ୍ୟର ପ୍ରାୟ ୭୪ ବିଲିଅନ୍ କାରବାର କରାଯାଇଥିଲା। ଏହି ପ୍ଲାଟ୍‌ଫର୍ମ ୨୦୨୧ରେ ମୋଟ୍ ୭୧.୫୪ ଟ୍ରିଲିୟନ୍ ଟଙ୍କା ୩୮ ବିଲିଅନ୍‌ରୁ ଅଧିକ କାରବାର ଦ୍ୱାରା ନେଣଦେଣ ହୋଇଥିଲା। ଫଳସ୍ୱରୂପ, ଏକ ବର୍ଷରେ ଏହି ପ୍ଲାଟ୍‌ଫର୍ମରେ ପ୍ରାୟ ୯୦ ପ୍ରତିଶତରୁ ଅଧିକ କାରବାର ଏବଂ ସେମାନଙ୍କ ହାରାହାରି ମୂଲ୍ୟ ୭୬ ପ୍ରତିଶତ ବୃଦ୍ଧି ହୋଇଛି ଓ ଜାନୁୟାରୀ ୨୦୨୩ ସୁଦ୍ଧା ଏହା ପ୍ରାୟ ୨୦୦ ବିଲିଅନ୍ ଡଲାର ମୂଲ୍ୟର ଅର୍ଥ ୮ ବିଲିଅନ କାରବାର ମାଧ୍ୟମରେ ନେଣଦେଣ ହୋଇ ରେକର୍ଡ କରିଥିଲା। ଡିସେମ୍ବର ୨୦୧୯ରେ ୟୁପିଆଇର ସଫଳତାକୁ ଲକ୍ଷ୍ୟକରି ଗୁଗ୍‌ଲ ଫେଡେରାଲ ରିଜର୍ଭ ବୋର୍ଡକୁ ୟୁପିଆଇ ଅନୁସାରେ କରିବାକୁ ଓ ଆମେରିକା ପାଇଁ ଏକ ରିୟଲ ଟାଇମ୍ ପେମେଣ୍ଟ ସିଷ୍ଟମ୍ କରିବା ନିମନ୍ତେ ପରାମର୍ଶ ହେଇଥିଲା। ୟୁପିଆଇ ପେମେଣ୍ଟର ଭୌଗୋଳିକ ବିସ୍ତାର ଏବଂ ଅନ୍ତର୍ଜାତୀୟକରଣ ଦ୍ୱାରା ଭାରତ ମୁଖ୍ୟତଃ ୨ଟି ଅନ୍ତର୍ନିହିତ ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବ। ପ୍ରଥମତଃ ଏହା ଆର୍ଥିକ ଦୃଷ୍ଟିରୁ ଭାରତକୁ ସଶକ୍ତ କରିବ ଓ ଡଲାରର ମାଧ୍ୟମ ବିନା ସିଧାସଳଖ ବିଦେଶରୁ ଭାରତୀୟଙ୍କ ଦ୍ୱାରା ଅର୍ଥ ସ୍ଥାନାନ୍ତର କରାଯାଇପାରିବ। ଦ୍ୱିତୀୟରେ, ଗୁରୁତ୍ୱପୂର୍ଣ୍ଣ ଦେଶମାନଙ୍କ ମଧ୍ୟରେ ୟୁପିଆଇର ବ୍ୟବହାର ସୀମା ବିସ୍ତାର ଦ୍ୱାରା ବାହ୍ୟ ପ୍ରତିବନ୍ଧକ ସମୟରେ ମଧ୍ୟ ଭାରତକୁ ଆର୍ଥିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବନାହିଁ। କାରଣ ପ୍ରତିବନ୍ଧକ ସମୟରେ ଆର୍ଥିକ ପ୍ରତିଷ୍ଠାନ ଦ୍ୱାରା ବ୍ୟବହୃତ ଅନ୍ତର୍ଜାତୀୟ ଦେୟ ବ୍ୟବସ୍ଥା (ସୁଇଫ୍ଟ ସିଷ୍ଟମ୍)କୁ ବନ୍ଦ କରି ଆମେରିକା ଭଳି ରାଷ୍ଟ୍ର ଅର୍ଥ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଚାହେଁ। ବର୍ତ୍ତମାନ ଆମେରିକା ଏଭଳି ପ୍ରତିବନ୍ଧକ ରୁଷିଆ ଉପରେ ଲଗାଇଛି ଏବଂ ୧୯୯୮ରେ ପରମାଣୁ ପରୀକ୍ଷଣ ସମୟରେ ଆମେରିକା ଭାରତ ଉପରେ ଏଭଳି ଆର୍ଥିକ ପ୍ରତିବନ୍ଧକ ଲଗାଇଥିଲା। କିନ୍ତୁ ବର୍ତ୍ତମାନ ସ୍ଥିତିରେ ୟୁପିଆଇ ସିଷ୍ଟମ୍ ଆନ୍ତର୍ଜାତିକ ସ୍ତରରେ ଯେତେ ଅଧିକ ଗ୍ରହଣୀୟ ହେବ ଏଭଳି ପ୍ରତିବନ୍ଧକ ଭାରତ ଉପରେ ସେତେ କମ୍ ପ୍ରଭାବ ପକାଇବ। ସେହିଭଳି ଗଲ୍ଫ ଦେଶରେ ରହୁଥିବା ସାଧାରଣ ଭାରତୀୟ ୱେଷ୍ଟର୍ନ ୟୁନିୟନ୍ ମାଧ୍ୟମରେ ଅର୍ଥ ପଠାଇଥାନ୍ତି, ଯାହା ମୂଳତଃ ସୁଇଫ୍ଟ ନେଟ୍‌ୱର୍କରେ ଅଛି କିନ୍ତୁ ୟୁପିଆଇର ଅନ୍ତର୍ଜାତୀୟକରଣ ଦ୍ୱାରା ବିନା ସୁଇଫ୍ଟ ମାଧ୍ୟମରେ ୟୁପିଆଇକୁ ସ୍ୱୀକୃତି ଦେଇଥିବା ଦେଶମାନଙ୍କରୁ ଟଙ୍କା ପଠାଯାଇପାରିବ।

ୟୁପିଆଇ ସିଷ୍ଟମ୍‌କୁ ବିସ୍ତାର କରିବା ଉଦ୍ଦେଶ୍ୟରେ ଫେବୃୟାରୀ ୮ରେ ଆର୍‌ବିଆଇ ମୁଦ୍ରାନୀତି କମିଟି ବୈଠକରେ ଅନ୍ତର୍ଜାତୀୟ ଯାତ୍ରୀଙ୍କ ୟୁପିଆଇ ପ୍ରବର୍ତ୍ତନ ପାଇଁ ଘୋଷଣା କରାଯିବ ବୋଲି ସ୍ପଷ୍ଟ କରିଥିଲା, ଯାହାକି ଜି-୨୦ ସଦସ୍ୟ ଦେଶଠାରୁ ଆରମ୍ଭ କରାଯାଇଛି। ଏହି ଜି-୨୦ ଦେଶ ତଥା ଅଣବାସିନ୍ଦା ଭାରତୀୟଙ୍କୁ ସେମାନଙ୍କ ବାଣିଜ୍ୟିକ ଦେୟ ପାଇଁ ଅନୁମତି ଦେଇଛି। ଆଜିର ସମୟରେ ଦଶଟି ଦେଶ (ସିଙ୍ଗାପୁର, ଆମେରିକା, ଅଷ୍ଟ୍ରେଲିଆ, କାନାଡା, ହଂକଂ, ଓମାନ୍, କାତାର, ସାଉଦି ଆରବ, ୟୁଏଇ ଏବଂ ବ୍ରିଟେନ)ରେ ଥିବା ଭାରତୀୟ ସେମାନଙ୍କର ଭାରତ ଫୋନ୍ ନମ୍ବର ଉପରେ ନିର୍ଭର ନ କରି କାରବାର ପାଇଁ ୟୁପିଆଇ ସେବା ପାଇପାରିବେ।

ପ୍ରାଧ୍ୟାପକ, ଆଇଏମ୍‌ଆଇ, ଭୁବନେଶ୍ୱର
ମୋ: ୭୩୮୧୭୩୧୮୭

# ନିଃସଙ୍ଗତାର ଅଭିଜ୍ଞତା



ଶୁଭନାରାୟଣ ଶତପଥୀ

ଜୀବନସାଥୀ ବିନା ଜୀବନ ନିଃସଙ୍ଗତାପୂର୍ଣ୍ଣ। ଅର୍ଥାତ୍ ସ୍ୱାମୀ ବିନା ସ୍ତ୍ରୀ କିମ୍ବା ସ୍ତ୍ରୀ ବିନା ସ୍ୱାମୀ ନିଃସଙ୍ଗ। ଈଶ୍ୱରଙ୍କ ସୃଷ୍ଟିରେ ଦାମ୍ପତ୍ୟ ଜୀବନ ହେଉଛି ଅନବଦ୍ୟ ଓ ସୁଖ ସମ୍ଭାରର ଅନ୍ତରୀକ୍ଷ। ଏ ସମ୍ପର୍କ ମାନ ଅଭିମାନ, ସୁଖଦୁଃଖ, ସୁବିଧା ଅସୁବିଧାରେ ପରସ୍ପରକୁ ବାହୁ ପ୍ରସାରି ପ୍ରତ୍ୟକ୍ଷ ସହଯୋଗ କରୁଥିବାର ଏକ ଜ୍ୱଳନ୍ତ ନିଦର୍ଶନ। ଅତଃ ଏକାକୀ ବା ନିଃସଙ୍ଗ ଜୀବନ ଦାମ୍ପତ୍ୟର ପରିଭାଷା ନୁହେଁ। ନିଃସଙ୍ଗତା ମଣିଷକୁ ବିଷାଦ, ଅବସାଦ ଆଡ଼କୁ ନିଏ। ତଥାପି ଏମିତି ମଣିଷ ଅଛନ୍ତି ଯିଏ ନିଜ ଜୀବନକୁ ନିଃସଙ୍ଗତାରେ ଜିଇଁବାକୁ ପସନ୍ଦ କରନ୍ତି। ଅର୍ଥାତ୍ ବିବାହ ବିନା ଶେଷ ପର୍ଯ୍ୟନ୍ତ ଏକା ଏକା ବଞ୍ଚିବାକୁ ଚାହିଁଥାନ୍ତି। ସେମାନଙ୍କର ନା ଥାଏ ଆସକ୍ତି ନା ଥାଏ ସ୍ୱ-ଭକ୍ତି। ପିତାମାତାଙ୍କ ସେବା ହେଉ ବା ଦେଶ ସେବା କେବଳ ମଣିଷ, ଦେଶ, ଜାତିର ଉପକାର, ବିକାଶ ପାଇଁ ଜୀବନ ଉତ୍ସର୍ଗ କରିବାକୁ ଚାହାନ୍ତି ନିଃସଙ୍ଗ ହୋଇ ଚିରଦିନ ପାଇଁ। ଆମେରିକାରୁ ପ୍ରକାଶିତ ଏକ ରିସର୍ଚ୍ଚ ରିପୋର୍ଟରୁ ଜଣାଯାଏ ଏକାକୀ ରହୁଥିବା ବା ସାଥୀହୀନ ଜୀବନ ଜିଉଁଥିବା ବ୍ୟକ୍ତି କୁଆଡ଼େ ତୁଳନାତ୍ମକ ଭାବେ ବିବାହିତ ବ୍ୟକ୍ତିଙ୍କଠାରୁ ପ୍ରତିଟି ବିକାଶ କ୍ଷେତ୍ରରେ ଅଧିକ ଦକ୍ଷ, ସୁସ୍ଥ ଓ ଅଭିଜ୍ଞ। ସ୍ୱନିର୍ଭରଶୀଳ ହୋଇ ନିଜ ପାଇଁ ପ୍ରତିଟି ମୁହୂର୍ତ୍ତ ଏକାଗ୍ରତାର ସହିତ ଲକ୍ଷ୍ୟ ସାଧନରେ ବ୍ୟୟ କରୁଥିବାରୁ ଏହି ବ୍ୟକ୍ତିମାନେ ସଫଳତା ଲାଭ କରନ୍ତି ଓ କମ୍ ସମସ୍ୟାର ସମ୍ମୁଖୀନ ହେଉଥିବା ମଧ୍ୟ ଦାବିକରନ୍ତି। ନିଜର ବିକାଶ ନିଜସ୍ୱ ଶୈଳୀରେ କରନ୍ତି ତଥା ଅନ୍ୟମାନଙ୍କ ସୁବିଧା ପ୍ରତି ବେଶ୍ ଯତ୍ନବାନ୍ ହୁଅନ୍ତି। ଏମିତିକି ଏକାକୀ ଜୀବନ ବିତାଉଥିବା ବ୍ୟକ୍ତି ଅଧିକ ସୁଖୀ ବୋଲି କୁହନ୍ତି। ଅନେକେ ପରିସ୍ଥିତିରେ ପଡ଼ି ସଙ୍ଗହୀନ ହୋଇ ରହିଥାନ୍ତି। ଅପରପକ୍ଷରେ ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ୩୦ ଶତକଡ଼ା ମହିଳା ଘରୋଇ ହିଂସାର ଶିକାର ହେଉଥିବାର ଜଣାଯାଏ। ସେହିପରି ସାରା ବିଶ୍ୱରେ ଛାଡ଼ପତ୍ର ହାର ହେଉଛି ୧.୮। ଲିଙ୍ଗଗତ ହାର ହ୍ରାସ ମଧ୍ୟ ଅନ୍ୟ ଏକ କାରଣ। କାରଣ ଯାହା ହେଉନା କାହିଁକି ଏହି ତଥ୍ୟ ବାଧ୍ୟ କରେ ଏକାକୀ ଜୀବନଯାପନ କରିବାକୁ। ଏଣୁ ବିକାଶ କ୍ଷେତ୍ରରେ ସେହି ବ୍ୟକ୍ତିମାନେ ପଛୁଆ ହେବା ସ୍ୱାଭାବିକ କଥା। ଯେପରିକି ନିଜକୁ ଭିନ୍ନ ପ୍ରତିପାଦିତ କରୁଥିବା, ନିଜକୁ ପୃଥକ୍ ରଖିବାକୁ ଚାହୁଁଥିବା, ବିବାହ ପାଇଁ ଉପଯୁକ୍ତ ବର କନ୍ୟା ନ ମିଳିବା, ନିଜକୁ ଶୀର୍ଷ ସ୍ଥାନରେ ଦେଖିବାର ଆଶାକୁ ଚରିତାର୍ଥ କରିବା ଇତ୍ୟାଦି ପ୍ରସଙ୍ଗରେ ନିଃସଙ୍ଗ ବା ଏକାକୀ ଜୀବନକୁ ଆପଣେଇଥାନ୍ତି।

ଏ ସମ୍ବନ୍ଧରେ ଏକ ଘଟଣା ମନେପଡ଼େ। ରଙ୍ଗାଧରବାବୁଙ୍କ ଦମ୍ପତ୍ୟ ଜୀବନରେ ଭଙ୍ଗା ପଡ଼ିଲା। ଅର୍ଥାତ୍ ରଙ୍ଗାଧରବାବୁଙ୍କୁ ଯେତେବେଳେ ୫୦ବର୍ଷ, ତାଙ୍କ ଧର୍ମପତ୍ନୀ ଆରପାରିକୁ ଚାଲିଗଲେ। ତାଙ୍କର ୪ ପୁଅ ଝିଅ ମଧ୍ୟ ଅଛନ୍ତି। ସମ୍ପର୍କୀୟଙ୍କ ପରାମର୍ଶକ୍ରମେ ଦ୍ୱିତୀୟ ବିବାହ ପାଇଁ ମନବଳାଇଲେ ରଙ୍ଗାଧରବାବୁ। କାରଣ ନିଃସଙ୍ଗ ଜୀବନ ଅଭିଶପ୍ତ ବୋଲି ସେ ଦୃଢ଼ ନିଶ୍ଚିତ ଥିଲେ। ଦିନେ ଏ ସମ୍ବନ୍ଧରେ ଏକ ବିବାହ ମେଳାର ଆୟୋଜନ ହେଉଥିବା ସମ୍ପର୍କରେ ଖବରକାଗଜରୁ ଜାଣିବାକୁ ପାଇଲେ ରଙ୍ଗାଧରବାବୁଙ୍କର ଜଣେ ସମ୍ପର୍କୀୟ। ବିବାହମେଳାରେ ଯୋଗଦେବାକୁ ସେ ରଙ୍ଗାଧରବାବୁଙ୍କୁ କହିଲେ। ରଙ୍ଗାଧରବାବୁଙ୍କ ପିଲାମାନେ ମଧ୍ୟ ସମ୍ମତି ପ୍ରଦାନ କଲେ। ତା'ପରେ ରଙ୍ଗାଧରବାବୁ ସେଠାକୁ ଗଲେ। ଦେଖିଲେ ନିଃସଙ୍ଗ ଜୀବନ ବିତାଉଥିବା ତାଙ୍କ ପରି ଅନେକ ବ୍ୟକ୍ତି ଆସିଛନ୍ତି ନିଜ ପାଇଁ ଉପଯୁକ୍ତ ପ୍ରାର୍ଥୀଟିଏ ଚୟନ କରିବାକୁ। ରଙ୍ଗାଧରବାବୁ ବେଶ୍ ସ୍ପଷ୍ଟବାଦୀ ଓ ସଂସ୍କୃତିସମ୍ପନ୍ନ। ଯେତେବେଳେ ଆୟୋଜକ ରଙ୍ଗାଧରବାବୁଙ୍କ ଯୋଗ୍ୟତାର ପରୀକ୍ଷା ନେଲେ ସେତେବେଳେ ଅନେକ ମୌଖିକ ପ୍ରଶ୍ନର ସାମ୍ନା କରିବାକୁ ପଡ଼ିଲା ରଙ୍ଗାଧରବାବୁଙ୍କୁ। ଯେପରିକି ତୁମର ଦାମ୍ପତ୍ୟ ଜୀବନ କିପରି କଟୁଥିଲା ? କେଉଁ ପରିସ୍ଥିତିରେ ସ୍ତ୍ରୀଙ୍କ ସହିତ ମନୋମାଳିନ୍ୟ ହୁଏ ? ପୁନର୍ବାର ବିବାହ ପାଇଁ କାହିଁକି ମନ ବଳାଇଲେ ଆପଣ ଇତ୍ୟାଦି। ଏସବୁ ପ୍ରଶ୍ନର ଉତ୍ତର ଧୈର୍ଯ୍ୟର ସହ ଦେଉଥାନ୍ତି ରଙ୍ଗାଧରବାବୁ। ଶେଷରେ ତାଙ୍କୁ ପ୍ରଶ୍ନ କରାଗଲା କାହିଁକି ବା କେଉଁ ଉଦ୍ଦେଶ୍ୟରେ ତୁମେ ତୁମ ପିଲାମାନଙ୍କ ସହିତ ସମ୍ପର୍କ ରଖୁଛ ? ଏ ପ୍ରଶ୍ନ ଶୁଣିବା ମାତ୍ରକେ ରଙ୍ଗାଧରବାବୁ ରାଗରେ ରଙ୍ଗା ପଡ଼ିଗଲେ। ସଙ୍ଗେ ସଙ୍ଗେ କହିପକାଇଲେ, ରଖ ହୋ ତୁମ ସ୍ୱୟମ୍ବର। କୌଣସି ବାପାକୁ ଏ ପ୍ରଶ୍ନ କେବେ ପଚରାଯାଏନା। ମୁଁ ମୋ ପିଲାଙ୍କ ପାଇଁ ସମୟ ଦେବିନି, ତାଙ୍କୁ ସହଯୋଗ କରିବିନି ଆଉ ମୁଁ କ'ଣ ପାଇଁ ବାହାହେବି ? ଏଠାକୁ କିଏ କ'ଣ ଉଦ୍ଦେଶ୍ୟ ନେଇ ଆସିଛନ୍ତି ବା ଆପଣ କେଉଁ ଉଦ୍ଦେଶ୍ୟ ନେଇ ଏ ସ୍ୱୟମ୍ବର କରୁଛନ୍ତି ତାହା ମୁଁ ଜାଣେନା କିନ୍ତୁ ମନେରଖନ୍ତୁ ମୁଁ ପ୍ରଥମେ ଜଣେ ବାପା, ତା'ପରେ ତୁମର ଦରଖାସ୍ତକାରୀ। ଏହାପରେ ରଙ୍ଗାଧରବାବୁ ସେ ସ୍ୱୟମ୍ବର ନିମନ୍ତେ ଅଯୋଗ୍ୟ ସିଦ୍ଧ ହେଲେ। ସେଠାରୁ ଫେରି ଆସିଲେ ଏବଂ ଆଜି ବି ସେ ଏକାକୀ ରହୁଛନ୍ତି। ଏହା ତାଙ୍କ ପିଲାମାନଙ୍କ ସୁବିଧା ପାଇଁ ଆବଶ୍ୟକତା, ସମ୍ପର୍କୀୟଙ୍କ ବାଧ୍ୟବାଧକତା ବା ସାମାଜିକ ପ୍ରୋତ୍ସାହନ ହୋଇପାରେ, କିନ୍ତୁ ନିଜ ଜୀବନକୁ ଅନ୍ୟ ପାଇଁ ଉତ୍ସର୍ଗ କରିବାର ଯେଉଁ ସଂସ୍କୃତି ଓ ସୁଖ ତାହା ଏକାକୀ ଜୀବନରେ ଅଧିକ ସମ୍ଭବ ବୋଲି ରଙ୍ଗାଧରବାବୁଙ୍କ ମତ। ତାଙ୍କ ଅଭିଜ୍ଞତାରୁ ସେ କୁହନ୍ତି ସାଥୀ ହେବାର ଅର୍ଥ ନୁହେଁ ସ୍ୱାର୍ଥ ସମ୍ବଳିତ ହେବା ବରଂ ସ୍ୱାର୍ଥ ବିଜଡ଼ିତ ସମ୍ପର୍କ ମାଧ୍ୟମରେ ତ୍ୟାଗରୂପୀ ସର୍ବମଙ୍ଗଳ କରିବାର ଲକ୍ଷ୍ୟ ପୂରଣରେ ବ୍ରତୀ ହେବା ଜରୁରୀ। ତା'ଛଡ଼ା ପରିସ୍ଥିତି ପରିବେଶ ଯାହା ହେଉନା କାହିଁକି ସଂସାରର ସ୍ଥାୟିତ୍ୱ ପ୍ରତି ଆନୁଗତ୍ୟ ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରାଥମିକତା ହେଉ।



ତେବେ ବ୍ୟକ୍ତିଗତ ସ୍ତରରେ ନିଃସଙ୍ଗତା ଭିନ୍ନ ଭିନ୍ନ ଉଦାହରଣକୁ ନେଇ ପର୍ଯ୍ୟବସିତ। ଏ ନିଃସଙ୍ଗତାପୂର୍ଣ୍ଣ ଜୀବନ କାହାରିକୁ ନେଇ ମଝିଦରିଆରେ ଠିଆ ନ କରୁ କି ନିବୁଜ କୋଠରିରେ ବସି ନକାରାତ୍ମକ ଭାବନାକୁ ଜନ୍ମ ନ ଦେଉ। ତେବେ ବ୍ୟକ୍ତିଗତ ଜୀବନରେ ସଂଯମ, ନିୟନ୍ତ୍ରଣ, ନିଃସଙ୍ଗତା ଜୀବନରେ ସୁଖ ଆଣିପାରେ ଏବଂ ଶେଷ ସମୟରେ ଯେ ପାଖରେ କେହି ନ ଥିବେ ଏହାକୁ ଭୁଲ୍ ପ୍ରମାଣିତ କରିପାରେ। ଆଜନ୍ମ କୁମାର ବା କୁମାରୀ ରହିଆସିଥିବା ସନ୍ନ୍ୟାସୀ, ରାଜନେତା, ସାଧୁଙ୍କ ଜୀବନ ଏହାର ଜ୍ୱଳନ୍ତ ଉଦାହରଣ। ତେବେ ବ୍ୟକ୍ତିଗତଭାବେ ବିଚାର ଓ ପସନ୍ଦକୁ ଯେତିକି ଗୁରୁତ୍ୱ ଦେବା ସାଂସାରିକ ସୁଖ ଓ ଅଭିବୃଦ୍ଧିକୁ ମଧ୍ୟ ସେତିକି ଗୁରୁତ୍ୱ ଦେବା ଜରୁରୀ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

## ଏଇ ଭାରତରେ

ସଡ଼କ ଦୁର୍ଘଟଣା ରୋକିବା ପାଇଁ ଅନେକ ସଚେତନତାମୂଳକ କାର୍ଯ୍ୟ କରାଯାଉଛି। କିନ୍ତୁ ଲକ୍ଷ୍ନୌର ଜ୍ୟୋତି ପାଣ୍ଡେଙ୍କ ପଦକ୍ଷେପ ଏସବୁ ମଧ୍ୟରେ ନିଆରା। ସେ ସାଇକେଲ ଆରୋହୀଙ୍କ ସୁରକ୍ଷା ପାଇଁ ମାଗଣାରେ ସେଫ୍ଟି ଲାଇଟ ଲଗାଉଛନ୍ତି। ଫଳରେ ଘନକୁହୁଡ଼ି ଓ ଅନ୍ଧାରରେ ସେମାନଙ୍କ ଜୀବନ ରକ୍ଷା ହୋଇପାରୁଛି। ଜ୍ୟୋତି 'ସପ୍ନୋ କି ଉଡାଣ ଫାଉଣ୍ଡେଶନ' ମାଧ୍ୟମରେ ଉଜ୍ଜାଲା ଅଭିଯାନ ନାମରେ ଏହା ଚଳାଉଛନ୍ତି। ଏବେ ସୁଦ୍ଧା ସେ ୧୫୦୦ ସାଇକେଲରେ ଲାଇଟ୍ ଲଗାଇ ସାରିଲେଣି। ଏହି କାର୍ଯ୍ୟରେ ତାଙ୍କ ପରିବାର ସହଯୋଗ କରୁଛି। ପ୍ରତିବର୍ଷ ଦେଶରେ ୪୦୦୦ରୁ ଊର୍ଦ୍ଧ୍ୱ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟୁଥିବା ବେଳେ ଅଧିକାଂଶ କ୍ଷେତ୍ରରେ ସେଫ୍ଟି ଲାଇଟ ନ ଥିବା ଯୋଗୁ ହେଉଛି । ଏଣୁ ଜ୍ୟୋତି ଏହି ଅଭିଯାନ ଚଳାଉଥିବା ପ୍ରକାଶ କରିଛନ୍ତି। ୨୩ ବର୍ଷୀୟା ଜ୍ୟୋତି ଏବେ କଲେଜରେ ପଢୁଛନ୍ତି। କେବଳ ଏତିକି ନୁହେଁ, ସେ ମଧ୍ୟ ଋତୁସ୍ରାବଜନିତ ସମସ୍ୟା ଦୂର କରିବା ଲାଗି ପ୍ରୋଜେକ୍ଟ ଦାଗ, ଅସହାୟ ଲୋକଙ୍କୁ ଖାଦ୍ୟ ଯୋଗାଇବା ଲାଗି ପ୍ରୋଜେକ୍ଟ ଅନ୍ନପୂର୍ଣ୍ଣା ଏବଂ ସଡ଼କରେ କାମ କରୁଥିବା ଲୋକଙ୍କ ପାଇଁ ଛାଇ ପ୍ରୋଜେକ୍ଟ ଚଳାଉଛନ୍ତି। ଏସବୁ ଚଳାଇବା ଲାଗି ସେ ପଢ଼ାରୁ ସମୟ ବାହାର କରି ତିନୋଟି ଜାଗାରେ ପାର୍ଟଟାଇମ କାମ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ଏପ୍ରିଲ ୧୯୯୮

- ପୂର୍ବ ରେଳବାଇର ଦାନାପୁର ଡିଭିଜନର ଫତୁଆ ଷ୍ଟେଶନ ନିକଟରେ ହାଓ୍ୱାଡ଼ା-ଦାନାପୁର ଏକ୍ସପ୍ରେସ୍‌ର ୫ ବଗି ଲାଇନଚ୍ୟୁତ ହେବାରୁ ୧୨ ଯାତ୍ରୀ ମୃତ।
- ଇଣ୍ଡୋନେସିଆର ପୂର୍ବ ଜାଭା ପ୍ରୋଭିନ୍ସର ତୁବାନ ଜିଲାରେ ଏକ ଯାତ୍ରୀବାହୀ ବସ୍ ଅନ୍ୟ ଏକ ଟ୍ରକ୍ ସହ ଧକ୍କା ହେବା ଫଳରେ ୧୯ ଜଣଙ୍କ ମୃତ୍ୟୁ।
- ରୁଷରେ ପ୍ରଧାନମନ୍ତ୍ରୀ ସେର୍ଗେଇ କିରିୟେଙ୍କୋଙ୍କ ନେତୃତ୍ୱାଧୀନ ସରକାରରେ ଭିକ୍ଟୋର ଖ୍ରିଷ୍ଟେଙ୍କୋଙ୍କୁ ଉପପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତି ପ୍ରଦାନ।

## ପାଠକ ଶ୍ରେଷ୍ଠ ବିଚାରକ

### ଅଧିକ ବଗି ସଂଯୋଗ ହେଉ

ମହାଶୟ,

ବର୍ତ୍ତମାନ ରେଲ୍‌ୱେ ପକ୍ଷରୁ ଜଳେଶ୍ୱରରୁ ଶ୍ରୀକ୍ଷେତ୍ର ପୁରୀକୁ ଏକ ମେମୁ ଟ୍ରେନ୍ ଯାତାୟାତ କରୁଛି। ଏହାର ଭଡ଼ା କମ୍ ଥିବାରୁ ଜଳେଶ୍ୱରରୁ ରୂପ୍‌ସା ଷ୍ଟେଶନ ମଧ୍ୟରେ ବହୁ ସଂଖ୍ୟକ ଯାତ୍ରୀ ଉଠୁଛନ୍ତି। ଏମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ଉଦ୍ଦେଶ୍ୟରେ ଯାଇଥାନ୍ତି। ପ୍ରାୟତଃ ଉତ୍ତର ଓଡ଼ିଶାର ଯାତ୍ରୀମାନେ ଏଥିରେ ଉଠିଥାନ୍ତି। ବାଲେଶ୍ୱର ବା ତା' ପରେ ଉଠୁଥିବା ଯାତ୍ରୀମାନଙ୍କ ପାଇଁ ସିଟ୍ ରହୁନାହିଁ। ସେଠାରୁ ଉଠୁଥିବା ଯାତ୍ରୀ ତଳେ ବସି ଶ୍ରୀକ୍ଷେତ୍ର ପର୍ଯ୍ୟନ୍ତ ଯାଉଛନ୍ତି। ଫେରିଲାବେଳେ ପୁରୀ ଷ୍ଟେଶନରୁ ସିଟ୍ ଭର୍ତ୍ତି ହୋଇଯାଉଛି। କଟକ ଷ୍ଟେଶନରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲରେ ଚିକିତ୍ସିତ ହୋଇ କିଛି ରୋଗୀ ଉଠୁଛନ୍ତି। ସେମାନେ ମଧ୍ୟ ସିଟ୍ ନ ପାଇ ତଳେ ବସୁଛନ୍ତି। ଏଣୁ ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ସଂଖ୍ୟକ ବଗି ସଂଯୋଗ କରାଯାଉ।

-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗଳିତ ସେ ଚର୍ମଲୁଁ ବାଜିଥିଲା
ଗୌରବର ତୂଯର୍ୟ
ଘେନ ତେଣୁ ନବୀନର ପୂଜା ଅଘର୍ୟ
ହେ ପୁରାଣ ପୂଜ୍ୟ !
-(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜୋତା ସଫା କରିବା ଲୋକ ସରକାରରେ ବସିଛନ୍ତି: ଉଦ୍ଧବ

**ମୁମ୍ବାଇ,୨୮।୪**

ମହାରାଷ୍ଟ୍ର ରାଜନୀତିରେ ବେଶ କିଛି ଦିନ ହେବ ଟଣାଓଟରା ଲାଗି ରହିଛି। କିନ୍ତୁ ଇତି ମଧ୍ୟରେ ଶିବସେନା(ୟୁବିଟି) ଅଧ୍ୟକ୍ଷ ଉଦ୍ଧବ ଠାକରେଙ୍କର ଏକ ବୟାନ ଅଡୁଆ ପରିସ୍ଥିତ ସୃଷ୍ଟି କରିଛି। ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଟାର୍ଗେଟ କରି ଉଦ୍ଧବ କହିଛନ୍ତି ଜୋତା ସଫା କରିବାର ସାମର୍ଥ୍ୟ ଥିବା ଲୋକ ସରକାରରେ ବସିଛନ୍ତି। ଅପରପକ୍ଷେ ଉଦ୍ଧବଙ୍କର ଏଭଳି ଆପତ୍ତିଜନକ ମନ୍ତବ୍ୟକୁ ଶିନ୍ଦେ କଡା ଜବାବ ଦେଇ କହିଛନ୍ତି, ଜୋତା ସଫା କରିବା ଲୋକେ ଗରିବ ହୋଇଥାନ୍ତି

### ସେହିମାନେ ହିଁ ଅଧିକ ବିଶ୍ୱାସୀ: ଶିନ୍ଦେ

ସତ ହେଲେ ସେମାନେ ଆପଣଙ୍କଠାରୁ ଅଧିକ ବିଶ୍ୱାସୀ। କାରଣ ସେ ତାଙ୍କ ପରିଶ୍ରମର ରୁଟି ଖାଇଥାଆନ୍ତି। ସେମାନେ ବିଶ୍ୱାସଘାତକ ହୋଇ ନ ଥାଆନ୍ତି। ରିକ୍ସାଚାଳକ, ଟପରିବାଲା, ଚୌକିଦାର ବି ସମାଜର ନେତୃତ୍ୱ ନେଇପାରିବେ। ଯିଏ ନିଜ ପିତାଙ୍କ ଉପଲବ୍ଧିକୁ ଆଲୋଚନା କରିବାର ସାହସ ରଖନ୍ତି ନାହିଁ ସେମାନଙ୍କ ଯୋଗ୍ୟତାକୁ ନେଇ କିଛି ନ କହିବା ହିଁ ଭଲ।



ବେଙ୍ଗାଲୁରୁଠାରେ ଏକ ମିଶ୍ରଣ ପର୍ବରେ କର୍ନାଟକ କଂଗ୍ରେସ ସଭାପତି ଡି.କେ. ଶିବକୁମାରଙ୍କ ସହ କନ୍ନଡ ଅଭିନେତା ଶିବରାଜ କୁମାରଙ୍କ ସ୍ତ୍ରୀ ଗୀତା ଶିବରାଜ କୁମାର।

# ନୀତୀଶଙ୍କୁ ଝଟକା: ଅଜୟ ଆଲୋକ ଭାଜପାରେ ସାମିଲ



ନୂଆଦିଲ୍ଲୀସ୍ଥିତ ଭାଜପା କାର୍ଯ୍ୟାଳୟରେ ଅଜୟ ଆଲୋକଙ୍କୁ କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ୱାଗତ କରୁଛନ୍ତି।

**ନୂଆଦିଲ୍ଲୀ/ପାଟନା,୨୮।୪**

ଜେଡିୟୁର ପୂର୍ବତନ ମୁଖପାତ୍ର ଅଜୟ ଆଲୋକ ଶୁକ୍ରବାର ଭାଜପାରେ ସାମିଲ ହୋଇଛନ୍ତି। ନୂଆଦିଲ୍ଲୀସ୍ଥିତ ଭାଜପା ମୁଖ୍ୟ କାର୍ଯ୍ୟାଳୟରେ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ ଓ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତିରେ ସେ ଗୈରିକ ଦଳରେ ଯୋଗ ଦେଇଛନ୍ତି। ଏହାପୂର୍ବରୁ ଅଜୟ ଦୀର୍ଘ ଦିନ ଧରି ଜେଡିୟୁର ମୁଖପାତ୍ର ଭାବରେ କାର୍ଯ୍ୟ କରିଥିଲେ। ତାଙ୍କୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନିକଟତମ ନେତାଙ୍କ ମଧ୍ୟରେ ବିବେଚନା କରାଯାଉଥିଲା। ଲାଲୁ ପ୍ରସାଦ ଯାଦବଙ୍କ ଆଦର୍ଶକୁ ବିରୋଧ କରୁଥିବା ଅଜୟ ତାଙ୍କ ବିବୃତ୍ତି ସହିତ ଅନେକ ସମୟରେ ଆରଜେଡି ସୁପ୍ରିମୋ ଏବଂ ତାଙ୍କ ପରିବାର ଉପରେ ଟାର୍ଗେଟ କରିଆସୁଛନ୍ତି। ଅଗଷ୍ଟ ୨୦୨୨ରେ ଯେତେବେଳେ ନୀତୀଶ କୁମାର ମହାଗଠବନ୍ଧନରେ ଯୋଗ ଦେଇଥିଲେ, ସେତେବେଳେ ଅଜୟ କ୍ରୋଧିତ ହୋଇଥିଲେ। ଆରସିପି ସିଂଙ୍କ ନିକଟତର ଥିବା ଦର୍ଶାଇ ଦଳ ତାଙ୍କୁ ଇସ୍ତଫା ମାଗିଥିଲା। ଏହି ସମୟରେ ଅଜୟ ଆଲୋକ ମଧ୍ୟ ଜେଡିୟୁରୁ ଇସ୍ତଫା ଦେଇଥିଲେ।


**12th Marriage Anniversary**



**PADMINI & PRAVASH**
Kantanali bypass, Dhenkanal
ବିବାହ ବାର୍ଷିକୀରେ ଦୀର୍ଘ ଜୀବନ କାମନା କରୁଛୁ।
-:ଶୁଭେଚ୍ଛା ସହ:-
ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୪୦୫୯


# ସମ୍ବଲପୁର ହିଂସା ଘଟଣା: ନଡ୍ଡା ଗଠନକଲେ ୪ ଜଣିଆ କମିଟି

**ଭୁବନେଶ୍ୱର/ ସମ୍ବଲପୁର,୨୮।୪(ବ୍ୟୁରୋ)**

- ମଧ୍ୟପ୍ରଦେଶ, କର୍ନାଟକ ଆଦି ରାଜ୍ୟକୁ କମିଟି ପଠାଇବା କଥା: ଲେନିନ୍
- ୧ରେ ଓଡ଼ିଶା ଆସିପାରେ ଭାଜପା ଟିମ୍: ପୂଜାରୀ

ହନୁମାନ ଜୟନ୍ତୀ ପୂର୍ବରୁ ସମ୍ବଲପୁରରେ ଘଟିଥିବା ହିଂସାକାଣ୍ଡର ତଦନ୍ତ ନିମନ୍ତେ ଭାଜପା ଏକ ୪ ଜଣିଆ ଯାଞ୍ଚ ଟିମ୍ ଗଠନ କରିଛି। ଏହି ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ସତ୍ୟାସତ୍ୟ ଅନୁଧ୍ୟାନ କରିବ ଏବଂ ତାହାର ରିପୋର୍ଟ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ହସ୍ତାନ୍ତର କରିବ। ଆସନ୍ତା ୧ ତାରିଖରେ ଏହି କମିଟି ସମ୍ବଲପୁର ଗସ୍ତ କରିପାରନ୍ତି ବୋଲି ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ନଡ୍ଡା ଚିଠି ମାଧ୍ୟମରେ ୪ ଜଣିଆ କମିଟି ଗଠନ ସମ୍ପର୍କରେ ଜଣାଇଛନ୍ତି। ଏହି କମିଟିରେ ଉତ୍ତର ପ୍ରଦେଶର ରାଜ୍ୟ ସଭା ସଦସ୍ୟ ବ୍ରଜଲାଲ, ଝାଡ଼ଖଣ୍ଡ ରାଜ୍ୟ ସଭା ସଦସ୍ୟ ସମୀର ଓରାଓଁ, ଆଦିତ୍ୟ ସାହୁ ଏବଂ ପଶ୍ଚିମବଙ୍ଗ ପୁରୁଲିଆର ଏମ୍‌ପି ଜ୍ୟୋତିର୍ମୟ ସିଂ ମାହାତୋ ସଦସ୍ୟ ଅଛନ୍ତି। ଯାଞ୍ଚ ଟିମ୍ ଘଟଣାସ୍ଥଳକୁ ଯାଇ ତନ୍ନ ତନ୍ନ କରି ଯାଞ୍ଚ କରିବ, ଖବର ସଂଗ୍ରହ କରିବ ଓ ପରେ ନିଜ ରିପୋର୍ଟ ପ୍ରଦାନ କରିବ।

କିଛିଦିନ ପୂର୍ବେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖି ହନୁମାନ ଜୟନ୍ତୀ ପୂର୍ବରୁ ସମ୍ବଲପୁରରେ ସଂଘଠିତ ହିଂସା ଘଟଣାର ତଦନ୍ତ ଜାତୀୟ ଅନୁସନ୍ଧାନକାରୀ ସଂସ୍ଥା(ଏନ୍‌ଆଇଏ) ଦ୍ୱାରା କରିବାକୁ ଦାବି କରିଥିଲେ। ଏହି ଘଟଣାର ଅପରାଧୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଏହିଘଟଣା ପଛରେ ଥିବା ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିବାକୁ ଦାବି କରିଥିଲେ। ଓଡ଼ିଶାର ବହୁ ଭାଜପା ବିଧାୟକ ତଥା ଏମ୍‌ପି ମଧ୍ୟ ମନମୋହନଙ୍କ ଦାବିକୁ ସମର୍ଥନ ଜଣାଇଥିଲେ। ସୂଚନାଯୋଗ୍ୟ, ଗତ ୧୪ ତାରିଖରେ ହନୁମାନ ଜୟନ୍ତୀ ଥିବାବେଳେ ଏହାର ୨ ଦିନ ପୂର୍ବରୁ ସମ୍ବଲପୁରରେ ଏକ ବାଇକ୍ ରାଲି ଉପରକୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ସାଧାରଣ ଜନତାଙ୍କ ସମେତ ପୋଲିସ ମଧ୍ୟ ଗୁରୁତର ଆହତ ହୋଇଥିଲେ। ଏପରିକି ଦୋକାନ, ଯାନବାହନ, ସରକାରୀ ଓ ବେସରକାରୀ ସମ୍ପତ୍ତି ପୋଡ଼ିଦିଆଯାଇଥିଲା। ଅନ୍ୟପଟେ ଏଭଳି ସ୍ଥିତି ଦେଖିବା ପରେ ଜିଲା ପ୍ରଶାସନ ୧୪୪ ଧାରା ମଧ୍ୟ ଜାରି କରିଥିଲା। ଇଣ୍ଟରନେଟ୍‌ଠାରୁ ଆରମ୍ଭକରି ବିଭିନ୍ନ ସାମାଜିକ ମାଧ୍ୟମକୁ ବନ୍ଦ ରଖାଯାଇଥିଲା। ଭାଜପା ନେତାମାନେ ସେତେବେଳେ ଆହତଙ୍କୁ ଭେଟିବା ଲାଗି ଯିବା ସମୟରେ ସେମାନଙ୍କୁ ରାସ୍ତାରେ ପୋଲିସ ରୋକିବା ସହ ଥାନାରେ ଅଟକ ମଧ୍ୟ ରଖିଥିଲା।

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ୪ ଜଣିଆ କମିଟି ଗଠନକୁ ନେଇ ବିଜେଡି ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ଓଡ଼ିଶା ଏବଂ ଓଡ଼ିଆଙ୍କ ହିତକୁ ନେଇ ଭାଜପାର ନେତା ତଥା କେନ୍ଦ୍ରମନ୍ତ୍ରୀମାନେ କେବେହେଲେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିନାହାନ୍ତି। ମହାନଦୀ ସମସ୍ୟା ସମୟରେ ଭାଜପା ନେତାମାନେ ସେତେବେଳେ ଛତିଶଗଡ଼ ସପକ୍ଷରେ ରହି କଥା କହିଲେ। ଏମାନେ କେବେହେଲେ ଓଡ଼ିଶାର ସ୍ୱାର୍ଥ ପାଇଁ କାମ କରିନାହାନ୍ତି କି ରାଜ୍ୟର ଯୁକ୍ତିକୁ କେନ୍ଦ୍ରୀୟ ସ୍ତରରେ ଉଚିତ ଭାବେ ଉପସ୍ଥାପିତ କରିନାହାନ୍ତି। ସେମାନେ ଯେଉଁ ୪ ଜଣିଆ କମିଟି କଲେ ଯଦି ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ କର୍ନାଟକ ଭଳି ରାଜ୍ୟ ଯେଉଁଠି ହିଂସା ପ୍ରବଳ ମାତ୍ରାରେ ହେଉଛି ସେଠାକୁ ସେମାନଙ୍କୁ ପଠାଇଥିଲେ ଭଲ ହେଇଥାଆନ୍ତା। ମଧ୍ୟପ୍ରଦେଶ ଭଳି ରାଜ୍ୟକୁ ସେମାନଙ୍କ କମିଟି ଆଗ ଯିବା ଆବଶ୍ୟକ, ହେଲେ ଓଡ଼ିଶା ଏକ ଶାନ୍ତିପ୍ରିୟ ରାଜ୍ୟ ବୋଲି ଲେନିନ୍ କହିଛନ୍ତି।

### ରାଜଧର୍ମ ପାଳନ କରନ୍ତୁ ସରକାର: ଧର୍ମେନ୍ଦ୍ର

ନିରପେକ୍ଷତା ଓ ଶାନ୍ତିର ଅର୍ଥ ନୁହେଁ ବହୁସଂଖ୍ୟକ ସମାଜ ଉପରେ ଅତ୍ୟାଚାର କରିବା ସହ ନାଲିଆଖି ଦେଖାଇ ମାମଲା କରିବାକୁ ଧମକଦେବା। ଶାନ୍ତିର ଅର୍ଥ ହେଉଛି ନିରପେକ୍ଷତା ଅବଲମ୍ବନ କରିବା। ନିରପେକ୍ଷ କେବଳ କହିଲେ ହେବ ନାହିଁ ବରଂ କାମରେ ଦେଖାଇବାକୁ ପଡ଼ିବ। ଓଡ଼ିଶା ସରକାର ରାଜଧର୍ମ ପାଳନ କରନ୍ତୁ ଓ ନିରପେକ୍ଷ ରୁହନ୍ତୁ ବୋଲି ସମ୍ବଲପୁର ହିଂସା ଘଟଣାରେ ପ୍ରତିକ୍ରିୟା ଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ସେ କହିଛନ୍ତି, ସମ୍ବଲପୁରରେ ପରମ୍ପରାଗତ ଭାବେ ଚାଲି ଆସୁଥିବା ହନୁମାନ ଜୟନ୍ତୀ ପ୍ରଭୃତି ପର୍ବ ସ୍ଥାନୀୟ ପ୍ରଶାସନର ଅପାରଗତା ଯୋଗୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହେଲା। ବହୁ ଲୋକ ଆହତ ହେବା ସହ ସେମାନଙ୍କ ଧନ ସମ୍ପତ୍ତି ହାନି ହେଲା। ହନୁମାନ ଜୟନ୍ତୀ ଦିନ ଜଣେ ଜନଜାତି ପିଲାର ହତ୍ୟା ହେଲା। ସ୍ଥାନୀୟ ପୋଲିସର ଏତଲାରେ ନିଜେ ଏହି କଥା ଲେଖିଛନ୍ତି। ମାତ୍ର ପରବର୍ତ୍ତୀ ଅବସ୍ଥାରେ ପ୍ରଶାସନର ନିୟନ୍ତ୍ରଣ ସମ୍ପର୍କରେ ଯେଉଁ ଦାୟିତ୍ୱ ନେବା କଥା ତାହା ପରିଲକ୍ଷିତ ହେଉନାହିଁ। ସାଧାରଣ ଲୋକଙ୍କ ଉପରେ ଅତ୍ୟାଚାର ବଢୁଛି। ସମାଜର ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ପୋଲିସ ନିର୍ଦ୍ଦିଷ୍ଟ ଭାବେ ଆରୋପ କରି ଦୋଷୀ ସାବ୍ୟସ୍ତ କରିବାର ଅପଚେଷ୍ଟା କରୁଛି। ଏଠାରେ ଏକତରଫା ଭାବେ ପୋଲିସ ଡିଜି, ସ୍ଥାନୀୟ ଡିଆଇଜି, ଜିଲା ଏସ୍‌ପି କାମ କରୁଛନ୍ତି। ଏହାକୁ ନେଇ ଭାଜପା ପ୍ରଥମ ଦିନରୁ ଅଭିଯୋଗ କରି ଆସୁଛି। ଜାତୀୟ ଏସ୍‌ଟି କମିଶନର ସଦସ୍ୟ ଏହି ଘଟଣାର ତଥ୍ୟ ସଂଗ୍ରହ କରିବାକୁ ଆସିଥିଲେ ମଧ୍ୟ ତାଙ୍କୁ ସ୍ଥାନୀୟ ପ୍ରଶାସନ ସେହି କାର୍ଯ୍ୟରେ ଅସହଯୋଗ କରିଥିଲା। ସମ୍ବଲପୁର ଅଭାବନୀୟ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ଭାଜପା ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା ୪ ଜଣିଆ ପ୍ରତିନିଧି ଦଳକୁ ନେଇ ଏକ ଉଚ୍ଚସ୍ତରୀୟ ଯାଞ୍ଚ କମିଟି ଗଠନ କରିଥିବାରୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି।

# ଭାଜପା, କଂଗ୍ରେସ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି: ବିଜେଡି

**ମହାନଦୀ ପ୍ରସଙ୍ଗ**

- ମହାନଦୀ ସୁରକ୍ଷା ପାଇଁ କ'ଣ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର କୁହନ୍ତୁ : ଭାଜପା



ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର।

**ଭୁବନେଶ୍ୱର, ୨୮।୪(ବ୍ୟୁରୋ):** ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। କୋଟି କୋଟି ଚାଷୀ ଏବଂ ମତ୍ସ୍ୟଜୀବୀ ସେମାନଙ୍କ ଜୀବନ ଜୀବିକା ପାଇଁ ଏହା ଉପରେ ନିର୍ଭରଶୀଳ। ମହାନଦୀ ଓଡ଼ିଶାର ଅଧା ଜିଲା ଦେଇ ପ୍ରବାହିତ ହେଉଛି ଏବଂ ରାଜ୍ୟର ପ୍ରାୟ ୨.୫ କୋଟି ଲୋକଙ୍କୁ ଏହା ପ୍ରଭାବିତ କରିଥାଏ। ଓଡ଼ିଶା ଏବଂ ମହାନଦୀର ଇତିହାସ ପରସ୍ପର ସହ ଜଡ଼ିତ। ହେଲେ ଛତିଶଗଡ଼ର ବେଆଇନ କାର୍ଯ୍ୟ ଯୋଗୁ ମହାନଦୀ ଶୁଖିଲା ପଡ଼ିଥିବାବେଳେ ଉଭୟ କଂଗ୍ରେସ ଓ ଭାଜପା ଏହାକୁନେଇ କୁମ୍ଭୀର କାନ୍ଦଣା କାନ୍ଦୁଥିବା ବିଜେଡି ମୁଖପାତ୍ର ଶ୍ରୀମୟୀ ମିଶ୍ର କହିଛନ୍ତି।

ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଶ୍ରୀମୟୀ କହିଛନ୍ତି, ଓଡ଼ିଶା ମହାନଦୀର ସମୃଦ୍ଧି ସହ ସିଧାସଳଖ ଜଡ଼ିତ। ବିଜେଡି ନେତୃତ୍ୱାଧୀନ ଓଡ଼ିଶା ସରକାର ଛତିଶଗଡ଼ର ଏହି ବେଆଇନ କାର୍ଯ୍ୟକଳାପକୁ ବନ୍ଦ କରିବାକୁ ଦାବି କରୁଥିଲେ ମଧ୍ୟ ସେମାନେ ତାହା କରୁନାହାନ୍ତି। ଯେତେବେଳେ ଓଡ଼ିଶା ସରକାର ଚାହୁଁଥିଲେ ଯେ କେନ୍ଦ୍ର ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବ, ସେତେବେଳେ ଜଣେ ଓଡ଼ିଆ କେନ୍ଦ୍ରମନ୍ତ୍ରୀ ମହାନଦୀ ପ୍ରସଙ୍ଗରେ ଓଡ଼ିଶାର ଲୋକଙ୍କ ସ୍ୱାର୍ଥ ପାଇଁ ଛିଡ଼ାହେବା ପରିବର୍ତ୍ତେ ଛତିଶଗଡ଼କୁ ସମର୍ଥନ କରିଥିଲେ। ଓଡ଼ିଶା କଂଗ୍ରେସ ନେତାମାନେ ମଧ୍ୟ ଦିଲ୍ଲୀ ଏବଂ ଛତିଶଗଡ଼ରେ ସେମାନଙ୍କ ଦଳ ସହ ହସ୍ତକ୍ଷେପ କରିବା ଜରୁରୀ। ହେଲେ ଉଭୟ କଂଗ୍ରେସ ଏବଂ ଭାଜପା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ବୋଲି ଶ୍ରୀମୟୀ କହିଛନ୍ତି।

ଏ ପ୍ରସଙ୍ଗରେ ଭାଜପା ନେତା ଦିଲୀପ ମଲ୍ଲିକ କହିଛନ୍ତି, ବିଜେଡି ୨୩ ବର୍ଷ ଧରି ସରକାରରେ ରହି ଶାସନ କରୁଛି ନା ମଇଦାନରେ ଫୁଟ୍‌ବଲ ଖେଳୁଛି। ଯଦି ସରକାରରେ ଅଛନ୍ତି ତେବେ ଓଡ଼ିଶା ପ୍ରଦେଶର ଦାୟିତ୍ୱ ଏବଂ ସୁରକ୍ଷା ତାଙ୍କର କାମ ନୁହେଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। କେତେବେଳେ ଖଣ୍ଡେ ଚିଠି ଲେଖି ତ କେତେବେଳେ ନିଜ ଦଳର ପ୍ରବକ୍ତାଙ୍କୁ ଲଗାଇ ରାଜନୈତିକ ବିବୃତି ଦେଇଦେଲେ ମହାନଦୀ ସୁରକ୍ଷିତ ହେବ ନାହିଁ କି ଓଡ଼ିଶାର ବିକାଶ ହେବ ନାହିଁ। ଓଡ଼ିଶାର ଜୀବନରେଖା ମହାନଦୀ ବୋଲି କହି ଆସୁଥିବା ବିଜେଡି ସରକାର ଗତ ୨୩ ବର୍ଷ ମଧ୍ୟରେ ମହାନଦୀ ସୁରକ୍ଷା ନେଇ କ'ଣ ପଦକ୍ଷେପ ନେଇଛନ୍ତି ତାହା ପ୍ରଥମେ ରାଜ୍ୟବାସୀଙ୍କ ଆଗରେ ପ୍ରକାଶ କରନ୍ତୁ ବୋଲି ଦିଲୀପ କହିଛନ୍ତି।


# Classified Everyday
0674-2580101, 2549949



REAL ESTATE
SALE

ଭୁବନେଶ୍ୱର କାଟେଣୀ ନିକଟରେ Bank Loanରେ ପ୍ଲଟ୍ sqft.-980/-ରେ ମିଳୁଛି। 9439668575. D-74850

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ଅନୁଗୁଳ, ଛେଣ୍ଡିପଦା ଅଞ୍ଚଳରେ ପଟ୍ଟାଥାଇ ବାସଉପଯୋଗୀ ପ୍ଲଟ କିଣିବା ପାଇଁ ଯୋଗାଯୋଗ କରନ୍ତୁ। 9437621753. D-75102

Fully developed gated Society 30ft. each road, electricity, plantation, few plots available at Nakhara- 9439363944. D-74848

Plot for sale in and around Bhubaneswar investment commercial and residential. 9777345831. D-71052

ଭୁବନେଶ୍ୱର ରଙ୍ଗବଜାର ପାଖରେ ଘରବାରି ପ୍ଲଟ୍ Bank Loan ଥାଇ ମିଳୁଛି। 8093465134, 9668194157. D-74852



CONSTRUCTION

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact: The Engineering Pvt., Ltd. 9439856856. D-0206

Construct your home @ 499/-, 1340/- with branded materials includes architecture, structure 3years FMC, provide BDA plan approval, boring, interiorwork- SNV Construction. 9439295469. D-74842





Newly open SPA positively health benefit with expert. Contact: 7751083098. D-74537

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74674

Newly open health benefits SPA special offer @ 799, Jaydev Vihar. 8018429809. D-75103

SPA head to foot body point only massages best Therapist Gents & Lady Senior Citizen @799/-Bhubaneswar- 9337672475. D-0171

All types of professional body massage by professional therapy. 9556924059/ 7077933109. D-0202

Relax, Refresh your body, Mind at Saikrupa Spa with best therapies. 8984068077. D-0145

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

AFFIDAVIT

By virtue of an affidavit before the Executive Magistrate, Bhubaneswar on dt.21.4.2023 vide Sl.No.86. I, K. Shyambabu Senapati do hereby declare that my name has been wrongly mentioned as Shyambabu Senapati instead of K. Shyambabu Senapati in Aadhaar Card. That here all to known as K. Shyambabu Senapati and Shyambabu Senapati is one and same person and will be known as K. Shyambabu Senapati for all purposes.

Deponent
D-0210

ଧରିତ୍ରୀ
DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

LEGAL NOTICE

ନୋଟିସ୍

ସଦସ୍ୟ ରାଜସ୍ୱ ପର୍ଷଦ, ଭୁବନେଶ୍ୱର ମହୋଦୟଙ୍କ ଅଦାଲତ କ୍ୟାମ୍ପ କୋର୍ଟ, ଭୁବନେଶ୍ୱର ଓଡ଼ିଶା, ଭୁବନେଶ୍ୱର ଓ.ଏସ୍.ଏସ୍. କେସ୍ ନଂ/୧୨୮୩/୨୦୧୭
୧-ଶରତ କୁମାର ଚହଟରାୟ ........ବାଦୀ
ବନାମ
୨-ଶ୍ରୀମତୀ ରୀତା ଆଚାର୍ଯ୍ୟ .......ପ୍ରତିବାଦୀ
ନୋଟିସ୍ ଅର୍ଡର ୫ ରୁଲ୍ ୨୦ ମୁତାବକ
ଏ ତ ଦ୍ୱା ର ।

ପ୍ରତିବାଦୀଙ୍କ ଅବଗତ ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପର ଲିଖିତ ରିଭିଜନ୍ କେସ୍ ଶୁଣାଣି ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦ କ୍ୟାମ୍ପ କୋର୍ଟ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୧୮।୦୫।୨୦୨୩ ରିଖ ଦିବା ଘ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିଜମାର ବିବରଣୀ

ମୌଜା- ଭୁଆସୁଣୀ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
ସାବକ ଖାତା ନଂ.-୨, ମ୍ୟୁଟେସନ୍ ଖାତା ନଂ.-୨୨୯/୪, ମ୍ୟୁଟେସନ୍ ଖାତା ନଂ.-୨୨୯/୧୧, ସାବକ ପ୍ଲଟ୍ ନଂ.-୨୯୬, ମ୍ୟୁଟେସନ୍ ପ୍ଲଟ୍ ନଂ.-୨୯୬, ମ୍ୟୁଟେସନ୍ ପ୍ଲଟ୍ ନଂ.-୨୯୬/ ୮୨୫, ମ୍ୟୁଟେସନ୍ ରକବା ଏ.୨.୫୦୫ଡିସି., ମ୍ୟୁଟେସନ୍ ରକବା ଏ.୨.୫୦୫ଡିସି., ମ୍ୟୁଟେସନ୍ ରକବା ଏ୦.୨୦୦ଡିସି., ଖାତା ରକବା ମଧ୍ୟରୁ , ସାବକ ସ୍ୱତ୍ୱ ସ୍ଥିତିବାନ୍, ମ୍ୟୁଟେସନ୍ ସ୍ୱତ୍ୱ ସ୍ଥିତିବାନ୍, ମ୍ୟୁଟେସନ୍ ସ୍ୱତ୍ୱ ସ୍ଥିତିବାନ୍, ହାଲ୍ ଖାତା ନଂ.- ୬୭୮, ହାଲ୍ ପ୍ଲଟ୍ ନଂ.- ୧୭୦୬, ହାଲ୍ ରକବା- ଏ.୦. ୦୭୦ଡିସି., ହାଲ୍ ସ୍ୱତ୍ୱ ସ୍ଥିତିବାନ୍

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନିଜେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ। ଅନ୍ୟଥା ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ମାନ୍ୟବର ସଦସ୍ୟ ରାଜସ୍ୱ ପର୍ଷଦ, ଓଡ଼ିଶା କ୍ୟାମ୍ପ କୋର୍ଟ, ଭୁବନେଶ୍ୱର
ଅନୁସଚିବ
ଧ-୦୧୮୬

ମନେ ପଡ଼ନ୍ତି

ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ପ୍ରତିମା ତ୍ରିପାଠୀ
ଅବିଧିଆନନ୍ଦପୁର, ଓଡ଼ିଶୋ, ଜଗତ୍‌ସିଂହପୁର
ତିରୋଧାନ- ୧୩।୦୫।୨୦୧୯
(ସୀତା ନବମୀ)
ଆପଣଙ୍କର ଧର୍ମପରାୟଣତା, ପରୋପକାରିତା, ମିଷ୍ଟଭାଷିନତା, ଆତିଥ୍ୟପରାୟଣତା ଆମର ପାଥେୟ ହେଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ସରଗପୁରରେ ଥାଇ ଦିଅହେ ଆଶିଷ, ଗୁରୁ ପାଦତଳେ ଏହି ଅଭିଳାଷ।
ଶୋକସନ୍ତପ୍ତ: ସ୍ୱାମୀ: କୈଳାସ, ପୁଅ: କପୁ, ଲିପୁ, ବୋହୂ: ଗେହ୍ଲି, ଟିଙ୍କି, ଜ୍ୱାଇଁ: ସିଲୁ, ଝିଅ: ସିଲୁ, ନାତୁଣୀ: ଗୁଡ଼ିଆ, ଲାଡ୍‌ଲି।
ଧ-୦୨୦୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ



୰ନନ୍ଦ କୁମାର ବେହେରା
୧୪୨, ବାପୁଜୀନଗର, ଭୁବନେଶ୍ୱର
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ:-
ପତ୍ନୀ- ଶୁରମା, କନ୍ୟା- ନିସିତା ଓ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୭୧୩୭୪

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ହାଇସ୍କୋରିଂ ମ୍ୟାଚରେ ଜାଏଣ୍ଟ୍ସ ବିଜୟୀ

ମୋହାଲି, ୨୮।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଶୁକ୍ରବାର ଅନୁଷ୍ଠିତ ହାଇସ୍କୋରିଂ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୫୬ ରନରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦେଇଛି। ଲକ୍ଷ୍ନୌ ଦଳ ୨୦ ଓଭରରେ ୫ ଉଇକେଟ ହରାଇ ୨୫୭ ରନ

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**କୋଲକାତା ବନାମ ଗୁଜରାଟ**
ସ୍ଥାନ:କୋଲକାତା,
ସମୟ: ଅପରାହ୍ନ ୩.୩୦
**ଦିଲ୍ଲୀ ବନାମ ହାଇଦ୍ରାବାଦ**
ସ୍ଥାନ: ଦିଲ୍ଲୀ,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

କରିଥିଲା। ଜବାବରେ ପଞ୍ଜାବ ୧୯.୫ ଓଭରରେ ୨୦୧ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ଉଭୟ ଦଳ ୨୦୦ ରନ ଅତିକ୍ରମ କରିଥିବାବେଳେ ଆଇପିଏଲ୍ ଇତିହାସରେ ଏହା ସର୍ବାଧିକ ସ୍କୋର ବିଶିଷ୍ଟ ମ୍ୟାଚ ହୋଇ ଯାଇଥିଲା।

ପଞ୍ଜାବ ୩ ରନରେ ଅଧିନାୟକ ଶିଖର ଧାୱନ (୧) ଓ ୩୧ ରନ ମଧ୍ୟରେ ଦ୍ୱିତୀୟ ଉଇକେଟ ହରାଇଥିଲେ ହେଁ ମିଡିଲ ଅର୍ଡର ବ୍ୟାଟରଙ୍କ ସହାୟତାରେ ଚ୍ୟାଲେଞ୍ଜ ଦେଇଥିଲା। ମାତ୍ର ତାହା ବିଜୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିଲା। ଅଥର୍ବ ତାଇଦେ ୩୬ ବଲ୍‌ରୁ ସର୍ବାଧିକ ୬୬ (୮ ଚୌକା, ୨ ଛକା) ରନ କରିଥିଲେ। ସିକନ୍ଦର ରାଜା, ଲିଆମ ଲିଭିଂଷ୍ଟୋନ, ସାମ୍ କୁରାନ ଓ ଜିତେଶ ଶର୍ମା ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ରାଜା ୨୨ ବଲ୍‌ରୁ ୩୬ (୪ ଚୌକା, ୧ ଛକା), ଲିଭିଂଷ୍ଟୋନ ୧୪ ବଲ୍‌ରୁ ୨୩ (୨ ଚୌକା, ୧ ଛକା), କୁରାନ ୧୧ ବଲ୍‌ରୁ ୨୧ (୨ ଚୌକା, ୧ ଛକା) ଓ ଜିତେଶ ୧୦ ବଲ୍‌ରୁ ୨୪ (୩ ଛକା) ରନକରି ଆଉଟ ହୋଇଥିଲେ। ଲକ୍ଷ୍ନୌ ବୋଲରଙ୍କ ମଧ୍ୟରେ ନବୀନ-ଉଲ୍-ହକ୍ ଓ ଯଶ୍ ଠାକୁର ୩ଟି ଲେଖାଏ, ରବି ବିଷ୍ଣୋଇ ୨ଟି ଓ ମାକ୍ରସ ଷ୍ଟୋଇନିସ ଗୋଟିଏ ଉଇକେଟ ନେଇଥିଲେ। ଲକ୍ଷ୍ନୌର ୯ ଜଣ ବୋଲର ବୋଲିଂ କରିଥିଲେ।



ଅର୍ଦ୍ଧଶତକ ହାସଲପରେ ମାର୍କସ ଷ୍ଟୋଇନିସ।

## ଦ୍ୱିତୀୟ ସର୍ବାଧିକ ସ୍କୋର

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ (୧୨) ଯଦିଓ ବିଫଳ ହୋଇଥିଲେ ତେବେ କାଏଲ ମେୟର୍ସ, ଆୟୁଷ ବଦୋନୀ, ମାର୍କସ ଷ୍ଟୋଇନିସ ଓ ନିକୋଲସ ପୁରନଙ୍କ ବିସ୍ଫୋରକ ଇନିଂସ ବଳରେ ଦଳ ଆଇପିଏଲ ଇତିହାସରେ ଦ୍ୱିତୀୟ ସର୍ବାଧିକ ସ୍କୋର କରିଥିଲା। ୨୦୧୩ରେ ବାଙ୍ଗାଲୋରଠାରେ ପୁଣେ ୱାରିୟର୍ସ ଇଣ୍ଡିଆ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୬୩/୫ ସ୍କୋର ସହ ସର୍ବାଧିକ ରନ ହାସଲ ରେକର୍ଡର ଅଧିକାରୀ ରହିଛି। ଏଠାରେ ପଞ୍ଜାବ ବୋଲରଙ୍କୁ ଧୁଲେଇ କରି ଷ୍ଟୋଇନିସ ୪୦ ବଲ୍‌ରୁ ସର୍ବାଧିକ ୭୨ (୬ ଚୌକା, ୫ ଛକା) ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଏଲ ମେୟର୍ସ ୨୪ ବଲ୍‌ରୁ ୫୪ (୭ ଚୌକା, ୪ ଛକା), ନିକୋଲସ ପୁରନ ମାତ୍ର ୧୯ ବଲ୍‌ରୁ ୪୫ (୭ ଚୌକା, ୧ ଛକା) ଏବଂ ବଦୋନୀ ୨୪ ବଲ୍‌ରୁ ୪୩ (୩ ଚୌକା, ୩ ଛକା) ରନର ଇନିଂସ ଖେଳିଥିଲେ। ପୁରନଙ୍କୁ ଶେଷ ଓଭରରେ ଅର୍ଶଦୀପ ସିଂ ଆଉଟ କରି ନ ଥିଲେ ହୁଏତ ଲକ୍ଷ୍ନୌ ଆଇପିଏଲ ଇତିହାସରେ ସର୍ବାଧିକ ସ୍କୋର କରିବାକୁ ସକ୍ଷମ ହୋଇଥାନ୍ତା। କେବଳ ରାହୁଲ ଚହରଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପଞ୍ଜାବ ବୋଲର ମହଙ୍ଗା ସାବ୍ୟସ୍ତ ହୋଇଥିଲେ। କାଗିଶୋ ରାବାଡ଼ା ୨ଟି ଏବଂ ଅର୍ଶଦୀପ ସିଂ, ସାମ୍ କୁରାନ ଓ ଲିଆମ ଲିଭିଂଷ୍ଟୋନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୫୭/୫ (ମାର୍କସ ଷ୍ଟୋଇନିସ-୭୨, କାଏଲ ମେୟର୍ସ- ୫୪, ନିକୋଲସ ପୁରନ-୪୫, ଆୟୁଷ ବଦୋନୀ-୪୩, କାଗିଶୋ ରାବାଡ଼ା-୨/୫୨, ଅର୍ଶଦୀପ ସିଂ-୧/୫୪, ସାମ୍ କୁରାନ-୧/୩୮, ଲିଆମ ଲିଭିଂଷ୍ଟୋନ-୧/୧୯)। ପଞ୍ଜାବ କିଙ୍ଗ୍ସ ୧୯.୫ ଓଭରରେ ୨୦୧/ଅଲ୍‌ଆଉଟ (ଅଥର୍ବ ତାଇଦେ-୬୬, ସିକନ୍ଦର ରାଜା-୩୬, ଲିଆମ ଲିଭିଂଷ୍ଟୋନ-୨୩, ସାମ୍ କୁରାନ-୨୧, ଜିତେଶ ଶର୍ମା-୨୪, ଯଶ୍ ଠାକୁର-୪/୩୭, ନବିନ ଉଲ୍ ହକ୍-୩/୩୦, ରବି ବିଷ୍ଣୋଇ-୨/୪୧, ମାର୍କସ ଷ୍ଟୋଇନିସ-୧/୨୧)।

## ଆଇପିଏଲ୍‌ରେ ସର୍ବାଧିକ ସ୍କୋର

୨୬୩/୫: ବାଙ୍ଗାଲୋର ବନାମ ପୁଣେ, ବାଙ୍ଗାଲୋର, ୨୦୧୩
୨୫୭/୫: ଲକ୍ଷ୍ନୌ ବନାମ ପଞ୍ଜାବ, ମୋହାଲି, ୨୦୨୩
୨୪୮/୩: ବାଙ୍ଗାଲୋର ବନାମ ଗୁଜରାଟ, ବାଙ୍ଗାଲୋର, ୨୦୧୬
୨୪୬/୫: ଚେନ୍ନାଇ ବନାମ ରାଜସ୍ଥାନ, ଚେନ୍ନାଇ, ୨୦୧୦
୨୪୫/୬: କୋଲକାତା ବନାମ ପଞ୍ଜାବ, ଇନ୍ଦୋର, ୨୦୧୮

## ଗୋଟିଏ ଇନିଂସରେ ସର୍ବାଧିକ ବାଉଣ୍ଡାରି (ଚୌକା/ଛକା)

୪୨ (୨୧, ୨୧): ବାଙ୍ଗାଲୋର ବନାମ ପୁଣେ, ବାଙ୍ଗାଲୋର, ୨୦୧୩
୪୧ (୨୭, ୧୪): ଲକ୍ଷ୍ନୌ ବନାମ ପଞ୍ଜାବ, ମୋହାଲି, ୨୦୨୩
୩୯ (୨୪, ୧୫): କୋଲକାତା ବନାମ ପଞ୍ଜାବ, ଇନ୍ଦୋର, ୨୦୧୮
୩୮ (୩୦, ୮): ମୁମ୍ବାଇ ବନାମ ହାଇଦ୍ରାବାଦ, ଦୁବାଇ, ୨୦୨୧

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୮ | ୫ | ୩ | ୧୦ | +୦.୯୩୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୮ | ୫ | ୩ | ୧୦ | +୦.୮୪୧ |
| ଗୁଜରାଟ ଟାଇଟନ୍ସ | ୭ | ୫ | ୨ | ୧୦ | +୦.୫୮୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୫ | ୩ | ୧୦ | +୦.୩୭୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୮ | ୪ | ୪ | ୮ | -୦.୧୩୯ |
| ପଞ୍ଜାବ କିଙ୍ଗ୍ସ | ୮ | ୪ | ୪ | ୮ | -୦.୫୧୦ |
| କୋଲକାତା ନାଇଟ ରାଇଡର୍ସ | ୮ | ୩ | ୫ | ୬ | -୦.୦୨୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୩ | ୪ | ୬ | -୦.୬୨୦ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୭ | ୨ | ୫ | ୪ | -୦.୭୨୫ |
| ଦିଲ୍ଲୀ କ୍ୟାପିଟାଲ୍ସ | ୭ | ୨ | ୫ | ୪ | -୦.୯୬୧ |

# ଝାରସୁଗୁଡ଼ା, ମୟୂରଭଞ୍ଜ ବିଜୟୀ

**ସାହାଣୀ କପ୍ ଫୁଟ୍‌ବଲ**

ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି)

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ରେ ଶୁକ୍ରବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଝାରସୁଗୁଡ଼ା ଓ ମୟୂରଭଞ୍ଜ ବିଜୟୀ ହୋଇଥିବାବେଳେ ବରଗଡ଼ ଓ କୋରାପୁଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ଡ୍ର ରହିଛି। କଟକର ବିଡ଼ାନାସୀ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ଝାରସୁଗୁଡ଼ା ୨-୧ ଗୋଲରେ ବଲାଙ୍ଗୀରକୁ ପରାସ୍ତ କରିଛି। ବଲାଙ୍ଗୀର ପକ୍ଷରୁ ସୌରଭ ରଞ୍ଜନ ହନୁମାନ ୩୦ତମ ମିନିଟରେ ପ୍ରଥମେ ଏକ ଗୋଲ ଦେଇଥିବାବେଳେ ଝାରସୁଗୁଡ଼ା ପକ୍ଷରୁ ନିର୍ମଳ ମହାନନ୍ଦିଆ ୩୬ ଓ ଅବିନାଶ ମୁଣ୍ଡା ୭୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ସ୍ଥାନୀୟ ୭ମ ବାଟାଲିୟନ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ମୟୂରଭଞ୍ଜ ୨-୦ ଗୋଲରେ ପାରାଦୀପ ପୋର୍ଟ ଟ୍ରଷ୍ଟକୁ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଫଗୁ ହେମ୍ବ୍ରମ ୨୧ ଓ ସୁକୁଲ ମୁର୍ମୁ ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଚୌଦ୍ୱାରସ୍ଥିତ ଏଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ବରଗଡ଼-କୋରାପୁଟ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। କୋରାପୁଟ ପକ୍ଷରୁ ପ୍ରଶାନ୍ତ ଶ୍ରୀହରି ୧୬ ଏବଂ ବରଗଡ଼ ପକ୍ଷରୁ ଫ୍ରାନ୍ସିସ ଲାକ୍ରା ୨୩ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।


ବିଡ଼ାନାସୀ ଗ୍ରାଉଣ୍ଡରେ ଝାରସୁଗୁଡ଼ା ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ସେଥୁ ଏଫ୍‌ସିର ବୃହତ୍ ବିଜୟ

**ଇଣ୍ଡିଆନ ଓମେନ୍ସ ଲିଗ୍**

ଅହମଦାବାଦ, ୨୮।୪

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ମଦୁରାଇର ସେଥୁ ଏଫ୍‌ସି ୬-୦ ଗୋଲରେ ଗୋଆର ଚର୍ଚ୍ଚିଲ ବ୍ରଦର୍ସଙ୍କୁ ପରାସ୍ତ କରିଛି। ସ୍ଥାନୀୟ ଶାହିବାଗ୍ ପୋଲିସ ଷ୍ଟାଡିୟମରେ ଆୟୋଜିତ ମ୍ୟାଚଟି ସମ୍ପୂର୍ଣ୍ଣ ଏକପାଖିଆ ହୋଇଥିଲା। ବିଜୟୀ ଦଳ ପକ୍ଷରୁ କାଜଲ ଡି'ସୁଜା ଏକାକୀ ୪ଟି ଗୋଲ ଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ମ୍ୟାଚର ୯, ୧୧, ୪୨ ଓ ୪୫ତମ ମିନିଟରେ ଗୋଲ ସ୍କୋର କରି ପ୍ରଥମାର୍ଦ୍ଧ ଶେଷ ବେଳକୁ ସେଥୁ ଏଫ୍‌ସିକୁ ୪-୦ରେ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ୫୪ତମ ମିନିଟରେ ଇଭି ଫେଥ୍ ଏଟିନୋ ଏବଂ ୭୨ତମ ମିନିଟରେ ସୁନୀତା ମୁଣ୍ଡା ଆଉ ୨ଟି ଗୋଲ ଦେଇଥିଲେ। ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ଅନୁଷ୍ଠିତ ଏକ ମ୍ୟାଚରେ ଡିଫେଣ୍ଡିଂ ଚାମ୍ପିୟନ ଗୋକୁଲମ୍ କେରଳ ୮-୨ ଗୋଲରେ ଇଷ୍ଟ ବେଙ୍ଗଲ୍ ଏଫ୍‌ସିକୁ ହରାଇ ଅଭିଯାନ ଆରମ୍ଭ କରିଛି। ସେହିପରି ଅନ୍ୟତମ ଟାଇଟଲ ଫେଭରାଇଟ ଓଡ଼ିଶା ଏଫ୍‌ସି ୬-୦ ଗୋଲରେ ସିଆରପିଏଫ୍ ଏଫ୍‌ସିକୁ ପରାସ୍ତ କରିଛି।

# କୁସ୍ତିଯୋଦ୍ଧାଙ୍କୁ କ୍ରୀଡ଼ା ସମୁଦାୟର ସମର୍ଥନ

ନୂଆଦିଲ୍ଲୀ, ୨୮।୪ (ପି.ଟି.)

ଭାରତୀୟ କୁସ୍ତିଯୋଦ୍ଧା ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ସଭାପତି ବ୍ରିଜଭୂଷଣ ଶରଣ ସିଂଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ଥାନୀୟ ଯନ୍ତରମନ୍ତରଠାରେ ପୁନର୍ବାର ଧାରଣାରେ ବସିଥିବା କୁସ୍ତିଯୋଦ୍ଧାମାନଙ୍କ ପ୍ରତି ସମର୍ଥନ କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ଡବ୍ଲ୍ୟୁଏଫ୍‌ଆଇ ସଭାପତିଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଏବଂ ସେ ଆଥ୍‌ଲେଟମାନଙ୍କୁ ଧମକଚମକ ଦେଉଥିବା ଅଭିଯୋଗ ହୋଇଛି। ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ନୀରଜ ଚୋପ୍ରାଙ୍କ ସମେତ ଭାରତୀୟ କ୍ରୀଡ଼ା ସମୁଦାୟ ଧାରଣାରେ ବସିଥିବା କୁସ୍ତିଯୋଦ୍ଧାଙ୍କ ପ୍ରତି ସେମାନଙ୍କର ସମର୍ଥନ ଜଣାଇଛନ୍ତି। ଧର୍ମଘଟ ଚଳାଇଥିବା ରେସଲରମାନଙ୍କ ଦାବିକୁ ଅବିଳମ୍ବେ ପୂରଣ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ନିବେଦନ କରିଛନ୍ତି। କୁସ୍ତିଯୋଦ୍ଧାମାନଙ୍କୁ ସମର୍ଥନ ଜଣାଇବାକୁ ଆଗେଇ ଆସିଥିବା ଆଥ୍‌ଲେଟମାନଙ୍କ ମଧ୍ୟରେ ଜାଭେଲିନ୍ ଥ୍ରୋୟର ଚୋପ୍ରାଙ୍କ ବ୍ୟତୀତ ଅଗ୍ରଣୀ ବକ୍ସର ନିଖତ ଜରିନ୍, ଟେନିସ ଷ୍ଟାର ସାନିଆ ମିର୍ଜା, ହକି ଖେଳାଳି ରାଣୀ ରାମପାଲ, ବିଶିଷ୍ଟ ପୂର୍ବତନ କ୍ରିକେଟରଗଣ ବୀରେନ୍ଦ୍ର ସେହ୍ୱାଗ, ହରଭଜନ ସିଂ, ଇର୍ଫାନ ପଠାନ, ମଦନ ଲାଲ୍ ଓ ନବଜୋତ ସିଂ ସିଦ୍ଧୁ ଅନ୍ୟତମ। ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) ସଭାପତି ପି.ଟି. ଉଷା ଆନ୍ଦୋଳନକାରୀ କୁସ୍ତିଯୋଦ୍ଧାମାନଙ୍କ ପ୍ରତି କ୍ଷୁବ୍ଧ ହେବାର ଦିନକ ପରେ ଏହି କ୍ରୀଡ଼ାବିତ୍‌ମାନେ ସେମାନଙ୍କ ବକ୍ତବ୍ୟ ରଖିଛନ୍ତି। ଚୋପ୍ରା ଟୁଇଟ୍ କରି କହିଛନ୍ତି, ନ୍ୟାୟ ପାଇବା ପାଇଁ ଆଥ୍‌ଲେଟମାନେ ରାସ୍ତାକୁ ଓହ୍ଲାଇବା ତାଙ୍କୁ ବ୍ୟଥିତ କରିଛି। ଆମ ମହାନ୍ ଦେଶରୁ ପ୍ରତିନିଧିତ୍ୱ ଏବଂ ଗୌରବାନ୍ୱିତ କରିବା ଲାଗି ସେମାନେ କଠିନ ପରିଶ୍ରମ କରୁଛନ୍ତି, ଯାହା ଘଟିଛି ତାହା ଆଦୌ ହେବାର ନୁହେଁ। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଏହି ମାମଲାର ବିଚାର ବେଳେ ନିରପେକ୍ଷତା ଓ ସ୍ୱଚ୍ଛତା ଅବଲମ୍ବନ କରିବା ବିଧେୟ। କର୍ତ୍ତୃପକ୍ଷ କୁସ୍ତିଯୋଦ୍ଧାମାନଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ସହ ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ। ପୂର୍ବରୁ ୨୦୦୮ ବେଜିଂ ଗେମ୍ସ ଚାମ୍ପିୟନ ଶୁଟର ଅଭିନବ ବିନ୍ଦ୍ରା କୁସ୍ତିଯୋଦ୍ଧାଙ୍କ ଦାବି ପ୍ରତି ତାଙ୍କର ସମର୍ଥନ ଜଣାଇ ସାରିଥିଲେ। ଯନ୍ତରମନ୍ତରଠାରେ ଧାରଣାରେ ବସିଥିବା କୁସ୍ତିଯୋଦ୍ଧାମାନଙ୍କ ମଧ୍ୟରେ ଅଲିମ୍ପିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ବିଶ୍ୱ ଚାମ୍ପିୟନଶିପ୍ ପଦକ ବିଜେତା ରହିଛନ୍ତି। ବିଶ୍ୱ ଚାମ୍ପିୟନଶିପ୍‌ରେ ଦୁଇ ସ୍ୱର୍ଣ୍ଣ ପଦକ ଜିତିଥିବା ଜରିନ କହିଛନ୍ତି, କ୍ରୀଡ଼ାବିତ୍‌ମାନେ ଦେଶ ପାଇଁ ଗୌରବ ଓ ସମ୍ମାନ ଆଣି ଦେଇଥାନ୍ତି। ସେମାନଙ୍କର ଏହି ଅବସ୍ଥା ତାଙ୍କୁ ଖୁବ୍ ବାଧୁଛି। ସାନିଆ ଟୁଇଟ୍ କରି କହିଛନ୍ତି, କେବଳ ଜଣେ ଆଥ୍‌ଲେଟ ନୁହେଁ ଜଣେ ମହିଳା ଭାବେ ଏସବୁ ଦେଖିବା କଷ୍ଟକର। ସେମାନଙ୍କ ଅସୁବିଧା ସମୟରେ ଆମକୁ ସେମାନଙ୍କ ପଛରେ ଛିଡ଼ା ହେବାକୁ ପଡ଼ିବ।

# କ୍ୱାର୍ଟରରୁ ସିନ୍ଧୁ, ପ୍ରଣୟଙ୍କ ବିଦାୟ

ଦୁବାଇ, ୨୮।୪ (ପି.ଟି.): ବ୍ୟାଡମିଣ୍ଟନ ଏସିଆ ଚାମ୍ପିୟନଶିପ୍ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଦୁଇଥର ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ଦ୍ୱିତୀୟ ସିଡ୍ ତଥା କୋରିଆର ଆନ୍ ସି ୟଙ୍ଗଙ୍କଠାରୁ ହାରିଯାଇଛନ୍ତି। ଅଷ୍ଟମ ସିଡ୍ ସିନ୍ଧୁ ପ୍ରଥମ ଗେମ୍ ୨୧-୧୮ରେ ଜିତି ଥିଲେ, ମାତ୍ର ପରବର୍ତ୍ତୀ ଦୁଇ ଗେମ୍ ସେ ୫-୨୧, ୯-୨୧ରେ ପରାଜିତ ହୋଇଥିଲେ। ପୁରୁଷ ସିଙ୍ଗଲ୍ସରେ ୮ମ ସିଡ୍ ଏଚ୍. ଏସ୍. ପ୍ରଣୟ ମଧ୍ୟ ତାଙ୍କ ମ୍ୟାଚ ହାରିଯାଇଛନ୍ତି। ଜାପାନର କାଣ୍ଟା ସୁନେୟାମାଙ୍କ ବିପକ୍ଷ ମ୍ୟାଚରେ ୧୧-୨୧, ୯-୧୩ରେ ପଛୁଆ ଥିବା ଅବସ୍ଥାନରେ ଇଞ୍ଜୁରି ଯୋଗୁ ତାଙ୍କୁ ମୁକାବିଲାରୁ ଓହରିଯିବାକୁ ପଡ଼ିଥିଲା। ପୂର୍ବରୁ ମିକ୍ସଡ ଡବଲ୍ସରେ ମ୍ୟାଚରେ ରୋହନ କାପୁର ଓ ଏନ୍. ସିକ୍କି ରେଡ୍ଡୀ ଲଢୁଆ ପ୍ରଦର୍ଶନ ସତ୍ତ୍ୱେ ଇଣ୍ଡୋନେସିଆର ଡିଜାନ ଫର୍ଡିନାନ୍‌ସିଆ ଓ ଗ୍ଲୋରିଆ ଏମାନୁଏଲ୍ ୱିଡଜାଜାଙ୍କ ଠାରୁ ୧୮-୨୧, ୨୧-୧୯, ୧୫-୨୧ରେ ହାରିଯାଇଥିଲେ।



କଟକର ଓଡ଼ିଶା କ୍ରିକେଟ ଏକାଡେମୀ ପଡ଼ିଆରେ ସ୍ପିନର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ।

# ଶ୍ରୀଲଙ୍କା ୨-୦ରେ ସିରିଜ ବିଜୟୀ

ଗାଲେ, ୨୮।୪ (ଏପି)

ଆୟର୍ଲାଣ୍ଡ ବିପକ୍ଷ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ କ୍ରିକେଟରେ ଶ୍ରୀଲଙ୍କା ଏକ ଇନିଂସ ୧୦ରନରେ ବିଜୟ ହାସଲ କରିଛି। ଏଥିସହ ଦଳ ଦୁଇ ମ୍ୟାଚ ବିଶିଷ୍ଟ ସିରିଜ୨-୦ରେ ବିଜୟୀ ହୋଇଛି। ମ୍ୟାଚରେ ପ୍ରବାଥ ଜୟସୁରିୟା ଜଣେ ସ୍ପିନ ବୋଲର ହିସାବରେ ଶୀଘ୍ର ୫୦ ଟେଷ୍ଟ ଉଇକେଟ ପୂରଣ କରିବାର ଗୌରବ ଅର୍ଜନ କରିଛନ୍ତି। ରମେଶ ମେଣ୍ଡିସ ତାଙ୍କ ଚତୁର୍ଥ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଆୟର୍ଲାଣ୍ଡ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୫୪/୨ରୁ ଖେଳ ଆରମ୍ଭ କରି ୨୦୨ରେ ଅଲଆଉଟ ହୋଇଯାଇଥିଲା। ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ପଦାର୍ପଣ ୧୯୮୨ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଆୟର୍ଲାଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଶ୍ରୀଲଙ୍କା ଏକ ଇନିଂସ ଓ ୨୮୦ରନରେ ଜିତିଥିଲା। ଶୁକ୍ରବାର ବିଜୟ ହେଉଛି ଦେଶର ୧୦୦ତମ ଟେଷ୍ଟ ବିଜୟ। ଅନ୍ୟପକ୍ଷରେ ୨୦୧୮ରେ ଡବଲିନ୍‌ଠାରେ ପାକିସ୍ତାନ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିବା ଆୟର୍ଲାଣ୍ଡ ବର୍ତ୍ତମାନ ସୁଦ୍ଧା ଖେଳିଥିବା ଏହାର ସମସ୍ତ ୬ଟି ମ୍ୟାଚରେ ପରାଜୟ ବରଣ କରିଛି।

**ସଂକ୍ଷିପ୍ତ ସ୍କୋର**

ଆୟର୍ଲାଣ୍ଡ ପ୍ରଥମ ଇନିଂସ-୪୯୨
ଶ୍ରୀଲଙ୍କା ପ୍ରଥମ ଇନିଂସ: ୭୦୪/୩ (ନିଶାନ ମଦୁଷ୍କା-୨୦୫, କୁଶାଲ ମେଣ୍ଡିସ-୨୪୫, ଦିମୁଥ କରୁଣାରତ୍ନେ-୧୧୫, ଆଞ୍ଜେଲୋ ମାଥ୍ୟୁସ-୧୦୦*, ଗ୍ରହମ ହ୍ୟୁମ୍-୧/୮୭)। ଆୟର୍ଲାଣ୍ଡ ଦ୍ୱିତୀୟ ଇନିଂସ: ୨୦୨ (ହ୍ୟାରି ଟେକ୍ଟର-୮୫, ଆଣ୍ଡ୍ର୍ୟୁ ବଲବିର୍ନି-୪୬; ରମେଶ ମେଣ୍ଡିସ-୫/୬୪, ଅସିଥା ଫର୍ନାଣ୍ଡୋ-୩/୩୦, ପ୍ରବାଥ ଜୟସୂରିୟା-୨/୮୮)।

## ଓସିଏର ସ୍ପିନର ପ୍ରତିଭା ଅନ୍ୱେଷଣ ଶିବିର

ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି): ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସ୍ପିନର ପ୍ରତିଭା ଅନ୍ୱେଷଣ ଶିବିର ଶୁକ୍ରବାର ସଫଳତାର ସହ କଟକ ସ୍ଥିତ ଓଡ଼ିଶା କ୍ରିକେଟ ଏକାଡେମୀ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, କଟକ, ପୁରୀ, ପାରାଦୀପ, ଜଗତ୍‌ସିଂହପୁର ଓ ଢେଙ୍କାନାଳ ଜିଲାରୁ ୧୨୫ ସ୍ପିନର ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସିନିୟର ପୁରୁଷ ଦଳର ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ, ଓସିଏର ଜୁନିୟର ଓ ସିନିୟର ଚୟନକର୍ତ୍ତା ଅମିୟ ରାୟ, ସୁବିତ ବିଶ୍ୱାଳ, ପ୍ରଭଞ୍ଜନ ମଲିକ, ନିରଞ୍ଜନ ବେହେରା, ଶୁଭ୍ରଜିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୩୦ ତାରିଖରେ ବିଜେବି ହାଇସ୍କୁଲ ପଡ଼ିଆରେ ଶିବିର ଅନୁଷ୍ଠିତ ହେବ।



ଭୁବନେଶ୍ୱରରେ ଅନୁଷ୍ଠିତ ଫାୟାର ଆର୍ମ ଟ୍ରେନିଂ ସାର୍ଟିଫିକେଟ ଶିବିରରେ ଅଂଶଗ୍ରହଣ କରିଥିବା ଶୁଟରମାନେ କର୍ମକର୍ତ୍ତାଙ୍କ ଗହଣରେ।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ପୃଷ୍ଠା-୮+୮

ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୯/୨୦୨୩ (୮+୮=୧୬ ପୃଷ୍ଠା) Bhubaneswar, Saturday, April 29/2023 Page 16 ₹ 7.00 | SAMBALPUR



## ମିରାଣ୍ଡା ଆଶାବାଦୀ

ଗୋକୁଲମ୍ କେରଳ ବିପକ୍ଷ ଏଏଫ୍‌ସି ଯୋଗ୍ୟତା ପ୍ଲେ-ଅଫ୍ ମ୍ୟାଚରେ ଓଡ଼ିଶା ଏଫ୍‌ସି ଦଳର ଭଲ ପ୍ରଦର୍ଶନ ନେଇ କୋଚ୍ କ୍ଲିଫୋର୍ଡ ମିରାଣ୍ଡା ଆଶାବାଦୀ।

୦୮ ୦୨

## ଶ୍ରେଷ୍ଠ ଅଭିନେତ୍ରୀ ଆଲିଆ

ନିକଟରେ ଆୟୋଜିତ ୬୮ତମ ହ୍ୟୁଣ୍ଡାଇ ଫିଲ୍ମ ଫେୟାର ଆୱାର୍ଡ ୨୦୨୩ରେ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ଆଲିଆ ଭଟ୍ଟ ବିବେଚିତ ହୋଇଛନ୍ତି।



# ଘରୋଇ ହସ୍ପିଟାଲରେ ହେବ ସି-ସେକ୍ସନ ଅଡିଟ୍

## ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଉଦ୍‌ବେଗ

■ ସିଜରିଆନ ପ୍ରସବ ୫୩.୭%ରୁ ୭୦.୭% ବୃଦ୍ଧି

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ରାଜ୍ୟରେ ସିଜରିଆନ ପ୍ରସବ (ଡେଲିଭରି) ଚିନ୍ତାଜନକ ସ୍ଥିତିକୁ ଗଲାଣି। ସ୍ୱାଭାବିକ ପ୍ରସବଠାରୁ ସିଜରିଆନ ଡେଲିଭରି ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଉଦ୍‌ବେଗ ପ୍ରକାଶ କରିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ଘରୋଇ ହସ୍ପିଟାଲରେ ପ୍ରସବଜନିତ ସିଜରିଆନ(ସି-ସେକ୍ସନ) ଅଡିଟ୍ କରିବାକୁ ନିଷ୍ପତ୍ତି ହୋଇଛି। ଏନେଇ ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ସହରାଞ୍ଚଳର ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ମେ' ୧ରୁ ଏହି ଅଡିଟ୍ ଆରମ୍ଭ କରିବାକୁ କୁହାଯାଇଛି।

ପୂର୍ବରୁ ସମସ୍ତ ସରକାରୀ ହସ୍ପିଟାଲ ପାଇଁ ଏହି ଅଡିଟ୍ ବ୍ୟବସ୍ଥା ଲାଗୁ କରାଯାଇଛି। ଏବେ ଏହି ଅଡିଟ୍ ଘରୋଇ ହସ୍ପିଟାଲକୁ ସମ୍ପ୍ରସାରିତ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଅସ୍ତ୍ରୋପଚାରଜନିତ ପ୍ରସବ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧିପାଉଛି। ଜାତୀୟ ପରିବାର ସ୍ୱାସ୍ଥ୍ୟ



ସର୍ଭେ(ଏନ୍‌ଏଫ୍‌ଏମ୍‌ଏସ୍-୪) ଅନୁଯାୟୀ ୨୦୧୫-୧୬ ଓ ଏନ୍‌ଏଫ୍‌ଏମ୍‌ଏସ୍-୫ ଅନୁଯାୟୀ ୨୦୧୯-୨୧ ମଧ୍ୟରେ ଏହି ପ୍ରସବଜନିତ ଅସ୍ତ୍ରୋପଚାର ହାର ୫୩.୭%ରୁ ବୃଦ୍ଧି ପାଇ ୭୦.୭%ରେ ପହଞ୍ଚିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଗଠିତ ପ୍ରଜନନ ଶିଶୁ ସ୍ୱାସ୍ଥ୍ୟ ପ୍ୟାନେଲ ଦ୍ୱାରା ଧାର୍ଯ୍ୟ ସ୍ତରଠାରୁ ଏହା ବହୁ ଅଧିକ। ଏଥିଯୋଗୁ ରାଜ୍ୟରେ ଏବେ ପ୍ରସବଜନିତ ଅସ୍ତ୍ରୋପଚାର ସମ୍ପର୍କରେ ଅଡିଟ୍ କରିବା ଅପରିହାର୍ଯ୍ୟ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ସରକାର ଏବେ ସମସ୍ତ ଘରୋଇ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ପ୍ରସବଜନିତ ଅସ୍ତ୍ରୋପଚାରର ଅଡିଟ୍ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ପ୍ରସଙ୍ଗରେ ୩ଟି ପର୍ଯ୍ୟାୟରେ ଅଡିଟ୍ କରାଯିବ। ପ୍ରଥମେ ନିର୍ଦ୍ଧାରିତ ଫର୍ମାଟରେ ଅଡିଟ୍ କରାଯିବ। ପରବର୍ତ୍ତୀ ସମୟରେ ଏହାକୁ ଫର୍ମାଟ-ବି'ରେ ସ୍ଥାନିତ କରାଯିବ। ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଠିକ୍ ଭାବେ ଅଡିଟ୍ କରିବା ପରେ ଫର୍ମାଟ-ସି'ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ନିର୍ଦ୍ଦେଶାଳୟକୁ ପଠାଇବେ। ଏ ସଂକ୍ରାନ୍ତରେ ସମସ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଜଣେ ପ୍ରୋଗ୍ରାମ ଅଫିସରଙ୍କୁ ଦାୟିତ୍ୱ ଦେବାକୁ କୁହାଯାଇଛି, ଯିଏକି ସମସ୍ତ ଘରୋଇ ସ୍ୱାସ୍ଥ୍ୟ ସଂସ୍ଥା ସହ ସମନ୍ୱୟ ରକ୍ଷା କରି ଏହି ଅଡିଟ୍ କିପରି ଠିକ୍ ଭାବେ କାର୍ଯ୍ୟ କରାଯିବ ସେ ସମ୍ପର୍କରେ ତଦାରଖ କରିବେ।



ବ୍ରହ୍ମପୁର ଠାକୁରାଣୀ ଯାତ୍ରା ଅବସରରେ ଶୁକ୍ରବାର ବିଜିପୁର ଅଞ୍ଚଳରେ ଲଣ୍ଡା ବେଶଧାରୀମାନେ। (ଫଟୋ: ସମୀର)

# ସ୍ପେଶାଲିଷ୍ଟ, ସୁପରସ୍ପେଶାଲିଷ୍ଟ ଡାକ୍ତରଙ୍କୁ ମିଳିବ ଇନ୍‌ସେନ୍‌ଟିଭ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ରାଜ୍ୟ ସରକାର ସ୍ପେଶାଲିଷ୍ଟ ଏବଂ ସୁପରସ୍ପେଶାଲିଷ୍ଟ ଡାକ୍ତରଙ୍କୁ ଆକୃଷ୍ଟ କରିବାକୁ ପ୍ରୋତ୍ସାହନ ରାଶି (ଇନ୍‌ସେନ୍‌ଟିଭ) ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯେଉଁ ଡାକ୍ତରମାନଙ୍କ ଡିପ୍ଲୋମେଟ୍ ଅଫ୍ ନ୍ୟାଶନାଲ (ଡିଏନ୍‌ବି) ସ୍ପେଶାଲିଷ୍ଟ ଏବଂ ସୁପରସ୍ପେଶାଲିଷ୍ଟ ଡିଗ୍ରୀ ଥିବ ସେମାନଙ୍କୁ ନ୍ୟାଶନାଲ ମେଡିକାଲ କମିଶନ ଆକ୍ଟ-୨୦୧୯ର ପାରା ୩୭(୨) ଅନୁଯାୟୀ ପ୍ରତ୍ୟେକ ମାସରେ ଦରମା ସହିତ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ସ୍ପେଶାଲିଷ୍ଟମାନଙ୍କୁ ୨୦ ହଜାର ଏବଂ ସୁପରସ୍ପେଶାଲିଷ୍ଟମାନଙ୍କୁ ମାସିକ ଦରମା ସହିତ ୩୦ ହଜାର ଟଙ୍କା ଇନ୍‌ସେନ୍‌ଟିଭ ଦିଆଯିବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସୂଚନାଯୋଗ୍ୟ, ପୂର୍ବରୁ ଓଡ଼ିଶା ସ୍ୱାସ୍ଥ୍ୟ ସେବା କ୍ୟାଡର ପୋଷ୍ଟ ଗ୍ରାଜୁଏଟ ଏମ୍‌ଡି/ଏମ୍‌ଏସ୍ ଏବଂ ଡିଏମ୍/ଏମ୍‌ସିଏଚ୍ ସ୍ପେଶାଲାଇଜେଶନ ଡିଗ୍ରୀ ଥିବା ଡାକ୍ତରମାନଙ୍କୁ ମଧ୍ୟ ଉକ୍ତ ପ୍ରୋତ୍ସାହନ ରାଶି ଦିଆଯାଉଛି। ଏହି ପ୍ରୋତ୍ସାହନ ଫଳରେ ରାଜ୍ୟରେ ସ୍ପେଶାଲାଇଜେଶନ ଡାକ୍ତରଙ୍କ ସଂଖ୍ୟା ବଢ଼ିବା ସହ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆସିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।



# ମାର୍ଚ୍ଚରେ ୩.୬% ଖସିଛି ଶିଳ୍ପ ଅଭିବୃଦ୍ଧି

ନୂଆଦିଲ୍ଲୀ,୨୮।୪



ଗତ କିଛି ମାସ ହେବ ଦେଶରେ ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଏପରିକି ଜାତୀୟ ସମସ୍ୟା ଓ ମାନ୍ଦାବସ୍ଥା ଯୋଗୁ ଶିଳ୍ପକ୍ଷେତ୍ରରେ ଉତ୍ପାଦନ ହ୍ରାସ ପାଇଥିବା ଆକଳନ କରାଯାଇଛି। ଏ ନେଇ ଶୁକ୍ରବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ମନ୍ତ୍ରଣାଳୟର ରିପୋର୍ଟ ଅନୁସାରେ ୨୦୨୩ ମାର୍ଚ୍ଚରେ ଦେଶରେ ପ୍ରମୁଖ ୮ଟି କୋର୍ ସେକ୍ଟର ବାର୍ଷିକ ଆଧାରରେ ୩.୬%କୁ ଅଭିବୃଦ୍ଧି ହ୍ରାସ ହୋଇଛି। ଉଲ୍ଲେଖଯୋଗ୍ୟ, ୨୦୨୨ ଫେବୃୟାରୀରେ ଏହି ଅଭିବୃଦ୍ଧି ହାର ୬% ରହିଥିଲା ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ମାସକ ଭିତରେ ପ୍ରାୟ ଉତ୍ପାଦନ ଅଧା କମିଥିବା ଜଣାପଡ଼ିଛି। ସେହିଭଳି ୨୦୨୩ ମାର୍ଚ୍ଚରେ ଅଶୋଧିତ ତୈଳ ଉତ୍ପାଦନ ୨.୮% ହ୍ରାସ ହୋଇଥିବା ବେଳେ ପାୱାର କ୍ଷେତ୍ର ୧.୮% ଏବଂ ସିମେଣ୍ଟ କ୍ଷେତ୍ର ୦.୮%ର ଉତ୍ପାଦନକୁ ହ୍ରାସ ହୋଇଛି। ଅପରପକ୍ଷରେ କୋଇଲା, ସାର, ଷ୍ଟିଲ୍, ପ୍ରାକୃତିକ ଗ୍ୟାସ୍ ଓ ରିଫାଇନେରି ଭଳି ଉତ୍ପାଦନ କ୍ଷେତ୍ରଗୁଡିକରେ ମଧ୍ୟ ଅଭିବୃଦ୍ଧି ଦେଖିବାକୁ ମିଳିଛି। ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ କୋଇଲା ଉତ୍ପାଦନ ୧୨.୩% ବୃଦ୍ଧି ହୋଇଥିବା ବେଳେ ଫର୍ଟିଲାଇଜର (ସାର,କୀଟନାଶକ ) ୯.୭%, ଷ୍ଟିଲ ୮.୮% ଏବଂ ରିଫାଇନେରି ୧.୫% ଏବଂ ପ୍ରାକୃତିକ ଗ୍ୟାସ୍ ୨.୮% ଉତ୍ପାଦନ ବୃଦ୍ଧି ହୋଇଛି। ୨୦୨୩ ଫେବୃୟାରୀରେ କୋର୍ ସେକ୍ଟର ୭.୨% ହୋଇଥିବା ବେଳେ ୨୦୨୨ ଫେବୃୟାରୀରେ ଏହି ହାର ମାତ୍ର ୪.୮ % ଥିଲା। ୨୦୨୨ ଅକ୍ଟୋବରରେ ଏହା ସର୍ବନିମ୍ନ ୦.୭% ରହିଥିଲା ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ମତପ୍ରକାଶ କରିଛନ୍ତି। ସେହିପରି ୨୦୨୨ ନଭେମ୍ବରରେ ଶିଳ୍ପ ଅଭିବୃଦ୍ଧି ହାର ୫.୭% ରହିଥିବା ବେଳେ ୨୦୨୨ ଡିସେମ୍ବରରେ କୋର୍ ସେକ୍ଟରରେ ୭% ଅଭିବୃଦ୍ଧି ଦେଖିବାକୁ ମିଳିଥିଲା। ଏପରିକି ୨୦୨୩ ଜାନୁୟାରୀରେ ଏହା ୮.୯% କୁ ବୃଦ୍ଧି ହୋଇଥିଲା ବେଳେ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କରେ ୮ଟି ମୂଳ ଶିଳ୍ପ ରହିଛି, ଯାହା ୪୦.୨୭ ଅଭିବୃଦ୍ଧି ପାଇଁ ଦାୟୀ ରହିଥାଏ। ଉଲ୍ଲେଖଯୋଗ୍ୟ, କୋର ସେକ୍ଟରରେ ୮ଟି ମୂଳ ଶିଳ୍ପର ଅଭିବୃଦ୍ଧିକୁ ହିସାବକୁ ନିଆଯାଇଥାଏ। ସେଗୁଡ଼ିକ ହେଲା ଅଶୋଧିତ ତୈଳ, ପ୍ରାକୃତିକ ଗ୍ୟାସ୍, ରିଫାଇନେରି ଉତ୍ପାଦ, ଫର୍ଟିଲାଇଜର, ଷ୍ଟିଲ୍, ସିମେଣ୍ଟ, ଏବଂ ପାୱାର ଇତ୍ୟାଦି। ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ଅଭିବୃଦ୍ଧି ୭.୬% ରହିଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

## ସାମ୍‌ସଙ୍ଗ୍‌ର ନୂତନ ଉତ୍ପାଦ ଉନ୍ମୋଚିତ

ନୂଆଦିଲ୍ଲୀ,୨୮।୪

ଦେଶର ସର୍ବବୃହତ୍ ଇଲେକ୍‌ଟ୍ରୋନିକ୍ସ ବ୍ରାଣ୍ଡ୍ ସାମ୍‌ସଙ୍ଗ୍‌ର ନୂତନ ଉତ୍ପାଦ 'ନ୍ୟୁ ସାମ୍‌ସଙ୍ଗ୍ ଗାଲାକ୍ସି ଏମ୍୧୪ ୫ଜିର ସର୍ବଭାରତୀୟ ଉନ୍ମୋଚନ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସାମ୍‌ସଙ୍ଗ୍‌ର ୫୦ଏମ୍‌ପି ଟ୍ରିପଲ୍ କ୍ୟାମେରା, ସେଗ୍‌ମେଣ୍ଟ-ଅଗ୍ରଣୀ ୬୦୦୦ ଏମ୍ଏଏଚ୍ ବ୍ୟାଟେରି, ୫ଏନ୍ଏମ୍ ପ୍ରୋସେସର ଓ ଏକାଧିକ ମନ୍‌ଷ୍ଟର ଫିଚର ସହ ନୂଆ ଗାଲାକ୍ସି ଏମ୍୧୪ ୫ଜିର ବଜାର ପ୍ରବେଶ ମଧ୍ୟ ହୋଇଯାଇଛି। ଏ ସମ୍ପର୍କରେ ସାମ୍‌ସଙ୍ଗ୍ ଇଣ୍ଡିଆର ମୋବାଇଲ ବିଜ୍‌ନେସ୍ ବିଭାଗର ନିର୍ଦ୍ଦେଶକ ରାହୁଲ ପାୱାର କହିଛନ୍ତି, ଗାଲାକ୍ସି ଏମ୍୧୪ ୫ଜିର ଶୁଭାରମ୍ଭ କରି ଆମେ ଗର୍ବ ଅନୁଭବ କରୁଛୁ, ଯାହା ୫୦ଏମ୍‌ପି ଟ୍ରିପଲ କ୍ୟାମେରା,୫ଏନ୍ଏମ୍ ପ୍ରୋସେସର, ୬୦୦୦ଏମ୍ଏଏଚ୍ ବ୍ୟାଟେରି ଓ ୧୩ଟି ୫ଜି ବ୍ୟାଣ୍ଡ୍ ସପୋର୍ଟ ଭଳି ସେଗ୍‌ମେଣ୍ଟ-ଅଗ୍ରଣୀ ଫିଚର ସହିତ ଆସୁଛି, ଯାହା ଏହାକୁ ଏକ ମନ୍‌ଷ୍ଟର ୫ଜି ଡିଭାଇସ୍‌ରେ ପରିଣତ କରୁଛି।

## ଏମ୍ଏନ୍ ଦସ୍ତୁର ଆଣ୍ଡ କୋ ସହ ଟାଟା ଷ୍ଟିଲ୍‌ର ସହଭାଗିତା



ଭୁବନେଶ୍ୱର,୨୮।୪

ଦେଶର ପ୍ରମୁଖ ଘରୋଇ ଶିଳ୍ପ ପ୍ରତିଷ୍ଠାନ ଟାଟା ଷ୍ଟିଲ୍ ଏବଂ ଏମ୍ଏନ୍ ଦସ୍ତୁର ଆଣ୍ଡ କୋ ମଧ୍ୟରେ ଏକ ଦ୍ୱିପାକ୍ଷିକ ବାଣିଜ୍ୟିକ ସହଭାଗିତା ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଅନୁସନ୍ଧାନଠାରୁ ଆରମ୍ଭକରି ଖଣିଜ ସମ୍ବଳରୁ ଫିଜିବିଲିଟି ଷ୍ଟଡିର ସମ୍ପୂର୍ଣ୍ଣ ପ୍ରକଳ୍ପ ରିପୋର୍ଟ ପର୍ଯ୍ୟନ୍ତ ଏବଂ ଇଞ୍ଜିନିୟରିଂ ଓ ଭିତ୍ତିଭୂମିରେ ଆବଶ୍ୟକ ସହାୟତା ପାଇଁ ଟାଟା ଷ୍ଟିଲ୍ ପକ୍ଷରୁ ଏମ୍ଏନ୍ ଦସ୍ତୁର ଆଣ୍ଡ କମ୍ପାନୀ ପ୍ରାଇଭେଟ୍ ଲିମିଟେଡ୍ ସହ ଏକ ବ୍ୟବସାୟ ସହଭାଗିତା ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଏପରିକି ବିଭିନ୍ନ ଖଣିଜ ଓ ଭୌଗୋଳିକ ଅଞ୍ଚଳ ପର୍ଯ୍ୟନ୍ତ ସମନ୍ୱିତ ପ୍ରକଳ୍ପ ପ୍ରଦାନ କରିବା ଲାଗି ଏମ୍ଏନ୍ ଦସ୍ତୁର ଟାଟା ଷ୍ଟିଲ୍ ସହ କାର୍ଯ୍ୟ କରିବ ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି କଞ୍ଚାମାଲ ଡି.ବି.ସୁନ୍ଦରରମଣ କହିଛନ୍ତି,ଟାଟା ଷ୍ଟିଲ୍‌ର ପ୍ରାକୃତିକ ସମ୍ବଳ ଡିଭିଜନ ଜରିଆରେ ଶତାବ୍ଦୀରୁ ଅଧିକ ସମୟ ଧରି ଆମେ ଖଣି ବ୍ୟବସାୟରେ ରହିଥିବା ବେଳେ ଦୀର୍ଘସ୍ଥାୟୀ ଖଣି ଲାଗି ଆମର ଖଣିଗୁଡ଼ିକୁ ଅନୁସନ୍ଧାନ ଓ ଖଣି ଯୋଜନା ସେବା ପ୍ରଦାନ କରାଯାଉଛି। ଟାଟା ଷ୍ଟିଲ୍ ବାହାରେ ଥିବା ଖଣି ଶିଳ୍ପକୁ ଟାଟା ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ୍ କନ୍‌ସଲ୍‌ଟିଂ ଜରିଆରେ ଆମର ଖଣି ବୈଷୟିକ ସେବାକୁ ବାଣିଜ୍ୟିକ ଭିତ୍ତିରେ ପ୍ରଦାନ କରୁଛୁ।

## 'କାୟମ ଚୂର୍ଣ୍ଣ ଆଡ୍‌ଭାନ୍ସ ଗ୍ରାନୁଲ୍ସ'

ନୂଆଦିଲ୍ଲୀ,୨୮।୪




ଦେଶର ପ୍ରମୁଖ ଘରୋଇ ଆୟୁର୍ବେଦିକ ସଂସ୍ଥା ତଥା ଦୀର୍ଘ ୫୦ ବର୍ଷ ହେବ ଶେଠ୍ ବ୍ରଦ୍ରର୍ସ ଦ୍ୱାରା ନିର୍ମିତ ଅତିପ୍ରିୟ ଆୟୁର୍ବେଦ ଔଷଧ କାୟମ ଚୂର୍ଣ୍ଣର ନୂତନ ଉତ୍ପାଦ 'କାୟମ ଚୂର୍ଣ୍ଣ ଆଡ୍‌ଭାନ୍ସ ଗ୍ରାନୁଲ୍ସ'ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି। ନୂତନ ପଦ୍ଧତିରେ ପ୍ରସ୍ତୁତ ଏହି ଆୟୁର୍ବେଦିକ୍ ଔଷଧ ଉଭୟ ଗ୍ରାହକ ଚାହିଦା ଓ ରୋଗ ପ୍ରତିରୋଧକ ବୋଲି କୁହାଯାଉଛି। ବିଶେଷକରି ବଜାର ଚାହିଦା ଓ ରୋଗୀଙ୍କ ଆବଶ୍ୟକତା ପୂରଣ ଦିଗରେ ଏହା ବେଶ୍ ସହାୟକ ହେବ ବୋଲି ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଦୀର୍ଘ ବର୍ଷ ଧରି ଲୋକଙ୍କ ପ୍ରିୟଭାଜନ ହୋଇପାରିଥିବା ବ୍ରାଣ୍ଡ୍‌ର ଅନ୍ୟ ଉତ୍ପାଦ ଭଳି ଏହି ନୂତନ ଉତ୍ପାଦ ମଧ୍ୟ ଗ୍ରାହକଙ୍କର ରୋଗ ଉପଶମ କରିବ ବୋଲି ଜଣାପଡ଼ିଛି।

ଉଲ୍ଲେଖଯୋଗ୍ୟ, ଗୁଜରାଟର ଭାବନଗରସ୍ଥିତ ଶେଠ୍ ବ୍ରଦର୍ସ ଦ୍ୱାରା କାୟମ ଚୂର୍ଣ୍ଣ ଆଡ୍‌ଭାନ୍ସ ଗ୍ରାନୁଲ୍ସ ପ୍ରସ୍ତୁତ କରାଯାଇଛି। ଏହା ଦୀର୍ଘ ବର୍ଷ ହେବ ରୋଗୀଙ୍କ ପାଇଁ ବେଶ୍ ସହାୟକ ହେଉଛି।

## 'ଓଏମ୍‌ସି କର୍ମଚାରୀଙ୍କୁ ଲଙ୍ଗ୍ ସର୍ଭିଂ ଆୱାର୍ଡ'

### ୧୬୪ କର୍ମଚାରୀ ପୁରସ୍କୃତ

ଭୁବନେଶ୍ୱର,୨୮।୪




ଓଡ଼ିଶା ଖଣି ନିଗମ (ଓଏମ୍‌ସି) ର ମୁଖ୍ୟାଳୟରେ କାର୍ଯ୍ୟରତ ଥିବା ୧୬୪ କର୍ମଚାରୀଙ୍କୁ ଗୁରୁବାର ଏକ ସ୍ୱତନ୍ତ୍ର ସମାରୋହରେ ସମ୍ମାନିତ କରାଯାଇଛି। ଓଏମ୍‌ସିରେ ଦୀର୍ଘ ସମୟ ଧରି କାର୍ଯ୍ୟ କରିବା ସହ ସେବା ପ୍ରଦାନ କରିଥିବାରୁ ସମ୍ପୃକ୍ତ କର୍ମଚାରୀଙ୍କୁ ନିଗମ ପକ୍ଷରୁ 'ଲଙ୍ଗ୍ ସର୍ଭିଂ ଆୱାର୍ଡ 'ରେ ସମ୍ମାନିତ କରାଯାଇଛି। ଏ ସମ୍ପର୍କରେ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ବଲୱନ୍ତ ସିଂ କହିଛନ୍ତି, ଦୀର୍ଘ ବର୍ଷ ଧରି ନିରନ୍ତର ଭାବେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ପ୍ରୋତ୍ସାହିତ କରିବା ସହ ନିଗମ ପ୍ରତି ରହିଥିବା ଅବଦାନ ଲାଗି ଏଭଳି ପୁରସ୍କାରର ପରିକଳ୍ପନା କରାଯାଇଛି। ଏପରିକି ସେମାନଙ୍କର ପ୍ରତିବଦ୍ଧତା ଓଏମ୍‌ସିକୁ କ୍ରମାଗତ ଭାବେ ସାଧାରଣ ଲୋକଙ୍କୁ ସେବା ଯୋଗାଇବାରେ ସକ୍ଷମ କରିବା ସହ ଭାରତର ଏକ ଅଗ୍ରଣୀ ଖଣିଜ ପ୍ରତିଷ୍ଠାନ ଭାବେ ପ୍ରତିଷ୍ଠିତ କରାଇବାରେ ସକ୍ଷମ ହୋଇଛି। ସେମାନେ କେବଳ ଓଡ଼ିଶାର ଅଭିବୃଦ୍ଧିରେ ନୁହେଁ ବରଂ ସମଗ୍ର ଦେଶର ଅଭିବୃଦ୍ଧିରେ ମଧ୍ୟ ଯୋଗଦାନ କରିଛନ୍ତି। ଅପରପକ୍ଷରେ ପୁରସ୍କାର ପାଇଥିବା କର୍ମଚାରୀମାନଙ୍କ ମଧ୍ୟରୁ ୧୫୦ଜଣ ୨୫ ବର୍ଷ ଧରି କାର୍ଯ୍ୟ କରିଥିବା ବେଳେ ଅବଶିଷ୍ଟ ୧୪ ଜଣ ୧୫ ବର୍ଷ ଧରି କ୍ରମାଗତ ଭାବେ ଓଏମ୍‌ସିରେ କାର୍ଯ୍ୟ କରିଛନ୍ତି। ସେହିପରି ସେମାନଙ୍କ ପ୍ରତିବଦ୍ଧତା ଓ ନିଃସ୍ୱାର୍ଥପର ସେବାର ସ୍ୱୀକୃତି ସ୍ୱରୂପ ଭୁବନେଶ୍ୱରଠାରେ ନିଗମ ପକ୍ଷରୁ ଆୟୋଜିତ ଲଙ୍ଗ୍ ସର୍ଭିଂ ଆୱାର୍ଡ ସମାରୋହରେ ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମ୍ପୃକ୍ତ କର୍ମଚାରୀଙ୍କୁ ସମ୍ମାନିତ କରିଥିଲେ।

## ବିଓଏମ୍‌ର ୪ର୍ଥ ତ୍ରୈମାସିକ ଫଳାଫଳ

ନୂଆଦିଲ୍ଲୀ,୨୮।୪

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ୨୦୨୨-୨୩ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ୪ର୍ଥ ତ୍ରୈମାସରେ ବିଓଏମ୍ ମୋଟ ୮୪୦ କୋଟି ଟଙ୍କାର ନେଟ୍ ଲାଭ ହାସଲ କରିଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର ସମୁଦାୟ ବ୍ୟବସାୟ ୨୧.୨୩% ଅଭିବୃଦ୍ଧି ହାରରେ ୪,୦୯,୨୦୨ କୋଟି ଟଙ୍କାରେ ପହଞ୍ଚିଛି। ବିଶେଷକରି ବିଓଏମ୍‌ର ଗ୍ରସ୍ ଅଗ୍ରିମ ୨୯.୪୯% ହାରରେ ୧,୭୫,୧୨୦ କୋଟି ଟଙ୍କା ଓ ସମୁଦାୟ ଜମା ୧୫.୭୧% ଅଭିବୃଦ୍ଧି ହାରରେ ୨,୩୪,୦୮୩ କୋଟି ଟଙ୍କାରେ ମଧ୍ୟ ପହଞ୍ଚିଛି। ସେହିଭଳି ବ୍ୟାଙ୍କର ସମୁଦାୟ ଆୟ ୫,୩୧୭ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩,୯୪୯ କୋଟି ଟଙ୍କା ଥିଲା। ବ୍ୟାଙ୍କର ସୁଧ ଆୟ ୪,୪୯୫ କୋଟି ଟଙ୍କାରେ ପହଞ୍ଚିପାରିଛି, ଯାହା ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ୩,୪୨୬ କୋଟି ଟଙ୍କା ଥିଲା।

ଏ ସମ୍ପର୍କରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଏସ୍.ରାଜୀବ କହିଛନ୍ତି, ମାର୍କେଟ ନିୟାମକ ସେବିର ନିୟମାବଳୀ ଅନୁସାରେ ସର୍ବନିମ୍ନ ପବ୍ଲିକ ଶେୟାର ହୋଲ୍ଡିଂ (ଏମ୍‌ପିଏସ୍)କୁ ପୂରଣ କରିବା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷର ଏପ୍ରିଲ-ଜୁନ୍ ତ୍ରୈମାସରେ ବ୍ୟାଙ୍କର ଶେୟାର ମାଧ୍ୟମରେ ୧,୦୦୦ କୋଟି ଟଙ୍କା ସଂଗ୍ରହ କରିବାକୁ ଯୋଜନା କରିଛି। ଏପରିକି ଚଳିତ ବର୍ଷ ବ୍ୟାଙ୍କର ଋଣ ଅଭିବୃଦ୍ଧିରେ ୨୦ରୁ ୨୨% ଏବଂ ଜମା କ୍ଷେତ୍ରରେ ୧୪ ରୁ ୧୬% ବୃଦ୍ଧି ଘଟିବ ବୋଲି ରାଜୀବ ଆଶା ପ୍ରକାଶ କରିଛନ୍ତି।

ଫୁର୍‌ସତ୍

# ପ୍ରାଣୀ ଚିକିତ୍ସାକୁ ଗୁରୁତ୍ୱ

**ବିଶ୍ୱ ଭେଟେରିନାରି ଦିବସ**



ବିଶ୍ୱ ପ୍ରାଣୀଧନ ସମାଜ ପକ୍ଷରୁ ପ୍ରଥମଥର ପାଇଁ ୨୦୦୦ ମସିହାରେ 'ୱାର୍ଲ୍ଡ ଭେଟେରିନାରି ଡେ' ବା 'ବିଶ୍ୱ ପ୍ରାଣୀଧନ ଦିବସ' ପାଳନ ଆରମ୍ଭ ହୋଇଥିଲା। ଏ ସମ୍ପର୍କରେ ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ଅଧୀନସ୍ଥ ପ୍ରାଣୀ ପ୍ରଜନନ ଏବଂ ପ୍ରସୂତି ବିଭାଗର ସହକାରୀ ପ୍ରାଧ୍ୟାପକ ଡା. ହିମାଂଶୁ ବେହେରା କହନ୍ତି, ''ସମଗ୍ର ବିଶ୍ୱରେ ପ୍ରାଣୀ ଚିକିତ୍ସା କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଦିବସ ପାଳନ କରାଯାଇଥାଏ। ଏହା ପ୍ରତିବର୍ଷ ଏପ୍ରିଲ ଶେଷ ଶନିବାର ଦିନ ପାଳିତ ହୋଇଥାଏ। ଏହି କ୍ରମରେ ଏବର୍ଷ ଏପ୍ରିଲ ୨୯ରେ ପାଳିତ ହେଉଅଛି। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି, 'ପ୍ରାଣୀ ଚିକିତ୍ସା ବୃତ୍ତିରେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା।' ଏହାଦ୍ୱାରା ପ୍ରାଣୀ ଚିକିତ୍ସା ଏବଂ ପ୍ରାଣୀ ପାଳନ କ୍ଷେତ୍ରରେ ଅଗ୍ରଣୀ ହୋଇପାରିବା। ମନୁଷ୍ୟ ପରି ପ୍ରାଣୀମାନଙ୍କର ଅଧିକାରକୁ ଶ୍ରେୟ ଦେବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ସେଥିପାଇଁ ମହାତ୍ମା ଗାନ୍ଧୀ କହିଛନ୍ତି- 'ପ୍ରାଣୀମାନଙ୍କର ପ୍ରଗତି, ଦେଶର ମହାନତା ମାପ କରିବାର ମୂଳମନ୍ତ୍ର। ସର୍ବଦା ମନୁଷ୍ୟ, ପ୍ରାଣୀ ଏବଂ ପରିବେଶର ସ୍ୱାସ୍ଥ୍ୟ ସଙ୍ଗଠନରେ ଏକ ସ୍ୱାସ୍ଥ୍ୟ ଧାରଣା ହୋଇଥାଏ, ଯାହାକି ଏକ ପ୍ରକାରର ସହଯୋଗୀ, ବହୁମୁଖୀ ଏବଂ ବିଭିନ୍ନ ପ୍ରକାରର ବିଷୟବସ୍ତୁର ଆଭିମୁଖ୍ୟ। ତା'ସହ ଏଭଳି ଏକ ସ୍ୱାସ୍ଥ୍ୟ ଧାରଣାରେ ପ୍ରାଣୀମାନଙ୍କର ସ୍ୱାସ୍ଥ୍ୟ ଏବଂ ପ୍ରାଣୀ ଉତ୍ପାଦନର ଗୁରୁତ୍ୱ ବା ଭୂମିକା ରହିଅଛି। ତେଣୁ ଏହି ପରିପ୍ରେକ୍ଷୀରେ ଆମେ ସମସ୍ତେ ମିଳିତ ଭାବେ ପ୍ରାଣୀ ପାଳନ ଏବଂ ପ୍ରାଣୀ ଚିକିତ୍ସାକୁ ଯଥାସମ୍ଭବ ଅଗ୍ରସର କରିବା। ସମସ୍ତ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ପ୍ରାଣୀ ପାଳନର ଆବଶ୍ୟକତା ଏବଂ ମହାନତାକୁ ମଧ୍ୟ ପ୍ରାଧାନ୍ୟ ଦେବା ଆବଶ୍ୟକ। ପ୍ରାଣୀ ପାଳନ ଦିଗରେ ଦେଶ ଏବଂ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ କାର୍ଯ୍ୟକାରୀ କରିବା ନାଗରିକ ଭାବେ ଆମମାନଙ୍କର ପ୍ରଥମ କର୍ତ୍ତବ୍ୟ। ତା'ସହ ପ୍ରାଣୀ ପାଳନ କରୁଥିବା ଚାଷୀମାନଙ୍କୁ ମଧ୍ୟ ଆମେ ସମ୍ମାନ କରିବା ଜରୁରୀ।''

# ଶ୍ରେଷ୍ଠ ଅଭିନେତ୍ରୀ ଆଲିଆ



**ମୁମ୍ବାଇ:** ୬୮ତମ ହ୍ୟୁଣ୍ଡାଇ ଫିଲ୍ମ ଫେୟାର ଆୱାର୍ଡ ୨୦୨୩ ଗୁରୁବାର ରାତିରେ ସମାପନ ହୋଇଛି। ଏଥିରେ ବିଭିନ୍ନ ଅଭିନେତ୍ରୀ ଅଭିନେତାଙ୍କୁ ଫିଲ୍ମ ଫେୟାର ଆୱାର୍ଡରେ ପୁରସ୍କୃତ କରାଯାଇଛି। ତେବେ ଆଲିଆ ଭଟ୍ଟଙ୍କୁ ଶ୍ରେଷ୍ଠ ଅଭିନେତ୍ରୀ ଭାବେ ବିବେଚିତ କରାଯାଇଛି। ଏଥିସହ ରାଜକୁମାର ରାଓଙ୍କୁ ଶ୍ରେଷ୍ଠ ଅଭିନେତା ଘୋଷିତ କରାଯାଇଛି। ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲିଙ୍କ ପ୍ରସ୍ତୁତ ଚଳଚ୍ଚିତ୍ର 'ଗଙ୍ଗୁବାଇ କାଠିଆୱାଡି'ରେ ଗଙ୍ଗୁବାଇ ଚରିତ୍ର ପାଇଁ ଆଲିଆଙ୍କୁ ଏହି ପୁରସ୍କାରରେ ପୁରସ୍କୃତ କରାଯାଇଛି। ଏଥିରେ ଆଲିଆ ନିର୍ଦ୍ଦେଶକ ଭଁସାଲିଙ୍କ ସହ ତାଙ୍କ ପୂରା ଟିମ୍ ଏବଂ ପରିବାରକୁ ଧନ୍ୟବାଦ ଦେଇ 'ଗଙ୍ଗୁ ମାଇଁ ଜାନ୍' ବୋଲି ଲେଖି ସୋସିଆଲ ମିଡିଆରେ ଏକ ପୋଷ୍ଟ ଶେୟାର କରିଛନ୍ତି। ଏହି ଆୱାର୍ଡରେ ଆଲିଆଙ୍କ ସମେତ ଅନିଲ କପୁର, ଜାହ୍ନବୀ କପୁର, ନୋରା ଫତେହି, ଭିକ୍କି କୌଶଳ ଓ ଆହୁରି କେତେଜଣ ସେଲିବ୍ରିଟିଙ୍କୁ ରେଡ୍ କାର୍ପେଟରେ ଷ୍ଟାଇଲ ୱାକ୍ କରୁଥିବା ଦେଖିବାକୁ ମିଳିଥିଲା। ସଲମାନ ଖାନ୍ ଚଳିତବର୍ଷର ଫିଲ୍ମଫେୟାର ଆୱାର୍ଡ ହୋଷ୍ଟ କରିଥିଲେ। ତାଙ୍କୁ ମଞ୍ଚରେ ସହାୟତା କରିଥିଲେ ଆୟୁଷ୍ମାନ ଖୁରାନା ଓ ମନୀଷ ପଲ୍। ଶେଷ ଥର ପାଇଁ ଆଲିଆଙ୍କୁ ସିନେମା 'ବ୍ରହ୍ମାସ୍ତ୍ର'ରେ ସ୍ୱାମୀ ରଣବୀର କପୁରଙ୍କ ସହ ଦେଖିବାକୁ ମିଳିଥିଲା। ତେବେ ଆଗକୁ ତାଙ୍କର ୨ଟି ଫିଲ୍ମ ଆସିବାକୁ ଯାଉଛି, ଯାହା ଚଳିତବର୍ଷ ରିଲିଜ୍ ହେବାର ସୂଚନା ରହିଛି।

# ପ୍ରତିଭା ପ୍ରଦର୍ଶନର ସୁଯୋଗ

**ଅନ୍ତର୍ଜାତୀୟ ନୃତ୍ୟ ଦିବସ**

ଏପ୍ରିଲ ୨୯, ପ୍ରତିବର୍ଷ ଏହି ଦିନରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ନୃତ୍ୟ ଦିବସ। ନୃତ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି ଓ ନୃତ୍ୟରେ ଅଂଶ ଗ୍ରହଣ ଲାଗି ଉତ୍ସାହିତ କରିବା ଏହି ଦିବସର ଅସଲ ଉଦ୍ଦେଶ୍ୟ । ନୃତ୍ୟକଳାର ମହତ୍ତ୍ୱ ତଥା ଚାପରୁ ମୁକ୍ତି, ଆତ୍ମ ଅଭିବ୍ୟକ୍ତି, ଆନନ୍ଦର ଉତ୍ସବ ଓ ସଂଯୋଗକୁ ବଢ଼ାଇବାରେ ନୃତ୍ୟ ଏକ ଶକ୍ତିଶାଳୀ ମାଧ୍ୟମ ପରିଗଣିତ। ଏହା ଲୋକଙ୍କ ମଧ୍ୟରେ ଏକତା ସୃଷ୍ଟି କରିବାରେ ବି ସହାୟକ ହୋଇଥାଏ। 'ମଡର୍ନ ବାଲଟ ଡ୍ୟାନ୍ସ'ର ଜନକ ଜିନ-ଜର୍ଜେସ ନୋଭେରଙ୍କ ଜନ୍ମଦିନକୁ ଇଣ୍ଟରନାଶନାଲ ଡ୍ୟାନ୍ସ ଡେ' ବା ଅନ୍ତର୍ଜାତୀୟ ନୃତ୍ୟ ଦିବସ ଭାବେ ପାଳନ କରାଯାଇଆସୁଛି। ସୂଚନାଯୋଗ୍ୟ ୧୯୮୨ରେ ଡ୍ୟାନ୍ସ କମିଟି ଅଫ୍ ଦ ଇଣ୍ଟରନାଶନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍(ଆଇଟିଆଇ) ଏପ୍ରିଲ ୨୯କୁ ଅନ୍ତର୍ଜାତୀୟ ନୃତ୍ୟ ଦିବସ ଭାବେ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହାଦ୍ୱାରା ସାରା ବିଶ୍ୱରେ ଥିବା ନୃତ୍ୟଶିଳ୍ପୀଙ୍କ ପ୍ରତିଭା ଆଡ଼କୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିହେବ ବୋଲି ମତ ପ୍ରକାଶ ପାଇଥିଲା। ଅବଶ୍ୟ ଏହି ଦିବସ ପାଳନର ଅର୍ଥ ନୃତ୍ୟର ଗୁରୁତ୍ୱକୁ ନେଇ ବିଶ୍ୱବାସୀଙ୍କୁ ସଚେତନ କରାଇବା। ଏଥିସହ ଆଉ ଏକ ଉଦ୍ଦେଶ୍ୟ ହେଉଛି, ନୃତ୍ୟଶିଳ୍ପୀମାନେ ଏହି ଅବସରରେ ସାରା ବିଶ୍ୱରେ ସେମାନଙ୍କ ପ୍ରତିଭାର ପରିଚୟ ଦେଇପାରିବେ ଓ ନୃତ୍ୟର ମହତ୍ତ୍ୱକୁ ବୁଝାଇପାରିବେ।



# ସ୍ପର୍ମ ଇଞ୍ଜେକ୍ଟିଂ ରୋବଟ୍ ମାଧ୍ୟମରେ ଶିଶୁ ଜନ୍ମ



**ନ୍ୟୁୟର୍କ:** ଯୁଗ ଯେତେ ଆଗକୁ ବଢୁଛି, ଟେକ୍ନୋଲୋଜି କ୍ଷେତ୍ରରେ ମଧ୍ୟ ଦେଶ ଆଗଉଛି। ଏପରି ବଡ଼ ସଫଳତା ମାନବଙ୍କ ପାଇଁ ଏକ ଉପଲବ୍ଧି ପାଲଟିଛି। ରୋବଟ୍‌ର କାମ ଆମେ ସମସ୍ତେ ଜାଣିଛେ। ତେବେ ରୋବଟ୍‌କୁ ଆଉ ଟିକେ ଆଡଭାନ୍ସ କରିବାକୁ ମଧ୍ୟ ତା' ମଧ୍ୟରେ ଅନେକ ଫିଚର ଯୁକ୍ତ କରାଗଲାଣି। ପ୍ରଥମ ଥର ପାଇଁ ଏକ ରୋବଟ୍ (ସ୍ପର୍ମ ଇଞ୍ଜେକ୍ଟିଂ ରୋବଟ୍) ସାହାଯ୍ୟରେ ଛୁଆ ଜନ୍ମ କରାଯାଇଛି। ରିପୋର୍ଟ ମୁତାବକ, ରୋବଟିକ୍ ଛୁଞ୍ଚି ମାଧ୍ୟମରେ ଶୁକ୍ରାଣୁକୁ ଡିମ୍ବାଣୁରେ ଛଡ଼ାଯାଇଛି। ଫଳରେ ସେଠାରେ ଭ୍ରୁଣ ବିକଶିତ ହୋଇଥିଲା। ଏବେ ସେହି ରୋବଟିକ୍ ଛୁଞ୍ଚି ମାଧ୍ୟମରେ ଦୁଇ ଶିଶୁ କନ୍ୟା ଜନ୍ମ ହୋଇଛନ୍ତି। ସାଧାରଣତଃ ଆଇଭିଏଫ୍ (ଇନ୍ ଭିଟ୍ରୋ ଫର୍ଟିଲାଇଜେଶନ) ପ୍ରକ୍ରିୟା ଅଧିକ ବ୍ୟୟ ସାପେକ୍ଷ। ଯେଉଁମାନଙ୍କର ସନ୍ତାନ ହେବାରେ କୌଣସି ଅସୁବିଧା ହୋଇଥାଏ, ସେମାନେ ଏହି ପ୍ରକ୍ରିୟା ଆପଣେଇଥାନ୍ତି। ଏଥିରେ ମଣିଷ ଶରୀର ବାହାରେ ଏକ ଲାବୋରେଟୋରିରେ ହିଁ ଭ୍ରୁଣ ବିକଶିତ ହୋଇଥାଏ। ଆଇଭିଏଫ୍ ମାଧ୍ୟମରେ ଫର୍ଟିଲାଇଜେଶନ କରିବାକୁ ହେଲେ ଜଣେ ଏମ୍ବ୍ରିଓଲୋଜିଷ୍ଟଙ୍କ ଆବଶ୍ୟକତା ପଡ଼ିଥାଏ। ବର୍ତ୍ତମାନ ଏହି ରୋବଟିକ୍ ପ୍ରକ୍ରିୟା ପାଇଁ ଏମ୍ବ୍ରିଓଲୋଜିଷ୍ଟଙ୍କ ଆବଶ୍ୟକତା ପଡ଼ିବନି। ଫଳରେ ଏଠାରେ ଆଇଭିଏଫ୍‌ର ଦାମ୍ କିଛି ମାତ୍ରାରେ କମିଯିବ। ଏମ୍ଆଇଟିୟୁ ୟୁନିଭର୍ସିଟି ରିଭ୍ୟୁ ମୁତାବକ, ସ୍ପେନ୍‌ର ଇଞ୍ଜିନିୟରମାନେ ନ୍ୟୁୟର୍କ ସିଟିର ନ୍ୟୁ ହୋପ ଫର୍ଟିଲିଟି ସେଣ୍ଟରରେ ପ୍ରସ୍ତୁତ ରୋବଟିକ୍ ଛୁଞ୍ଚି ପ୍ରୟୋଗ କରି ଶୁକ୍ରାଣୁକୁ ଡିମ୍ବାଣୁରେ ଛଡ଼ାଯାଇଛି। ଏହି ପ୍ରକ୍ରିୟାରେ ୨ଟି ସୁସ୍ଥ ଭ୍ରୁଣ ବିକଶିତ ହୋଇଥିଲେ, ଯେଉଁଥିରୁ ୨ ଶିଶୁକନ୍ୟା ଜନ୍ମ ହୋଇଛନ୍ତି। ରିପୋର୍ଟ ଅନୁସାରେ, ସୋନି ପ୍ଲେ ଷ୍ଟେଶନ ୫ କଣ୍ଟ୍ରୋଲର ମାଧ୍ୟମରେ ରୋବଟିକ୍ ଛୁଞ୍ଚିର ଠିକ୍ ସ୍ଥାନରେ ରଖାଯାଇଥିଲା।

## ସଂକ୍ଷେପରେ

### ଇରାସିସ୍‌ଙ୍କୁ ଭଟଲିରେ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍, ୨୮।୪:** ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଆନ୍ଦୋଳନ କରୁଥିବା ସମୟରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ସମେତ ଅନେକ ଦଳୀୟ କର୍ମୀ ଗିରଫ ହୋଇଥିଲେ । ଦୀର୍ଘ ୫୪ ଦିନ ଧରି କାରାବରଣ କରି ଜାମିନରେ ମୁକ୍ତୁଳିବା ପରେ ଇରାସିସ୍ ଶୁକ୍ରବାର ନିଜ ଜନ୍ମମାଟି ଭଟଲିକୁ ଫେରିଥିଲେ। ଏହି ଅବସରରେ ଇରାସିସ୍‌ଙ୍କ ସମେତ ଦଳର ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରୀତେଶ ବହିଦାର, ଜିଲା ସାଧାରଣ ସମ୍ପାଦକ କୁନାଲ ପାଣିଗ୍ରାହୀଙ୍କୁ ଭଟଲିରେ ସେମାନଙ୍କ ବହୁସଂଖ୍ୟକ ସମର୍ଥକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସ୍ଥାନୀୟ ଗୋପାଳପୁରଠାରୁ ବାଇକ୍ ଶୋଭାଯାତ୍ରାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ପଦଯାତ୍ରାରେ ଭଟଲି, କୁଶନପୁରୀ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ସ୍ଥାନୀୟ ହନୁମାନ ମନ୍ଦିର, ଦଧିବାମନ ମନ୍ଦିରରେ ପୂଜାର୍ଚ୍ଚନା ସହ ସେମାନେ ମହାପ୍ରଭୁଙ୍କୁ ଆଶୀର୍ବାଦ ଭିକ୍ଷା କରିଥିଲେ।

### ଘର ତାଲାଭାଙ୍ଗି ଚୋରି

**ବେଲପାହାଡ, ୨୮।୪ (ଡି.ଏନ.ଏ.):** ବେଲପାହାଡ ଥାନା ରହମତନଗରର ଜଣେ ବ୍ୟକ୍ତିଙ୍କ ଘର ତାଲାଭାଙ୍ଗି ଦୁର୍ବୃତ୍ତମାନେ ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ.୯୫/୨୩) ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଦଳ ସହାୟତାରେ ତଦନ୍ତ ଜାରି ରଖିଛି। ଅଭିଯୋଗକ୍ରମେ ରହମତନଗରର ମୋହମ୍ମଦ ସାହିଦ ଘରେ ତାଲା ମାରି ଝାରସୁଗୁଡ଼ାକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ବୁଧବାର ସନ୍ଧ୍ୟାରେ ଯାଇଥିଲେ। ରାତି ପ୍ରାୟ ୧୨ଟା ସମୟରେ ସେ ଫେରି ଘରେ ପ୍ରବେଶ କଲା ବେଳେ ଦୁଇଜଣ ଦୁର୍ବୃତ୍ତ ଘର ପାଚେରୀ ଡେଇଁ ଫେରାର ମାରିଥିବା ଦେଖିଥିଲେ। ସାହିଦ ଘର ଭିତରକୁ ଯିବା ପରେ ଆଲମିରା ତାଲା ଭାଙ୍ଗି ନଗଦ ୩୦ ହଜାର ଟଙ୍କା ସମେତ ପ୍ରାୟ ୧୩ ଲକ୍ଷ ଟଙ୍କାର ସୁନା ରୁପା ଗହଣା ଲୁଟ୍ ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

### କୁଚିଣ୍ଡା ମାର୍କେଟରେ ଜମୁଛି ଲିଚୁ ପସରା

**କୁଚିଣ୍ଡା, ୨୮।୪(ଡି.ଏନ.ଏ.):** ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ବଡବାହାଲ ଅଞ୍ଚଳ ଲିଚୁ ପାଇଁ ପ୍ରସିଦ୍ଧି ଲାଭ କରିଛି। କୁଚିଣ୍ଡା ମାର୍କେଟରେ ଏବେ ଲିଚୁ ପସରା ଜମୁଛି। ସପ୍ତାହେ ହେବ ବଡବାହାଲ ଲିଚୁ ବିକ୍ରି ପାଇଁ ବଜାରକୁ ଆସୁଥିବା ଦେଖିବାକୁ ମିଳୁଛି। ଲିଚୁ ପାଇଁ ଥଣ୍ଡା ଜଳବାୟୁର ଆବଶ୍ୟକତା ରହିଛି। କିନ୍ତୁ ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁ ଭଲ ବଉଳ ଧରି ନ ପାରି ବିଗତ ବର୍ଷ ତୁଳନାରେ କମ ପରିମାଣର ଲିଚୁ ଆସିଥିବା ଚାଷୀମାନେ କହନ୍ତି। ସାଧାରଣତଃ ଗୋଲାକାର ଓ ବମ୍ବେଗ୍ରୀନ ଭଳି ଦୁଇପ୍ରକାର ଲିଚୁ ବଡବାହାଲରେ ଉତ୍ପାଦନ ହେଉଥିବାରୁ ବଜାରରେ ଏହାର ଚାହିଦା ରହିଛି। କୁଚିଣ୍ଡା ବଜାରକୁ ବିକ୍ରି ପାଇଁ ଆସୁଥିବା ଗୋଲେଇ ଲିଚୁ ପାଇଁ ଭିଡ ଜମୁଛି। ଲିଚୁ ଗୋଟାକୁ ୨ଟଙ୍କା ଓ ୫୦ଟିକିଆ କେଣ୍ଡାକୁ ୧୦୦ଟଙ୍କା ମଧରେ ବିକ୍ରି ହେଉଛି।

# ମ୍ୟୁନିସିପାଲିଟି ଅଫିସ ଘେରିଲେ ମହିଳା

**ବଲାଙ୍ଗୀର ଅଫିସ, ୨୮।୪**

ବଲାଙ୍ଗୀର ମ୍ୟୁନିସିପାଲିଟି ଅନ୍ତର୍ଗତ ୧୫ ନମ୍ବର ୱାର୍ଡର ବହୁ ମହିଳା ଶୁକ୍ରବାର ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସ ଘେରାଉ କରିଥିଲେ। ଏସ୍ଏଚ୍‌ଜିର ପିଡିଏସ୍ ଚାଉଳ ବଣ୍ଟନ ଅବ୍ୟବସ୍ଥାକୁ ବିରୋଧ କରି ମହିଳା ଓ ପୁରୁଷମାନେ ମ୍ୟୁନିସିପାଲିଟି ଅଫିସ ଘେରାଉ କରିବା ସହ ପୌର ନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ମହିଳା ଓ ପୁରୁଷମାନେ ଅଭିଯୋଗ କରିଛନ୍ତି ୧୫ ନମ୍ବର ୱାର୍ଡର ପିଡିଏସ୍ ହିତାଧିକାରୀଙ୍କୁ ଶ୍ୟାମା ଏସ୍ଏଚ୍‌ଜି ପକ୍ଷରୁ ଚାଉଳ ବଣ୍ଟନ ଦାୟିତ୍ୱ ଦିଆଯାଇଥିଲେ ମଧ୍ୟ ସେମାନେ ସୁଚାରୁରୂପେ ଚାଉଳ ବଣ୍ଟନ କରୁନାହାନ୍ତି। କେବେ କେଉଁ ସମୟରେ ଚାଉଳ ବଣ୍ଟନ କରାଯାଉଛି ସେନେଇ ଜନସାଧାରଣ କିଛି ଜାଣିପାରୁନାହାନ୍ତି ବୋଲି କହିଥିଲେ। ଠିକ୍ ଓଜନର ଚାଉଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଏସ୍ଏଚ୍‌ଜି ୧୬ ନମ୍ବର ୱାର୍ଡରେ ରହିଥିବାରୁ ସେଠାରୁ ଚାଉଳ ଆଣିବା ଅସୁବିଧା ହେଉଛି ବୋଲି ଉଲ୍ଲେଖ କରିଛନ୍ତି। ଏହା ସହିତ ଏସ୍ଏଚଜିର ପିଡିଏସ୍ ଚାଉଳ କାଉଣ୍ଟରରେ ବସିଥିବା ଲୋକ ହିତାଧିକାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଥିବା ମହିଳାମାନେ ଅଭିଯୋଗ କରିଥିଲେ। ଶୁକ୍ରବାର ମ୍ୟୁନିସିପାଲିଟି



ବଲାଙ୍ଗୀର ମ୍ୟୁନିସିପାଲିଟି ଅଫିସକୁ ୧୫ ନମ୍ବର ୱାର୍ଡର ମହିଳାମାନେ ଘେରାଉ କରିଛନ୍ତି।

**ଏସ୍ଏଚ୍‌ଜିର ପିଡିଏସ୍ ଚାଉଳ ବଣ୍ଟନ ଅବ୍ୟବସ୍ଥାକୁ ବିରୋଧ**

ସମ୍ମିଳନୀ କକ୍ଷରେ ପୌର ପରିଷଦ ବୈଠକ ଚାଲିଥିବାବେଳେ ମହିଳାମାନେ ଅଫିସ ଘେରାଉ କରିଥିଲେ। ୧୫ ନମ୍ବର ୱାର୍ଡର କାଉନସିଲର ମହେନ୍ଦ୍ର ବାଗ ପୌର ପରିଷଦ ବୈଠକରେ ଉପସ୍ଥିତ ନ ରହି ତାଙ୍କ ନିଜ ୱାର୍ଡର ମହିଳା ମାନଙ୍କ ସହ ମିଶି ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତୁରନ୍ତ ପଡାବାସୀଙ୍କୁ ନ୍ୟାୟ ପ୍ରଦାନ କରି ୧୫ନମ୍ବର ୱାର୍ଡ ପାଇଁ ସେହି ୱାର୍ଡର ଗୋଟିଏ ଏସ୍ଏଚ୍‌ଜିକୁ ପିଡିଏସ୍ ଚାଉଳ ବଣ୍ଟନ ଦାୟିତ୍ୱ ଦେବାକୁ କହିଥିଲେ। କିଛି ସମୟ ନାରାବାଜି କରିବା ପରେ ପୌର ନିର୍ବାହୀ ଅଧିକାରୀ ସାମି ରେଡ୍ଡି ଜୟଶ୍ରୀ ମ୍ୟୁନିସିପାଲିଟି ଅଫିସ ସମ୍ମୁଖକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ। ଗଣମାଧ୍ୟମ ପ୍ରତିନିଧିମାନେ ପୌର ନିର୍ବାହୀ ଅଧିକାରୀଙ୍କୁ ପ୍ରଶ୍ନ କରିବାରୁ ୧୫ ନମ୍ବର ୱାର୍ଡ ମହିଳାମାନେ ନିଜ ୱାର୍ଡରେ ପିଡିଏସ୍ ଚାଉ ବଣ୍ଟନ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଶ୍ୟାମା ଏସ୍ଏଚ୍‌ଜି ବିରୋଧରେ ସେମାନେ ଅଭିଯୋଗ କରିଥିଲେ ମଧ୍ୟ ହାଇକୋର୍ଟରେ ଏହି ମାମଲାଟି ବିଚାରାଧୀନ ରହିଥିବା ସୂଚନା ଦେଇ ସେଠାରୁ ଚାଲିଯାଇଥିଲେ। ମହିଳାମାନଙ୍କଠାରୁ ପୌର ନିର୍ବାହୀ ଅଧିକାରୀ ଦାବିପତ୍ର ଗ୍ରହଣ କରିଥିଲେ ମଧ ଦାବି ପୂରଣ ନେଇ କୌଣସି ପ୍ରତିଶ୍ରୁତି ଦେଇନଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ୧୫ ନମ୍ବର ୱାର୍ଡର କାଉନସିଲର ମହେନ୍ଦ୍ର ବାଗ ଗଣମାଧ୍ୟମକୁ ପ୍ରତିକ୍ରିୟା ରଖି ୨୦୧୯-୨୦ ମସିହାରେ ଶ୍ୟାମା ଏସଏଚ୍‌ଜି ୧୪ହଜାର କୁଇଣ୍ଟାଲ ଚାଉଳ ଘୋଟାଲା କରିଥିବା ତାଙ୍କ ପାଖରେ ଡକ୍ୟୁମେଣ୍ଟ ଅଛି ବୋଲି କହିଛନ୍ତି। ଅନେକ ଥର ଏହି ଏଚ୍ଏଚ୍‌ଜି ବିରୋଧରେ ଖବର ମଧ ପ୍ରକାଶ ପାଇଛି। ଏବେ ଖୋଦ୍ ବିଜେଡି କାଉନସିଲର ମହେନ୍ଦ୍ର ବାଗ୍ ଚାଉଳ ଘୋଟାଲା ସମ୍ପର୍କରେ ଗଣମାଧ୍ୟମରେ କହିବା ପରେ ଏହି ପ୍ରସଙ୍ଗଟି ଚର୍ଚ୍ଚାର ବିଷୟ ହୋଇଛି।

# ୪୪୫ ଜଣଙ୍କୁ ମିଳିଲା ପଟ୍ଟା

**ଟିଟିଲାଗଡ଼, ୨୮।୪ (ଡି.ଏନ.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ ଜାଗା ମିଶନ ଯୋଜନାରେ ଶୁକ୍ରବାର ୪୪୫ ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି। ପୂର୍ବରୁ ୧୯୧ ଜଣଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା। ଯୋଜନାରେ ଯେଉଁ ପରିବାର ପୂର୍ବରୁ ସହରରେ ସରକାରୀ ଜମି ଆବୋରି ବାସ କରୁଛନ୍ତି ସେହି ସ୍ଥାନରେ ସେମାନଙ୍କୁ ପଟ୍ଟା ପ୍ରଦାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ରାଜକନୱର ପାର୍କରେ ଅନୁଷ୍ଠିତ ଏକ ସମାରୋହରେ ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗରିବ ପରିବାରଙ୍କୁ ବାସଗୃହର ଜମି ପଟ୍ଟା ଆବଣ୍ଟନ କରିଥିଲେ। ଟିଟିଲାଗଡ ଅଞ୍ଚଳ ଦ୍ରୁତଗତିରେ ବିକାଶ ଆଡକୁ ଆଗଭର ହେଉଛି ବୋଲି କହିଥିଲେ। ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଉପଜିଲାପାଳ ଦୟାମୟ ପାଢୀ, ତହସିଲଦାର ଡ. ଲଳିତ ବାଗ, ପୌରାଧ୍ୟକ୍ଷା ମମତା ଜୈନ, ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ଆଲୋକ ନାୟକ, କାଉନସିଲର ବୁଦ୍ଧିଆ ଆଚାର୍ଯ୍ୟ, ଗୋପାଳକୃଷ୍ଣ ବେହେରା, ମନୋଜ ଜୈନ, ଚନ୍ଦ୍ରକାନ୍ତି ନାଗ, ସାବିତ୍ରୀ ବାରିକ, ମାନସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ଟୁକୁନୀ ସାହୁ ଜଣେ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରୁଛନ୍ତି।

# ଗୋଦାମରେ ଚାଉଳ କମ୍

**କୋକସରା, ୨୮।୪(ଡି.ଏନ୍.ଏ.)**

ଗରିବଙ୍କ ପାଇଁ ସରକାର ଯୋଗାଉଥିବା ପିଡିଏସ୍ ଚାଉଳ ବାଟମାରଣା ହେଉଥିବା ନେଇ ବ୍ଲକ ଯୋଗାଣ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି ଡହଗାଁ ସରପଞ୍ଚ, ପିଇଓ ଓ ଯୋଗାଣ ସହାୟିକା। କଳାହାଣ୍ଡି ଜିଲା କୋକସରା ବ୍ଲକ ଡହଗାଁ ପଞ୍ଚାୟତ ପାଇଁ ଏପ୍ରିଲ, ମେ ଓ ଜୁନ ମାସ ପାଇଁ ୨୪୯.୯୦ କୁଇଣ୍ଟାଲ ପିଡିଏସ ଚାଉଳ ସିଡବ୍ଲୁସି ଗୋଦାମରୁ ଶୁକ୍ରବାର ସକାଳେ ଆସି ପହଞ୍ଚିଥିଲା। ସେଠାରେ ଉପସ୍ଥିତ ଯୋଗାଣ ସହାୟିକା ବନିତା ଛୁରା, ପିଇଓ ରାଜେନ୍ଦ୍ର ସୋରିଙ୍କ ଉପସ୍ଥିତିରେ ଓଜନ କରାଯିବାରୁ ୨୪୯.୯୦ କୁଇଣ୍ଟାଲ ବଦଳରେ ୨୩୨.୧୮ କୁଇଣ୍ଟାଲ ଚାଉଳ ହୋଇଥିଲା। ପ୍ରତି ବସ୍ତାରେ ୫୦ କେଜି ବଦଳରେ କମ୍ ଚାଉଳ ରହିଥିବା ଜଣାପଡ଼ିବା ପରେ ପଞ୍ଚାୟତ କର୍ମଚାରୀ ଏନେଇ କୋକସରା ବ୍ଲକ ଯୋଗାଣ ଅଧିକାରୀ



ଜଗାରାମ ମୁର୍ମୁଙ୍କୁ ଲିଖିତ ଅଭିଯୋଗ କରି ତଦନ୍ତ କରିବାକୁ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଯୋଗାଣ ଅଧିକାରୀ ପଞ୍ଚାୟତରେ ପହଞ୍ଚି ତଦନ୍ତ କରିବା ସହ ପିଡ଼ିଏସ ଚାଉଳ ୧୭ କୁଇଣ୍ଟାଲ ୭୨ କେଜି କମ ଦେଖିବାକୁ ପାଇଥିଲେ। ଏନେଇ

**ଅଭିଯୋଗ କଲେ ପଞ୍ଚାୟତ କର୍ମଚାରୀ**

ଧର୍ମଗଡ଼ ଉପ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ ଓ ଉପଖଣ୍ଡ ଯୋଗାଣ ବିଭାଗ ଅଧିକାରୀଙ୍କୁ ରିପୋର୍ଟ ଦେଇଛନ୍ତି। ତେବେ ସିଡବ୍ଲୁସି ଗୋଦାମରୁ ଏଲ ୨ ଠିକାଦାର ଅମିତ କୁମାର ଅଗ୍ରୱାଲ କୋକସରା ବ୍ଲକର ୨୨ ପଞ୍ଚାୟତକୁ ପିଡିଏସ୍ ଚାଉଳ ଯୋଗାଣ ଦାୟିତ୍ୱରେ ରହିଛନ୍ତି। ଜିଲା ପ୍ରଶାସନ ଓ ଯୋଗାଣ ବିଭାଗ ପକ୍ଷରୁ ପିଡିଏସ୍ ଚାଉଳ ପଞ୍ଚାୟତକୁ ପହଞ୍ଚିବା ପୂର୍ବରୁ କିଏ ବାଟମାରଣା କରୁଛି ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ହିତାଧିକାରୀମାନେ ଦାବି କରିଛନ୍ତି। ଏ ସମ୍ବନ୍ଧରେ ଯୋଗାଣ ନିରୀକ୍ଷକ ଜଗାରାମ ମୁର୍ମୁଙ୍କୁ ପଚାରିବାରୁ ତଦନ୍ତ ଚାଲିଛି, କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ରିଜର୍ଭୟରରେ ବୁଡ଼ି ଜଣଙ୍କର ସଲିଳ ସମାଧି

**ମାଛ ଧରିବାକୁ ଯାଇଥିଲେ**

**ବେଲପାହାଡ଼, ୨୮।୪(ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ଓପିଜିସି ପମ୍ପହାଉସ ରିଜର୍ଭୟରରେ ବୁଡ଼ି ଶୁକ୍ରବାର ଜଣେ ବ୍ୟକ୍ତିଙ୍କର ସଲିଳ ସମାଧି ଘଟିଛି। ମୃତକ ହେଲେ ବନହରପାଲି ପମ୍ପହାଉସ ପଡ଼ାର ବାସିଲ ଡୁଙ୍ଗଡୁଙ୍ଗ୍ (୫୫)। ସୂଚନା ଅନୁସାରେ ବାସିଲ ଓପିଜିସି ରିଜର୍ଭୟରରୁ ଦୈନିକ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି। ସବୁଦିନ ପରି ସେ ସକାଳେ ଉକ୍ତ ରିଜର୍ଭୟରରେ ମାଛ ଧରିବାକୁ ଏକ ମୋଟର ଟିଉବ୍ ସହାୟତାରେ ପାଣିକୁ ପଶି ଜାଲ ବିଛାଇଥିଲେ। ପରେ ସେ ଟିଉବ୍ ସହାୟତାରେ କୂଳକୁ ଫେରୁଥିବା ସମୟରେ ମଝିରେ ଟିଉବ୍‌ଟି ଓଲଟି ପଡ଼ିଥିଲା। ଫଳରେ ବାସିଲ ରିଜର୍ଭୟର ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ବନହରପାଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଓପିଜିସି ଅଗ୍ନିଶମ ବିଭାଗ ସହାୟତାରେ ରିଜର୍ଭୟର ପାଣିରୁ ମୃତଦେହ ବାହାରକରିଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ



ଜୟନ୍ତୀ ସଭାରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

**ଡୁଙ୍ଗୁରିପାଲି, ୨୮।୪(ଡି.ଏନ.ଏ.)**

**ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଥମେ ମଧୁବାବୁଙ୍କ ଫଟୋଚିତ୍ରରେ ଉପସ୍ଥିତ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଏକ ସଭା ଗୋପାଳ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଘନଶ୍ୟାମ ମେହେର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ଓଡ଼ିଆ ଜାତି ଆଉ ଭାଷାର ସୁରକ୍ଷା ପାଇଁ ସମର୍ପିତ ପ୍ରାଣ । ଉତ୍କଳ ପ୍ରଦେଶ ଗଠନର ସେ ଥିଲେ ଅନ୍ୟତମ ବିଦ୍ଧାଣୀ । ଓଡିଶାକୁ ଶିକ୍ଷା, କୃଷି ତଥା ଶିଳ୍ପରେ ସମୃଦ୍ଧ କରିବା ପାଇଁ ତାଙ୍କର ଅହରହ ପ୍ରଚେଷ୍ଟା ଥିଲା ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ପଧାନ ମଧୁବାବୁଙ୍କ ଜୀବନୀ ଓ ସ୍ୱାଭିମାନ ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ପ୍ରସାଦ ଭୋଇ, ମଞ୍ଜୁଲତା ମିଶ୍ର, ହେମାଙ୍ଗିନୀ ଦାସ, ଦେବାଶିଷ ମହାପାତ୍ର, ଦିଲୀପ କୁମାର ପଧାନ, ବନମାଳୀ ମେହେର, ବିପ୍ରଚରଣ ସାହୁ, ଚନ୍ଦ୍ରମଣି ସାହୁ, ଅମୂଲ୍ୟ ବେହେରା, ଭିକାରୀ ଚରଣ ପଧାନ, ଶେଷଦେବ ଦିଶ୍ରୀ, କିଶୋର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସଂଯୋଜକ ପି.ଏମ. ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଓକିଲ ସଂଘ ପାଳିଲା ଆଇନଜୀବୀ ଦିବସ

**ମୁରିବାହାଲ, ୨୮।୪ (ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଓକିଲ ସଂଘ ପକ୍ଷରୁ ଅସ୍ଥାୟୀ କାର୍ଯ୍ୟାଳୟଠାରେ ଶୁକ୍ରବାର ଆଇନଜୀବୀ ଦିବସ ପାଳିତ ହୋଇଯାଇଛି । ଓକିଲ ସଂଘ ସଭାପତି ଜୟଦେବ ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏଥିରେ ଆଇନଜୀବୀମାନେ ମଧୁବାବୁଙ୍କ ପରି ହେବାକୁ ଆହ୍ୱାନ ଦେଇଥିଲେ।




ଉପସଭାପତି ବିଦ୍ୟାଧର ହାତୀ, ସମ୍ପାଦକ ସୁଦାମ ଚରଣ ବଘାର, ଓକିଲ ସୁନିଲ କୁମାର ପୁଟେଲ, ଦିନେଶ କୁମାର ଚିନ୍ଦା, ଚୂଡାମଣି ମେହେର, ଶୁକଦେବ ତ୍ରିପାଠୀ, ଧର୍ମେନ୍ଦ୍ର ପାତ୍ର, ଶମ୍ଭୁପ୍ରସାଦ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ମାଳ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ, ୨ ଗୁରୁତର

**ସଇଁତଳା, ୨୮।୪(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ ବଡ଼ମାଳ ଗୋଳାବାରୁଦ କାରଖାନାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟା ୪୫ ମିନିଟରେ ଏକ ବିସ୍ଫୋରଣ ଘଟିଛି। ଘଟଣାକୁ ନେଇ ଗୋଳାବାରୁଦ କାରଖାନା ପକ୍ଷରୁ ପ୍ରେସବିଜ୍ଞପ୍ତି ଜାରି କରାଯାଇ ବିସ୍ଫୋରକ ପ୍ରସ୍ତୁତି ସମୟରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ଏଥିରେ ଦୁଇଜଣ କର୍ମଚାରୀ ଆହତ ହୋଇଥିବା ଉଲ୍ଲେଖ କରାଯାଇଛି। ମିଳିଥିବା ସୂଚନା ମୁତାବକ ବଡ଼ମାଳ ଗୋଳାବାରୁଦ କାରଖାନା ୟୁନିଟ-୩ରେ ଜଣେ ଜୁନିୟର ୱାର୍କ୍ସ ମ୍ୟାନେଜର ଓ ଦୁଇଜଣ ଡିବିଡବ୍ଲ୍ୟୁ କର୍ମଚାରୀଙ୍କୁ ନେଇ ଶୁକ୍ରବାର ସକାଳେ କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ ବିସ୍ଫୋରକ ତିଆରି ପାଇଁ କେମିକାଲ ମିଶ୍ରଣ କରୁଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଏଥିରେ ୱାର୍କ୍ସ ମ୍ୟାନେଜର





ବଡମାଳ ଗୋଳାବାରୁଦ କାରଖାନାର ଗୁରୁତର ଆହତ ଦୁଇ କର୍ମଚାରୀ।

ଡ଼ ସରୋଜ ପଣ୍ଡା ଏବଂ ଡିବିଡବ୍ଲ୍ୟୁ ଗୌତମ ମହାନନ୍ଦଙ୍କୁ ଗଭୀର ଆଘାତ ଲାଗିଥିବାବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଆହତ ତିନିଜଣଙ୍କୁ ଉଦ୍ଧାର କରି ଗୋଳାବାରୁଦ କାରଖାନାସ୍ଥିତ ଚିକିତ୍ସାଳୟ ନିଆଯାଇଥିଲା। ସରୋଜ ଏବଂ ଗୌତମଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାଉରକେଲାସ୍ଥିତ ଆଇଜିଏଚ (ବର୍ଣ୍ଣ ୟୁନିଟ)କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। କିଭଳି ପରିସ୍ଥିତିରେ ଏହି ଘଟଣା ଘଟିଲା ତାକୁ ନେଇ କାରଖାନା ପକ୍ଷରୁ ଏକ ଅନୁସନ୍ଧାନ ବୋର୍ଡ ଗଠନ କରାଯାଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ବଲାଙ୍ଗୀର ପୌର ପରିଷଦ ବୈଠକ

**ବଲାଙ୍ଗୀର ଅଫିସ, ୨୮।୪**

ବଲାଙ୍ଗୀର ମ୍ୟୁନିସିପାଲିଟି ସମ୍ମିଳନୀ କକ୍ଷରେ ପୌରାଧ୍ୟକ୍ଷା ଲିକା ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୌର ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, ନିର୍ବାହୀ ଅଧିକାରୀ ସାମି ରେଡ୍ଡି ଜୟଶ୍ରୀଙ୍କ ସମେତ ୨୧ଟି ୱାର୍ଡର କାଉନସିଲର ଏବଂ ମ୍ୟୁନିସିପାଲିଟି ଯନ୍ତ୍ରୀ, କର୍ମଚାରୀ ଉପସ୍ଥିତ ଥିଲେ। ବୈଠକରେ କାଉନସିଲରମାନେ ବିଭିନ୍ନ ୱାର୍ଡର ସଫେଇ ଓ ଅନ୍ୟାନ୍ୟ ସମସ୍ୟା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ। ସଫେଇ କାର୍ଯ୍ୟ ସୁଚାରୁରୂପେ ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ସଫେଇ କର୍ମଚାରୀମାନେ ମାସିକ ଦରମା ପାଉଥିଲେ ମଧ ଠିକ୍ ଭାବେ କାମ କରୁ ନ ଥିବା କୁହାଯାଇଥିଲା। ସଫେଇ କାର୍ଯ୍ୟ ତଦାରଖ କରୁଥିବା ଠିକାଦାର ଅଳ୍ପ କିଛି ସଫେଇ କର୍ମଚାରୀଙ୍କୁ କାମରେ ଲଗାଇ ଅନେକ ଲୋକଙ୍କ ଦରମା ଆତ୍ମସାତ୍ କରୁଥିବା ଆଲୋଚନାର ବିଷୟ ହୋଇଥିଲା। ଏହି ବୈଠକରେ ସବୁଠୁ ବେଶୀ ଚର୍ଚ୍ଚାର ବିଷୟ ହୋଇଥିଲା ଦୁଇ ବିଜେଡି କାଉନସିଲରଙ୍କ ପରସ୍ପର



ବଲାଙ୍ଗୀର ମ୍ୟୁନିସିପାଲିଟି କାଉନସିଲ ବୈଠକରେ ଉପସ୍ଥିତ ସଦସ୍ୟ।

**ପିଡିଏସ୍ ଚାଉଳ ବଣ୍ଟନକୁ ନେଇ ଦୁଇ ବିଜେଡି କାଉନସିଲର ମୁହାଁମୁହିଁ**

ସାଂଘାତିକ ଅଭିଯୋଗ କରିବା ଘଟଣା। ପୌର ପରିଷଦ ବୈଠକ ଚାଲିଥିବାବେଳେ ୱାର୍ଡ ନମ୍ବର ୧୫ର ବହୁ ମହିଳା ଓ ପୁରୁଷ ମ୍ୟୁନିସିପାଲିଟି ଅଫିସ ଘେରାଉ କରିଥିଲେ। ୱାର୍ଡ ନମ୍ବର ୧୫ର କାଉନସିଲର ମହେନ୍ଦ୍ର ବାଗ ଶ୍ୟାମା ଏସ୍ଏଚ୍‌ଜିର ଚାଉଳ ବଣ୍ଟନ ଅବ୍ୟବସ୍ଥା ବିରୋଧରେ ଗର୍ଜିଥିଲେ। ଶ୍ୟାମା ଏସ୍ଏଚ୍‌ଜି ପିଡିଏସ୍ ହିତାଧିକାରୀଙ୍କୁ ଠିକ୍ ଭାବେ ଚାଉଳ ବଣ୍ଟନ କରୁ ନ ଥିବା ଅଭିଯୋଗ କରିବା ସହ ଏହା ପଛରେ ୧୬ ନମ୍ବର ୱାର୍ଡର କାଉନସିଲର ସନ୍ତୋଷିସୀ କୁଅଁରଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। କଉନସିଲର ବାଗଙ୍କ ସୂଚନା ମୁତାବକ ଏବେ ୧୬ ନମ୍ବର କାଉନସିଲର ଥିବା କୁଅଁର ପୂର୍ବରୁ ଶ୍ୟାମା ଏସଏଚ୍‌ଜିର ସଭାନେତ୍ରୀ ଭାବେ କାର୍ଯ୍ୟ କରୁଥିଲେ। କାଉନସିଲର ହେବା ପରେ ସେ ସଭାନେତ୍ରୀ ପଦରୁ ହଟିଯାଇ କାଉନସିଲର ରହିଥିଲେ ମଧ ଏସ୍ଏଚ୍‌ଜି ଚାଉଳ ବଣ୍ଟନରେ ସାମିଲ ଥିବା କହିଛନ୍ତି। ୨୦୧୯-୨୦ ମସିହାରେ ସେ ଚାଉଳ ହେରଫେର କରିଥିଲେ ବୋଲି ଅଭିଯୋଗ କରିଛନ୍ତି। ଏଣୁ ଏହି ଏସ୍ଏଚ୍‌ଜିକୁ ଚାଉଳ ବଣ୍ଟନ ଦାୟିତ୍ୱରୁ ହଟାଯାଉ ବୋଲି ଦାବି କରିଛନ୍ତି। ଅନ୍ୟପଟେ କାଉନସିଲର କୁଅଁର ଏଭଳି ଅଭିଯୋଗକୁ ଖଣ୍ଡନ କରି ୧୫ ନମ୍ବର ୱାର୍ଡର କାଉନସିଲର ବାଗ ତାଙ୍କୁ ମାସିକ ୨୦ ହଜାର ଟଙ୍କା ମାଗୁଥିଲେ ନ ଦେବାରୁ ଘେରାଉ କରି ଚାଉଳ ବଣ୍ଟନରୁ କାଟିବାକୁ ଉଦ୍ୟମ କରୁଥିବା କହିଛନ୍ତି। ଏହି ଦୁଇ ବିଜେଡି କାଉନସିଲର ପରସ୍ପର ଅଭିଯୋଗ, ପ୍ରତ୍ୟାଭିଯୋଗ ଏବଂ ମୁହାଁମୁହିଁ ଘଟଣା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

## ସଂକ୍ଷେପରେ

### ପଦ୍ମପୁର ଓକିଲ ସଂଘର ଆଇନଜୀବୀ ଦିବସ ପାଳନ

ପଦ୍ମପୁର,୨୮।୪(ଡି.ଏନ.ଏ.): ମଧୁବାବୁ ଜୟନ୍ତୀ ଅବସରରେ ବରଗଡ଼ ଜିଲା ପଦ୍ମପୁର ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ବିଚାରପତି ଏବଂ ଓକିଲ ସଂଘ ସଦସ୍ୟ ପ୍ରଥମେ ଦୀପ ପ୍ରଜ୍ୱଳନ ସହ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ଓକିଲ ସଂଘ ସଭାପତି ସନ୍ତୋଷ କୁମାର ଶତପଥୀଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିରିକ୍ତ ଜିଲା ଦୌରାଜଜ୍ ଅରବିନ୍ଦ ରଥ, ସବ୍‌ଜଜ୍ ଦେବାଶିଷ ଦାଶ, ଏସ୍‌ଡିଜେଏମ୍ ପ୍ରଜ୍ଞା ଲଳିତ ମିଶ୍ର, ସଂଘର ବରିଷ୍ଠ ସଦସ୍ୟ ରାଧାବଲ୍ଲଭ ପାଣିଗ୍ରାହୀ, ପୂର୍ବତନ ସଭାପତି ଉମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ଆନନ୍ଦ କୁମାର ପଣ୍ଡା, କିଶୋର କୁମାର ମେହେର, ଯୋଗେନ୍ଦ୍ର କୁମାର ଭୋଇ, ବିଭୂତି ଭୂଷଣ ଦାଶ, ଦିଲୀପ ପ୍ରଧାନ, ପ୍ରଦୀପ କୁମାର ଯୋଷୀ, ହିତେନ୍ଦ୍ରୀୟ ବାରିକ, ସୁଶୀଲ ପ୍ରଧାନ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଯୋଗଦାନ କରିଥିଲେ। ଓକିଲ ସଂଘର ସମ୍ପାଦକ ଚିନ୍ମୟ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ନବୋଦୟ ବିଦ୍ୟାଳୟର ବାର୍ଷିକୋତ୍ସବ

ପାଇକମାଲ,୨୮।୪(ଡି.ଏନ.ଏ.): ପାଇକମାଳ ଜବାହର ନବୋଦୟ ବିଦ୍ୟାଳୟର ୧୭ତମ ବାର୍ଷିକୋତ୍ସବ ବିଦ୍ୟାଳୟର ଅଧକ୍ଷ ସରୋଜ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି, ପଦ୍ମପୁର ଭାରପ୍ରାପ୍ତ ଉପଜିଲାପାଳ ସଦାକର କୁମ୍ବାର, ଅଞ୍ଚଳ କଲେଜର ଇଂରାଜୀ ଭାଷା ଓ ସାହିତ୍ୟ ବିଭାଗୀୟ ମୁଖ୍ୟ ପ୍ରାଧାପକ ଲଳିତ ମୋହନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଜଗଦୀଶ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉମେଶ ଝାଙ୍କର, ମୋହନ ସୁନ୍ଦର ବେହେରା, ମନୋରଞ୍ଜନ ପାଢ଼ୀ, ସଙ୍ଗୀତା ମେହେଟ୍ଟା, ବିଜୟ ଦିବେଦୀ, ଇପ୍ସିତା ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

### ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ

ପଦ୍ମପୁର,୨୮।୪(ଡି.ଏନ.ଏ.): ପଦ୍ମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସଙ୍କୁଳ ପ୍ରମୁଖ ଦ୍ୱାଦଶ ପଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ର ନିର୍ମାଣରେ ଆମର ଭୂମିକା, ଭାରତୀୟ ସଂସ୍କୃତି ଓ ସମାଜର ମଙ୍ଗଳ ଉପରେ ମାର୍ଗଦର୍ଶନ କରିଥିଲେ। ଉକ୍ତ ସମାରୋହ ଉତ୍ସବରେ ସଂକୁଳ ସଂଯୋଜକ ଯୁବରାଜ ପଧାନ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଲୋକନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମୟାନୁବର୍ତ୍ତିତା ଓ ପୂର୍ବ ପ୍ରସ୍ତୁତି ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଜନକଲାଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପଦ୍ମପୁର ସଙ୍କୁଳରୁ ୧୨୮ ଜଣ ଗୁରୁମା ଗୁରୁଜୀ ଯୋଗ ଦେଇଥିବା ବେଳେ ୨୨ଜଣ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ। ମିନତୀ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ରହସ୍ୟରୁ ହଟୁନି ପରଦା

### ତ୍ରିପଲ ମର୍ଡର ଓ ଯୁବତୀ ଅପହରଣ ଘଟଣା

ଭେଡ଼େନ,୨୮।୪(ଡି.ଏନ.ଏ.)


ମୃତ ଟଙ୍କଧରଙ୍କ ଘର ଆଗରେ ତାଲା ଝୁଲୁଛି।

ବରଗଡ଼ ଜିଲା ଭେଡ଼େନ ଥାନା ରଷୁଡ଼ା ଫାଣ୍ଡି ଅନ୍ତର୍ଗତ ଆଖିଫୁଟା ଗ୍ରାମରେ ଗତ ୧୭ ତାରିଖରେ ସଙ୍ଘଠିତ ତ୍ରିପଲ ମର୍ଡର ଘଟଣାକୁ ୧୧ଦିନ ବିତିଥିଲେ ମଧ ପୋଲିସ ହାତ ଖାଲି ରହିଛି। ପୋଲିସର ତଦନ୍ତ ମୃତକମାନଙ୍କ ସମ୍ପର୍କୀୟଙ୍କୁ ଥାନାକୁ ଡକାଇ କେବଳ ପଚରାଉଚରା କରିବାରେ ସୀମିତ ରହିଛି। ହତ୍ୟାକୁ ନେଇ କୌଣସି ଠୋସ୍ ସୁରାକ୍ ପାଇବାରେ ପୋଲିସ ଏଯାଏ ସମର୍ଥ ହୋଇନାହିଁ। ଅନ୍ୟପକ୍ଷେ ବିଭିନ୍ନ ଦିଗରୁ ସନ୍ଦେହ ଘେରରେ ରହିଥିବା ଟଙ୍କଧରଙ୍କ ସମ୍ପର୍କୀୟ ଭଣଜାଙ୍କୁ ପୋଲିସ ଏଯାଏ ଠାବ କରିପାରିନାହିଁ। ସମ୍ପତି ଲୋଭରେ ଏଭଳି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ମୃତଦେହ ବ୍ୟବଚ୍ଛେଦ ରିର୍ପୋଟ ଆସିଲା ପରେ ଘଟଣାର ଅଧିକ ତଥ୍ୟ ଜଣାପଡ଼ିବ ଏବଂ ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଥିବା ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା କହିଛନ୍ତି। ଏ ନେଇ ଭେଡ଼େନ ଥାନାରେ ଦଫା ୩୦୨ରେ ଏକ ମାମଲା (ନଂ.୧୨୯।୨୩) ରୁଜୁ କରି ପୋଲିସ ହାତ ବାନ୍ଧି ବସିଛି। ସେହିପରି ଦେହେରିପାଲି ଗ୍ରାମରୁ ଯୁବତୀ ଅପହରଣ ଘଟଣାର ପର୍ଦ୍ଦାଫାଶ କରିବାରେ ପୋଲିସ ଏଯାଏ ସକ୍ଷମ ହୋଇନାହିଁ।

ପ୍ରକାଶ ଯେ, ଗତ ୧୭ ତାରିଖ ସୋମବାର ବିଳମ୍ବିତ ରାତିରେ ଆଖିଫୁଟା ଗ୍ରାମରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ଏଥିରେ ଗୋଟିଏ ପରିବାରର ୩ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକମାନେ ହେଲେ ପରିବାରର ମୁଖ୍ୟ ଟଙ୍କଧର ସାହୁ(୭୦) ଏବଂ ତାଙ୍କ ସ୍ତ୍ରୀ ଦ୍ରୌପଦୀ (୬୫) ଓ ମାଧବୀ(୪୫)। ପରଦିନ ଖବର ପାଇ ପୋଲିସ ଅନୁସନ୍ଧାନୀ କୁକୁର ଏବଂ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାସ୍ଥଳରେ ଛାନ୍‌ଭିନ୍ କରିଥିଲା। ଟଙ୍କଧରଙ୍କ ପରିବାର ସହ କାହାର କଳିଗୋଳ କିମ୍ବା ମନୋମାଳିନ୍ୟ ନ ଥିବା ପଡ଼ୋଶୀ ଗଣ୍ଡିଆପାଲି ଗ୍ରାମର ସତ୍ୟନାରାୟଣ କୁଦେଇ କହିଛନ୍ତି। ଆଖିଫୁଟା ତ୍ରିପଲ ମର୍ଡ଼ର ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ଗତ ୨୧ ତାରିଖରେ ଦେହେରିପାଲି ଗ୍ରାମରୁ ଯୁବତୀ ଅପହରଣ ଘଟଣା ପୋଲିସ ପାଇଁ ବଡ଼ ଚାଲେଞ୍ଜ ହୋଇଛି। ଏହି ଘଟଣାକୁ ମଧ ସାତ ଦିନ ବିତିଯାଇଥିଲେ ମଧ ପୋଲିସ ହାତ ଖାଲି ରହିଛି। ମୋବାଇଲ ଫୋନ ଟ୍ରାକିଂ କରାଯାଉଥିବା ତଦନ୍ତ ଦାୟିତ୍ୱରେ ଥିବା ଏସ୍‌ଆଇ ଦୟାନିଧି ପାତ୍ର କହିଛନ୍ତି। ତେବେ ଭେଡ଼େନ ଥାନା ଅଞ୍ଚଳରେ ଘଟିଯାଉଥିବା ଗୋଟିଏ ପରେ ଗୋଟିଏ ଅପରାଧର ରହସ୍ୟ ଉନ୍ମୋଚନ ହୋଇପାରୁ ନ ଥିବା ବେଳେ ପୋଲିସ ଲୋକଙ୍କ ଆସ୍ଥା ହରାଇବାରେ ଲାଗିଛି।

# ଅଧ୍ୟକ୍ଷଙ୍କୁ ଭେଟିଲା ମହିଳା ସମିତି


ମହିଳା ସମିତିର ପ୍ରତିନିଧିବୃନ୍ଦ କଲେଜ ଅଧ୍ୟକ୍ଷଙ୍କୁ ଭେଟିଛନ୍ତି ।

ବରଗଡ଼ ଅଫିସ୍,୨୮।୪

ବରଗଡ଼ ମହିଳା କଲେଜକୁ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ନାମରେ ନାମିତ କରିବା ପାଇଁ ବରଗଡ଼ ମହିଳା ସମିତି ଦାବି କରିଆସୁଛି। ଗତ ମାର୍ଚ୍ଚ ୮ତାରିଖ ଆନ୍ତର୍ଜାତୀକ ମହିଳା ଦିବସ ଅବସରରେ ମହିଳା ସମିତି ପକ୍ଷରୁ ଏ ନେଇ କଲେଜ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ନେଇ ପ୍ରସ୍ତାବ ନିଆଯିବା ସହ ଗତ ୨୧ତାରିଖରେ ଅଧ୍ୟକ୍ଷ ହୋତା ସେ ସମ୍ପର୍କିତ ପ୍ରସ୍ତାବପତ୍ର ଉଚ୍ଚ ପଦାଧିକାରୀଙ୍କ ନିକଟକୁ ପଠାଇଛନ୍ତି। ଏହା ଜାଣିବା ପରେ ଶୁକ୍ରବାର ମହିଳା ସମିତିର ଏକ ପ୍ରତିନିଧି ଦଳ କଲେଜ ଅଧ୍ୟକ୍ଷ ହୋତାଙ୍କୁ ଭେଟିଥିଲେ ଏବଂ ସେଭଳି ତତ୍ପରତାକୁ ନେଇ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ପ୍ରତିନିଧି ଦଳରେ ସମିତିର ମାର୍ଗଦର୍ଶିକା ଗୀତା ମିଶ୍ର, ସଭାନେତ୍ରୀ ରାଧାରାଣୀ ମିଶ୍ର, ସମ୍ପାଦିକା ମନ୍ଦାକିନୀ ପତି, କୋଷାଧ୍ୟକ୍ଷା ଜୟଶ୍ରୀ ପଣ୍ଡା, ବନଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ହ୍ୟାଣ୍ଡଟେକ୍ସ ଫେଷ୍ଟରେ ଆଇଆଇଏଚ୍‌ଟିର ସଫଳତା


ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ଗହଣରେ କୃତୀ ଛାତ୍ରୀମାନେ ।

ବରଗଡ଼ ଅଫିସ୍,୨୮।୪

ବରଗଡ଼ ସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହ୍ୟାଣ୍ଡଲୁମ ଟେକ୍ନୋଲୋଜି (ଆଇଆଇଏଚ୍‌ଟି)ର ଛାତ୍ରୀଛାତ୍ର ବାରାଣସୀଠାରେ ଅନୁଷ୍ଠିତ ହ୍ୟାଣ୍ଡଟେକ୍ସ ଫେଷ୍ଟରେ କୃତିତ୍ୱ ଅର୍ଜନ କରିଛନ୍ତି। ପେପର ପ୍ରେଜେଣ୍ଟେଶନ ଏବଂ ଫ୍ୟାଶନ ଶୋରେ ଉକ୍ତ ଅନୁଷ୍ଠାନର ଛାତ୍ରୀଛାତ୍ର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଆଇଆଇଏଚ୍‌ଟି ବାରାଣସୀ ଦ୍ୱାରା ଅନୁଷ୍ଠିତ ଉକ୍ତ ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟର ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଯୋଗଦେଇ ଥିବାବେଳେ ବରଗଡ଼ ଆଇଆଇଏଚ୍‌ଟିର ଜାହ୍ନବୀ ବାହାକର, ସ୍ମୃତିପ୍ରିୟା ବେହେରା, ମଧୁଛନ୍ଦା ପଟ୍ଟନାୟକ, ପୂର୍ବା ଦେୱାଙ୍ଗନ, ଅନୁସୂୟା ସାହୁ, ସୁଲଗ୍ନା ସାହୁ, ଲାବଣ୍ୟ ପାଉନିକର, ସ୍ମୃତିରୂପା ପ୍ରିୟଦର୍ଶିନୀ, ବିନ୍ଧ୍ୟବାସିନୀ ଦେହେରୀ, ଭାସ୍ୱତୀ ଦାଶ, ଶର୍ମିଷ୍ଠା ରଥ, ଜୟା ସନନ୍, ପଲକ୍ ମୋତୱାନୀ ପ୍ରମୁଖ ଅଂଶଗ୍ରହଣ କରିଥଲେ ଏବଂ କୃତିତ୍ୱ ହାସଲ କରି ଅନୁଷ୍ଠାନ ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ତାମିଲନାଡୁର ଏ. ରାଜକୁମାର, ଏମ୍. ସେନ୍ଥିଲ ମହାସୁନ୍ଦରମ ସହଯୋଗ କରିଥିଲେ। ଉକ୍ତ ପ୍ରତିଯୋଗୀମାନେ ଆମ ଅଞ୍ଚଳର ବୁଣାକାରମାନଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ଶାଢ଼ି, ବସ୍ତ୍ର ପ୍ରଦର୍ଶନ କରିବା ସହ ହସ୍ତତନ୍ତ କପଡ଼ାର ବଳକା ଅଂଶକୁ ବିଭିନ୍ନ ସିଲେଇ ଦୋକାନରୁ ସଂଗ୍ରହ କରି ସେଥିରୁ ପୋଷାକ ପ୍ରସ୍ତୁତ କରିଥିଲେ। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତା ପାଇଁ ବରଗଡ଼ ଆଇଆଇଏଚ୍‌ଟିର ଡାଇରେକ୍ଟର ଏମ୍. ଆନନ୍ଦନ, ଅରବିନ୍ଦ କୁମାର, ରାଜେନ୍ଦ୍ର ସିକନ୍ଦର, ସ୍ନିଗ୍ଧା ମିଶ୍ର, ଦୀପକ କୁମାର ସରାଫ, ଦିଲୀପ କୁମାର ଦାଶ, ସିଦ୍ଧେଶ୍ୱରୀ ଦେହେରୀ, ଚିନ୍ତାମଣି ପ୍ରଧାନ ପ୍ରମୁଖ କୃତୀ ଛାତ୍ରୀଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

### କଳା ବ୍ୟାଜ୍ ପିନ୍ଧି ବିଦ୍ୟୁତ୍ ଇଞ୍ଜିନିୟର, ଅଫିସରଙ୍କ ପ୍ରତିବାଦ

ପଦ୍ମପୁର,୨୮।୪(ଡି.ଏନ.ଏ.)

ଓଡିଶା ପାୱାର ଇଞ୍ଜିନିୟର ଫେଡେରେଶନର ନିଷ୍ପତ୍ତି କ୍ରମେ ପଦ୍ମପୁର ଉପଖଣ୍ଡ ବିଦ୍ୟୁତ୍ ବିଭାଗରେ କାର୍ଯ୍ୟରତ ସମସ୍ତ ଇଞ୍ଜିନିୟର ଓ ଅଫିସର ଶୁକ୍ରବାର କଳା ବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି। ବାରମ୍ବାର ଇଞ୍ଜିନିୟର ଓ ଅଫିସରମାନଙ୍କୁ ଅବହେଳା ପ୍ରଦର୍ଶନ କରାଯାଉଥିବାରୁ ପୁଞ୍ଜିଭୂତ ଅସନ୍ତୋଷ ଏବେ ଆନ୍ଦୋଳନର ରୂପ ନେଇଛି। ଗତ ୨୬ରୁ ସାରା ଓଡିଶା ଶକ୍ତି ସଞ୍ଚାରଣ ନିଗମ, ଜଳ ବିଦ୍ୟୁତ ନିଗମ, ଶକ୍ତି ଉତ୍ପାଦନ ନିଗମ, ଗ୍ରୀଡ୍ କର୍ପୋରେଶନରେ କାର୍ଯ୍ୟରତ ଇଞ୍ଜିନିୟର, ଅଫିସର କଳା ବ୍ୟାଜ୍ ପିନ୍ଧି ସେମାନଙ୍କ ପ୍ରତି ହୋଇଥିବା ଅନ୍ୟାୟର ପ୍ରତିବାଦ କରିଛନ୍ତି। ୧୯୯୫ ପୂର୍ବରୁ ବିଦ୍ୟୁତ୍ ଯନ୍ତ୍ରୀ, ଅଫିସରମାନେ ସରକାରୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିଲେ। ବିଦ୍ୟୁତ୍ ବୋର୍ଡ ହେବା ପରେ ସେମାନେ ସରକାରୀ କର୍ମଚାରୀଙ୍କ ସୁବିଧାରୁ ବଞ୍ଚିତ ହେଲେ। ପରବର୍ତ୍ତୀ ସମୟରେ ନିଗମ ହେବାରୁ ପରେ ଅନ୍ୟାନ୍ୟ ସମସ୍ତ ସୁବିଧାରୁ ସେମାନେ ବଞ୍ଚିତ ହୋଇଛନ୍ତି। ତେଣୁ ଅଫିସର, ଇଞ୍ଜିନିୟରମାନେ ଏକ ସପ୍ତାହ ପର୍ଯ୍ୟନ୍ତ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବେ। ତଥାପି ସଫଳତା ନ ମିଳିଲେ ମହମବତୀ ଜାଳିମିଳିତ ପ୍ରତିବାଦ, ଶେଷରେ ଧାରଣା ଦେବେ ବୋଲି ସଂଘ ପକ୍ଷରୁ ଶକ୍ତି ସଚିବ, ନିଗମ ଅଧକ୍ଷ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆଯାଇଛି।

# ବିଶ୍ୱସ୍ତରୀୟ ଅନୁଷ୍ଠାନର ବିକାଶ ସମୀକ୍ଷା

ପଦ୍ମପୁର,୨୮।୪(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଶିକ୍ଷା ବିଭାଗ ଏବଂ ଆଇକ୍ୟୁଏସି ସହଯୋଗରେ ଶୁକ୍ରବାର ଅଧକ୍ଷ ଡ଼ ଲଳିତେନ୍ଦୁ ନାୟକଙ୍କ ସଭାପତିତ୍ୱରେ 'ବିଶ୍ୱସ୍ତରୀୟ ଅନୁଷ୍ଠାନର ବିକାଶ ଏବଂ ଏ ଦିଗରେ ହିତାଧିକାରୀଙ୍କ ଭୂମିକା' ଶୀର୍ଷକ ବ୍ୟାଖ୍ୟାନ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ମୁଖ୍ୟ ଡ଼ ତୁଷାରକାନ୍ତ ସାହୁ ଅତିଥି ପରିଚୟ ଦେଇଥିଲେ। ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ଉମେଶ ଚନ୍ଦ୍ର ବଶିଷ୍ଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶ୍ୱସ୍ତରୀୟ ଅନୁଷ୍ଠାନ ବିଷୟରେ ସଂକ୍ଷିପ୍ତ ଧାରଣା ଦେଇ ଶିକ୍ଷାର ଆନ୍ତର୍ଜାତୀୟକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଦିଗରେ ଶିକ୍ଷାର ସମସ୍ତ ହିତାଧିକାରୀମାନଙ୍କ ଭୂମିକାର ଉଦାହରଣ ସହ ବ୍ୟାଖ୍ୟା କରିଥଲେ। ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ପର୍ଶୁରାମ ମିଶ୍ର, ସମ୍ବଲପୁରର ପୂର୍ବତନ ପ୍ରଫେସର ଉମେଶ ପ୍ରସାଦ ଖେଡ଼େଙ୍ଗା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଗତୀକରଣ, ଉଦାରୀକରଣ ଏବଂ ଘରୋଇକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଞ୍ଚଳ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ନିଜ ଅଭିଭାଷଣରେ ବିଶ୍ୱସ୍ତରୀୟ ଅନୁଷ୍ଠାନର ବିକାଶ ଦିଗରେ ଶିକ୍ଷକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଆଇକ୍ୟୁଏସିର ସଂଯୋଜକ ପ୍ରଫେସର ଲଳିତ ମୋହନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପିକ ତଥା ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

# ଏଫ୍‌ଏମ୍ ଟ୍ରାନ୍ସମିଟର ଉଦ୍‌ଘାଟିତ


ଉଦଘାଟନୀ ସମାରୋହରେ ବରଗଡ଼ ଲୋକସଭା ସାଂସଦ ଏବଂ ଅନ୍ୟମାନେ ।

ବରଗଡ଼ ଅଫିସ୍,୨୮।୪

ପ୍ରସାର ଭାରତୀ ପକ୍ଷରୁ ବରଗଡ଼ଠାରେ ଏଫ୍‌ଏମ୍ ଟ୍ରାନ୍ସମିଟର (ରିଲେ କେନ୍ଦ୍ର) ଶୁକ୍ରବାର ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରେଡ଼ିଓର ପ୍ରଚାର ପ୍ରସାର ପାଇଁ କେନ୍ଦ୍ର ସରକାରଙ୍କ ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ। ୧୦୦ ୱାଟ୍ କ୍ଷମତା ସମ୍ପନ୍ନ ଟ୍ରାନ୍ସମିଟର ପ୍ରତିଷ୍ଠା ଦ୍ୱାରା ବରଗଡ଼ ଅଞ୍ଚଳର ୨୨କି.ମି ପରିଧି ମଧ୍ୟରେ କଟକ ଆକାଶବାଣୀର କାର୍ଯ୍ୟକ୍ରମ ସକାଳ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଶ୍ରୋତାମାନେ ଶୁଣିପାରିବେ ବୋଲି ସୂଚନା ଦିଆଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆକାଶବାଣୀ ସମାଚାର ବିଭାଗ, ନୂଆଦିଲ୍ଲୀର ଯୁଗ୍ମ ନିର୍ଦ୍ଦେଶକ ନବଲ ସିଂ ପରମାର, ଆକାଶବାଣୀ ସମ୍ବଲପୁର ଯାନ୍ତ୍ରିକ ବିଭାଗର ମୁଖ୍ୟ ରମେଶ ଚନ୍ଦ୍ର ଭୋଇ, ବରଗଡ଼ କେନ୍ଦ୍ର ଦାୟିତ୍ୱରେ ଥିବା ରାଜକିଶୋର ପଣ୍ଡା, ଦୂରଦର୍ଶନ ସମ୍ବଲପୁର ଯାନ୍ତ୍ରିକ ବିଭାଗର ମୁଖ୍ୟ ପ୍ରଦୀପ୍ତ କୁମାର ମିଶ୍ର, ଆକାଶବାଣୀ ସମ୍ବଲପୁର ଓ ଦୂରଦର୍ଶନର ମୁଖ୍ୟ ମନୋଜ ପୂଜାରୀ, ଆକାଶବାଣୀ ବରଗଡ଼ର ସମ୍ବାଦଦାତା ଉମେଶ ବିଶ୍ୱାଳଙ୍କ ସମେତ ଆକାଶବାଣୀ ଓ ଦୂରଦର୍ଶନ କର୍ମଚାରୀମାନେ ଉପସ୍ଥିତ ଥିଲେ। ବରଗଡ଼ ଜିଲା ଆକାଶବାଣୀ ଶ୍ରୋତା, ଲେଖକ, କଳାକାର ତଥା ବିଭିନ୍ନ ବର୍ଗର ଲୋକେ ସାମିଲ ହୋଇଥିଲେ।

### ନାଟ୍ୟ କଳା ସଂସଦର କୃଷ୍ଣଲୀଳା ମହୋତ୍ସବ

ବାଉଁଶୁଣୀ, ୨୮।୪(ଡି.ଏନ.ଏ.)

ବାଉଁଶୁଣୀ ପଞ୍ଚାୟତ ଟିକିରାପଡା ଗ୍ରାମରେ ଶ୍ରୀ ଶ୍ରୀ ନାଟ୍ୟ କଳା ସଂସଦ ଦ୍ୱାରା କୃଷ୍ଣଲୀଳା ମହୋତ୍ସବ ଗତ ବୁଧବାରଠାରୁ ଆରମ୍ଭ ହୋଇଛି। ସକାଳ ସମୟରେ ପୂଜା ମଣ୍ଡପରେ ପୂଜାର୍ଚ୍ଚନା ହୋଇଥିଲା। କର୍ତ୍ତା ଭାବରେ ସୁବାସ ମେହେର ସହଧର୍ମିଣୀ ସଂଯୁକ୍ତା ମେହେର ଥିବାବେଳେ ତ୍ରିବିକ୍ରମ ପାଢୀ ପୂଜାକାର୍ଯ୍ୟ ତୁଲାଇଥିଲେ। ସନ୍ଧ୍ୟାରେ ଶେଷ କୁମାର ମେହେର କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହା ପରେ କୃଷ୍ଣ ଜନ୍ମ ନାଟକ ମଞ୍ଚସ୍ଥ ହୋଇଥିଲା। ବିଭିନ୍ନ ଭୂମିକାରେ ପ୍ରଭାତ ମହାରଣା, ମୁକୁନ୍ଦ ମେହେର, ଅକ୍ଷୟ ମେହେର, କୈବଲ୍ୟ ମେହେରଙ୍କ ସମେତ ସଂଘର ବହୁ କଳାକାର ଅଭିନୟ କରିଥିଲେ। ଏହି ନାଟକ ଦେଖିବାକୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ମାରୱାଡି ଯୁବାମଞ୍ଚ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଶପଥ ଗ୍ରହଣ ସମାରୋହରେ ମଞ୍ଚାସୀନ ଅତିଥିଗଣ।

ସରଣ୍ଡା,୨୮।୪(ଡି.ଏନ.ଏ.)

ବରଗଡ଼ ଜିଲା ଅତାବିରା ସ୍ଥିତ ମାରୱାଡ଼ି ଧର୍ମଶାଳାରେ ସ୍ଥାନୀୟ ମାରୱାଡ଼ି ଯୁବାମଞ୍ଚ ଏବଂ ଜାଗୃତି ଶାଖାର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ପରାଗ ଅଗ୍ରୱାଲ ମୁଖ୍ୟ ଅତିଥି, ପ୍ରାନ୍ତୀୟ କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ ପାଲିୱାଲ ଓ ବରଗଡ଼ ଯୁବାମଞ୍ଚ ସଭାପତି ସନ୍ଦିପ ଗୁପ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ମାରୱାଡି ଯୁବା ମଞ୍ଚ ପୂର୍ବତନ ଅଧକ୍ଷ ହେମନ୍ତ ଜୈନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଉମେଶ ଅଗ୍ରୱାଲ ପରିଚାଳନା କରିଥିଲେ। ସ୍ଥାନୀୟ ଜାଗୃତି ଶାଖାର ପୂର୍ବତନ ଅଧକ୍ଷ ଶୋଭା ଅଗ୍ରୱାଲ, ମହେଶ ଅଗ୍ରୱାଲ ମଞ୍ଚାସୀନ ଥିଲେ । ପବନ ଅଗ୍ରୱାଲ ଅଧକ୍ଷ ଭାବେ ଶପଥ ଗ୍ରହଣ କରିଥିବା ବେଳେ ଅର୍ପିତ ବାଙ୍କୀ ସମ୍ପାଦକ, ପୁଲକିତ ଅଗ୍ରୱାଲ ଉପ ସଭାପତି, ମହେଶ ଅଗ୍ରୱାଲ ସହ ସମ୍ପାଦକ ଓ ଅନିଶ ବାଙ୍କା କୋଷାଧକ୍ଷ ଭାବେ ଶପଥ ନେଇଥିଲେ। ସେହିପରି ଜାଗୃତି ଶାଖାର ଅଧକ୍ଷା ଭାବେ ପିଙ୍କି ଅଗ୍ରୱାଲ ଓ ସମ୍ପାଦକ ଭାବେ ମଧୁ ଅଗ୍ରୱାଲ ଶପଥ ନେଇଛନ୍ତି। ସଙ୍ଗୀତା ଅଗ୍ରୱାଲ, ସୁନିତା ଅଗ୍ରୱାଲ, ବବିତା ଅଗ୍ରୱାଲ, ଅଶୋକ ଅଗ୍ରୱାଲ, ରମେଶ ଅଗ୍ରୱାଲ, ସତ୍ୟନାରାୟଣ ଅଗ୍ରୱାଲ, ରାକେଶ ଅଗ୍ରୱାଲ, ଶ୍ୟାମସୁନ୍ଦର ଅଗ୍ରୱାଲ, ସନ୍ଦିପ ଅଗ୍ରୱାଲ ପ୍ରମୁଖ ଉଭୟ ଶାଖାର କାର୍ଯ୍ୟକାରିଣୀ ସଦସ୍ୟ ରହିଛନ୍ତି। ଏଥିରେ ମାରୱାଡି ସମାଜର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ସମସ୍ତ ଅତିଥି ଏବଂ ନବନିର୍ବାଚିତ କର୍ମକର୍ତ୍ତାମାନଙ୍କୁସମ୍ମାନିତ କରାଯାଇଥିଲା।

# କେନାଲ ପାଣି ବନ୍ଦ, ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

ବରପାଲି,୨୮।୪(ଡି.ଏନ.ଏ.)

ବରଗଡ ଜିଲା ବରପାଲି ବ୍ଲକ ଅଧୀନ କାଇଁଶିର, ବାରଙ୍ଗପାଲି, ସିକିରଡ଼ି, କୁମ୍ଭାରୀ, ସତଲମା, ଭଟିଗାଁ, ଅଇଁଠାପାଲି ଅଞ୍ଚଳରେ କେନାଲ ପାଣିକୁ ନେଇ ଚାଷୀମାନେ ପନିପରିବା ଓ ଧାନଚାଷ କରିଥାନ୍ତି। ସେମାନେ ଉତ୍ପାଦିତ ଫସଲ ବିକ୍ରି କରି ପରିବାର ପୋଷଣ କରିଥାନ୍ତି। ତେବେ ହୀରାକୁଦ କେନାଲ ଦନ୍ତା ଘାଇ ମରାମତି କରିବା ପାଇଁ ଆସନ୍ତା ୩୦ତାରିଖରୁ ୨୫ଦିନ ପର୍ଯ୍ୟନ୍ତ କେନାଲ ପାଣି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୩୦ତାରିଖରୁ କେନାଲ ପାଣି ବନ୍ଦ କରିଦେଲେ ଧାନ ଗଛଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯିବ। ତେଣୁ ଏପ୍ରିଲ ୩୦ ବଦଳରେ ମେ ୧୨ ତାରିଖ ପର୍ଯ୍ୟନ୍ତ କେନାଲରେ ପାଣି ଚାଲୁ ରଖିବା ପାଇଁ ସ୍ଥାନୀୟ ଚାଷୀମାନେ ବରପାଲି ତହସିଲଦାର ରଞ୍ଜନ କୁମାର ମେହେର ଓ ଗୋଷ୍ଠୀ କୃଷି ଅଧିକାରୀଙ୍କୁ ଶୁକ୍ରବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି।


ଚାଷୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

# ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଆହ୍ୱାନ

ବରଗଡ଼ ଅଫିସ୍,୨୮।୪

ବରଗଡ଼ର ବିକାଶ ଲ ସ୍କୁଲରେ ଶୁକ୍ରବାର ମଧୁବାବୁଙ୍କ ସ୍ମୃତିରେ ଓକିଲ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ପରେ ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଲ ସ୍କୁଲର ଅଧ୍ୟକ୍ଷ ଡଃ ବିକ୍ରମ କୁମାର ଦାଶ ଅଧକ୍ଷତା କରିଥିଲେ। ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କ ଆଦର୍ଶରେ ଅନୁପ୍ରାଣୀତ ହେବାକୁ ଡଃ ଦାଶ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଇଂ. ପ୍ରତାପ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ପିରିଚୁଆଲିଟି ଏଣ୍ଡ୍ ଲିଗାଲ ପ୍ରଫେଶନ ଉପରେ ବକ୍ତବ୍ୟ ରଖିଥିଲେ। ଧର୍ମ, ଶାନ୍ତି, ସତ୍ୟ, ପ୍ରେମ ଓ ଅହିଂସା ପ୍ରତ୍ୟେକ ଜୀବନକୁ ଶୃଙ୍ଖଳିତ, ମାର୍ଜିତ କରିପାରିବ ବୋଲି ସେ କହିଥିଲେ। ଅଧ୍ୟାପକ ଜୈମିନୀ କୁମାର ସାହୁ ନ୍ୟାୟପଥରେ ଓକିଲମାନଙ୍କ ଭୂମିକା ଏବଂ ଆଇନ ଶିକ୍ଷାର ପ୍ରଚାର ପ୍ରସାର ଉପରେ ଆଲୋକପାତ କରିଥିଲେ। ଲ ସ୍କୁଲର ସଂଯୋଜକ ଶିବାନନ୍ଦ ସାହୁ ମଞ୍ଚ ପରିଚାଳନା କରିଥିଲେ। ତୃତୀୟ ବର୍ଷ ଛାତ୍ର ଲିପନ କୁମାର ପୃଷେଠ ଦେଶର ବିଭିନ୍ନ ଖ୍ୟାତି ସମ୍ପନ୍ନ ଓକିଲ ଏବଂ ତାଙ୍କ ଦେଶସେବା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଅଭିନବ ସ୍ୱାଇଁ, ଅଧ୍ୟାପିକା ସ୍ୱାଗତିକା ସାହୁ, ସାଗରିକା ବିଶ୍ୱାଳ, ରୋଜି ମେହେର, ରଜତ ବରିହା, ଅଭିଭାବକ ବିନୟ ବାରିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡି. ନାଗେଶ୍ୱର ରାଓ ଏବଂ ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ।


ବିକାଶ ଲ ସ୍କୁଲରେ ଅତିଥିବୃନ୍ଦ ।

## ସଂକ୍ଷେପରେ

### ଇରାସିସ୍‌ଙ୍କୁ ଭଟଲିରେ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍,୨୮।୪: ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଆନ୍ଦୋଳନ କରୁଥିବା ସମୟରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ସମେତ ଅନେକ ଦଳୀୟ କର୍ମୀ ଗିରଫ ହୋଇଥିଲେ । ଦୀର୍ଘ ୫୪ ଦିନ ଧରି କାରାବରଣ କରି ଜାମିନରେ ମୁକୁଳିବା ପରେ ଇରାସିସ୍ ଶୁକ୍ରବାର ନିଜ ଜନ୍ମମାଟି ଭଟଲିକୁ ଫେରିଥିଲେ। ଏହି ଅବସରରେ ଇରାସିସ୍‌ଙ୍କ ସମେତ ଦଳର ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରୀତେଶ ବହିଦାର, ଜିଲା ସାଧାରଣ ସମ୍ପାଦକ କୁନାଲ ପାଣିଗ୍ରାହୀଙ୍କୁ ଭଟଲିରେ ସେମାନଙ୍କ ବହୁସଂଖ୍ୟକ ସମର୍ଥକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସ୍ଥାନୀୟ ଗୋପାଳପୁରଠାରୁ ବାଇକ୍ ଶୋଭାଯାତ୍ରାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ପଦଯାତ୍ରାରେ ଭଟଲି, କୁଶନପୁରୀ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ସ୍ଥାନୀୟ ହନୁମାନ ମନ୍ଦିର, ଦଧିବାମନ ମନ୍ଦିରରେ ପୂଜାର୍ଚ୍ଚନା ସହ ସେମାନେ ମହାପ୍ରଭୁଙ୍କୁ ଆଶୀର୍ବାଦ ଭିକ୍ଷା କରିଥିଲେ।

### ଘର ତାଲାଭାଙ୍ଗି ନଗଦ ଟଙ୍କା, ସୁନା ଅଳଙ୍କାର ଚୋରି



ବେଲପାହାଡ, ୨୮।୪ (ଡି.ଏନ.ଏ.): ବେଲପାହାଡ ଥାନା ରହମତନଗରର ଜଣେ ବ୍ୟକ୍ତିଙ୍କ ଘର ତାଲାଭାଙ୍ଗି ଦୁର୍ବୃତ୍ତମାନେ ନଗଦ ଟଙ୍କା ଓ ସୁନା ଅଳଙ୍କାର ଲୁଟିନେଇଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ପୋଲିସ ଏକ ମାମଲା (ନଂ.୯୫/୨୩) ରୁଜୁକରି ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଦଳ ସହାୟତାରେ ତଦନ୍ତ ଜାରି ରଖିଛି। ଅଭିଯୋଗକ୍ରମେ ରହମତନଗରର ମୋହମ୍ମଦ ସାହିଦ ଘରେ ତାଲା ମାରି ଝାରସୁଗୁଡ଼ାକୁ ଏକ ବିବାହ କାର୍ଯ୍ୟକ୍ରମରେ ଯୋଗଦେବାକୁ ବୁଧବାର ସନ୍ଧ୍ୟାରେ ଯାଇଥିଲେ। ରାତି ପ୍ରାୟ ୧୨ଟା ସମୟରେ ସେ ଫେରି ଘରେ ପ୍ରବେଶ କଲା ବେଳେ ଦୁଇଜଣ ଦୁର୍ବୃତ୍ତ ଘର ପାଚେରୀ ଡେଇଁ ଫେରାର ମାରିଥିବା ଦେଖିଥିଲେ। ସାହିଦ ଘର ଭିତରକୁ ଯିବା ପରେ ଆଲମିରା ତାଲା ଭାଙ୍ଗି ନଗଦ ୩୦ ହଜାର ଟଙ୍କା ସମେତ ପ୍ରାୟ ୧୩ ଲକ୍ଷ ଟଙ୍କାର ସୁନା ରୁପା ଗହଣା ଲୁଟ୍ ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ।

# ଜ୍ଞାତସାରରେ ହେଉ ପ୍ରକଳ୍ପ କାମ: ଜନପ୍ରତିନିଧି



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

**ଝୁଝୁମୁରା ପଞ୍ଚାୟତ ସମିତି ବୈଠକ**
- ବ୍ଲକ ବିଭାଜନ ଦାବି
- ସ୍ୱାସ୍ଥ୍ୟ, ଶିକ୍ଷାରେ ସୁଧାର ଆଣ

ସମ୍ବଲପୁର,୨୮।୪(ବ୍ୟୁରୋ)

ନାମକୁମାତ୍ର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉଛି। ବୈଠକରେ ଜନପ୍ରତିନିଧି ଯାହା ପ୍ରସ୍ତାବ ଦେଉଛନ୍ତି ବା ଦାବି କରୁଛନ୍ତି ତାହା କାର୍ଯ୍ୟକାରୀ ହେଉ ନାହିଁ। ସରକାରୀ ସ୍ତରରେ ଅନେକ ଯୋଜନା ରହିଛି। ବିଭିନ୍ନ ବିଭାଗ ଦ୍ୱାରା ଉନ୍ନୟନମୂଳକ କାମ କରାଯାଉଛି। ହେଲେ ପଞ୍ଚାୟତ ସ୍ତରରେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଉଛି। ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଦଳମତ ନିର୍ବିଶେଷରେ ସେମାନଙ୍କ ମତାମତ ନେବା ସହ ସାମିଲ କରି କାମ କରାଯାଉ। କାରଣ ଜନପ୍ରତିନିଧି ଜନତାଙ୍କ ପାଖରେ ଉତ୍ତର ଦାୟୀ ବୋଲି ଶୁକ୍ରବାର ଝୁଝୁମୁରା ବ୍ଲକ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଜନପ୍ରତିନିଧିମାନେ କହିଥିଲେ।

ବ୍ଲକ ଅଧ୍ୟକ୍ଷା ମମତା ନାଏକଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ବିଡିଓ ନୀଳାମ୍ବର ମହାନନ୍ଦ, ଜିଲାପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ଜିଲାପରିଷଦ ସଭ୍ୟା କବିତା ସାହୁ, ବ୍ଲକ ଉପାଧ୍ୟକ୍ଷା ମନ୍ଦାକିନୀ ବିଶ୍ୱାଳ, ବିନୋଦ ବଡ଼ପଣ୍ଡା, ସସ୍ମିତା ଦେହୁରି ମଞ୍ଚାସୀନ ଥିଲେ। ପ୍ରଥମେ ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ଆଲୋଚନା ହୋଇଥିଲା। ଲୋକପ୍ରତିନିଧି ଅଭିଯୋଗ କରିଥିଲେ, ବ୍ଲକର ଅଧିକାଂଶ ସ୍କୁଲରେ ଶିକ୍ଷକ ଅଭାବ ରହିଛି। ହେଲେ କେତେକ ସ୍କୁଲରେ ଆବଶ୍ୟକଠାରୁ ଅଧିକ ଶିକ୍ଷକ ଅଛନ୍ତି। ତେଣୁ ଶିକ୍ଷାବିଭାଗ ଏହାର ସୁପରିଚାଳନା କରିବା ଆବଶ୍ୟକ। ଝୁଝୁମୁରା ବ୍ଲକରେ ଥିବା ବିଭିନ୍ନ ଡାକ୍ତରଖାନାରେ ଆବଶ୍ୟକ ଡାକ୍ତର ଓ ଅନ୍ୟ କର୍ମଚାରୀ ଅଭାବ ରହିଛି। ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗ ବିପର୍ଯ୍ୟସ୍ତ ହୋଇପଡିଛି ବୋଲି ଅଭିଯୋଗ କରିଥିଲେ। ବ୍ଲକ ବିଭାଜନ ପାଇଁ ମଧ୍ୟ ଦାବି ଉଠିଥିଲା । ସମଗ୍ର ବ୍ଲକରେ ୧୮ ଗୋଟି ପଞ୍ଚାୟତ ରହିଛି। ହେଲେ ବାହାମ, ଜୟନ୍ତପୁର, ମେଘପାଳ, ଟାମ୍ପରଗଡ଼ ଭଳି କେତୋଟି ପଞ୍ଚାୟତ ବ୍ଲକ ମୁଖ୍ୟାଳୟଠାରୁ ପ୍ରାୟ ୫୦ରୁ ୬୦ କି.ମି. ଦୂରରେ ରହୁଛି। ତେଣୁ ବ୍ଲକ ବିଭାଜନ କରି ୭ ଗୋଟି ପଞ୍ଚାୟତକୁ ନେଇ ଏକ ନୂତନ ବ୍ଲକ କରାଯାଉ ବୋଲି କହିଥିଲେ। ବୈଠକରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ବିଷ୍ଣୁ



@ ଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରିଜର୍ଭୟରରେ ବୁଡ଼ି ଜଣଙ୍କର ସଳିଳ ସମାଧି

**ମାଛ ଧରିବାକୁ ଯାଇଥିଲେ**

ବେଲପାହାଡ଼,୨୮।୪(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ଓପିଜିସି ପମ୍ପ୍‌ହାଉସ ରିଜର୍ଭୟରରେ ବୁଡ଼ି ଶୁକ୍ରବାର ଜଣେ ବ୍ୟକ୍ତିଙ୍କର ସଳିଳ ସମାଧି ଘଟିଛି। ମୃତକ ହେଲେ ବନହରପାଲି ପମ୍ପ୍‌ହାଉସ ପଡ଼ାର ବାସିଲ ଡୁଙ୍ଗ୍‌ଡୁଙ୍ଗ୍ (୫୫)। ସୂଚନା ଅନୁସାରେ ବାସିଲ ଓପିଜିସି ରିଜର୍ଭୟରରୁ ଦୈନିକ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି। ସବୁଦିନ ପରି ସେ ସକାଳେ ଉକ୍ତ ରିଜର୍ଭୟରରେ ମାଛ ଧରିବାକୁ ଏକ ମୋଟର ଟିଉବ୍ ସହାୟତାରେ ପାଣିକୁ ପଶି ଜାଲ ବିଛାଇଥିଲେ। ପରେ ସେ ଟିଉବ୍ ସହାୟତାରେ କୂଳକୁ ଫେରୁଥିବା ସମୟରେ ମଝିରେ ଟିଉବ୍‌ଟି ଓଲଟି ପଡ଼ିଥିଲା। ଫଳରେ ବାସିଲ ରିଜର୍ଭୟର ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ବନହରପାଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଓପିଜିସି ଅଗ୍ନିଶମ ବିଭାଗ ସହାୟତାରେ ରିଜର୍ଭୟର ପାଣିରୁ ମୃତଦେହ ବାହାରକରିଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ପବ୍ଲିକ ଲାଇବ୍ରେରିରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ

ସମ୍ବଲପୁର,୨୮।୪(ବ୍ୟୁରୋ)

ସମ୍ବଲପୁର ପବ୍ଲିକ ଲାଇବ୍ରେରି ସଭାକକ୍ଷଠାରେ ଶୁକ୍ରବାର ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ଶଙ୍କର ପ୍ରସାଦ ପତିଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ବିଭାଗ ପ୍ରଫେସର ଶ୍ରୀରୂପା ଗୋସ୍ୱାମୀ କହିଥିଲେ, ଅପମିଶ୍ରଣ ପଦ୍ଧତି ବିଶେଷ କରି ଥଣ୍ଡା ପାନୀୟ, ବ୍ରେଡ୍, ଚକୋଲେଟ, ଆଇସ୍‌କ୍ରିମ ଇତ୍ୟାଦି କ୍ଷତିକାରକ। ଉନ୍ନତ ଦେଶଗୁଡ଼ିକରେ ଏସବୁ ବାସନ୍ଦ କରାଯାଇଥିବାବେଳେ ଆମ ଦେଶରେ ବହୁଳ ବ୍ୟବହାର ହେଉଛି। ଏହାର କୁପ୍ରଭାବ ଓ ମଣିଷ ପାଇଁ ଠିକ ଖାଦ୍ୟ କ'ଣ ହେବା ଉଚିତ ସେ ନେଇ ଆଲୋଚନା କରିଥିଲେ। ସମ୍ପାଦକ ରଘୁନାଥ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଧନୁପାଲିର ବରିଷ୍ଠ ସରକାରୀ ଓକିଲ ଅଶୋକ ସେନାପତି ଲାଇବ୍ରେରିକୁ ପ୍ରାୟ ୨୦୦ ଖଣ୍ଡ ଉପାଦେୟ ପୁସ୍ତକ ପ୍ରଦାନ କରିଥିଲେ। ସଭାରେ ପ୍ରଫେସର ଅଦିତ୍ୟ ପ୍ରସାଦ ପାଢ଼ୀ, ଅରବିନ୍ଦ ମହାପାତ୍ର, ହେମନ୍ତ ମହାପାତ୍ର, ପ୍ରଫେସର ସୁରେନ୍ଦ୍ର ପଣ୍ଡା, ଉଦିତ ପାଟଯୋଶୀ, ଡ. ଗୌରୀଦାସ ପଧାନ, ଗୋଲକ ବିହାରୀ ମିଶ୍ର, ଶଶୀଭୂଷଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ସମ୍ବଲପୁରରେ ଡ୍ରିମ୍‌ହୋମ ଫ୍ଲାଗଶିପ୍ ଷ୍ଟୋର ଉଦ୍‌ଘାଟିତ

ସମ୍ବଲପୁର,୨୮।୪(ବ୍ୟୁରୋ)

ସମ୍ବଲପୁର ଅଇଁଠାପାଲି ଛକଠାରେ ଡ୍ରିମ୍‌ହୋମ ଫ୍ଲାଗସିପ ଷ୍ଟୋର ଉଦ୍‌ଘାଟିତ ହୋଇଛି। ସୁରେଶ କୁମାର ସାନ୍ତୁକା ମୁଖ୍ୟଅତିଥି ଓ ଷ୍ଟୋର ପ୍ରତିଷ୍ଠାତା ରତନ କୁମାର ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସୂଚନା ଦେଇ କହିଥିଲେ, ଏହା ହେଉଛି ପଶ୍ଚିମ ଓଡ଼ିଶାର ଏକ ଅତ୍ୟାଧୁନିକ ଶୋରୁମ। ଏହି ଶୋରୁମ ପ୍ରାୟ ୩୭୫୦ ବର୍ଗଫୁଟ ବିଶିଷ୍ଟ ରହିଛି। କଟକ ଓ ଭୁବନେଶ୍ୱର ଭଳି ସ୍ଥାନରେ ଥିବା ଷ୍ଟୋର ଗ୍ରାହକମାନଙ୍କ ବିଶ୍ୱାସ ଜିଣିପାରିଛି। ସେମାନଙ୍କ ପସନ୍ଦ ମୁତାବକ ଆକର୍ଷଣୀୟ ସାମଗ୍ରୀ ଯୋଗାଇ ଦେଇଆସୁଛି। ସମ୍ବଲପୁର ଷ୍ଟୋରରେ ମଧ୍ୟ ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ନିଜସ୍ୱ ଡିଜାଇନ ସମେତ ବିଶେଷ ସଂଗ୍ରହ ରହିଛି। ଏଥିରେ ବୁଣା ହେଉଥିବା ବିଭିନ୍ନ ଡିଜାଇନରେ ଶାଢୀ, ପରଦା, ୱାଲ ପେପର, କାରପେଟ, ଗାଧୁଆ ସାମଗ୍ରୀ, ମେଟ, ମାଟ୍ରେସ ଭଳି ସାମଗ୍ରୀ ରହିଛି। ଅନ୍ୟ ଜିଲା ଭଳି ଡ୍ରିମ୍‌ହୋମ ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବ ବୋଲି ଆଶା ରହିଛି। କମ୍ପାନୀ ସ୍ୱତ୍ୱାଧିକାରୀ ଅଜୟ ସନ୍ତୁକା ଓ ସନ୍ଦିପ ଅଗ୍ରୱାଲ ସୂଚନା ଦେଇଥିବାବେଳେ ଷ୍ଟୋର ମ୍ୟାନେଜର ଅଜୟ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।



ଅଇଁଠାପାଲିଠାରେ ଷ୍ଟୋର ଉଦ୍‌ଘାଟନ କରାଯାଉଛି।

# ସଙ୍କୁଳସ୍ତରୀୟ ଆଚାର୍ଯ୍ୟ ପ୍ରଶିକ୍ଷଣ କାର୍ଯ୍ୟଶାଳା



ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

କୁଚିଣ୍ଡା,୨୮।୪(ଡି.ଏନ.ଏ.)

କୁଚିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ୨୫ତାରିଖରୁ ଆରମ୍ଭ ହୋଇଥିବା ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କୁଚିଣ୍ଡା ସବ୍‌ଡିଭିଜନର ୧୦ଗୋଟି ବିଦ୍ୟାଳୟର ୧୫୦ଜଣ ଆଚାର୍ଯ୍ୟାଆଚାର୍ଯ୍ୟ ନୂତନ ଶିକ୍ଷାନୀତି, ଶ୍ରେଣୀ କାର୍ଯ୍ୟ ପରିଚାଳନା ଓ ଶିକ୍ଷଣ ଫଳାଫଳ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସାହୁ ଓ ବିଦ୍ୟାଳୟ ପରିଚାଳନା ସଭାପତି ଭୁବନେଶ୍ୱର ବେହେରା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କେଶାଇବାହାଲ ଯୁକ୍ତଦୁଇ କଲେଜ ଅଧ୍ୟକ୍ଷ ସରୋଜ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମାର୍ଗଦର୍ଶନ କରିଥିଲେ। ସଙ୍କୁଳ ସଂଯୋଜକ ସରୋଜ କୁମାର ଶତପଥି ଓ ସମସ୍ତ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟଶାଳା ହୋଇଥିଲା। ସମ୍ବଲପୁର ଶିକ୍ଷା ବିକାଶ ସମିତି ସହ ବିଭାଗ ନିରୀକ୍ଷକ ଗଣେଶ୍ୱର ପାତ୍ର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟ ପରିଚାଳନା ସମିତି ଓ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ।



କୁଚିଣ୍ଡା ବଜାରରେ ଲିଚୁର ପସରା।

# କୁଚିଣ୍ଡା ମାର୍କେଟରେ ଜମୁଛି ଲିଚୁ ପସରା

କୁଚିଣ୍ଡା,୨୮।୪(ଡି.ଏନ.ଏ.)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ବଡବାହାଲ ଅଞ୍ଚଳ ଲିଚୁ ପାଇଁ ପ୍ରସିଦ୍ଧି ଲାଭ କରିଛି। କୁଚିଣ୍ଡା ମାର୍କେଟରେ ଏବେ ଲିଚୁ ପସରା ଜମୁଛି। ସପ୍ତାହେ ହେବ ବଡବାହାଲ ଲିଚୁ ବିକ୍ରି ପାଇଁ ବଜାରକୁ ଆସୁଥିବା ଦେଖିବାକୁ ମିଳୁଛି। ଲିଚୁ ପାଇଁ ଥଣ୍ଡା ଜଳବାୟୁର ଆବଶ୍ୟକତା ରହିଛି। କିନ୍ତୁ ଚଳିତବର୍ଷ ଗ୍ରୀଷ୍ମ ପ୍ରବାହ ଯୋଗୁ ଭଲ ବଉଳ ଧରି ନ ପାରି ବିଗତ ବର୍ଷ ତୁଳନାରେ କମ ପରିମାଣର ଲିଚୁ ଆସିଥିବା ଚାଷୀମାନେ କହନ୍ତି। ସାଧାରଣତଃ ଗୋଲାକାର ଓ ବମ୍ବେଗ୍ରୀନ ଭଳି ଦୁଇପ୍ରକାର ଲିଚୁ ବଡବାହାଲରେ ଉତ୍ପାଦନ ହେଉଥିବାରୁ ବଜାରରେ ଏହାର ଚାହିଦା ରହିଛି। କୁଚିଣ୍ଡା ବଜାରକୁ ବିକ୍ରି ପାଇଁ ଆସୁଥିବା ଗୋଲେଇ ଲିଚୁ ପାଇଁ ଭିଡ ଜମୁଛି। ଲିଚୁ ଗୋଟାକୁ ୨ଟଙ୍କା ଓ ୫୦ଟିକିଆ କେଣ୍ଡାକୁ ୧୦୦ଟଙ୍କା ମଧ୍ୟରେ ବିକ୍ରି ହେଉଛି।

# ସାହିତ୍ୟ ସଂସଦ ପକ୍ଷରୁ ମଧୁବାବୁ ଜୟନ୍ତୀ

କୋଲାବିରା,୨୮।୪(ଡି.ଏନ.ଏ.)

ସ୍ଥାନୀୟ ରାଜୀବ ଗାନ୍ଧୀ ସେବା କେନ୍ଦ୍ରଠାରେ ଶୁକ୍ରବାର ସମଲେଶ୍ୱରୀ ସାହିତ୍ୟ ସଂସଦ କୋଲାବିରା ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୪ ତମ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦ ସଭାପତି ଶୋଭା ଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ପାଦକଙ୍କ ସମେତ ବୁଦ୍ଧିଜୀବୀ, ଶିକ୍ଷାପ୍ରେମୀ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ। ପଣ୍ଡିତ ତ୍ରୈଲୋକ୍ୟ ନାଥ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ବରିଷ୍ଠ ନାଗରିକ ବୀରେନ୍ଦ୍ର ମହାପାତ୍ରଙ୍କ ପରିଚାଳନାରେ ଆୟୋଜିତ ସଭାରେ ପରିବେଶବିତ୍ ହରିବଂଶ ପ୍ରଧାନ ଯୋଗଦେଇ ମଧୁବାବୁ ଭାଷାଭିତ୍ତିକ ପ୍ରଦେଶ ଗଠନର ଆଦ୍ୟ ପ୍ରବର୍ତ୍ତକ ଥିଲେ। ଏହାସହ ସେହି ସ୍ୱାଭିମାନୀ ମହାପୁରୁଷଙ୍କ ଦେଶପ୍ରେମକୁ ମନେ ପକାଇ ନିଜ ମା' ମାଟିର ଟେକ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ବେହେରା, ଜମିଦାର ବୀର ଅମରେନ୍ଦ୍ର ପ୍ରତାପ ସିଂହ, ସତ୍ୟନାରାୟଣ ଦାସ, ସରୋଜ ଟଣକାର, ଲଳିନ୍ଦ୍ର ଗୋଖରା, ତୁଳାରାମ ସେନାପତି, ଭିଷ୍ମଦେବ ପଟେଲ, ଦିଲୀପ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



ଜୟନ୍ତୀ ସଭାରେ ଯୋଗଦେଇଥିବା ଅତିଥିମାନେ।



ଏମ୍‌ସିଏଲ୍ ପକ୍ଷରୁ ଆୟୋଜିତ ବିଶ୍ୱ ସୁରକ୍ଷା କାର୍ଯ୍ୟକ୍ରମରେ ଅତିଥିମାନେ ଶପଥପାଠ କରୁଛନ୍ତି।

# ଏମ୍‌ସିଏଲ୍ ପକ୍ଷରୁ ବିଶ୍ୱ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ

ସମ୍ବଲପୁର,୨୮।୪(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ୍) ପକ୍ଷରୁ ଜାଗୃତି ବିହାର ମୁଖ୍ୟାଳୟଠାରେ ବିଶ୍ୱ ସୁରକ୍ଷା ଓ ସ୍ୱାସ୍ଥ୍ୟ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। କମ୍ପାନୀ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓମ୍‌ପ୍ରକାଶ ସିଂ ଯୋଗଦେଇ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। କାର୍ମିକ ନିର୍ଦ୍ଦେଶକ କେଶବ ରାଓ, ବିତ୍ତ ନିର୍ଦ୍ଦେଶକ ଏ.କେ. ବେହୁରାଗ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ଭି.କେ. ପଟେଲଙ୍କ ସମେତ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। କର୍ମକ୍ଷେତ୍ରରେ ବାଧ୍ୟତାମୂଳକ ସୁରକ୍ଷା ନିୟମ ମାନିବାକୁ ସମସ୍ତେ ଶପଥ ପାଠ କରିଥିଲେ। କମ୍ପାନୀ ଅଧ୍ୟକ୍ଷ ସିଂ ଗତ ଆର୍ଥିକ ବର୍ଷରେ ରେକର୍ଡ କୋଇଲା ଉତ୍ପାଦନ ଓ ପ୍ରେରଣ ସକାଶେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏଥିସହ ଶକ୍ତି ସୁରକ୍ଷା ସୁନିଶ୍ଚିତ କରିବାରେ ଡ୍ୟୁଟି ଲାଇନରେ ମୃତ୍ୟୁବରଣ କରିଥିବା ଶହୀଦମାନଙ୍କ ସ୍ମୃତିଚାରଣ କରାଯାଇଥିଲା।

# ଦୁର୍ଗମରେ ଆଦିବାସୀଙ୍କ ଅଭିଶପ୍ତ ଜୀବନ



ମହିଳାମାନେ ଶଗଡ଼ା ନଦୀରୁ ପାଣି ଆଣୁଛନ୍ତି

**ଭବାନୀପାଟଣା,୨୮।୪(ସ୍ୱ.ପ୍ର.)**

ସରକାର ଆଦିବାସୀଙ୍କ ପାଇଁ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନାରେ ସାମିଲ କରିବା ସହିତ ବିକାଶ କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ବିକାଶ କଣ ଜାଣି ନାହାଁନ୍ତି। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାଇଁ ରାସ୍ତା, ପାନୀୟଜଳର ସୁବିଧା ନାହିଁ। ବିଜୁଳି ସେମାନଙ୍କ ପାଇଁ ସାତ ସପନ। ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ହିଁ ତାଙ୍କର ସାହା ଭରଷା। କିଛି ଲୋକଙ୍କୁ ସୋଲାର ଲାଇଟ ଦିଆଯାଇଥିଲା। ହେଲେ ମାସେ ନ ପୁରୁଣୁ ତାହା ଖରାପ ହୋଇଗଲା। ଏମାନେ ଦାନା ଯୋଗାଡ଼ କରିବାକୁ ସକ୍ଷମ ନ ଥିବା ବେଳେ କିରାସିନି କିଣିବା ସେମାନଙ୍କ ପକ୍ଷେ କାଠିକରପାଠ। ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦେଦର ପଞ୍ଚାୟତର ଦୁର୍ଗମ ଜଙ୍ଗଲ ପାହାଡ଼ ଭିତରେ ରହିଛି ଏହି ହରଡ଼ାଗୁଡ଼ା ଗାଁ। ଏହି ଗାଁରେ ୨୦ ଆଦିବାସୀ ପରିବାର ବିଗତ ୧୬ ବର୍ଷ ହେବ ଜନବସତି କରି ରହି ଆସୁଛନ୍ତି। ବର୍ତ୍ତମାନ ଗାଁରେ ଧିରେ ଧିରେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ସମସ୍ତେ ଭୂମିହୀନ ହୋଇଥିବା ବେଳେ ଜଙ୍ଗଲକୁ କାଟି ବସବାସ କରିଛନ୍ତି। ହରଡ଼ାଗୁଡ଼ା ରାଜସ୍ୱ ଗ୍ରାମର ମାନ୍ୟତା ପାଇନ ଥିବା ଯୋଗୁଁ ସରକାରଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ସୂର୍ଲି ଗାଁ ଅଧୀନରେ ଏହି ଗାଁ ରହିଥିବାରୁ ସମସ୍ତ ଜନ୍ମ ପ୍ରମାଣ ପତ୍ର ହଉ କି ଆଧାରକାର୍ଡ ସବୁଠି ଏହି ଗାଁ ନାମ ରହିଛି। ଏହି ଗାଁକୁ ରାସ୍ତା ନ ଥିବା ବେଳେ ପ୍ରାୟ ୩ କିଲୋମିଟର ଜଙ୍ଗଲୀ ପାଦଚଲା ରାସ୍ତାରେ ଗ୍ରାମବାସୀ ଆସିଥାନ୍ତି। ଗର୍ଭବତୀ କିମ୍ବା ପ୍ରସୂତୀଙ୍କୁ ଖଟିଆରେ ବୋହିକି ଆଣିବାକୁ ପଡ଼ିଥାଏ। ଗାଁରେ ସ୍କୁଲ ନ ଥିବା ଯୋଗୁଁ ଛାତ୍ରୀଛାତ୍ର ଶଗଡ଼ାନଦୀ ପାର ହୋଇ ୩କି.ମି.ଦୂର ସୂର୍ଲି ଗାଁ ସ୍କୁଲକୁ ପାଠ ପଢ଼ିବା ପାଇଁ ଯାଇଥାନ୍ତି। ପାନୀୟ ସମସ୍ୟା କଥା ଯଦି ଦେଖିବା ଗାଁରେ ମାତ୍ର ୩ଟି ନଳକୂପ ରହିଛି। ବର୍ତ୍ତମାନ ସବୁ ନଳକୂପ ଖରାପ ହୋଇଯାଇଛି। ଗ୍ରାମବାସୀ ବାଧ୍ୟ ହୋଇ ଶଗଡ଼ା ନଦୀର ପାଣିକୁ ପିଇବା ସହ ରୋଷେଇ କରୁଛନ୍ତି। କହିବାକୁ ଗଲେ ଏହି ଶଗଡ଼ା ନଦୀ ହିଁ ଗ୍ରାମବାସୀଙ୍କ ଜୀବନ ରେଖା ପାଲଟିଛି। ତେବେ ଗ୍ରାମବାସୀ କେବେ ପାଇବେ ରାଜସ୍ୱ ଗ୍ରାମର ମାନ୍ୟତା, କେବେ ସରକାରଙ୍କ ମୌଳିକ ଯୋଜନାରେ ସାମିଲ ହୋଇ ବିକାଶର ସୂର୍ଯ୍ୟ ଦେଖିବେ ତାହା ଦେଖିବାକୁ ବାକି ରହିଲା। ଏନେଇ ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ଉକ୍ତ ଗାଁ କର୍ଲାପାଟ ଅଭୟାରଣ୍ୟ ଅଞ୍ଚଳରେ ଆସୁଥିବାରୁ ରାସ୍ତା କରିବା ସମ୍ଭବ ନୁହେଁ। ସେହିପରି ରାଜସ୍ୱ ଗ୍ରାମ ପାଇଁ ମଧ୍ୟ କୌଣସି ପ୍ରସ୍ତାବ ଏବେ ନାହିଁ ବୋଲ ସେ କହିଛନ୍ତି।

# ମଧୁବାବୁ ଜୟନ୍ତୀ,ଆଇନଜୀବୀ ଦିବସ



ଆଇନଜୀବୀ ନୀହାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।।

**ଭବାନୀପାଟଣା,୨୮।୪(ସ୍ୱ.ପ୍ର.)**

ଓଡ଼ିଆଙ୍କ ସ୍ୱାଭିମାନ ଓ ଅସ୍ମିତାର ପ୍ରତୀକ ହେଉଛନ୍ତି ଉତ୍କଳ ଗୌରବ ମଧୁସୂଦନ ଦାସ। ଉତ୍କଳ ସମ୍ମିଳନୀ ଜରିଆରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ରୀକରଣ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର କର୍ଣ୍ଣଧାର ଥିଲେ ମଧୁବାବୁ। ସେ ଇଂଲଣ୍ଡ ଗସ୍ତ କରିବାର ପ୍ରଥମ ଓଡ଼ିଆ ଓ ବ୍ରିଟିଶ ଶାସନ ଅମଳରେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଥିଲେ। ମଧୁବାବୁ ଉତ୍କଳର ଅର୍ଦ୍ଧ ଶତାବ୍ଦୀର ଇତିହାସ ଓ ଓଡ଼ିଶା ଏକତ୍ରୀକରଣ ସହ ଆଧୁନିକ ଓଡ଼ିଶାର ମୁଖ୍ୟ ବିଧାଣି ଥିଲେ। ତାଙ୍କ ଜନ୍ମ ଜୟନ୍ତୀକୁ ଓଡ଼ିଶାରେ ଆଇନଜୀବୀ ଦିବସ ଭାବେ ପାଳନ କରାଯାଏ। ଆଇନଜୀବୀମାନେ ମଧୁବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଶୁକ୍ରବାର କଳାହାଣ୍ଡି ଓକିଲ ସଂଘ ପକ୍ଷରୁ ଭବାନୀପାଟଣାସ୍ଥିତ ଜିଲ୍ଲା ତଥା ଦୌରାଜଜ କୋର୍ଟ ପରିସରରେ ଆୟୋଜିତ ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସ ସମାରୋହରେ ଅତିଥିମାନେ ଆହ୍ୱାନ ଦେଇଥିଲେ। ପ୍ରଥମେ ପୁରୁଣା ସିଭିଲ କୋର୍ଟ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଓକିଲ ସଂଘ ସଭାପତି, ସମ୍ପାଦକ ଓ ଆଇନଜୀବୀ ମାଲ୍ୟାର୍ପଣ କରିଥିଲେ। ପରେ ଜିଲ୍ଲା କୋର୍ଟ ନୂତନ କୋଠାରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଅତିଥି, ଓକିଲ ସଂଘ କର୍ମକର୍ତ୍ତା ଓ ଆଇନଜୀବୀ ମର୍ଲ୍ୟାର୍ପଣ କରିବା ପରେ କୋର୍ଟ ପରିସରରେ ଓକିଲ ସଂଘ ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ସଭା ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ତଥା ଦୌରା ଜଜ ଦୀପ୍ତିରଞ୍ଜନ କାନୁନଗୋ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଶ୍ରୀକାନ୍ତ ମିଶ୍ର ଓ ସମ୍ମାନିତ ଅତିଥିଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଞ୍ଜୟ ଶତପଥୀ ଏବଂ ସ୍ୱତନ୍ତ୍ର ବିଚାରପତି ଯଦୁମଣି ମିଶ୍ର ଯୋଗଦେଇଥିଲେ। ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। ଓକିଲ ସଂଘ ଉପସଭାପତି ସୁଧୀର ପଟ୍ଟନାୟକ ଅତିଥିଙ୍କ ପରିଚୟ ପ୍ରଦାନ ଓ ସମ୍ପାଦକ କମଳ ଲୋଚନ ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ୪ ବରିଷ୍ଠ ଆଇନଜୀବୀ ଅଶ୍ୱିନୀ କୁମାର ସାହୁ, ପ୍ରଦୀପ କୁମାର ପଟ୍ଟନାୟକ, ଦୁର୍ଗା ମାଧବ ପାଢ଼ୀ ଓ ଦୈତାରୀ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୨୦୨୨-୨୩ ବର୍ଷ ପାଇଁ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପୁରସ୍କୃତ ହୋଇଥିବା ଯୁବ ଆଇନଜୀବୀ ନୀହାର ରଞ୍ଜନ ମିଶ୍ରଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ନିମାଞ୍ଚଳ ନାୟକ, ଜଗନ୍ନାଥ ମୁଣ୍ଡ, ଅନୁପ ଜେନା ଓ ଗଜେନ୍ଦ୍ର ପ୍ରସାଦ ପାଢ଼ୀ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଆଇନଜୀବୀ ସନ୍ତୋଷ ମିଶ୍ର ମଧୁବାବୁଙ୍କ ଉପରେ ଏକ କବିତା ପାଠ କରିଥିଲେ। ଆଇନଜୀବୀ ସତ୍ୟ ନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ ଏବଂ ସହ ସମ୍ପାଦକ ରୋହିଣୀ କାନ୍ତ ଚଲାଣ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ପରେ ଜେକେ ଡାନ୍ସ ଗ୍ରୁପ କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ହୋଇଥିଲା। ଆଇନଜୀବୀ ଜ୍ୟୋତ୍ସ୍ନା ମଞ୍ଜରୀ ମିଶ୍ର, ନିବେଦିତା ମିଶ୍ର, ଯଶୋବନ୍ତୀ ଦେଇ, ଦୀପ୍ତିରାଣୀ ପଟ୍ଟନାୟକ, ମହେଶ ମହାପାତ୍ର, ଅନିଲ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କଳାହାଣ୍ଡି ଓକିଲ ସଂଘ ପୂର୍ବତନ ସଭାପତି ସୁବ୍ରତ ବହିଦାର, ବରିଷ୍ଠ ଆଇନଜୀବୀ ଜିତେନ୍ଦ୍ର ମହାନ୍ତି, ଭାବନୀ ମିଶ୍ର, ଗଣପତି ନାୟକ, ପ୍ରବୀଣ ବିହାରୀ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ତୁଷୁରା ସହରରୁ ଜବରଦଖଲ ହଟାଅ

**ଗୁଡ଼ଭେଲା,୨୮।୪(ଡି.ଏନ.ଏ.)**

### ଜିଲ୍ଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର ଜିଲ୍ଲା ତୁଷୁରା ସହରରେ ଜବରଦଖଲ ବଢ଼ିଚାଲିଛି। ଏହାକୁ ରୋକି ଦିଗରେ ପ୍ରଶାସନ ଅବିଳମ୍ବେ ପଦକ୍ଷେପ ନେଉ। ଏହିପରି ଦାବି କରି ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଶୁକ୍ରବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ର ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଦର୍ଶାଯାଇଛି ଯେ, ତୁଷୁରା ସହରରେ ଜବରଦଖଲ ବଢ଼ି ଚାଲିଥିବା ଯୋଗୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଟ୍ରାଫିକ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡୁଛି। ଏପରିକି ବିଭିନ୍ନ ରାସ୍ତାରେ ଥିବା ହମ୍ପସକୁ ହଟାଇବାକୁ ଉଦ୍ୟମ କରୁନାହିଁ। ଏନଏସି ପ୍ରଶାସନ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଟାର୍ଗେଟ କରୁଛନ୍ତି। ସମ୍ପୃକ୍ତ ସାମ୍ବାଦିକ ଏନଏସି ପ୍ରଶାସନର ଦୋଷ ଦୁର୍ବଳତା ପଦାରେ ପକାଉଥିବାରୁ ତାଙ୍କୁ ମଧ୍ୟ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ କରାଯାଇଛି। କେବଳ ତାଙ୍କୁ କାହିଁକି ସହରର ସମସ୍ତ ଜବରଦଖଲକାରୀଙ୍କୁ ନୋଟିସ୍ କରିବା ପାଇଁ ଦାବିପତ୍ରରେ ଦର୍ଶାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘର ବଲାଙ୍ଗୀର ସଭାପତି ମନୋଜ କୁମାର ଜୈନ, ସମ୍ପାଦକ ପଞ୍ଚାନନ ନାଏକ, ପି.ଏମ୍.ମହାନ୍ତି, ରାଜେଶ ବଗର୍ତ୍ତୀ ଉପସ୍ଥିତ ଥିଲେ।

# ବିଶ୍ୱ ପ୍ରାଣୀ ଦିବସ ଉପଲକ୍ଷେ ପ୍ରାଣୀ ଚିକିତ୍ସା ଶିବିର




ପ୍ରାଣୀ ଚିକିତ୍ସା ଶିବିରରେ ମଞ୍ଚାସୀନ ଅତିଥିମାନେ।

**କେସିଙ୍ଗା,୨୮।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲ୍ଲା ପ୍ରାଣୀ ଚିକିତ୍ସା ଓ ପ୍ରାଣୀ ପାଳନ ବିଭାଗ ପକ୍ଷରୁ କେସିଙ୍ଗାସ୍ଥିତ ଗୋପାଳ ଟ୍ରଷ୍ଟଠାରେ ପ୍ରାଣୀ ଚିକିତ୍ସା ଶିବିର ଶୁକ୍ରବାର ଆୟୋଜିତ ହୋଇଥିଲା। ଚିକିତ୍ସାପରେ ଗୋମାତାଙ୍କୁ ଫଳ ଓ ପନିପରିବା ଦିଆଯାଇଥିଲା। ସ୍ଥାନୀୟ ଅଞ୍ଚଳର ଗାଈ, ବାଛୁରି ଓ ଷଣ୍ଢଙ୍କ ବିଭିନ୍ନ ପ୍ରକାରର ରୋଗ ନିରୂପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟ ପକ୍ଷରୁ ସମ୍ପାଦକ ରାମ ଅବତାର ଅଗ୍ରୱାଲ, ସଭାପତି ବଦ୍ରି ପ୍ରସାଦ ଜୈନ, ଡ. କମଲ ଲୋଚନ ଦାସ ଏଡିଭିଓ( ପ୍ରାଣୀ କଲ୍ୟାଣ),ଏଡିଭିଓ(ଏଲ୍‌ପି), କେସିଙ୍ଗା ବିଭିଓ ଡ.ଅଶୋକ ଚନ୍ଦ୍ର ପଣ୍ଡା, ଡ. ପରମାନନ୍ଦ ନାୟକଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳତାର ସହ ସମ୍ପାଦନ କରିଥିଲେ।

ଓଡ଼ିଶା ସରକାର
GOVERNMENT OF ODISHA
OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)
Power House Square, Unit - V, Bhubaneswar
Tel. No.: 0674-2394873, Fax: 2391255/2391024
E-Mail: sdaorissa@nic.in, eic-epcei@nic.in
INVITATION FOR EXPRESSION OF INTEREST (EOI) FOR EMPANELING ENERGY AUDIT FIRMS FOR CARRYING OUT ENERGY AUDIT IN INDUSTRY & BUILDINGS
No. AA-03: The Office of EIC (E)-cum-PCEI invites Expression of Interest from eligible energy auditing firms for empaneling of energy audit firms for carrying out Energy Audit in Industry & Buildings. The last date of receipt of complete application is upto15.05.2023. For all terms & conditions and to download the requisite forms please visit the website: http://eicelectricityodisha.nic.in.
The authority reserves the right to accept/reject any application without assigning any reason thereof.
Sd./- EIC (E)-cum-PCEI & SDA (Odisha)
OIPR-04068/11/0002/2324

OFFICE OF THE COLLECTOR, JAJPUR
(SPORTS DEPTT.)
Ph.: 06728-222001, E-mail: dm-jajpur@nic.in, dsojajpur@gmail.com
DETAIL EOI NOTICE
No. TT-5: District Sports Officer, Jajpur invites sealed Expression of Interest (EOI) in the prescribed format from reputed agencies for "Selection of Agency for Management, operation and maintenance of the District Sports Complex, Jajpur on lease".
The details of the EOI are available in the district website i.e. www.jajpur.nic.in.
Sd./- District Sports Officer, Jajpur
OIPR-29019/11/0002/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SAMBALPUR
E-mail: serwcirclesbp@yahoo.com
Office Order No. 954 Dated: 24.04.2023
No. O-94: Due to unavoidable circumstances tender invited vide this office Bid ID No. PMGSY Tender Online RWCSBP 01/2023-24 & Bid ID No. PMGSY tender Online RWCSBP 02/2023-24 through this office Letter No. 803 Dt.05.04.2023 & Letter No. 814 Dt.05.04.2023 are hereby cancelled.
Sd./- Chief Construction Engineer
OIPR-25091/11/0004/2324 Rural Works Circle, Sambalpur

# ଓକିଲ ସଂଘ ପାଳିଲା ମଧୁବାବୁ ଜୟନ୍ତୀ, ସ୍ୱାଭିମାନ ଦିବସ



ଧର୍ମଗଡ଼ ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ ପାଳନ ଅବସରରେ ଅତିଥି।

**ଧର୍ମଗଡ଼,୨୮।୪(ଡି.ଏନ୍.ଏ)**

ଧର୍ମଗଡ଼ ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ତଥା ସ୍ୱାଭିମାନ ଦିବସ ପାଳିତ ହୋଇଯାଇଛି। ସଂଘ ସମ୍ପାଦକ ବିଶ୍ୱରଞ୍ଜନ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ସଭା ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ପ୍ରଦୀପ ଦାସ, ସମୀର ମୁଣ୍ଡ, ସନ୍ତୋଷ ମେହେର, ସୁବାସ ପାଣିଗ୍ରାହୀ, କୃପାସିନ୍ଧୁ ପଣ୍ଡା, ସୁମନ୍ତ ପଣ୍ଡା, କମଳିନୀ ରଥ, ସରକାରୀ ଓକିଲ ଧୀରେନ୍ଦ୍ର ନାଥ ପାତ୍ର, ଅଜିତ ସାହୁ, ପୂର୍ଣ୍ଣଚନ୍ଦ୍ର ନାଗ, ରାଜେନ୍ଦ୍ର ମୁନି ପ୍ରମୁଖ ଯୋଗଦେଇ ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ମଧୁବାବୁଙ୍କ ଜୟନ୍ତୀକୁ ଆଇନଜୀବୀ ଦିବସଭାବେ ପାଳନ କରାଯାଉଥିବାରୁ ଏହାର ମାହାତ୍ମ୍ୟ ଉପରେ ଉପସ୍ଥିତ ଓକିଲଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।

# ଜୟ କିଷାନ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ଖଡ଼ିଆଲ, ୨୮।୪(ଡି.ଏନ.ଏ.)**

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ବ୍ଲକ ବରଗାଁ ଜୟ କିଷାନ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜୟନ୍ତୀ ପାଳନ କମିଟି ସମ୍ପାଦକ ରମେଶ କୁମାର ଠାକୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡୁଲା ରେଡ଼ି ରାଘବେନ୍ଦ୍ର ଯୋଗଦେଇଥଇଲେ। ମୁଖ୍ୟବକ୍ତାଭାବେ ରସରାଜ ଅଚ୍ୟୁତ ପୁରୋହିତ, ସମ୍ମାନିତ ଅତିଥି ଖଡ଼ିଆଲ ବନଖଣ୍ଡ ଅଧିକାରୀ ଶୁଶୀଲ କୁମାର ତ୍ରିପାଠୀ, ଖଡ଼ିଆଲ ଡବ୍ଲୁଇଓ କ୍ଷଣପ୍ରଭା ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଜୟ କିଷାନ ହାଇସ୍କୁଲର ଆଲମୁନି ଛାତ୍ର ଶୁଶାନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା ଓ ପ୍ରଧାନ ଶିକ୍ଷକ ଲୋକେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ପୂର୍ବତନ ଛାତ୍ରୀଛାତ୍ର, ବରଗାଁ ଗ୍ରାମ ପଞ୍ଚାୟତ ସମେତ ଖଡ଼ିଆଲ ବ୍ଲକର ସମସ୍ତ ହାଇସ୍କୁଲ, ପ୍ରାଇମେରୀ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ତଥା ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକଙ୍କ ସମେତ ବରଗାଁ ଗ୍ରାମବାସୀ ସହଯୋଗ କରୁଛନ୍ତି।

Government of Odisha
Higher Education Department
Timeline for Common P.G. Entrance Test (CPET-2023) & P.G. e-Admission for the session 2023-24 For State Public Universities and Colleges
No.N-08:Timeline for Common PG Entrance Test (CPET-2023) & e-Admission for the Session 2023-24 for State Public Universities and Colleges with PG Courses under the project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website www.samsodisha.gov.in. Common Prospectus (CP) for CPET-2023 will be available on the said website. Kindly refer to the CP before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 01-May-2023 (02:00 PM) |
| 2 | Last date of applying online CAF through www.samsodisha.gov.in | 10-May-2023 (11:45 PM) |
| 3 | Editing of the CAF (if required) for the CAF submitted earlier. (No fresh CAF will be allowed during this period) | 11 -May-2023 & 12-May-2023 |
| 4 | Submission of applicant's data to State Selection Board (SSB) | 16-May-2023 |
| 5 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | 09-Jun-2023 (02:00 PM onwards) |
| 6 | Conduct of Entrance Examination (CPET-2023) | 23-Jun-2023 to 04-Jul-2023 (except 28-Jun-2023 & 30-Jun-2023) |
| 7 | Handing over the entrance marks to OCAC by SSB, Odisha | 16-Jul-2023 |
| 8 | Updation of Graduation/Equivalent marks by the applicant | 08-Jul-2023 (10:00 AM) to 15-Jul-2023 (11:45 PM) |
| 9 | Publication of subject-wise and State-wide merit list, Choice filling by eligible applicants & Publication of Provisional Allotment of Seats for different rounds | Dates will be notified by the Higher Education Department later |

For more details please contact: e-Admission Helpline (Toll Free) Number 155335 / 1800-345-6770
N.B.: Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET-2023. But, they must upload their marks prior to preparation of "Subject wise and statewide provisional rank" within the timeline, failing which, their applications will not be considered.
Sd./- Deputy Director
PTC Section
OIPR-11001/11/0001/2324

STATE HEALTH ASSURANCE SOCIETY
DEPTT. OF HEALTH & FAMILY WELFARE
GOVT. OF ODISHA
A1 Block, 2nd Floor, Toshali Bhawan, Satya Nagar, Bhubaneswar - 751007, District - Khordha, Odisha
Phone/Fax: 0674-2620500, Email ID: snaodisha@gmail.com
CORRIGENDUM NOTICE
No. E-61: The Advertisement publsihed on Dt.27.04.2023 vide Advertisement No. 01/2023 may be read as "A pre-bid meeting shall be held on 02.05.2023 (11.30 A.M.) instead of 02.05.2023 (11.30 P.M.)".
Sd./- Chief Executive Officer
State health Assurance Society, Odisha
OIPR-10170/11/0003/2324

ODISHA STATE AGRICULTURAL MARKETING BOARD (OSAMB)
(A Statutory Organization of Govt. of Odisha)
Plot No.1800 (P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph.No.0674-2952410, Email:osamboard99@yahoo.com
No.03 Dated:27.04.2023
EXPRESSION OF INTEREST FOR EMPANELMENT OF AGENCIES FOR DISTRICT AND STATE LEVEL BUYER SELLER MEET
OSAMB invites Expression of Interest (EOI) for Empanelment of Agencies for District And State Level Buyer Seller Meet
No.CAD-367:The EOI documents covering the details of information, eligibility criteria, selection process and other terms & conditions can be downloaded from https://coop.odisha.gov.in from 28.04.2023. The last date for submitting the EOI documents through regd / speed post is 15.05.2023 by 5 P.M. The Submission of queries is by 5.00 PM of 06.05.2023. The technical bids will be opened on 16.05.2023 at 11 A.M. The Authority reserves the right to reject any / all proposals without assigning any reason thereof.
Sd./- General Manager
OSAM Board, Bhubaneswar
OIPR-01444/11/0001/2324

# ଦୁର୍ଗମରେ ଆଦିବାସୀଙ୍କ ଅଭିଶପ୍ତ ଜୀବନ



ମହିଳାମାନେ ଶଗଡ଼ା ନଦୀରୁ ପାଣି ଆଣୁଛନ୍ତି

**ଭବାନୀପାଟଣା,୨୮।୪(ସ୍ୱ.ପ୍ର.)**

ସରକାର ଆଦିବାସୀଙ୍କ ପାଇଁ ଟଙ୍କା ଖର୍ଚ୍ଚ କରି ବିଭିନ୍ନ ଯୋଜନାରେ ସାମିଲ କରିବା ସହିତ ବିକାଶ କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ବିକାଶ କଣ ଜାଣି ନାହାଁନ୍ତି। ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପାଇଁ ରାସ୍ତା, ପାନୀୟଜଳର ସୁବିଧା ନାହିଁ। ବିଜୁଳି ସେମାନଙ୍କ ପାଇଁ ସାତ ସପନ। ଦିନରେ ସୂର୍ଯ୍ୟ ଓ ରାତିରେ ଚନ୍ଦ୍ର ହିଁ ତାଙ୍କର ସାହା ଭରଷା। କିଛି ଲୋକଙ୍କୁ ସୋଲାର ଲାଇଟ ଦିଆଯାଇଥିଲା। ହେଲେ ମାସେ ନ ପୁରୁଣୁ ତାହା ଖରାପ ହୋଇଗଲା। ଏମାନେ ଦାନା ଯୋଗାଡ଼ କରିବାକୁ ସକ୍ଷମ ନ ଥିବା ବେଳେ କିରାସିନି କିଣିବା ସେମାନଙ୍କ ପକ୍ଷେ କାଠିକରପାଠ। ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଦେଦର ପଞ୍ଚାୟତର ଦୁର୍ଗମ ଜଙ୍ଗଲ ପାହାଡ଼ ଭିତରେ ରହିଛି ଏହି ହରଡ଼ାଗୁଡ଼ା ଗାଁ। ଏହି ଗାଁରେ ୨୦ ଆଦିବାସୀ ପରିବାର ବିଗତ ୧୬ ବର୍ଷ ହେବ ଜନବସତି କରି ରହି ଆସୁଛନ୍ତି। ବର୍ତ୍ତମାନ ଗାଁରେ ଧିରେ ଧିରେ ଜନସଂଖ୍ୟା ମଧ ବୃଦ୍ଧି ପାଇବାରେ ଲାଗିଛି। ସମସ୍ତେ ଭୂମିହୀନ ହୋଇଥିବା ବେଳେ ଜଙ୍ଗଲକୁ କାଟି ବସବାସ କରିଛନ୍ତି। ହରଡ଼ାଗୁଡ଼ା ରାଜସ୍ୱ ଗ୍ରାମର ମାନ୍ୟତା ପାଇନ ଥିବା ଯୋଗୁଁ ସରକାରଙ୍କ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ଗ୍ରାମବାସୀ। ସୂର୍ଲି ଗାଁ ଅଧୀନରେ ଏହି ଗାଁ ରହିଥିବାରୁ ସମସ୍ତ ଜନ୍ମ ପ୍ରମାଣ ପତ୍ର ହଉ କି ଆଧାରକାର୍ଡ ସବୁଠି ଏହି ଗାଁ ନାମ ରହିଛି। ଏହି ଗାଁକୁ ରାସ୍ତା ନ ଥିବା ବେଳେ ପ୍ରାୟ ୩ କିଲୋମିଟର ଜଙ୍ଗଲୀ ପାଦଚଲା ରାସ୍ତାରେ ଗ୍ରାମବାସୀ ଆସିଥାନ୍ତି। ଗର୍ଭବତୀ କିମ୍ବା ପ୍ରସୂତୀଙ୍କୁ ଖଟିଆରେ ବୋହିକି ଆଣିବାକୁ ପଡ଼ିଥାଏ। ଗାଁରେ ସ୍କୁଲ ନ ଥିବା ଯୋଗୁଁ ଛାତ୍ରୀଛାତ୍ର ଶଗଡ଼ାନଦୀ ପାର ହୋଇ ୩କି.ମି.ଦୂର ସୂର୍ଲି ଗାଁ ସ୍କୁଲକୁ ପାଠ ପଢ଼ିବା ପାଇଁ ଯାଇଥାନ୍ତି। ପାନୀୟ ସମସ୍ୟା କଥା ଯଦି ଦେଖିବା ଗାଁରେ ମାତ୍ର ୩ଟି ନଳକୂପ ରହିଛି। ବର୍ତ୍ତମାନ ସବୁ ନଳକୂପ ଖରାପ ହୋଇଯାଇଛି। ଗ୍ରାମବାସୀ ବାଧ ହୋଇ ଶଗଡ଼ା ନଦୀର ପାଣିକୁ ପିଇବା ସହ ରୋଷେଇ କରୁଛନ୍ତି। କହିବାକୁ ଗଲେ ଏହି ଶଗଡ଼ା ନଦୀ ହିଁ ଗ୍ରାମବାସୀଙ୍କ ଜୀବନ ରେଖା ପାଲଟିଛି। ତେବେ ଗ୍ରାମବାସୀ କେବେ ପାଇବେ ରାଜସ୍ୱ ଗ୍ରାମର ମାନ୍ୟତା, କେବେ ସରକାରଙ୍କ ମୌଳିକ ଯୋଜନାରେ ସାମିଲ ହୋଇ ବିକାଶର ସୂର୍ଯ୍ୟ ଦେଖିବେ ତାହା ଦେଖିବାକୁ ବାକି ରହିଲା। ଏନେଇ ଜୁନାଗଡ଼ ବିଡିଓ ଦୁଲାରାମ ମାରାଣ୍ଡିଙ୍କୁ ପଚାରିବାରୁ ଉକ୍ତ ଗାଁ କର୍ଲାପାଟ ଅଭୟାରଣ୍ୟ ଅଞ୍ଚଳରେ ଆସୁଥିବାରୁ ରାସ୍ତା କରିବା ସମ୍ଭବ ନୁହେଁ। ସେହିପରି ରାଜସ୍ୱ ଗ୍ରାମ ପାଇଁ ମଧ କୌଣସି ପ୍ରସ୍ତାବ ଏବେ ନାହିଁ ବୋଲ ସେ କହିଛନ୍ତି।

# ବଡ଼ମାଲ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ, ୨ଗୁରୁତର

**ସଇଁତଳା, ୨୮।୪(ଡ଼ି.ଏନ.ଏ.)**





ବଡମାଲ ଗୋଳାବାରୁଦ କାରଖାନାର ଗୁରୁତର ଆହତ ଦୁଇ କର୍ମଚାରୀ।

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅନ୍ତର୍ଗତ ବଡ଼ମାଲ ଗୋଳାବାରୁଦ କାରଖାନାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟା ୪୫ ମିନିଟରେ ଏକ ବିସ୍ଫୋରଣ ଘଟିଛି। ଘଟଣାକୁ ନେଇ ଗୋଳାବାରୁଦ କାରଖାନା ପକ୍ଷରୁ ପ୍ରେସବିଜ୍ଞପ୍ତି ଜାରି କରାଯାଇ ବିସ୍ଫୋରକ ପ୍ରସ୍ତୁତି ସମୟରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ଏଥିରେ ଦୁଇଜଣ କର୍ମଚାରୀ ଆହତ ହୋଇଥିବା ଉଲ୍ଲେଖ କରାଯାଇଛି। ମିଳିଥିବା ସୂଚନା ମୁତାବକ ବଡ଼ମାଲ ଗୋଳାବାରୁଦ କାରଖାନା ୟୁନିଟ-୩ରେ ଜଣେ ଜୁନିୟର ୱାର୍କ୍ସ ମ୍ୟାନେଜର ଓ ଦୁଇଜଣ ଡିବିଡବ୍ଲ୍ୟୁ କର୍ମଚାରୀଙ୍କୁ ନେଇ ଶୁକ୍ରବାର ସକାଳେ କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ ବିସ୍ଫୋରକ ତିଆରି ପାଇଁ କେମିକାଲ ମିଶ୍ରଣ କରୁଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଏଥିରେ ୱାର୍କ୍ସ ମ୍ୟାନେଜର ଡ଼ ସରୋଜ ପଣ୍ଡା ଏବଂ ଡିବିଡବ୍ଲ୍ୟୁ ଗୌତମ ମହାନନ୍ଦଙ୍କୁ ଗଭୀର ଆଘାତ ଲାଗିଥିବାବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଆହତ ତିନିଜଣଙ୍କୁ ଉଦ୍ଧାର କରି ଗୋଳାବାରୁଦ କାରଖାନାସ୍ଥିତ ଚିକିତ୍ସାଳୟ ନିଆଯାଇଥିଲା। ସରୋଜ ଏବଂ ଗୌତମଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାଉରକେଲାସ୍ଥିତ ଆଇଜିଏଚ (ବର୍ଣ୍ଣ ୟୁନିଟ)କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ିଦିଆଯାଇଛି। କିଭଳି ପରିସ୍ଥିତିରେ ଏହି ଘଟଣା ଘଟିଲା ତାକୁ ନେଇ କାରଖାନା ପକ୍ଷରୁ ଏକ ଅନୁସନ୍ଧାନ ବୋର୍ଡ ଗଠନ କରାଯାଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ

**ଡୁଙ୍ଗୁରିପାଲି,୨୮।୪(ଡି.ଏନ.ଏ.)**



ଜୟନ୍ତୀ ସଭାରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

### ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଆରଏମସି ପରିସରରେ ଶୁକ୍ରବାର ସନ୍ଧ୍ୟାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମେ ମଧୁବାବୁଙ୍କ ଫଟୋଚିତ୍ରରେ ଉପସ୍ଥିତ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ଅବସରରେ ଏକ ସଭା ଗୋପାଳ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଘନଶ୍ୟାମ ମେହେର ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ମଧୁବାବୁ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ। ଓଡ଼ିଆ ଜାତି ଆଉ ଭାଷାର ସୁରକ୍ଷା ପାଇଁ ସମର୍ପିତ ପ୍ରାଣ । ଉତ୍କଳ ପ୍ରଦେଶ ଗଠନର ସେ ଥିଲେ ଅନ୍ୟତମ ବିନ୍ଧାଣୀ । ଓଡିଶାକୁ ଶିକ୍ଷା, କୃଷି ତଥା ଶିଳ୍ପରେ ସମୃଦ୍ଧ କରିବା ପାଇଁ ତାଙ୍କର ଅହରହ ପ୍ରଚେଷ୍ଟା ଥିଲା ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେଶ ପଧାନ ମଧୁବାବୁଙ୍କ ଜୀବନୀ ଓ ସ୍ୱାଭିମାନ ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ପ୍ରସାଦ ଭୋଇ, ମଞ୍ଜୁଲତା ମିଶ୍ର, ହେମାଙ୍ଗିନୀ ଦାସ, ଦେବାଶିଷ ମହାପାତ୍ର, ଦିଲୀପ କୁମାର ପଧାନ, ବନମାଳୀ ମେହେର, ବିପ୍ରଚରଣ ସାହୁ, ଚନ୍ଦ୍ରମଣି ସାହୁ, ଅମୂଲ୍ୟ ବେହେରା, ଭିକାରୀ ଚରଣ ପଧାନ, ଶେଷଦେବ ଦିଶ୍ରୀ, କିଶୋର ମେହେର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସଂଯୋଜକ ପି.ଏମ. ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ତୁଷୁରା ସହରରୁ ଜବରଦଖଲ ହଟାଅ

**ଗୁଡ଼ଭେଲା,୨୮।୪(ଡି.ଏନ.ଏ.)**

### ଜିଲାପାଳଙ୍କୁ ଦାବିପତ୍ର

ବଲାଙ୍ଗୀର ଜିଲା ତୁଷୁରା ସହରରେ ଜବରଦଖଲ ବଢିଚାଲିଛି। ଏହାକୁ ରୋକି ଦିଗରେ ପ୍ରଶାସନ ଅବିଳମ୍ବେ ପଦକ୍ଷେପ ନେଉ। ଏହିପରି ଦାବି କରି ଓଡିଶା କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ର ତୁଷୁରା ତହସିଲଦାର ରବିନ୍ଦ୍ର କୁମାର ପଟେଲଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଦର୍ଶାଯାଇଛି ଯେ, ତୁଷୁରା ସହରରେ ଜବରଦଖଲ ବଢି ଚାଲିଥିବା ଯୋଗୁ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ଦେଖା ଦେଉଛି। ଟ୍ରାଫିକ ନିୟନ୍ତ୍ରଣ କରିବାକୁ ପୋଲିସକୁ ନାକେଦମ ହେବାକୁ ପଡୁଛି। ଏପରିକି ବିଭିନ୍ନ ରାସ୍ତାରେ ଥିବା ହମ୍ପସକୁ ହଟାଇବାକୁ ଉଦ୍ୟମ କରୁନାହିଁ। ଏନଏସି ପ୍ରଶାସନ ଜଣେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଟାର୍ଗେଟ କରୁଛନ୍ତି। ସମ୍ପୃକ୍ତ ସାମ୍ବାଦିକ ଏନଏସି ପ୍ରଶାସନର ଦୋଷ ଦୁର୍ବଳତା ପଦାରେ ପକାଉଥିବାରୁ ତାଙ୍କୁ ମଧ ଜବରଦଖଲ ଉଚ୍ଛେଦ ପାଇଁ ନୋଟିସ କରାଯାଇଛି। କେବଳ ତାଙ୍କୁ କାହିଁକି ସହରର ସମସ୍ତ ଜବରଦଖଲକାରୀଙ୍କୁ ନୋଟିସ୍ କରିବା ପାଇଁ ଦାବିପତ୍ରରେ ଦର୍ଶାଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ସଂଘର ବଲାଙ୍ଗୀର ସଭାପତି ମନୋଜ କୁମାର ଜୈନ, ସମ୍ପାଦକ ପଞ୍ଚାନନ ନାଏକ, ପି.ଏମ୍.ମହାନ୍ତି, ରାଜେଶ ବର୍ଗୀ ଉପସ୍ଥିତ ଥିଲେ।

# କୃଷକ ବଜାରରେ ଆରମ୍ଭ ହେଲା ଦୈନିକ ବଜାର



ଆଦର୍ଶ ବଜାରରେ ଚାଷୀ।

**ବୌଦ୍ଧ,୨୮।୪(ସ୍ୱ.ପ୍ର.):** ବୌଦ୍ଧ ସହରର ମୁଖ୍ୟସ୍ଥଳ ମର୍ଜାକୁଦ ସେତୁ ନିକଟରେ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ବିଜୁ ପଟ୍ଟନାୟକ ଆଦର୍ଶ କୃଷି ବଜାରରେ ଶୁକ୍ରବାର ଦୈନିକ ବଜାରର ଶୁଭାରମ୍ଭ ହୋଇଛି। ନିୟନ୍ତ୍ରିତ ବଜାର କମିଟିର ଏଠାରେ ପ୍ରତି ରବିବାର ବୁଣାକାର ହାଟ ଚାଲିଆସିଥିବା ବେଳେ କମିଟି ପକ୍ଷରୁ ଚାଷୀଙ୍କ ସୁବିଧା ପାଇଁ ଦୈନିକ ବଜାରର ଶୁଭାରମ୍ଭ କରାଯାଇଛି। ପ୍ରଥମ ଦିନରେ ୫୪ଜଣ ଚାଷୀ ଯୋଗଦେଇ ନିଜ ଉତ୍ପାଦିତ ଦ୍ରବ୍ୟ ବିକ୍ରୟ କରିଥିଲେ। ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ତଥା ଉପଜିଲାପାଳ ରବୀନ୍ଦ୍ର ନାଥ କହଁର, ସମ୍ପାଦକ ସଞ୍ଜୟ କୁମାର ପଟ୍ଟନାୟକ ଉପସ୍ଥିତ ରହି ଚାଷୀ ସୁବିଧା ଅସୁବିଧା ପଚାରି ବୁଝିଥିଲେ।

# ଜନସାଧାରଣଙ୍କୁ ନ୍ୟାୟ ଦେବା ଉପରେ ଗୁରୁତ୍ୱ



ବୀରମହାରାଜପୁର ଓକିଲ ସଂଘ କାର୍ଯ୍ୟାଳୟ ପରିସରରେ ମଧୁବାବୁଙ୍କ ଜୟନ୍ତୀ।

**ଅମରପାଲି,୨୮।୪(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଓକିଲ ସଂଘ କାର୍ଯ୍ୟାଳୟଠାରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଓକିଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ସଂଘର ସଭାପତି ଆଇନଜୀବୀ ରାଧାକାନ୍ତ ମହାକୁର ଅଧକ୍ଷତା କରି ଓକିଲମାନେ ସର୍ବଦା ଜନସାଧାରଣଙ୍କୁ ନ୍ୟାୟ ଦେବା ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ସଂଘର ଉପସଭାପତି ରାଧାକାନ୍ତ ବାଘ, ସମ୍ପାଦକ ଉମାଶଙ୍କର ପଣ୍ଡା, ବରିଷ୍ଠ ଓକିଲ ବିଷ୍ଣୁଚରଣ ପଣ୍ଡା, କୁନ୍ଦନ ପଧାନ, ଛବିଳ କର୍ଣ୍ଣ, ସବିତା ପଣ୍ଡା, ହିମାଂଶୁ ଭୋଇ, ଚିତ୍ତରଞ୍ଜନ ସେଠୀ, ସନ୍ତୋଷ ଚାନ୍ଦ, ଶଙ୍କର୍ଷଣ ପଣ୍ଡା, ସମୀର ସ୍ୱାଇଁ, ଯୁଧିଷ୍ଠିର ସାହୁ, ଶେଷଦେବ ବାରିକ, ରୁଦ୍ର ନାରାୟଣ ଶତପଥୀ, ସତ୍ୟପ୍ରିୟ ପାଢ଼ୀ, ଦିଲିପ ପଧାନ, ପ୍ରଦୀପ ରଥ, ସଞ୍ଜୀବ ପଧାନ ପ୍ରମୁଖ ଉପସ୍ଥିତ ରହି ମତବ୍ୟକ୍ତ କରିଥିଲେ।

# ଜୟ କିଷାନ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

**ଖଡ଼ିଆଲ, ୨୮।୪(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ବରଗାଁ ଜୟ କିଷାନ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜୟନ୍ତୀ ପାଳନ କମିଟି ସମ୍ପାଦକ ରମେଶ କୁମାର ଠାକୁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନୂଆପଡ଼ା ଆରକ୍ଷୀ ଅଧିକ୍ଷକ ଗୁଣ୍ଡୁଲା ରେଡ଼ି ରାଘବେନ୍ଦ୍ର ଯୋଗଦେଇଥଇଲେ। ମୁଖ୍ୟବକ୍ତାଭାବେ ରସରାଜ ଅଚ୍ୟୁତ ପୁରୋହିତ, ସମ୍ମାନିତ ଅତିଥି ଖଡ଼ିଆଳ ବନଖଣ୍ଡ ଅଧିକାରୀ ଶୁଶୀଲ କୁମାର ତ୍ରିପାଠୀ, ଖଡ଼ିଆଳ ଡବ୍ଲ୍ୟୁଇଓ କ୍ଷଣପ୍ରଭା ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଜୟ କିଷାନ ହାଇସ୍କୁଲର ଆଲମ୍ନି ଛାତ୍ର ଶୁଶାନ୍ତ କୁମାର ମୁଣ୍ଡ ମଞ୍ଚ ପରିଚାଳନା ଓ ପ୍ରଧାନ ଶିକ୍ଷକ ଲୋକେଶ୍ୱର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ପୂର୍ବତନ ଛାତ୍ରୀଛାତ୍ର, ବରଗାଁ ଗ୍ରାମ ପଞ୍ଚାୟତ ସମେତ ଖଡ଼ିଆଳ ବ୍ଲକର ସମସ୍ତ ହାଇସ୍କୁଲ, ପ୍ରାଇମେରୀ ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ତଥା ବରଗାଁ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକଙ୍କ ସମେତ ବରଗାଁ ଗ୍ରାମବାସୀ ସହଯୋଗ କରୁଛନ୍ତି।


ଓଡ଼ିଶା ସରକାର
GOVERNMENT OF ODISHA
OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)
Power House Square, Unit - V, Bhubaneswar
Tel. No.: 0674-2394873, Fax: 2391255/2391024
E-Mail: sdaorissa@nic.in, eic-epcei@nic.in
INVITATION FOR EXPRESSION OF INTEREST (EOI)
FOR EMPANELING ENERGY AUDIT FIRMS FOR CARRYING OUT ENERGY AUDIT IN INDUSTRY & BUILDINGS

No. AA-03: The Office of EIC (E)-cum-PCEI invites Expression of Interest from eligible energy auditing firms for empaneling of energy audit firms for carrying out Energy Audit in Industry & Buildings. The last date of receipt of complete application is upto15.05.2023. For all terms & conditions and to download the requisite forms please visit the website: http://eicelectricityodisha.nic.in.
The authority reserves the right to accept/reject any application without assigning any reason thereof.

Sd./- EIC (E)-cum-PCEI & SDA (Odisha)
OIPR-04068/11/0002/2324



OFFICE OF THE COLLECTOR, JAJPUR
(SPORTS DEPTT.)
Ph.: 06728-222001, E-mail: dm-jajpur@nic.in, dsojajpur@gmail.com
DETAIL EOI NOTICE

No. TT-5: District Sports Officer, Jajpur invites sealed Expression of Interest (EOI) in the prescribed format from reputed agencies for "Selection of Agency for Management, operation and maintenance of the District Sports Complex, Jajpur on lease".
The details of the EOI are available in the district website i.e. www.jajpur.nic.in.

Sd./- District Sports Officer, Jajpur
OIPR-29019/11/0002/2324



GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SAMBALPUR
E-mail: serwcirclesbp@yahoo.com

Office Order No. 954 Dated: 24.04.2023
No. O-94: Due to unavoidable circumstances tender invited vide this office Bid ID No. PMGSY Tender Online RWCSBP 01/2023-24 & Bid ID No. PMGSY tender Online RWCSBP 02/2023-24 through this office Letter No. 803 Dt.05.04.2023 & Letter No. 814 Dt.05.04.2023 are hereby cancelled.

Sd./- Chief Construction Engineer
OIPR-25091/11/0004/2324 Rural Works Circle, Sambalpur



Government of Odisha
Higher Education Department
Timeline for Common P.G. Entrance Test (CPET-2023) & P.G. e-Admission for the session 2023-24 For State Public Universities and Colleges

**No.N-08:**Timeline for Common PG Entrance Test (CPET-2023) & e-Admission for the Session 2023-24 for State Public Universities and Colleges with PG Courses under the project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website www.samsodisha.gov.in. Common Prospectus (CP) for CPET-2023 will be available on the said website. Kindly refer to the CP before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 01-May-2023 (02:00 PM) |
| 2 | Last date of applying online CAF through www.samsodisha.gov.in | 10-May-2023 (11:45 PM) |
| 3 | Editing of the CAF (if required) for the CAF submitted earlier. (No fresh CAF will be allowed during this period) | 11 -May-2023 & 12-May-2023 |
| 4 | Submission of applicant's data to State Selection Board (SSB) | 16-May-2023 |
| 5 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | 09-Jun-2023 (02:00 PM onwards) |
| 6 | Conduct of Entrance Examination (CPET-2023) | 23-Jun-2023 to 04-Jul-2023 (except 28-Jun-2023 & 30-Jun-2023) |
| 7 | Handing over the entrance marks to OCAC by SSB, Odisha | 16-Jul-2023 |
| 8 | Updation of Graduation/Equivalent marks by the applicant | 08-Jul-2023 (10:00 AM) to 15-Jul-2023 (11:45 PM) |
| 9 | Publication of subject-wise and State-wide merit list, Choice filling by eligible applicants & Publication of Provisional Allotment of Seats for different rounds | Dates will be notified by the Higher Education Department later |

For more details please contact: e-Admission Helpline (Toll Free) Number 155335 / 1800-345-6770

N.B.: Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET-2023. But, they must upload their marks prior to preparation of "Subject wise and statewide provisional rank" within the timeline, failing which, their applications will not be considered.

Sd./- Deputy Director
OIPR-11001/11/0001/2324 PTC Section



STATE HEALTH ASSURANCE SOCIETY
DEPTT. OF HEALTH & FAMILY WELFARE
GOVT. OF ODISHA
A1 Block, 2nd Floor, Toshali Bhawan, Satya Nagar, Bhubaneswar - 751007, District - Khordha, Odisha
Phone/Fax: 0674-2620500, Email ID: snaodisha@gmail.com
CORRIGENDUM NOTICE

No. E-61: The Advertisement publsihed on Dt.27.04.2023 vide Advertisement No. 01/2023 may be read as "A pre-bid meeting shall be held on 02.05.2023 (11.30 A.M.) instead of 02.05.2023 (11.30 P.M.)".

Sd./- Chief Executive Officer
State health Assurance Society, Odisha
OIPR-10170/11/0003/2324



ODISHA STATE AGRICULTURAL MARKETING BOARD (OSAMB)
(A Statutory Organization of Govt. of Odisha)
Plot No.1800 (P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph.No.0674-2952410, Email:osamboard99@yahoo.com
No.03 Dated:27.04.2023
EXPRESSION OF INTEREST FOR EMPANELMENT OF AGENCIES FOR DISTRICT AND STATE LEVEL BUYER SELLER MEET

OSAMB invites Expression of Interest (EOI) for Empanelment of Agencies for District And State Level Buyer Seller Meet

**No.CAD-367:**The EOI documents covering the details of information, eligibility criteria, selection process and other terms & conditions can be downloaded from https://coop.odisha.gov.in from 28.04.2023. The last date for submitting the EOI documents through regd / speed post is 15.05.2023 by 5 P.M. The Submission of queries is by 5.00 PM of 06.05.2023. The technical bids will be opened on 16.05.2023 at 11 A.M. The Authority reserves the right to reject any / all proposals without assigning any reason thereof.

Sd./- General Manager
OIPR-01444/11/0001/2324 OSAM Board, Bhubaneswar

# ନ୍ୟାୟିକ ବ୍ୟବସ୍ଥାରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସୁନ୍ଦରଗଡ଼ରେ ମଧୁସୂଦନ ଜୟନ୍ତୀ ଓ ଆଇନଜୀବୀ ଦିବସ**

ସୁନ୍ଦରଗଡ,୨୮।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଓକିଲ ସଂଘ ତରଫରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୫ ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲା ଓକିଲ ସଂଘ ସଭାପତି କମଳଲୋଚନ ସେନଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପରଲୋକଗତ ବରିଷ୍ଠ ସଦସ୍ୟମାନଙ୍କ ଅମର ଆତ୍ମା ଶାନ୍ତି ପ୍ରଦାନ ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଦୀପ ପ୍ରଜ୍ୱଳନ ସହ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ପ୍ରାରମ୍ଭରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜୀବୀ ତଥା ସଭାର ମୁଖ୍ୟ ବକ୍ତା ଶକ୍ତିଧର ଦାସଙ୍କୁ ଆଇନଜୀବୀ ନିମାଇଁ ଚରଣ ନାଏକ ଓ ଅଶୋକ କୁମାର ଦାଶ ସମ୍ମାନିତ କରିଥିଲେ। ଏହାପରେ ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସରୋଜିନୀ ପତି ଅତିରିକ୍ତ ଜିଲା ଜଜ୍ ଭାବେ ପଦୋନ୍ନତି ଓ ସୁନ୍ଦରଗଡ଼ ଜିଲା ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ ଅଖତର ଜିଲା ଜଜ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଉଭୟଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ଜିଲା ଓକିଲ ସଂଘର ୪ ଜଣ ବରିଷ୍ଠ ସଦସ୍ୟ ପରମେଶ୍ୱର ନାଏକ, ପ୍ରହଲ୍ଲାଦ ଅଗ୍ରୱାଲ, ଦାମୋଦର ମହାପାତ୍ର, ନବୀ ଇମାମଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ମଞ୍ଚାସୀନ ମୁଖ୍ୟ ଅତିଥି ଶୁଭଦର୍ଶୀ ପଟ୍ଟନାୟକ, ମୁଖ୍ୟ ବକ୍ତା ଶକ୍ତିଧର ଦାସ, ସମ୍ମାନିତ ଅତିଥି ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ, ସ୍ୱତନ୍ତ୍ର ଜଜ୍ ପକ୍ସୋ ଏମ. କେ. ସୂତ୍ରଧର, ଅତିରିକ୍ତ ଜିଲା ଜଜ୍ ରାଜେଶ ଦାସ, ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ସରୋଜିନୀ ପତି, ପବ୍ଲିକ ପ୍ରସିକ୍ୟୁଟର ଅବଦୁଲ ସମିମ ଅଖତର, ବରିଷ୍ଠ ଆଇନଜୀବୀ ନିମାଇଁ ଚରଣ ନାଏକ, ଅଶୋକ ଦାଶ ଓ ପୂର୍ବତନ ସଭାପତି ସୁକାନ୍ତ ମହାପାତ୍ର ପ୍ରମୁଖ ଆଇନଜୀବୀ ଦିବସ ଓ ମଧୁବାବୁଙ୍କ ଜୀବନୀ ବିଷୟରେ ବକ୍ତବ୍ୟ ପ୍ରଦାନ କରି ନ୍ୟାୟିକ ବ୍ୟବସ୍ଥାରେ ଆଇନଜୀବୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ପାଦକ ଅଶୋକ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଓକିଲ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ଯୋଗ ଦେଇଥିଲେ।



ଜିଲା ଓକିଲ ସଂଘ ତରଫରୁ ହାଇକୋର୍ଟର ବରିଷ୍ଠ ଆଇନଜୀବୀ ଶକ୍ତିଧର ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜିଲା ସଡ଼କ ସୁରକ୍ଷା କମିଟି ବୈଠକ


ଜିଲା ସଡ଼କ ସୁରକ୍ଷା କମିଟି ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀଗଣ।

ଦେବଗଡ଼,୨୮।୪(ଡି.ଏନ.ଏ.)

ଦେବଗଡ ଆଞ୍ଚଳିକ ପରିବହନ ବିଭାଗ ଆନୁକୂଲ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶୁକ୍ରବାର ସଡ଼କ ସୁରକ୍ଷା ସମିତିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପ ଜିଲାପାଳ ବ୍ରଜବନ୍ଧୁ ଭୋଇ ଅଧ୍ୟକ୍ଷତା କରିଥିବା ବେଳେ ଡିଏସ୍‌ପି (ଡିଆଇବି) ପ୍ରଦୀପ କୁମାର କେର୍କେଟ୍ଟା, ଦେବଗଡ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, କମିଟି ସଦସ୍ୟ ତଥା ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ପଣ୍ଡା, ଜିଲା ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ବେହେରା, ଜିଲା ମଙ୍ଗଳ ଅଧିକାରୀ ଡୋମିନିକ ଟପ୍ପୋ, ଅବକାରୀ ବିଭାଗ ନିରୀକ୍ଷକ ମଧୁସୂଦନ ସାହୁ, ଜିଲା ଅତିରିକ୍ତ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଧନୁର୍ଜୟ ମହନ୍ତ, ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ କୋଟା ପ୍ରସାଦ ରାଓ, କନିଷ୍ଠ ଯନ୍ତ୍ରୀ ରଞ୍ଜନ ଚାରଡିଆ ଓ ଜାତୀୟ ରାଜପଥ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ଶେଖର ସାହୁଙ୍କ ସମେତ ପୂର୍ତ୍ତ ବିଭାଗ (ରାସ୍ତା ଓ ସୌଧ), ଜିଲା ଶିକ୍ଷା ବିଭାଗ ଓ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ରହି ସଡ଼କ ସୁରକ୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଉପଯୁକ୍ତ ପାର୍କିଂ ବ୍ୟବସ୍ଥା ସମେତ ଦୁର୍ଘଟଣା ଏଡାଇବା ନିମନ୍ତେ ରାସ୍ତାଘାଟ ମରାମତି, ରାସ୍ତା ଉପରୁ ଜବରଦଖଲ ଉଚ୍ଛେଦ, ହେଲମେଟ ବ୍ୟବହାର ନିମନ୍ତେ ଗୁରୁତ୍ୱାରୋପ ଓ ପୋଲିସ-ପରିବହନ ବିଭାଗ ପକ୍ଷରୁ ନିୟମିତ ଯାଞ୍ଚ କରିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବଡ଼ମାଲ ଗୋଳାବାରୁଦ କାରଖାନାରେ ବିସ୍ଫୋରଣ, ୨ ଗୁରୁତର

ସଇଁତଲା, ୨୮।୪(ଡି.ଏନ.ଏ.)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଅନ୍ତର୍ଗତ ବଡ଼ମାଲ ଗୋଳାବାରୁଦ କାରଖାନାରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୯ଟା ୪୫ ମିନିଟରେ ଏକ ବିସ୍ଫୋରଣ ଘଟିଛି। ଘଟଣାକୁ ନେଇ ଗୋଳାବାରୁଦ କାରଖାନା ପକ୍ଷରୁ ପ୍ରେସବିଜ୍ଞପ୍ତି ଜାରି କରାଯାଇ ବିସ୍ଫୋରକ ପ୍ରସ୍ତୁତି ସମୟରେ ଅଗ୍ନିକାଣ୍ଡ ଘଟିଥିଲା ଏବଂ ଏଥିରେ ଦୁଇଜଣ କର୍ମଚାରୀ ଆହତ ହୋଇଥିବା ଉଲ୍ଲେଖ କରାଯାଇଛି। ମିଳିଥିବା ସୂଚନା ମୁତାବକ ବଡ଼ମାଲ ଗୋଳାବାରୁଦ କାରଖାନା ୟୁନିଟ-୩ରେ ଜଣେ ଜୁନିୟର ୱାର୍କ୍ସ ମ୍ୟାନେଜର ଓ ଦୁଇଜଣ ଡିବିଡବ୍ଲ୍ୟୁ କର୍ମଚାରୀଙ୍କୁ ନେଇ ଶୁକ୍ରବାର ସକାଳେ କାର୍ଯ୍ୟ ଆରମ୍ଭ କରିଥିଲେ। ସେମାନେ ବିସ୍ଫୋରକ ତିଆରି ପାଇଁ କେମିକାଲ ମିଶ୍ରଣ କରୁଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଏଥିରେ ୱାର୍କ୍ସ ମ୍ୟାନେଜର ଡ଼ ସରୋଜ ପଣ୍ଡା ଏବଂ ଡିବିଡବ୍ଲ୍ୟୁ ଗୌତମ ମହାନନ୍ଦଙ୍କୁ ଗଭୀର ଆଘାତ ଲାଗିଥିବାବେଳେ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ଆହତ ତିନିଜଣଙ୍କୁ ଉଦ୍ଧାର କରି ଗୋଳାବାରୁଦ କାରଖାନାସ୍ଥିତ ଚିକିତ୍ସାଳୟ ନିଆଯାଇଥିଲା। ସରୋଜ ଏବଂ ଗୌତମଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ରାଉରକେଲାସ୍ଥିତ ଆଇଜିଏଚ (ବର୍ଣ୍ଣ ୟୁନିଟ)କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟ ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡ଼ି ଦିଆଯାଇଛି। କିଭଳି ପରିସ୍ଥିତିରେ ଏହି ଘଟଣା ଘଟିଲା ତାକୁ ନେଇ କାରଖାନା ପକ୍ଷରୁ ଏକ ଅନୁସନ୍ଧାନ ବୋର୍ଡ ଗଠନ କରାଯାଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

# ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମକୁ ମିଳିଲା ଏଫଆଇଏଚ୍

ରାଉରକେଲା ଅଫିସ,୨୮।୪

ଆର୍‌ଏସ୍‌ପିର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମକୁ ଏଫଆଇଏଚ୍ ବର୍ଗ-୨ ହକି ଷ୍ଟାଡିୟମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ପ୍ରମାଣପତ୍ର ୨୦୨୬ ଫେବୃୟାରୀ ୨୬ତାରିଖ ପର୍ଯ୍ୟନ୍ତ ବୈଧ ରହିବ ବୋଲି ଜଣାପଡିଛି। ଏଫଆଇଏଚ୍ ଉଲ୍ଲେଖ କରିଛି ଯେ, ଷ୍ଟାଡିୟମ ପରୀକ୍ଷାକୃତ ହୋଇଛି ଏବଂ ଷ୍ଟାଡିୟମ ବର୍ଗ-୨ ହକି ପଡିଆର ସମସ୍ତ ଆବଶ୍ୟକତା ପୂରଣ କରୁଛି । ଏହି ପ୍ରମାଣପତ୍ର ଜରିଆରେ ଷ୍ଟାଡିୟମଠାରେ ବର୍ଗ-୨ ସ୍ତରୀୟ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜିତ ହୋଇପାରିବ। ପ୍ରମାଣପତ୍ର ଲାଭ କରିଥିବା ସଦ୍ୟ ନବୀକୃତ ଏହି ବିଜୁ ପଟ୍ଟନାୟକ ଷ୍ଟାଡିୟମ କମ୍ପ୍ଲେକ୍ସକୁ ନିକଟରେ ସେଲ୍ ଅଧ୍ୟକ୍ଷା ସୋମା ମଣ୍ଡଳ ଉଦ୍‌ଘାଟନ କରିଥିଲେ। ଷ୍ଟାଡିୟମ ଅତ୍ୟାଧୁନିକ ସିନ୍ଥେଟିକ୍ ଟର୍ଫ, ମନୋରମ ଗ୍ୟାଲେରୀ ଏବଂ ପାଭିଲିୟନ, କମ୍ପ୍ୟୁଟରାଇଜ୍‌ଡ ସ୍କିଙ୍ଗଲର ଓ ନବୀକୃତ ଅନ୍ୟାନ୍ୟ ଭିତ୍ତିଭୂମିରେ ସୁସଜ୍ଜିତ କରାଯାଇଛି। ୧୫ଏକର ପରିବ୍ୟାପ୍ତ ଷ୍ଟାଡିୟମ ପରିସରସ୍ଥ କମ୍ପ୍ଲେକ୍ସଗୁଡିକର ନବୀକରଣ ପାଇଁ ୧୨ କୋଟି ଟଙ୍କା ବ୍ୟୟବରାଦ ହୋଇ ଷ୍ଟାଡିୟମକୁ ନୂତନ ରୂପ ଦିଆଯାଇଛି।

# କ୍ଷମତା ରାଜନୀତିରେ ରିମୋଟ୍ ଧରନ୍ତୁ ଚାଷୀ: ଅକ୍ଷୟ କୁମାର

**ସମ୍ବଲପୁରରେ ପହଞ୍ଚିଲା ନବନିର୍ମାଣ ଲୋକସମ୍ପର୍କ ଅଭିଯାନ**

ସମ୍ବଲପୁର,୨୮।୪ (ବ୍ୟୁରୋ)

ଅକ୍ଷୟ ତୃତୀୟାରୁ ପୁରୀରୁ ଆରମ୍ଭ ହୋଇଥିବା ନବନିର୍ମାଣ କୃଷକ ସଙ୍ଗଠନର ଲୋକସମ୍ପର୍କ ଅଭିଯାନ ଶୁକ୍ରବାର ସମ୍ବଲପୁରରେ ପହଞ୍ଚିଛି। ଅଭିଯାତ୍ରୀ ଦଳ ପହଞ୍ଚିବା ପରେ ରାମଚଣ୍ଡୀ ମନ୍ଦିରରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଆଦିବାସୀ ନେତା ଶ୍ୟାମସୁନ୍ଦର ମୁଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ସଭାକୁ ସମ୍ବୋଧିତ କରି ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଥିଲେ, ଯେଉଁ ଦେଶରେ ଦିନେ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୁର ଶାସ୍ତ୍ରୀ ଜୟ କିଷାନ ସ୍ଲୋଗାନ ଦେଇଥିଲେ ସେଠି କେନ୍ଦ୍ର ଓ ରାଜ୍ୟର ଅବହେଳାର ଶିକାର ହୋଇ ଚାଷୀ ଆତ୍ମହତ୍ୟା କରୁଛି। ଏଭଳି ଅବହେଳା ଓ ଉପେକ୍ଷା ପାଇଁ ଖୋଦ ଚାଷୀ ଦାୟୀ। ଏହାର ପରିସମାପ୍ତି ପାଇଁ ଚାଷୀମାନେ ନିଜେ ରାଜନୀତିରେ ଶକ୍ତି ପ୍ରଦର୍ଶନ କରି କ୍ଷମତା ଦଖଲ କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚତମ ନ୍ୟାୟାଳୟର ଅଧିବକ୍ତା କ୍ଷୀରୋଦ ରାଉତ, ସମାଜ ବିଜ୍ଞାନୀ ରଣଜିତ ପଟ୍ଟନାୟକ, ସଂଗଠକ ବିଶ୍ୱକେଶରୀ ମହାନ୍ତି, ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ, ସହ ସଂଯୋଜକ ଉମାକାନ୍ତ ଭାରତ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶେଷରେ ଜଟାଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ସଭାରେ ଯୋଗଦେଇଥିବା ସଂଗଠନର କର୍ମକର୍ତ୍ତା।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ସମଲିଙ୍ଗୀ ବିବାହ ଆଇନକୁ ବିରୋଧ**

ଦେବଗଡ଼,୨୮।୪(ଡି.ଏନ.ଏ.)

ସମଲିଙ୍ଗୀ ବିବାହ ଆଇନ ପ୍ରଣୟନ ବିରୋଧରେ ଦେବଗଡ ଜିଲା ସଂସ୍କୃତି ସୁରକ୍ଷା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଶୁକ୍ରବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ସଂସ୍କୃତି ସୁରକ୍ଷା ସମିତିର ସଭାପତି ସନ୍ତୋଷ କୁମାର କର, ସମ୍ପାଦକ ପ୍ରମଥେଶ ଗୁରୁ, ଅଜୟ କୁମାର ମିଶ୍ର, ରାଜେଶ ଦାଶ, ଅକ୍ଷୟ କୁମାର ଧଳ, ଶୁଭ୍ରାଂଶୁ ଶେଖର ଗୁରୁ, ଅରୁଣ ଟାଲି, କୁବେର ସ୍ୱାଇଁ, ତନୁ ମହନ୍ତ, ଅନାମିକା ମିଶ୍ର, ମିନାକ୍ଷୀ ମିଶ୍ର, ଲିନୁ ପାଣି ଓ ଆଇନ ପରାମର୍ଶଦାତା ପ୍ରଭାଶ ଚନ୍ଦ୍ର ମିଶ୍ରଙ୍କ ସମେତ ବହୁ ସଦସ୍ୟା ସଦସ୍ୟ ଦେବଗଡ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। ସୁପ୍ରିମକୋର୍ଟରେ ବିଚାରାଧୀନ ଥିବା ସମଲିଙ୍ଗୀ ବିବାହ ସମ୍ବନ୍ଧିତ ସନ୍ଦର୍ଭକୁ ସମ୍ପୂର୍ଣ୍ଣ ରୂପେ ବିରୋଧ କରାଯାଉଥିବା ବେଳେ ଏହା ଭାରତୀୟ ସଂସ୍କୃତି ଓ ପରମ୍ପରାର ପରିପନ୍ଥୀ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏଥିସହ ସମଲିଙ୍ଗୀ ବିବାହକୁ ଆଇନରେ ପରିଣତ ପାଇଁ କରାଯାଉଥିବା ଅପଚେଷ୍ଟାକୁ ସଂସ୍କୃତି ସୁରକ୍ଷା ସମିତି ତରଫରୁ ଦୃଢ ବିରୋଧ ସହ ନିନ୍ଦା କରାଯାଇଛି।

# ଶିକ୍ଷକମାନଙ୍କ ବିରୋଧରେ ଅଭିଯୋଗ

**କୁଆଁରମୁଣ୍ଡା ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକ**


କୁଆଁରମୁଣ୍ଡା ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକରେ ଉପସ୍ଥିତ ଅଧିକାରୀମାନେ।

କୁଆଁରମୁଣ୍ଡା,୨୮।୪(ଡି.ଏନ.ଏ.)

ଶିକ୍ଷା ମଣିଷକୁ ଅନ୍ଧକାରରୁ ଆଲୋକକୁ ଆଣିଥାଏ । ଉତ୍ତମ ଶିକ୍ଷା ଦ୍ୱାରା ହିଁ ଅବକ୍ଷୟମୁଖୀ ସମାଜକୁ ସଠିକ୍ ଢଙ୍ଗରେ ପରିଚାଳିତ କରିହେବ । ମାତ୍ର ଶିକ୍ଷା ବିଭାଗର ମେରୁଦଣ୍ଡ କୁହାଯାଉଥିବା ଶିକ୍ଷକ ଆଉ ଶିକ୍ଷକ ଅବସ୍ଥାରେ ନାହାଁନ୍ତି। ଅନେକ ଶିକ୍ଷକ ମଦ୍ୟପାନ କରି ବିଦ୍ୟାଳୟକୁ ଯାଉଛନ୍ତି। ବିଦ୍ୟାଳୟରେ ପାଠ ନ ପଢାଇ ସେମାନେ ଅଯଥା ବାର୍ତ୍ତାଳାପରେ ଲିପ୍ତ ରହୁଛନ୍ତି। ଏଭଳି ଅଭିଯୋଗ ଶୁକ୍ରବାର ଅନୁଷ୍ଠିତ କୁଆଁରମୁଣ୍ଡା ପଞ୍ଚାୟତ ସମିତିର ୩ୟ ସାଧାରଣ ବୈଠକରେ କୁଆଁରମୁଣ୍ଡା ଜିଲା ପରିଷଦ 'କ' ଜୋନ୍ ଜିଲା ପରିଷଦ ସଭ୍ୟ ନେଭିଲ କେର୍କେଟା କରିଛନ୍ତି। ଏହାଛଡା ସରକାରୀ ବିଦ୍ୟାଳୟର କେତେଜଣ ଶିକ୍ଷକ ବହୁ ବିଳମ୍ବରେ ବିଦ୍ୟାଳୟକୁ ଯାଉଥିବା ଓ ଛୁଟି ସମୟ ପୂର୍ବରୁ ଘରକୁ ପଳାଇ ଆସୁଥିବା ନେଇ ଜିଲା ପରିଷଦ ସଭ୍ୟ କେର୍କେଟା ଅଭିଯୋଗ କରି ଗଭୀର ଉ ଦବେଗ୍ ପ୍ରକାଶ କରିଛନ୍ତି। ବୈଠକରେ ଉପସ୍ଥିତ ଶିକ୍ଷାଧିକାରୀ ସଦାନନ୍ଦ ପଧାନ ଏ ଦିଗରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେର୍କେଟା ଦାବି କରିଛନ୍ତି । ଉପରୋକ୍ତ କାରଣରୁ ବ୍ଲକର ପ୍ରମୁଖ ସରକାରୀ ବିଦ୍ୟାଳୟଗୁଡିକରେ ଅଭିଭାବକମାନେ ପିଲାମାନଙ୍କ ନାମ ନ ଲେଖାଇ ଘରୋଇ ବିଦ୍ୟାଳୟ ମୁହାଁ ହେଉଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗ ପାଇବା ପରେ ବ୍ଲକ ଶିକ୍ଷାଧିକାରୀ ପଧାନ ଉକ୍ତ ଅସାଧୁ ଶିକ୍ଷକମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଅଙ୍ଗନୱାଡି କେନ୍ଦ୍ରରେ ଛୋଟ ପିଲାମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ଭାବେ ଖାଦ୍ୟ ଦିଆଯାଉନଥିବା ନେଇ ପଦମପୁର ସରପଞ୍ଚ ଦିଲ୍ଲୀପ ଏକ୍କା ଅଭିଯୋଗ କରିଛନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ବି କୁଆଁରମୁଣ୍ଡା ବ୍ଲକ ଖୁଖୁଣ୍ଡୁବାହାଲ ପଞ୍ଚାୟତର କିସାନଟୋଲାକୁ ବିଦ୍ୟୁତ ଯୋଗାଣ ନ ହେବା ଦୁର୍ଭାଗ୍ୟଜନକ ବୋଲି କୁଆଁରମୁଣ୍ଡା 'ଖ' ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ଅଭିଯୋଗ କରିଛନ୍ତି ।ଏହି ଅଭିଯୋଗର ତର୍ଜମା କରି ବିହିତ ପଦକ୍ଷେପ ନିଆଯିବ ବୋଲି ଉପସ୍ଥିତ ଟିପିଡବ୍ଲ୍ୟୁଓଡିଏଲ କର୍ମଚାରୀ କହିଛନ୍ତି । ସେହିପରି କୃଷି, ଉଦ୍ୟାନ କୃଷି, ସମନ୍ୱିତ ଶିଶୁ ବିକାଶ, ସ୍ୱାସ୍ଥ୍ୟ, ସାଧାରଣ ବଣ୍ଟନ ଇତ୍ୟାଦି ବିଭାଗର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ବିଭିନ୍ନ ଯୋଜନା ସମ୍ପର୍କରେ ବୈଠକରେ ଉପସ୍ଥାପନ କରିଥିଲେ । ପଞ୍ଚାୟତ ସମିତିର ଏହି ୩ୟ ସାଧାରଣ ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେର୍କେଟା ଅଧ୍ୟକ୍ଷତା କରିଥିଲେ । ବିଡିଓ ତୃପ୍ତି ବରାଇ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଏବିଡିଓ ପ୍ରଶାନ୍ତ କୁମାର ଜେନା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେର୍କେଟା, ଉପାଧ୍ୟକ୍ଷା ସୁନିତା ଅହିର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଚୈତନ୍ୟ ହେମ୍ବ୍ରମଙ୍କ ସହ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟଗୁଡିକର ଅଧିକାରୀ ଏବଂ ସମସ୍ତ ୨୦ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ ।

ଓଡ଼ିଶା ସରକାର
GOVERNMENT OF ODISHA
OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)
Power House Square, Unit - V, Bhubaneswar
Tel. No.: 0674-2394873, Fax: 2391255/2391024
E-Mail: sdaorissa@nic.in, eic-epcei@nic.in
INVITATION FOR EXPRESSION OF INTEREST (EOI) FOR EMPANELING ENERGY AUDIT FIRMS FOR CARRYING OUT ENERGY AUDIT IN INDUSTRY & BUILDINGS
No. AA-03: The Office of EIC (E)-cum-PCEI invites Expression of Interest from eligible energy auditing firms for empaneling of energy audit firms for carrying out Energy Audit in Industry & Buildings. The last date of receipt of complete application is upto15.05.2023. For all terms & conditions and to download the requisite forms please visit the website: http://eicelectricityodisha.nic.in.
The authority reserves the right to accept/reject any application without assigning any reason thereof.
Sd./- EIC (E)-cum-PCEI & SDA (Odisha)
OIPR-04068/11/0002/2324

OFFICE OF THE COLLECTOR, JAJPUR
(SPORTS DEPTT.)
Ph.: 06728-222001, E-mail: dm-jajpur@nic.in, dsojajpur@gmail.com
DETAIL EOI NOTICE
No. TT-5: District Sports Officer, Jajpur invites sealed Expression of Interest (EOI) in the prescribed format from reputed agencies for "Selection of Agency for Management, operation and maintenance of the District Sports Complex, Jajpur on lease".
The details of the EOI are available in the district website i.e. www.jajpur.nic.in.
Sd./- District Sports Officer, Jajpur
OIPR-29019/11/0002/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR
E-mail: serwcirclesbp@yahoo.com
Office Order No. 954 Dated: 24.04.2023
No. O-94: Due to unavoidable circumstances tender invited vide this office Bid ID No. PMGSY Tender Online RWCSBP 01/2023-24 & Bid ID No. PMGSY tender Online RWCSBP 02/2023-24 through this office Letter No. 803 Dt.05.04.2023 & Letter No. 814 Dt.05.04.2023 are hereby cancelled.
Sd./- Chief Construction Engineer
OIPR-25091/11/0004/2324 Rural Works Circle, Sambalpur

Government of Odisha
Higher Education Department
Timeline for Common P.G. Entrance Test (CPET-2023) & P.G. e-Admission for the session 2023-24 For State Public Universities and Colleges
No.N-08: Timeline for Common PG Entrance Test (CPET-2023) & e-Admission for the Session 2023-24 for State Public Universities and Colleges with PG Courses under the project 'Student Academic Management System (SAMS)' is given below. Any changes in the timeline will be published in the newspapers as well as on the website www.samsodisha.gov.in. Common Prospectus (CP) for CPET-2023 will be available on the said website. Kindly refer to the CP before filling up the CAF.

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 01-May-2023 (02:00 PM) |
| 2 | Last date of applying online CAF through www.samsodisha.gov.in | 10-May-2023 (11:45 PM) |
| 3 | Editing of the CAF (if required) for the CAF submitted earlier. (No fresh CAF will be allowed during this period) | 11 -May-2023 & 12-May-2023 |
| 4 | Submission of applicant's data to State Selection Board (SSB) | 16-May-2023 |
| 5 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | 09-Jun-2023 (02:00 PM onwards) |
| 6 | Conduct of Entrance Examination (CPET-2023) | 23-Jun-2023 to 04-Jul-2023 (except 28-Jun-2023 & 30-Jun-2023) |
| 7 | Handing over the entrance marks to OCAC by SSB, Odisha | 16-Jul-2023 |
| 8 | Updation of Graduation/Equivalent marks by the applicant | 08-Jul-2023 (10:00 AM) to 15-Jul-2023 (11:45 PM) |
| 9 | Publication of subject-wise and State-wide merit list, Choice filling by eligible applicants & Publication of Provisional Allotment of Seats for different rounds | Dates will be notified by the Higher Education Department later |

For more details please contact: e-Admission Helpline (Toll Free) Number 155335 / 1800-345-6770
N.B.: Candidates, whose final U.G. results are awaited (not published), can also apply online in the Common Application Form (CAF) to appear CPET-2023. But, they must upload their marks prior to preparation of "Subject wise and statewide provisional rank" within the timeline, failing which, their applications will not be considered.
Sd./- Deputy Director
PTC Section
OIPR-11001/11/0001/2324

STATE HEALTH ASSURANCE SOCIETY
DEPTT. OF HEALTH & FAMILY WELFARE
GOVT. OF ODISHA
A1 Block, 2nd Floor, Toshali Bhawan, Satya Nagar, Bhubaneswar - 751007, District - Khordha, Odisha
Phone/Fax: 0674-2620500, Email ID: snaodisha@gmail.com
CORRIGENDUM NOTICE
No. E-61: The Advertisement publsihed on Dt.27.04.2023 vide Advertisement No. 01/2023 may be read as "A pre-bid meeting shall be held on 02.05.2023 (11.30 A.M.) instead of 02.05.2023 (11.30 P.M.)".
Sd./- Chief Executive Officer
State health Assurance Society, Odisha
OIPR-10170/11/0003/2324

ODISHA STATE AGRICULTURAL MARKETING BOARD (OSAMB)
(A Statutory Organization of Govt. of Odisha)
Plot No.1800 (P), Baramunda, Post-Khandagiri, Near Indian Oil Petrol Pump, Bhubaneswar
Ph.No.0674-2952410, Email:osamboard99@yahoo.com
No.03 Dated:27.04.2023
EXPRESSION OF INTEREST FOR EMPANELMENT OF AGENCIES FOR DISTRICT AND STATE LEVEL BUYER SELLER MEET
OSAMB invites Expression of Interest (EOI) for Empanelment of Agencies for District And State Level Buyer Seller Meet
No.CAD-367: The EOI documents covering the details of information, eligibility criteria, selection process and other terms & conditions can be downloaded from https://coop.odisha.gov.in from 28.04.2023. The last date for submitting the EOI documents through regd / speed post is 15.05.2023 by 5 P.M. The Submission of queries is by 5.00 PM of 06.05.2023. The technical bids will be opened on 16.05.2023 at 11 A.M. The Authority reserves the right to reject any / all proposals without assigning any reason thereof.
Sd./- General Manager
OIPR-01444/11/0001/2324 OSAM Board, Bhubaneswar

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ଆକ୍ରମଣ କରି ସ୍ୱାମୀ ଗିରଫ

**ରାଉରକେଲା ଅଫିସ,୨୮।୪:** ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ମହିଳାଙ୍କୁ ଆକ୍ରମଣ କରିବା ଅଭିଯୋଗରେ ତାଙ୍କ ସ୍ୱାମୀଙ୍କୁ ସେକ୍ଟର-୧୯ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପ୍ରଫୁଲ୍ଲ କୁମାର ଖେସ(୪୯)। ପୋଲିସ ଏ ନେଇ ଏକ ମାମଲା (ନଂ.୨୧।୨୩) ରୁଜୁ କରି ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୯ ତାରିଖରେ କୌଣସି କଥାକୁ ନେଇ ପ୍ରଫୁଲ୍ଲ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପ୍ରଫୁଲ୍ଲ ଏଥିରେ ରାଗିଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ଠେଙ୍ଗାରେ ତାଙ୍କ ମୁଣ୍ଡକୁ ପିଟିଦେଇ ଫେରାର ହୋଇଯାଇଥିଲେ।

### ଟ୍ରେନ ଯାତ୍ରୀଙ୍କଠୁ ଲାପ୍‌ଟପ୍ ଚୋରି

**ରାଉରକେଲା ଅଫିସ,୨୮।୪:** ଟ୍ରେନରେ ଯାଉଥିବା ଜଣେ ଯାତ୍ରୀଙ୍କଠାରୁ ଲାପଟାପ ଚୋରି ହୋଇଥିବା ନେଇ ଆରପିଏଫ ଥାନାରେ ଅଭିଯୋଗ ହୋଇଛି। ପାନପୋଷ ଅଞ୍ଚଳର ଗଣେଶ ପ୍ରସାଦ ଗତ ୨୦ ତାରିଖରେ ତାଙ୍କ ଶ୍ୱଶୁର ଘର ଟାଟାକୁ ଯାଇ ଶୁକ୍ରବାର ଟ୍ରେନରେ ଫେରୁଥିଲେ। ଏହି ସମୟରେ ତାଙ୍କ ଲାପଟପ୍‌କୁ କେହି ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଛି।

### ଓଭର ଲୋଡିଂ ଗାଡ଼ିକୁ ୫୮,୯୬୦ ଟଙ୍କା ଦଣ୍ଡ

**ରାଉରକେଲା ଅଫିସ,୨୮।୪:** ୧୦ଟନ୍‌ରୁ ଅଧିକ ପରିମାଣର ଗେଟି ଲୋଡିଂ କରି ଏକ ହାଇୱା ବଣ୍ଡାମୁଣ୍ଡା ମୁଖ୍ୟ ରାସ୍ତାରେ ଯାଉଥିବା ବେଳେ ରାଉରକେଲା ପରିବହନ ବିଭାଗ ଅଧୀକ୍ଷକ ବିଭଞ୍ଜନ ସାମନ୍ତସିଂହରାୟ ଅଟକ ରଖି ୫୮୯୬୦ ଟଙ୍କାର ଚାଲାଣ କାଟିଛନ୍ତି। ଶୁକ୍ରବାର ଉକ୍ତ ହାଇୱା ଓଭରଲୋଡିଂ କରି ଯାଉଥିଲା ବେଳେ ରାସ୍ତାରେ ଗେଟିଗୁଡିକ ପଡିଥିଲା। ପଛରେ ଆସୁଥିବା ଏକ କାର୍ ଚାଳକ ଦୁର୍ଘଟଣା ଆଶଙ୍କା କରି ଉକ୍ତ ଟ୍ରକ୍‌କୁ ଅଟକାଇ ପରିବହନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାଉରକେଲା ପରିବହନ ବିଭାଗ ଅଧୀକ୍ଷକ ଉକ୍ତ ଗାଡ଼ିକୁ ଅଟକ ରଖି ଯାଞ୍ଚ କରିଥିଲେ।

# ବଢ଼ୁଛି ନକଲି ପ୍ରଭାବ, ରୋଗୀ ହୀନସ୍ତା

**ରାଉରକେଲା ଅଫିସ,୨୮।୪**

ରାଉରକେଲା ସହରରେ ନକଲି ଡାକ୍ତରଙ୍କ ପ୍ରଭାବ ବଢୁଥିବା ଅଭିଯୋଗ ହେଉଛି। ଫଳରେ ଏଭଳି ଡାକ୍ତରଙ୍କ ପାଖରେ ରୋଗୀ ଚିକିତ୍ସିତ ହୋଇ ଭଲ ହେବା ବଦଳରେ ଗୁରୁତର ହେଉଛନ୍ତି। ଏମିତି ଏକ ଘଟଣା ଘଟିଛି ରାଉରକେଲା ସେକ୍ଟର-୧୬ରେ ରହୁଥିବା କିଶୋର ପଟ୍ଟନାୟକଙ୍କ ସ୍ତ୍ରୀ ସୁବର୍ଣ୍ଣମାଳାଙ୍କ କ୍ଷେତ୍ରରେ। ଘରୋଇ ଡାକ୍ତରଙ୍କ ପାଖରେ ଚିକିତ୍ସିତ ହୋଇ ବର୍ତ୍ତମାନ ସେ ରକ୍ତ କର୍କଟ ରୋଗୀ। ତାଙ୍କର ଉଚ୍ଚତର ଚିକିତ୍ସା ପାଇଁ ପରିବାର ଲୋକଙ୍କ ପାଖରେ ସେଭଳି ସମ୍ବଳ ମଧ୍ୟ ନାହିଁ। ତେଣୁ ସହରରେ ଘରୋଇ ଭାବେ ଚିକିତ୍ସା କରୁଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସାର୍ଟିଫିକେଟ୍ ଯାଞ୍ଚ କରିବା ପାଇଁ ଜନସାଧାରଣରେ ଦାବି ହେଉଛି।

ରାଉରକେଲା ସହରର ଜନସଂଖ୍ୟା ୭ଲକ୍ଷ ଟପିବାକୁ ବସିଲାଣି। ଏହି ଜନସଂଖ୍ୟାର ୫୦ ଭାଗ ଲୋକ ଶ୍ରମିକ, କୁଲି, ଦିନମଜୁରିଆ ଶ୍ରେଣୀର। ଏମାନଙ୍କ ମଧ୍ୟରୁ କିଛି ସଚେତନ ଲୋକ ଆର୍‌ଜିଏଚ୍ ଏବଂ ଆଇଜିଏଚ୍ ଭଳି ସରକାରୀ ହସ୍ପିଟାଲକୁ ଯାଇ ଚିକିତ୍ସିତ ହୋଇ ଭଲ ହେଉଛନ୍ତି। ମାତ୍ର ଆଉ କିଛି ଗରିବ ଲୋକ ଅନଭିଜ୍ଞ ଘରୋଇ ଡାକ୍ତରଙ୍କ ହାବୁଡରେ ପଡି ଖର୍ଚ୍ଚାନ୍ତ ହେବା ସହ ମୃତ୍ୟୁମୁଖରେ ପଡୁଛନ୍ତି। ରାଜ୍ୟରେ ଯେଭଳି ଶିକ୍ଷକଙ୍କ ସାର୍ଟିଫିକେଟ୍ ଯାଞ୍ଚ କରାଯାଉଛି, ସେଭଳି ସ୍ୱାସ୍ଥ୍ୟସେବା ଯୋଗାଉଥିବା ବିଭିନ୍ନ ଘରୋଇ କ୍ଲିନିକ୍‌ର ଡାକ୍ତରଙ୍କ ସାର୍ଟିଫିକେଟ ଯାଞ୍ଚ ହେବା ଦରକାର। ଫଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଲୋକେ ଠକାମୀରୁ ମୁକ୍ତ ହୋଇପାରିବେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ପ୍ରସଙ୍ଗରେ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳ କୁହନ୍ତି, ରାଉରକେଲା ସହରରେ ଥିବା ସମସ୍ତ ନର୍ସିଂ ହୋମ୍ ଏବଂ ପ୍ରାଇଭେଟ୍ କ୍ଲିନିକ୍‌ରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପ୍ରମାଣପତ୍ର ଯାଞ୍ଚ ହେବା ଜରୁରୀ। ଆମ୍ବାଗାନ ମାର୍କେଟ, ୧୮ନମ୍ବର ମାର୍କେଟ, ୭ ନମ୍ବର ମାର୍କେଟ, ରାଉରକେଲା ମାର୍କେଟ, ଫର୍ଟିଲାଇଜର, ବଣ୍ଡାମୁଣ୍ଡାରେ ହେଲ୍‌ଥ କ୍ଲିନିକ ରହିଛି। ଏଠି ପ୍ରାୟତଃ ଅନଭିଜ୍ଞ ଡାକ୍ତର ରହିଛନ୍ତି। ରୋଗୀଙ୍କ ରୋଗ ଭଲ ହୋଇ ବଢ଼ିଯିବା ଏହାକୁ ପ୍ରମାଣ କରୁଛି। ଏଭଳି କ୍ଷେତ୍ରରେ ନିୟୋଜିତ ଡାକ୍ତରଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ କରାଗଲେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବା ସହ ସହର ମଧ୍ୟ ଅନଭିଜ୍ଞ ଡାକ୍ତର ମୁକ୍ତ ହୋଇପାରନ୍ତା ବୋଲି ବିଶ୍ୱାଳ ମତ ଦେଇଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଲେ, ବିନା ପ୍ରମାଣ ଆଧାରରେ ଏଭଳି ପଦକ୍ଷେପ ନିଆଯିବା ଉଚିତ୍ ନୁହେଁ। ନକଲି ପ୍ରମାଣପତ୍ରରେ ସ୍ୱାସ୍ଥ୍ୟସେବା ତୁଲାଇବା ମଧ୍ୟ ଦଣ୍ଡନୀୟ ଅପରାଧ। ତଥାପି ଲୋକଙ୍କ ଅଭିଯୋଗ ଉପରେ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯିବ ବୋଲି ସେ କହିଥିଲେ। ଏ ସମ୍ପର୍କରେ ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ ସ୍ୱାଇଁଙ୍କୁ ପଚାରିବାରୁ ଏହାକୁ ରୋକିବା ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ।

# ଆର୍‌ଏସ୍‌ପିରେ ବିଶ୍ୱ ଇସ୍ପାତ ସୁରକ୍ଷା ଦିବସ



ଇସ୍ପାତ ଦିବସ ବୈଠକରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ।

**ରାଉରକେଲା ଅଫିସ,୨୮।୪**

ଆର୍‌ଏସ୍‌ପି ପକ୍ଷରୁ ଏଚ୍‌ଆର୍‌ଡି କେନ୍ଦ୍ରରେ ବିଶ୍ୱ ଇସ୍ପାତ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ଏ ନେଇ ସୀମିତ ଅଞ୍ଚଳରେ ସୁରକ୍ଷା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସେବା ବିଭାଗର ସିଜିଏମ୍ ଇନଚାର୍ଜ ଦେବବ୍ରତ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ସୁରକ୍ଷା ବିଭାଗ ଜିଏମ୍ ଇନଚାର୍ଜ ଆଶା ସୁନୀଲ କାର୍ଥା ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆଲୋଚନାଚକ୍ରରେ ବିଭାଗୀୟ ସୁରକ୍ଷା ଅଧିକାରୀ, କ୍ଷେତ୍ର ଅଧିକାରୀ ଓ ବିଭିନ୍ନ ବିଭାଗର ପ୍ରବନ୍ଧକମାନେ ଯୋଗଦାନ ଦେଇଥିଲେ। ଦତ୍ତ କହିଥିଲେ ଯେ, ବିଭାଗଗୁଡିକ ଦ୍ୱାରା ସୀମିତ ଅଞ୍ଚଳରେ ସମ୍ପନ୍ନ ହେଉଥିବା ବିବିଧ କାର୍ଯ୍ୟ ଦୃଷ୍ଟିରୁ ସୁରକ୍ଷା ସଚେତନତାର ବୃଦ୍ଧି ପାଇଁ ଏଭଳି ଅଧିବେଶନର ବିଶେଷ ମହତ୍ତ୍ୱ ରହିଛି। ସେହିପରି ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ହାସଲ ପାଇଁ ସୀମିତ ଅଞ୍ଚଳରେ କାର୍ଯ୍ୟ କରିବା ସମୟରେ ଅବଲମ୍ବନୀୟ ସତର୍କତା ବିଷୟରେ ଆଶା କାର୍ଥା ଉଲ୍ଲେଖ କରିଥିଲେ। ମେସର୍ସ ଲିଣ୍ଡେ ଇଣ୍ଡିଆ ଲିମିଟେଡ୍‌ର ପୂର୍ବାଞ୍ଚଳ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଗୁଣବତ୍ତା ପ୍ରବନ୍ଧକ ତଥା ବିଶେଷଜ୍ଞ ଏସ୍. ମଜୁମଦାର ଏହାର ବୈଷୟିକ ଅଧିବେଶନ ସମ୍ପାଦନ କରିଥିଲେ। ପ୍ରାରମ୍ଭରେ ସୁରକ୍ଷା ବିଭାଗର ଜିଏମ୍ ଅବକାଶ ବେହେରା ସମାବେଶକୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଉପାସରେ ଫେରିଲେ ଶତାଧିକ



ଗରିବ ଲୋକମାନେ ଆହାର କେନ୍ଦ୍ରକୁ ଆସି ଭୋକ ଉପାସରେ ବସିଛନ୍ତି।

## ଆହାର ଦେଲା ଗରିବଙ୍କୁ ପାହାର

**ଦେବଗଡ଼,୨୮।୪(ଡି.ଏନ.ଏ.)**

ଆହାର କେନ୍ଦ୍ରରେ ସାଙ୍ଘାତିକ ଅବହେଳା। ଭୋକିଲା ପେଟକୁ ମିଳିପାରିଲାନି ୫ ଟଙ୍କିଆ ଖାଦ୍ୟ। ଖାଇବାକୁ ନ ପାଇ ଭୋକରେ ଫେରିଲେ ଶହ ଶହ ହିତାଧିକାରୀ। ଅନ୍ୟପକ୍ଷେ ଦୁଇ ମାସର ବକେୟା ଟଙ୍କା ନ ପାଇବାରୁ ଆହାର କେନ୍ଦ୍ର ବନ୍ଦ କରି ଦେଇଛି ପରିଚାଳନା ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି। ଦେବଗଡ ସହରରେ ଥିବା ୨ଟି ଆହାର କେନ୍ଦ୍ରରେ ଶୁକ୍ରବାର ଏଭଳି ଅବ୍ୟବସ୍ଥା ଦେଖାଯାଇଛି। ପରିଚାଳନା ଦାୟିତ୍ୱରେ ଥିବା ଏସ୍‌ଏଚ୍‌ଜି ସଂଘ ହଠାତ ରୋଷେଇ ବନ୍ଦ କରିଦେବାରୁ ଏଭଳି ଘଟଣା ପଦାକୁ ଆସିଛି।

ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଥିବା ଉଭୟ ଆହାର କେନ୍ଦ୍ର ଶୁକ୍ରବାର ବନ୍ଦ ରହିଛି। ଏହି ଦୁଇଟି କେନ୍ଦ୍ରରେ ପ୍ରତ୍ୟେକ ଦିନ ୫ ଶହ ୫୦ ଜଣଙ୍କ ପାଇଁ ଖାଦ୍ୟ ବିତରଣ କରାଯାଇଥାଏ। ମାତ୍ର ଆହାର କେନ୍ଦ୍ର ବନ୍ଦ ରହିଥିବାରୁ ଡାକ୍ତରଖାନାକୁ ଆସିଥିବା ରୋଗୀ ଏବଂ ସମ୍ପର୍କୀୟଙ୍କ ସମେତ ଶହ ଶହ ଗରିବ ଲୋକ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆହାର କେନ୍ଦ୍ର ପରିଚାଳନା ଦାୟିତ୍ୱରେ ଥିବା ରଙ୍ଗିଆଗୁଡା ଜୟ ମା' ସନ୍ତୋଷୀ ଏସ୍‌ଏଚ୍‌ଜି ସଂଘକୁ ୨ ମାସର ବକେୟା ଟଙ୍କା ମିଳି ନ ଥିବାରୁ ମହିଳାମାନେ ରୋଷେଇ କାର୍ଯ୍ୟ ବନ୍ଦ କରି ପ୍ରତିବାଦ କରିଛନ୍ତି। ବକେୟା ଟଙ୍କା ପ୍ରଦାନ ପାଇଁ ଜିଲାପାଳ ଏବଂ ପୌର ନିର୍ବାହୀ ଅଧିକାରୀଙ୍କୁ ଦୁଇ ଦିନ ପୂର୍ବରୁ ଅବଗତ କରାଯାଇଥିଲା। ବକେୟା ଟଙ୍କା ନ ଦେଲେ ଶୁକ୍ରବାରଠାରୁ ଆହାର କେନ୍ଦ୍ର ବନ୍ଦ ରହିବ ନେଇ ଏସ୍‌ଏଚ୍‌ଜି ସଂଘ ପକ୍ଷରୁ ଚିଠି କରାଯାଇଥିଲା। ତଥାପି ପ୍ରଶାସନ କୌଣସି ପଦକ୍ଷେପ ନ ନେବାରୁ ଆଜି ଏଭଳି ଘଟଣା ଘଟିଛି । ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ପଚାରିବାରୁ ସେ କହିଲେ, ପୌର କାର୍ଯ୍ୟାଳୟ ଆକାଉଣ୍ଟ ଅଫିସର ଛୁଟିରେ ଥିବାରୁ ବକେୟା ଟଙ୍କା ଦେବାରେ ସାମାନ୍ୟ ବିଳମ୍ବ ହୋଇଥିଲା। ଏବେ ୨ ମାସର ପେମେଣ୍ଟ କରାଯାଇଛି। ଶନିବାରଠାରୁ ଆହାର କେନ୍ଦ୍ର ସ୍ୱାଭାବିକ ହେବ ବୋଲି ସେ କହିଥିଲେ ।

**PARADIP PORT AUTHORITY**
**e-TENDER CALL NOTICE**
**No.:CE/R&B/Accts-82/22/131**
**Date. 27.04.2023**
Name of the Work **"Annual Maintenance & Development of Garden in and around Port Township (Smruti Udyan, Nursery, JC Colony, GC and GD Colony, Administrative Building, Pump House premises (JC & Madhuban) and Balijhara Water works for the year 2023-24."** Estimated Cost ₹. **1,22,27,819.76.** Last date & time of submission of Bid **17.05.2023** at 18.00. Hrs. For details please refer our website **https://eprocure.gov.in/eprocure/app**
Executive Engineer,
Roads & Building Division, PPA
PPA/PR/09/2023-24 Dt.28/04/2023

See Career Appointment on every Wednesday & Saturday

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/23-24/E-Tender/15,ତା.19.04.2023ରିଖ
(1) ଟେଣ୍ଡର ସଂ.etender-EAST-KUR-48-2023,ତା.17.04.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ନିର୍ଗୁଣ୍ଡି-ଘରବାଟିଆ ସେକ୍ସନ ମଧ୍ୟରେ ପ୍ୟାଚ୍‌ଗୁଡ଼ିକରେ 6.0 କି.ମି. ଲମ୍ବ ନିମନ୍ତେ ଥ୍ରୁ ସ୍ଲିପର ନବୀକରଣ କାର୍ଯ୍ୟର ସମ୍ପାଦନ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 122.11 ଲକ୍ଷ, EMD(ଟଙ୍କାରେ) : 2,11,100/- ।
(2) ଟେଣ୍ଡର ସଂ.etender-CENT-KUR-32-2023,ତା.14.04.2023ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଜବରଦଖଲରୁ ରକ୍ଷା ପାଇବା ପାଇଁ ଟ୍ରାକ୍ ଏବଂ ସଂସ୍ଥାପନଗୁଡ଼ିକୁ ସୁରକ୍ଷିତ ରଖିବାର ଉପାୟ ଭାବେ ଷ୍ଟେସନ ଏବଂ ଏହାର ପ୍ରବେଶ ପଥ ନିକଟରେ ପରିସର ପାଚେରୀ ନିର୍ମାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 974.68 ଲକ୍ଷ, EMD(ଟଙ୍କାରେ) : 6,37,300/- ।
(3) ଟେଣ୍ଡର ସଂ.etender-HQ-KUR-47-2023,ତା.17.04.2023ରିଖ
**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ/ମୁଖ୍ୟାଳୟ/ଖୋର୍ଦ୍ଧା ରୋଡ୍ ପରିସୀମା ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ସେଟେଲମେଣ୍ଟ ଠାରେ 30.06.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ବର୍ତ୍ତମାନର ଉଦ୍ୟାନ କୃଷି କାର୍ଯ୍ୟ ଇତ୍ୟାଦିର ରକ୍ଷଣାବେକ୍ଷଣ, ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration) ନିମନ୍ତେ ଜୋନାଲ ଚୁକ୍ତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 63.70 ଲକ୍ଷ, EMD (ଟଙ୍କାରେ) : 1,27,400/- ।
ଶେଷ ହେବା ଅବଧି : 06 ମାସ (କ୍ରମ ସଂ.1 ପାଇଁ) ଏବଂ 12 ମାସ (କ୍ରମ ସଂ.2 ଏବଂ3 ପାଇଁ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.05.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-93/O/23-24

**ପୂର୍ବ ତଟ ରେଳପଥ**
ଫାଇଲ୍ ନଂ.DRM/Engg/KUR/23-24/E-Tender/17, ତା.19.04.2023ରିଖ
(1) ଟେଣ୍ଡର ସଂ.etender-North-KUR-52-2023, ତା.19.04.2023ରିଖ
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ)/ଭଦ୍ରକ ଅଧୀନସ୍ଥ ରାଣୀତାଳ (Ex) କି.ମି. 287.471 ଠାରୁ ଯାଜପୁର କେନ୍ଦୁଝର ରୋଡ୍ (Ex) ସେକ୍ସନରେ 30.06.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 59.86 ଲକ୍ଷ, EMD(ଟଙ୍କାରେ) : 1,19,700/- ।
(2) ଟେଣ୍ଡର ସଂ.etender-North-KUR-53-2023, ତା.19.04.2023ରିଖ
**ବିବରଣୀ :** ସିନିୟର ସେକ୍ସନ ଇଂଜିନିୟର(କାର୍ଯ୍ୟ)/ଭଦ୍ରକ ଅଧୀନସ୍ଥ ଯାଜପୁର କେନ୍ଦୁଝର ରୋଡ୍ (In) ଠାରୁ ଜେନାପୁର (In) ଏବଂ ଜଖପୁରା ଠାରୁ ଦୈତାରି ସେକ୍ସନରେ 30.06.2024 ପର୍ଯ୍ୟନ୍ତ ଅବଧି ନିମନ୍ତେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ନୂତନ କାର୍ଯ୍ୟ, ବର୍ତ୍ତମାନ ଥିବା ଷ୍ଟ୍ରକ୍‌ଚର ଗୁଡିକର ସଂଯୋଜନା ଏବଂ ପରିବର୍ତ୍ତନ (Addition & Alteration), ବିବିଧ ପ୍ରକୃତିର ସମସ୍ତ ଛୋଟ ମରାମତି ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ ତଥା ଯୋଗାଣ ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 59.94 ଲକ୍ଷ, EMD(ଟଙ୍କାରେ) : 1,19,900/- ।
ଶେଷ ହେବା ଅବଧି : 12 ମାସ (ଉଭୟ ଟେଣ୍ଡର ନିମନ୍ତେ) ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.05.2023 ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ), ଖୋର୍ଦ୍ଧା ରୋଡ୍
PR-95/O/23-24

# ଶନି ମନ୍ଦିର ବାର୍ଷିକୋତ୍ସବ, କଳସ ଶୋଭାଯାତ୍ରା



ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

**ରାଉରକେଲା ଅଫିସ,୨୮।୪**

ରାଉରକେଲା ସିଭିଲ ଟାଉନଶିପ୍ ସ୍ଥିତ ଶନି ମନ୍ଦିରର ୨୭ତମ ବାର୍ଷିକୋତ୍ସବ ପାଇଁ ଶୁକ୍ରବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହିଳାମାନେ ବ୍ରାହ୍ମଣୀ ନଦୀରୁ ଜଳପୂର୍ଣ୍ଣ କଳସ ଆଣି ମଣ୍ଡପରେ ସ୍ଥାପନ କରିଥିଲେ। ପରେ ଶନି ମନ୍ଦିର ପୂଜକଙ୍କ ଦ୍ୱାରା ପୂଜାକର୍ମ ସମ୍ପାଦନ ହୋଇଥିଲା। ଶୋଭାଯାତ୍ରାରେ ସିଭିଲ ଟାଉନଶିପ୍, ଯୋଡା ପାଣିଟାଙ୍କି, ପାୱାର ହାଉସ ରୋଡ, ପାନପୋଷ ବସ୍ତି ଓ ଜେଲ୍ ରୋଡ୍‌ର ମହିଳାମାନେ ସାମିଲ ହୋଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଶନି ମନ୍ଦିର କମିଟି ଉପଦେଷ୍ଟା ପ୍ରକାଶ ମହାନ୍ତି, ସଭାପତି ଦୀପକ ମହାନ୍ତି ଏବଂ ସମ୍ପାଦକ ବିଶ୍ୱନାଥ ଦେଙ୍କ ସମେତ କମିଟି ସଦସ୍ୟମାନେ ସହଯୋଗ କରିଥିଲେ।

# ମଧୁବାବୁ ଥିଲେ ନବ ଉତ୍କଳର ବିଧାତା




ମଧୁବାବୁ ଜୟନ୍ତୀ ଓ ଆଇନଜୀବୀ ଦିବସରେ ମଞ୍ଚାସୀନ ଅତିଥିଗଣ।

## ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ମତପ୍ରକାଶ

**ରାଉରକେଲା ଅଫିସ,୨୮।୪**

ରାଉରକେଲା ସହରର ବିଭିନ୍ନ ସ୍ଥାନରେ ମଧୁବାବୁଙ୍କ ୧୭୫ତମ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ମଧୁସୂଦନ ମାର୍ଗରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପ୍ରଗତି ଉତ୍କଳ ସଂଘ ଏବଂ ରାଉରକେଲା ଆଇନଜୀବୀ ସଂଘ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଓକିଲ ସଂଘ ପକ୍ଷରୁ ନୂତନ କୋର୍ଟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଫ୍ୟାମିଲି କୋର୍ଟ ଜଜ୍ ବିଦ୍ୟୁତ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ମଧୁବାବୁ ଅତୁଳନୀୟ ଅବଦାନର ସ୍ମୃତିଚାରଣ କରିଥିଲେ। ମଧୁବାବୁ ଓଡିଆମାନଙ୍କ ଗର୍ବ ଓ ନବ ଉତ୍କଳ ନିର୍ମାଣର ଅନନ୍ୟ ବିଧାତା ଥିଲେ। ମଧୁବାବୁଙ୍କ ଆଦର୍ଶରେ ଆଇନ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ଦାୟିତ୍ୱବାନ ସହକାରେ ତୁଲାଇବାକୁ ମୁଖ୍ୟଅତିଥି ଆଇନଜୀବୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ବିଭାଗ ପ୍ରଫେସର ଡାକ୍ତର ଏସ୍. ଆର. ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇନଜୀବୀଙ୍କ ଜୀବନାଦର୍ଶ ବିଷୟରେ ଅବତାରଣା କରିଥିଲେ। ରାଉରକେଲା ଓକିଲ ସଂଘ ସଭାପତି ପ୍ରଦୀପ କୁମାର ମିଶ୍ର, ସମ୍ପାଦକ ଅବନୀ କୁମାର ପ୍ରଧାନ ଓ ସଂଘର ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**ZILLA SWASTHYA SAMITI (ZSS), KANDHAMAL**
**OFFICE OF THE CDM & PHO-CUM-DISTRICT MISSION DIRECTOR, NHM, KANDHAMAL**
**Advt. No. 5283/NHM/HR-Out House/2023/04** **Date: 27.04.2023**

**WALK-IN-INTERVIEW**

No. E-64: Interested candidates fulfilling the eligibility criteria are requested to attend the Walk-in-Interivew for filling up the following posts under National health Mission, Kandhamal on contractual basis for a period of 11 months with monthly remuneration as noted against each and subject to renewal as per the society norm basing on the performance and subsistence of the programme. Performance Incentives & other benefits are also admissible as per norm applicable & orders issued there-under from time to time. Minimum age for all siad post is completion of 21 years of age.

| Sl. No. | Name of the Post | Vacancy | Remunration & (PI) | Date of Walk-in-Interview |
|---|---|---|---|---|
| 1 | District Programme Coordinator (DPC) RNTCP | 01 Post | 29162/- + PI | 23.05.2023 |
| 2 | Block Data Manager (Urban) | 01 Post | 15622/- + PI | 25.05.2023 |
| 3 | Block Programme Manager (BPM) | 01 Post | 24604/- + PI | 30.05.2023 |
| 4 | Block Data Manager (BDM) | 02 Post | 15622/- + PI | 01.06.2023 |

The above positions are purely temporary and also co-terminus with the scheme. Canvassing in any form will render the candidate disqualified for the position. Candidates fulfilling the eligibility criteria any appear for registration on the date as mentioned against the post. Details of qualification, experience and ToR of each category of post along with application form can be downloaded from the district website: **www.kandhamal.nic.in**. The interested candidates may attend the Walk-in-Interview on scheduled date & registration timing will be **from 10 A.M. to 11.00 A.M.** for registration only on Walk-in-Interview dates. No application will be received after scheduled date & timing of registration. **Venue: O/o. DPMU, NHM, DHH, Phulbani, Dist.: Kandhamal, PIN - 762001, Odisha**. The undersigned reserves the right to cancel any or all the applications without assigning any reason or communication thereof. No personal enquiry regrarding recruitment should be entertained by over phone.

**Sd./- Dr. M.K. Upadhayaya**
**CDM&PHO-cum-District Mission Director, NHM, Kandhamal**
**OIPR-10015/11/0003/2324**

**ODISHA PUBLIC SERVICE COMMISSION**
**ADVERTISEMENT No. 03 of 2023-24**
**Recruitment to the Posts of Ayurvedic Medical Officer in Group-B of Odisha Ayurvedic Medical Services Cadre under Health & Family Welfare Department.**
**WEBSITE: www.opsc.gov.in**

No. D-30: Online applications are invited from the prospective candidates through the proforma application from to be made available on the website **(https://www.opsc.gov.in)** for recruitment to **116 (One Hundred Sixteen)** posts of **Ayurvedic medical Officer** in Group-B of Odisha Ayurvedic Medical Services Cadre under Health & Family Welfare Department in the Scale of Pay of Rupees 44900/- in Level-10, Cell-1 of the pay matrix as per ORSP Rules, 2017 with usual Dearness and other Allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Health & Family Welfare Department, out of a total number of 116 (38 - W) vacancies, 70 (23 - W) vacancies are reserved for UR Category, 13 (04 - W) vacancies are reserved for SEBC Category, 11 (04 - W) vacancies are reserved for SC category and 22 (07 - W) vacancies are reserved for ST Category. Also, 01 vacancy is reserved for Sports Persons, 03 for Ex-Servicemen and 05 (02 - W) vacancies are reserved for Persons with Disabilities.
3. **AGE:** A candidate must have attained the age of 21 (Tweny one) years and must not be above the age of 38 (Thrity eight) years as on the 1st day of January, 2023 i.e. he/she must have been born not earlier than 2nd January 1985 and not later than 1st January 2002.
4. **EDUCATIONAL QUALIFICATION:** A candidate must have possessed BAMS or equivalent Degree from an University or Institution recognised by the Central Council of Indian Medicine and he/she must have registered himself/herself under the Odisha State Council of Ayurvedic Medicines.
5. **EXAMINATION FEE:** The examination fee for all categories of candidates has been exempted as per GA & PG Department Notification No. 9897/Gen., Dt.11.04.2022.
6. **METHOD OF SELECTION:** The selection of candidates for recuritment to the posts of Ayurvedic Medical Officer will be made on the basis of **Written Test.**

The link for registration shall be available **from 09.05.2023 to 08.06.2023 (Note: 08.06.2023 is the last date for submission of Registered Online Application)**.

The candidates are advised to visit the website of the Commission at **http://opsc.gov.in** for detail information for applying to the above post.

**CUTTACK**
**DATE: 28.04.2023**
**Sd./- SECRETARY**
**ODISHA PUBLIC SERVICE COMMISSION, CUTTACK**
**OIPR-12002/11/0018/2324**

**TENDER NOTICE**
**Contact No - 0680-2281903, E.mail-ID pdws.ganjam@gmail.com**

**No.L-23:**Sealed tenders in plain papers are invited from intending persons for collection of Green Coconut from the Shelter Belt cashew plantations located at Kirtipur / Markandi-I Sections of Soil Conservation Range Golabandha under the Project Director, Watersheds, Ganjam, Berhampur during the year 2023-24 ( i.e from 01.06.2023 to 31.05.2024). Tender papers along with the terms and conditions can be obtained from office of the Project Director, Watersheds, Ganjam, Berhampur.

The sealed tenders are to be received in the office of the Project Director, Watersheds, Ganjam, Berhampur up to 05.00 PM of 24.05.2023 by speed .post or Registered / speed post /Courier services (No tender paper will be received by hand). The tender papers will be opened on 25.05.2023 at 11.30 A.M onwards in presence of the tenderers or their authorised representatives who ever present in the office of the Project Director, Watersheds, Ganjam, Berhampur .

The cover should be duly captioned "Tender for Green Coconut". An amount not less the 10% of the quoted value in shape of Bank Draft towards the earnest money drawn in favour of the Project Director, Watersheds, Ganjam, Berhampur payable at S.B.I Main Branch, Berhampur is to be enclosed. The tender value should be quoted for all the Coconut plantation as per the terms and conditions which can be seen in this office on any working day. The intending Tenderers may inspect the Coconut plantation if they desire before offering the tender. The successful Tenderer shall have to execute an agreement in prescribed form and deposit full amount of tender value along with the GST as applicable on the same day. In addition he has to pay 10% of Bid value as S.D which will be refunded at the time of leaving the plantation. On receipt of the above amount in full the work order will be issued. In the event of failure to deposit the above amount the tender will be liable for cancellation and the entire amount deposited will be forfeited to the Government. The successful tender shall be bound by the tender term and conditions of the department. No complain for Loss due to natural calamities or otherwise will be entertained. The competent authority reserves the right to accept or reject any or all tenders and cancel or post pond the tender without assigning any reason thereof.

**Sd./-Project Director, Watersheds, Ganjam, Berhampur**
OIPR-32249/11/0001/2324

## ସଂକ୍ଷେପରେ

### ଭିନ୍ନକ୍ଷମ ନାବାଳିକାଙ୍କୁ ବଳାତ୍କାର , ଜେଲଗଲେ ଯୁବକ

**ନର୍ଲା,୨୮।୪(ଡି.ଏନ୍.ଏ.):** ନର୍ଲା ଥାନା ଅଞ୍ଚଳର ଜଣେ ମୂକ ବଧିର ନାବାଳିକାଙ୍କୁ ବଳାତ୍କାର କରି ଜେଲେ ଗଲେ ଯୁବକ। ସେ ହେଲେ ରାମପୁର ଥାନା ଅଧୀନ ବେଣୁଧର ପାତ୍ର(୧୯)। ସୂଚନା ମୁତାବକ, ଗତ କିଛି ମାସ ତଳେ ଯୁବକ ଜଣଙ୍କ ନାବାଳିକାଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଉଠାଇ ନେଇଥିଲେ। ପରେ ତାଙ୍କୁ ବଳାତ୍କାର କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏ ନେଇ ପୀଡ଼ିତାଙ୍କ ପରିବାରଲୋକେ ଗତ ୬ ତାରିଖ ନର୍ଲା ଥାନରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲା। ଗତ ୨୭ ତାରିଖରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ଥାନାରେ ଅଟକ ରଖି ପଚରାଉଚୁରା କରିଥିଲା। ପରେ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରିବା ପରେ ଅଭିଯୁକ୍ତ ନାମରେ ପୋକ୍‌ସୋ ଆକ୍ଟରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି।

### ଖେଳ ପଡ଼ିଆରୁ ବାଇକ୍ ଚୋରି

**କେସିଙ୍ଗା,୨୮।୪(ଡି.ଏନ୍.ଏ.):** କଳାହାଣ୍ଡି ଜିଲା କେସିଙ୍ଗା ୱାର୍ଡ ନଂ ୧୨ରେ ସନ୍ତୋଷ ମହାରଣା ନାମକ ଜଣେ ବ୍ୟକ୍ତିଙ୍କ ବାଇକ୍ ଚୋରି ହୋଇଛି। ଏନେଇ ସେ କେସିଙ୍ଗା ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ତଦନ୍ତ କରୁଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ ପ୍ରତିଦିନଭଳି ଗତକାଲି ଭୋର ୫.୩୦ ସମୟରେ ସନ୍ତୋଷ ଦୌଡ଼ା ଦୌଡି କରିବା ପାଇଁ ସ୍ଥାନୀୟ ବିଦ୍ୟାପୀଠ ଖେଳ ପଡ଼ିଆକୁ ଯାଇଥିଲେ। ପଡ଼ିଆର ଗୋଟିଏ ସାଇଡରେ ବାଇକ୍ ପାର୍କିଂ କରିଥିଲେ। ଆସି ଦେଖିଲା ବେଳକୁ ପାର୍କିଂ କରିଥିବା ଜାଗାରେ ବାଇକ୍ ନ ଥିଲା। ଆଖପାଖ ବହୁ ଖୋଜାଖୋଜି କରିଥିଲେ ହେଁ ବାଇକ୍ ପାଇ ନ ଥିଲେ।

### ବନ ବିଭାଗ ଚଢ଼ାଉ, କାଠ ଜବତ

**ଦେଓଗାଁ,୨୮।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ଶିରାବାହାଲରେ ବନ ବିଭାଗ ଚଢ଼ାଉ କରି କଟା ଯାଇଥିବା ବଡ ସାଇଜର ୮ଟି ସାହାଜ ଗଛର କାଠ ଜବତ କରାଯାଇଛି। ଜବତ ପରେ କାଠକୁ ରେଞ୍ଜ କାର୍ଯ୍ୟାଳୟ ଅଣାଯାଇଛି । ରେଞ୍ଜର ଆଲୋକ କୁମାର ମାଝିଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପିଙ୍କୁ ଭୋଇ ଓ ବନକର୍ମଚାରୀ ଶିରାବାହାଲ ନିକଟସ୍ଥ ଏକ ଜମିରେ ଚଢ଼ାଉ କରି କଟାଯାଇ ରଖାଯାଇଥିବା ସାହାଜ ଗଛ କାଠ ଜବତ କରିଥିଲେ । ତେବେ ଗଛ କାଟିଥିବା ବ୍ୟକ୍ତି ଫେରାର ହୋଇଯାଇଛନ୍ତି। ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ରେଞ୍ଜର ମାଝି ସୂଚନା ଦେଇଛନ୍ତି ।

### ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ

**ଲୋଇସିଂହା,୨୮।୪(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରେ ଚାଲିଥିବା ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ ବିକାଶ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଅଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ସଂଙ୍କୁଳ ପ୍ରମୁଖ କମଳ ଲୋଚନ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ବୃତ୍ତକଥନ କରିଥିଲେ । ଅନ୍ୟତମ ଅତିଥିଭାବେ ଯୋଗୀନ୍ଦ୍ର ଦାଶ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସଭାପୂର୍ବରୁ ସ୍ୱାଭିମାନ ଦିବସ ପାଳନ କାର୍ଯ୍ୟକ୍ରମରେ ଅଚାର୍ଯ୍ୟ ନିତ୍ୟାନନ୍ଦ ପଧାନ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ବିଷୟରେ ଆଲୋକପାତ କରିଥିଲେ ।

### ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ବୈଠକ

**ଗୁଡ଼ଭେଲା,୨୮।୪(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଗୁଡ଼ଭେଲା ବ୍ଲକ ତେନ୍ତୁଲିଖୁଣ୍ଟିସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଶୁକ୍ରବାର ବିଦ୍ୟାଳୟ ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଶୁଭସ୍ମିତା କହଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ଅଧକ୍ଷ ତଥା ଜିଲାପାଳଙ୍କ ପ୍ରତିନିଧିଭାବେ ଗୁଡ଼ଭେଲା ବିଡିଓ ଗୁରେଶ୍ୱର ଭୋଇ ଯୋଗଦେଇ ବିଦ୍ୟାଳୟ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ଗୁଡ଼ଭେଲା ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ରମେଶ ଚନ୍ଦ୍ର ସାର୍ଥକ, ଡାହିମାଳ ନୋଡାଲ ହାଇସ୍କୁଲର ପ୍ରଧାନଶିକ୍ଷକ ଏସ.ପଟ୍ଟନାୟକ, ସୁଦାମ ଚରଣ ତ୍ରିପାଠୀ, ନାରାୟଣ ଭୁଏ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲାପାଳ ଅଫିସ ଘେରିଲେ କ୍ରୀଡାସଂଘ କର୍ମକର୍ତ୍ତା

## ଜିଲା କ୍ରୀଡା ଅଧିକାରୀଙ୍କ ବଦଳି ଦାବି



ଜିଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭରତ ବିଭିନ୍ନ କ୍ରୀଡା ସଂଘ କର୍ମକର୍ତ୍ତା ଓ ଖେଳାଳି।

**ନୂଆପଡା ଅଫିସ, ୨୮।୪**

ନୂଆପଡା ଜିଲାର କ୍ରୀଡା ପ୍ରତିଭାଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଅନେକ ଯୋଜନା କରିଛନ୍ତି । କ୍ରୀଡା ପ୍ରତିଭାଙ୍କୁ ଚିହ୍ନଟ କରି ଉପଯୁକ୍ତ ତାଲିମ ଦେବା ଦିଗରେ ବ୍ୟବସ୍ଥା କରାଯାଉଛି। ହେଲେ ଜିଲାରେ ଏହାର ଓଲଟ ଗତି ଦେଖିବାକୁ ମିଳୁଛି। ମୁଖ୍ୟ ଦାୟିତ୍ୱରେ ଥିବା ଜିଲା କ୍ରୀଡା ଅଧିକାରୀ ଅଜୟ କୁମାର ପଟ୍ଟନାୟକ କ୍ରୀଡା ପ୍ରତି ଧ୍ୟାନ ନ ଦେଇ ମନମୁଖୀ କାର୍ଯ୍ୟ କରୁଛନ୍ତି। ଏହିଭଳି ଅଭିଯୋଗ ଆଣି ଶୁକ୍ରବାର ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ ଫୁଟବଲ ସଂଘ, କ୍ରିକେଟ ସଂଘ, କବାଡି ସଂଘ, ଆଥେଲେଟିକ ସଂଘ ଓ ଅନ୍ୟାନ୍ୟ କ୍ରୀଡା ସଂଘ କର୍ମକର୍ତ୍ତା ଓ କେତେକ ଖେଳାଳି ରାସ୍ତାକୁ ଓହ୍ଲାଇଛନ୍ତି। ସ୍ଥାନୀୟ ମିନିଷ୍ଟାଡିୟମରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଦୀର୍ଘ ୨ଘଣ୍ଟାକାଳ ଜିଲାପାଳ ଅଫିସ ସମ୍ମୁଖରେ ଧାରଣାରେ ବସି ଜିଲା କ୍ରୀଡା ଅଧିକାରୀଙ୍କ ବିରୋଧରେ ବିକ୍ଷୋଦ୍‌ଗାର କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଜିଲା କ୍ରୀଡା ଅଧିକାରୀ ଏଠାରେ ଯୋଗଦେବା ୮ ବର୍ଷ ବିତି ଯାଇଥିଲେ ମଧ୍ୟ ଖେଳାଳିମାନଙ୍କ ସହ ତାଙ୍କର କୌଣସି ସମ୍ପର୍କ ନାହିଁ। ଜିଲାରେ ବିଭିନ୍ନ ସମୟରେ କାବାଡି, ଖୋଖୋ, ଫୁଟବଲ, କ୍ରିକେଟ, ଭଲିବଲ, ବ୍ୟାଡମିଣ୍ଟନ ମ୍ୟାଚ ହେଉଛି । ଜିଲା କ୍ରୀଡା ଅଧିକାରୀଙ୍କଠାରୁ ଯେତିକି ପ୍ରୋତ୍ସାହନ ମିଳିବା କଥା ମିଳୁନାହିଁ। ଏହା କ୍ରୀଡାବିତ ଓ କ୍ରୀଡା ପ୍ରେମୀଙ୍କ ମଧ୍ୟରେ ନୈରାଶ୍ୟଭାବ ସୃଷ୍ଟି କରୁଛି। ଏଣୁ ତାଙ୍କୁ ଏଠାରୁ ବଦଳି କରାଯାଉ। ନୂଆପଡା ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଘଟଣାସ୍ଥଳକୁ ଆସି ଧାରଣାକାରୀଙ୍କ ସହ ଆଲୋଚନା କରି ୩ ଦଫା ସମ୍ବଳିତ ଏକ ଦାବିପତ୍ର ଗ୍ରହଣ କରିଥିଲେ। ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ଅଶୋକ କୁମାର ପୁଞ୍ଜି, ଶ୍ରୀରାମ ମିଶ୍ର, ରଞ୍ଜିତ ସୁନା, ସୁରୁ ପୁଞ୍ଜି, ସତ୍ୟ ପଟେଲ, ବୈକୁଣ୍ଠ ପୁଞ୍ଜି, ଟିପୁ ଖାନ, ତରୁଲତା ନାଗ, ସାଗର ହଂସ, ଦିବ୍ୟରଞ୍ଜନ ବେମାଲ, ଦୁଃଖଭଞ୍ଜନ ନାୟକ, ବିନୋଦ ବନଛୋର, କୁମୁଦ ବନଛୋର ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଜିଲା କ୍ରୀଡା ଅଧିକାରୀ ପଟ୍ଟନାୟକଙ୍କୁ ପଚାରିବାରୁ ତାଙ୍କ ବିରୋଧରେ ଆସିଥିବ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି। ତାଙ୍କର ଖେଳାଳିମାନଙ୍କ ସହ ଭଲ ସମ୍ପର୍କ ରହିଛି। ତାଙ୍କ ସମୟ କାଳରେ ଜିଲା ପୁରୁଷ କବାଡି ଟିମ୍ ୨୦୨୧ରେ ରାଜ୍ୟସ୍ତରରେ ତୃତୀୟ, ୨୦୨୨ରେ ଚାମ୍ପିୟନ, ମହିଳା କବାଡି ଦଳ ତୃତୀୟ ଓ ଚଳିତ ବର୍ଷ ପୁରୁଷ କବାଡି ଦଳ ରନର ଅପ ହୋଇଛି। ଖାଲି ସେତିକି ନୁହେଁ ଜିଲାରୁ ୪ଜଣ ଖେଳାଳି ଜାତୀୟ ସ୍ତର କବାଡି ଖେଳିବାକୁ ମନୋନୀତ ହୋଇଥିବା ପଟ୍ଟନାୟକ କହିଛନ୍ତି।



@ ବିଷ୍ଣୁ


@ ଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମାଧ୍ୟମିକ ଶିକ୍ଷକ ସଂଘ ସାଙ୍ଗଠନିକ ସମ୍ମିଳନୀ

**ଦେଓଗାଁ,୨୮।୪(ଡି.ଏନ.ଏ.)**


ନୂତନ କର୍ମକର୍ତ୍ତାମାନେ ଶପଥ ଗ୍ରହଣ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ସାଙ୍ଗଠନିକ ସମ୍ମିଳନୀ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ଦେଓଗାଁ ହାଇସ୍କୁଲର ପ୍ରଧାନଶିକ୍ଷକ ଅମ୍ବରିଶ ଭୋଇଙ୍କ ସଭାପତିତ୍ୱରେ ଓଷ୍ଟାର ରାଜ୍ୟ ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ରାଜ୍ୟ ସଦସ୍ୟ ତାରାକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । ଏଥି ସହିତ ଶିକ୍ଷା ଓ ଶିକ୍ଷକମାନଙ୍କ ଉନ୍ନତି ପାଇଁ ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ସଭାପତି ପାଣିଗ୍ରାହୀ ପରାମର୍ଶ ଦେଇଥିଲେ। ସର୍ବସମ୍ମତିକ୍ରମେ ନୂତନ କମିଟିରେ ସଭାପତିଭାବେ ଫଟାମୁଣ୍ଡା ସ୍କୁଲ ପ୍ରଧାନଶିକ୍ଷକ ଗୌତମ ପଟେଲ, ସାଧାରଣ ସମ୍ପାଦକ ଗୌରଗୋଠ ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରେମରାଜ ପଧାନକୁ ଚୟନ କରାଯାଇଥିଲା। କାର୍ଯ୍ୟକାରୀ ସଭାପତିଭାବେ ଦେଓଗାଁ ହାଇସ୍କୁଲର ଅମ୍ବରିଶ ଭୋଇ, ଉପସଭାପତି କୁଡୁର୍ଲା ହାଇସ୍କୁଲ ପ୍ରଧାନଶିକ୍ଷକ ଦିଲୀପ ସାହୁ, ଦେଓଗାଁ ହାଇସ୍କୁଲ ଶିକ୍ଷୟିତ୍ରୀ ସୁନିତା ମଲ୍ଲିକ, ଶିକ୍ଷକ ପବିତ୍ରମୋହନ ବୁଡେକ ଓ ସଂଯୁକ୍ତା କୁମ୍ଭାରଙ୍କୁ ଯୁଗ୍ମ ସମ୍ପାଦକ ଭାବେ ଚୟନ କରାଯାଇଥିଲା। କମିଟି ଉପଦେଷ୍ଟାଭାବେ ବନ୍ଧପାଲି ହାଇସ୍କୁଲ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ବେହେରା ଓ ଅଶୋକ ପଧାନ, ପ୍ରଶାନ୍ତ ପାଣ୍ଡେ ଓ ରାଜକୁମାର ରଣା ରାଜ୍ୟ କାଉନସିଲ ସଭ୍ୟ, ଶିକ୍ଷକ ଭୁକାନ୍ତ ସାହୁ ଓ ଅଶୋକ ରଥଙ୍କୁ ଜିଲା କାଉନସିଲ ସଭ୍ୟ ଭାବେ ଚୟନ କରାଯାଇଥିଲା। ଶେଷରେ ବଲାଙ୍ଗୀର ସଦର ବ୍ଲକ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ବତନ ରାଜ୍ୟ ଉପସଭାପତି ସୁଧାଂଶୁ ଶେଖର ବାବୁ, ପୂର୍ଣ୍ଣଚନ୍ଦ୍ର ମେହେର, ସୁଧିର ନାଏକ, ଦିଲୀପ ପଧାନ, ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ଜୀବର୍ଦ୍ଧନ ପଧାନ, ମଣି ରଣା ସହଯୋଗ କରିଥିଲେ।

# ଗ୍ରୀଷ୍ମକାଳୀନ ନୀଟ୍ ସର୍ବେକ୍ଷଣ ସତନ୍ତ୍ର ଶିବିର

**ଖଡ଼ିଆଳ,୨୮।୪(ଡି.ଏନ.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ୟୁନିଟ ପକ୍ଷରୁ ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ଶିବିର ଆନୁଷ୍ଠାନିକ ଶିକ୍ଷା ଓ ନିୟମିତ ନିଯୁକ୍ତିରେ ନଥିବା ଯୁବତୀଯୁବକଙ୍କ ସର୍ବେକ୍ଷଣ କାର୍ଯ୍ୟକ୍ରମ ୨୦୨୩ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସୁରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ପରିଚାଳିତ ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଡକ୍ଟର ତରୁଣ କୁମାର ପ୍ରଧାନ ସଭାପତିତ୍ୱ କରିଥିଲେ। ନୂଆପଡ଼ା ଜିଲା ଏନ.ଏସ.ଏସ ସଂଯୋଜକ ସନ୍ତୋଷ କୁମାର ମୁଣ୍ଡ ମୁଖ୍ୟବକ୍ତା, ଇଂଲିଶ ବିଭାଗ ମୁଖ୍ୟ ଅଶିନୀ କୁମାର ପାଢ଼ୀ ସମ୍ମାନୀତ ଅତିଥି, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ବେହେରା ମୁଖ୍ୟ ଅତିଥି, ପ୍ରାଧ୍ୟାପକ ଡକ୍ଟର ପଦ୍ମଲୋଚନ ବର୍ମା, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା ଓ ପ୍ରାଧ୍ୟାପକ ସରୋଜ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱେଚ୍ଛାସେବୀମାନଙ୍କୁ ସେବା ହିଁ ଜୀବନର ମୂଳମନ୍ତ୍ର ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ମୁଖ୍ୟ ସ୍ୱେଚ୍ଛାସେବୀ ଭାବେ ସରୋଜ କଲତା, ସୁବାସ ଚନ୍ଦ୍ର ବାଗ, ଶୁଭମ ସିଂ ନିନା, ମାନଭଞ୍ଜନ ରାଉଳ, ଗୁଲସନ କୁମାର ସତନାମୀ, ଅଙ୍କିତା ଦଣ୍ଡସେନା, ଦିପ୍ତିମୟୀ ବେହେରା, କୁନ୍ତୀମୟୀ ଖମାରୀ, ଦିବ୍ୟଭାରତୀ ଯାଦବ, ସୁନେଲି ତାଣ୍ଡି, ସ୍ନେହା ଦାସ, ରୋଶନ ବଘେଲ, ଶକ୍ତିଧର ବେହେରା, ମାନସ ରଞ୍ଜନ ସାଗର, ହରିହର ଦଳ ଓ ସରୋଜ କୁମାର ନାଗଙ୍କୁ ସମ୍ମାନୀତ କରାଯାଇଥିଲା।

# ଜୁନାଗଡ଼ରେ ଆଇନଜୀବୀ ଦିବସ


ଆଇନଜୀବୀ ଦିବସ ପାଳନ ଅବସରରେ ଉପସ୍ଥିତ ଅତିଥି।

**ଜୁନାଗଡ଼,୨୮।୪(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଓକିଲ ସଂଘ ତରଫରୁ ଶୁକ୍ରବାର ସ୍ଥାନୀୟ ବାରଠାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓକିଲସଙ୍ଘ ସଭାପତିଅଶୋକପାତ୍ରଙ୍କସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ହିମାଂଶୁ ବରାଡ଼ ପରିଚାଳନା କରିଥିଲେ। ବରିଷ୍ଠ ଆଇନଜୀବୀ ମଦନମୋହନ ସାହୁ, ସୁରେଶ ପଣ୍ଡା ପ୍ରମୁଖ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ତାଙ୍କ ଜୀବନୀ ଆଦର୍ଶ ଓ ଆଇନ ସେବା ମହତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରତ୍ୟେକ ଆଇନଜୀବୀ ତାଙ୍କ ଆଦର୍ଶକୁ ପାଥେୟ କରି ଗରିବ ଲୋକଙ୍କୁ ଆଇନ ସେବା ଦେବାରେ ଯତ୍ନବାନ ହେବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ବିଶ୍ୱନାଥ କର, ବାଳକୃଷ୍ଣ ଆଚାରି, ଅଶୋକ ପଣ୍ଡା, ରମେଶ ନାୟକ, ଦିଗାମ୍ବର ନାୟକ, ଅନନ୍ତ ବେହେରା, ସୁଶୀଲ ପାଢ଼ୀ, ଜୁଲିରାଣୀ ନାୟକ, କୈଳାସ ଚୌଧୁରୀ, ଲୋକନାଥ ନାୟକ ସମେତ ସଂଘର ଅନେକ ସଦସ୍ୟ ଉପସ୍ଥିତ ଥିଲେ।

# ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

**ଟିଟିଲାଗଡ଼,୨୮।୪(ଡି.ଏନ.ଏ.)**



କାର୍ଯ୍ୟଶାଳାରେ ମଞ୍ଚାସୀନ ଅତିଥି।

ଟିଟିଲାଗଡ଼ ସଙ୍କୁଳର ତ୍ରିଦିବସୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ସଂଙ୍କୁଳ ପ୍ରମୁଖ ସଞ୍ଜିବ କୁମାର ମିଶ୍ର ଉଦ୍‌ଘାଟନୀ ଅଭିଭାଷଣ ପ୍ରଦାନ କରିଥିଲେ। ବିଜେପୁର ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ ମୁଖ୍ୟବକ୍ତାଭାବେ ଯୋଗଦେଇ ହିନ୍ଦୁ ଜୀବନ ଶୈଳୀରେ ବୈଜ୍ଞାନିକତା ପ୍ରସଙ୍ଗ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଡଃ. ଛାୟାକାନ୍ତ ଷଡଙ୍ଗୀ ଉପସ୍ଥିତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ । ସଙ୍କୁଳ ସଂଯୋଜକ ତଥା ଟିଟିଲାଗଡ଼ ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ, ଶ୍ୟାମସୁନ୍ଦର ମହାପାତ୍ର ଏହି ତ୍ରିଦିବସୀୟ କାର୍ଯ୍ୟଶାଳାର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ଦିବସର ସନ୍ଧ୍ୟା କାଳାଂଶରେ ପ୍ରାକ୍ତନ ସଂଙ୍କୁଳ ପ୍ରମୁଖ ରାଜୀବ ଲୋଚନ ପାଢୀ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଜୀବନୀ ଉପରେ ମାର୍ଗଦର୍ଶନ ଦେଇଥିଲେ। ସମାରୋପ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଦିଲ୍ଲୀପ କୁମାର ସାହୁ ରାଷ୍ଟ୍ର ସର୍ବୋପରି ପ୍ରସଙ୍ଗ ଉପରେ ବକ୍ତବ୍ୟ ରଖିଥିଲେ । ସଂଙ୍କୁଳ ସଂଯୋଜକ ମହାପାତ୍ର କାର୍ଯ୍ୟଶାଳାର ବିବରଣୀ ଉପସ୍ଥାପନ କରିଥିଲେ। ଶିଶୁ ମନ୍ଦିର ପରିଚାଳନା ସମିତି ସଭାପତି ଜ୍ୟୋତି ପ୍ରସାଦ ଗଡତ୍ୟା ଅଧକ୍ଷୀୟ ଅଭିଭାଷଣ ଏବଂ ସମ୍ପାଦକ ଅନିରୁଦ୍ଧ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# କଣ୍ଟାବାଞ୍ଜିରେ ଲୟାର୍ସ ଡେ ପାଳିତ

**କଣ୍ଟାବାଞ୍ଜି, ୨୮।୪ (ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଓକିଲ ସଂଘ ସଭାଗୃହଠାରେ ଶୁକ୍ରବାର ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ସମିମ ଅହମ୍ମଦ ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇନଜୀବୀମାନେ ମଧୁବାବୁଙ୍କ ପରି ହେବାକୁ ଆହ୍ୱାନ ଦିଆଯାଇଥିଲା। ସଭାରେ ସମ୍ପାଦକ ଏସ.ଜଗନ୍ନାଥ ରାଓ, ଉପସଭାପତି ଅଭିମନ୍ୟୁ ନାଗ ଓ ସଂଘର ସଭ୍ୟାସଭ୍ୟମାନେ ଉପସ୍ଥିତ ରହି ଦିବସ ପାଳନ ଉପରେ ବକ୍ତବ୍ୟ ରଖିଥିଲେ। ସଭା ପୂର୍ବରୁ ମଧୁବାବୁଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା।

# ଜନ୍ମତିଥିରେ ମଧୁବାବୁଙ୍କ ସ୍ମୃତିଚାରଣ

**ସିନାପାଲି, ୨୮।୪(ଡି.ଏନ.ଏ.)**

ଗଙ୍ଗାଧର ସାରସ୍ୱତ ସମିତି ଓ ସ୍ୱର ସଙ୍ଗମ କଳା ପରିଷଦ ଆନୁକୂଲ୍ୟରେ କଳା ପରିଷଦ ସଭାଗୃହରେ ଶୁକ୍ରବାର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୫ତମ ଜନ୍ମଜୟନ୍ତୀ ପାଳିତ ହୋଇଛି । ଲଳିତ କୁମାର ସୁନାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଶିକ୍ଷାବିତ୍ ରବିନ୍ଦ୍ରନାଥ ଯୋଷୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସଙ୍ଗୀତଜ୍ଞ ତ୍ରିନାଥ ମେହେର, ସମ୍ମାନିତ ଅତିଥି କାଙ୍କେରି ମହାବିଦ୍ୟାଳୟ ଅଧ୍ୟକ୍ଷ ଗୁପ୍ତେଶ୍ୱର ମେହେର ଓ ମୁଖ୍ୟବକ୍ତା ଭାବେ ସାହିତ୍ୟପ୍ରେମୀ ରୂପେଶ ଚନ୍ଦ୍ର ମେହେର ଯୋଗଦେଇ ମଧୁବାବୁଙ୍କ ଆଦର୍ଶ ଓ ସ୍ୱାଭିମାନୀ ଜୀବନର ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ବଂଶୀଧର ଜଗତ ମଧୁବାବୁଙ୍କ ସଙ୍ଗୀତ ଗାନ କରିଥିଲେ । କାର୍ଯ୍ୟକ୍ରମକୁ ସାରସ୍ୱତ ସମିତି ସଭାପତି ବୈଷ୍ଣବ ମେହେର ସଂଯୋଜନା କରିଥିଲେ। ପରେଶନାଥ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।


ମଧୁବାବୁ ଜୟନ୍ତୀ ସଭାରେ ଉପସ୍ଥିତ ଅତିଥିମାନେ।

# ଜିଲା ଓକିଲ ସଂଘ ପାଳିଲା ମଧୁବାବୁ ଜୟନ୍ତୀ

**ନୂଆପଡା ଅଫିସ, ୨୮ ।୪**

ନୂଆପଡା ଜିଲା ଦେୱାନୀ ଓ ଦୌରାଜକ୍ ଅଦାଲତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲା ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୁଦନ ଦାସଙ୍କ ୧୭୫ତମ ଜୟନ୍ତୀ ବା ଓକିଲ ଦିବସ ପାଳିତ ହୋଇଯାଇଛି। ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ ଏଥିରେ ଅଧ୍ୟକ୍ଷତା କରିଥଇଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ମୁଖ୍ୟ ଅତିଥି, ଜିଲା ଆରକ୍ଷୀ ଅଧିକ୍ଷକ ଗୁନ୍ଦାଳା ରେଡ୍ଡୀ ରାଘବେନ୍ଦ୍ର, ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ସଦର ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ ମହମ୍ମଦ ଆଦାମ, ଖରିଆର ରୋଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷା ସୋନିଆ ଜୈନ, ଜିଲା ଓକିଲ ସଂଘ ସମ୍ପାଦକ ପୁରୁଷୋତ୍ତମ ସୋନି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଉପସ୍ଥିତ ଅତିଥିମାନେ ମଧୁବାବୁଙ୍କ ଜୀବନୀ ଓ କାର୍ଯ୍ୟଦକ୍ଷତା ଉପରେ ଆଲୋକପାତ କରିଥିଲେ। ଏହି ଅବସରେ ଓକିଲ ସଂଘ ପକ୍ଷରୁ ଜିଲାର ବରିଷ୍ଠ ନାଗରିକ ଓ ଖବରଦାତା ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ଜିଲା ସିଭିଲ ବାର ସଂଘ ପକ୍ଷରୁ ଏବିଟି ସମ୍ମିଳନି କକ୍ଷରେ ମଧୁବାବୁ ଜୟନ୍ତି ବା ଓକିଲ ଦିବସ ପାଳିତ ହୋଇ ଯାଇଛି। ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ଆଇନଜୀବୀ ଦେବଦତ ମିଶ୍ର, ଅଧ୍ୟାପିକା ବନ୍ଦିତା ଆଚାର୍ଯ୍ୟ, ଜିଲା ସିଭିଲ ବାର ସଂଘ ସଭାପତି ଘାସିରାମ ମାଝି, ସମ୍ପାଦକ ବିଶ୍ୱମଣି ପାଣିଗ୍ରାହୀ ଯୋଗଦେଇଥିଲେ। ଦେବଦତ୍ତ ଦୀକ୍ଷିତ ମଞ୍ଚ ପରିଚାଳନା, ସୁଶାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୈରବ ସାହୁ, ଅଶୋକ ଦେବାଙ୍ଗନ, କ୍ଷିତିଶ ଅଶୋକ ବୋଧନକର, ସମସ୍ତ ଓକିଲ, ରାଜନୈତିକ ଦଳର କର୍ମକର୍ତ୍ତା ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।


ମଧୁବାବୁ ଜୟନ୍ତୀରେ ଉପସ୍ଥିତ ଅତିଥି ବୃନ୍ଦ।

## ସଂକ୍ଷେପରେ

### ଇରାଶିଷ୍‌ଙ୍କୁ ଭଟଲିରେ ସମ୍ବର୍ଦ୍ଧନା



ଇରାଶିଷ୍ ଆଚାର୍ଯ୍ୟଙ୍କୁ ଭଟଲିରେ ସମ୍ବର୍ଦ୍ଧନା ଦିଆଯାଉଛି।

**ବରଗଡ଼ ଅଫିସ୍,୨୮।୪:** ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପ୍ରତିବାଦରେ ଆନ୍ଦୋଳନ କରୁଥିବା ସମୟରେ ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ସମେତ ଅନେକ ଦଳୀୟ କର୍ମୀ ଗିରଫ ହୋଇଥିଲେ । ଦୀର୍ଘ ୫୪ ଦିନ ଧରି କାରାବରଣ କରି ଜାମିନରେ ମୁକୁଳିବା ପରେ ଇରାସିସ୍ ଶୁକ୍ରବାର ନିଜ ଜନ୍ମମାଟି ଭଟଲିକୁ ଫେରିଥିଲେ। ଏହି ଅବସରରେ ଇରାସିସ୍‌ଙ୍କ ସମେତ ଦଳର ଯୁବମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରୀତେଶ ବହିଦାର, ଜିଲା ସାଧାରଣ ସମ୍ପାଦକ କୁନାଲ ପାଣିଗ୍ରାହୀଙ୍କୁ ଭଟଲିରେ ସେମାନଙ୍କ ବହୁସଂଖ୍ୟକ ସମର୍ଥକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସ୍ଥାନୀୟ ଗୋପାଳପୁରଠାରୁ ବାଇକ୍ ଶୋଭାଯାତ୍ରାରେ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ଏହାପରେ ପଦଯାତ୍ରାରେ ଭଟଲି, କୁଶନପୁରୀ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ସମୟରେ ସ୍ଥାନୀୟ ହନୁମାନ ମନ୍ଦିର, ଦଧିବାମନ ମନ୍ଦିରରେ ପୂଜାର୍ଚ୍ଚନା ସହ ସେମାନେ ମହାପ୍ରଭୁଙ୍କୁ ଆଶୀର୍ବାଦ ଭିକ୍ଷା କରିଥିଲେ।

### ୨୮ ୟୁନିଟ୍ ରକ୍ତ ସଂଗ୍ରହ

**ଅମରପାଲି,୨୮।୪(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଜଟେସିଙ୍ଗା ପଞ୍ଚାୟତର ବଡ଼ଖମାର ଗ୍ରାମରେ ଓଡ଼ିଶା ମୋ' ପରିବାର ଓ ବଡଖମାର ଯୁବ ଗୋଷ୍ଠୀଙ୍କ ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ସ୍ୱର୍ଗତ ବିକେଶ କର୍ଣ୍ଣଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅବସରରେ ଆୟୋଜିତ ଏହି ଶିବିରରେ ସମୁଦାୟ ୨୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଜୀବନ ବିନ୍ଦୁ - ଓଡିଶା ମୋ' ପରିବାରର ଜିଲା ସଂଯୋଜକ ରଞ୍ଜିତ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖଣ୍ଡହତା ସମିତି ସଭ୍ୟ ବିନୋବାନନ୍ଦ ପଧାନ, ଛାତ୍ରନେତା ଭଗବାନ କର୍ଣ୍ଣ, ଯୁବ ସଂଗଠକ ଅଶିଷ ସାହୁ, ଭାରତୀୟ ଷ୍ଟେଟ ବ୍ୟାଙ୍କ ବୀରମହାରାଜପୁର ଶାଖାର କ୍ଷେତ୍ରୀୟ ପରିଚାଳକ ପ୍ରଫୁଲ୍ଲ ପଧାନ ଓ ସମାଜସେବୀ ତୁଳସୀ ଦାସ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ସୁବର୍ଣ୍ଣପୁର ରକ୍ତ ଭଣ୍ଡାରର ଡା. ବିଶ୍ୱନାଥ ରଥ, ଟେକ୍ନିସିଆନ ଜଗତ ଦରୁଆନ, ଟିଟୁ ପଣ୍ଡା ଓ ଲଳିତ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ସୁବ୍ରତ କର୍ଣ୍ଣ, ଶ୍ରବଣ କର୍ଣ୍ଣ, ଲୋଚନ ଚୌଧୁରୀଙ୍କ ସମେତ ବଡଖମାର ଗ୍ରାମର ଯୁବ ଗୋଷ୍ଠୀ ଏଥିରେ ସହଯୋଗ କରିଥିଲେ।



ଅତିଥିଙ୍କ ଉପସ୍ଥିତିରେ ଜଣେ ସ୍ୱେଚ୍ଛାସେବୀ ରକ୍ତଦାନ କରୁଛନ୍ତି।

# ଗୋ ଶ୍ରଦ୍ଧା ଯୋଜନା ଫେଲ୍, ରାସ୍ତାରେ ଗୋରୁ

**ବୁଲା ଗାଇ ଗୋରୁଙ୍କୁ କାଞ୍ଜିଆହୁଦା ନିଆଯାଉନି**

ସୋନପୁର,୨୮।୪(ନି.ପ୍ର.)

ସୁବର୍ଣ୍ଣପୁର ପୌର ପ୍ରଶାସନ ପକ୍ଷରୁ ୨୦୨୧ ଅଗଷ୍ଟ ୧୬ ତାରିଖଠାରୁ ସହରରେ ଆରମ୍ଭ ହୋଇଥିଲା ଗୋ ଶ୍ରଦ୍ଧା କାର୍ଯ୍ୟକ୍ରମ। ରାସ୍ତା ଉପରେ ବୁଲୁଥିବା ଗାଇଗୋରୁଙ୍କୁ କୋଲପଡା ସ୍ଥିତ କାଞ୍ଜିଆହୁଦାରେ ରଖିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରାକ୍ତନ ଜିଲାପାଳ ଅବୋଲି ସୁନିଲ ନରୱଣେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଠିକ୍ ଠାକ୍ ଚାଲିଥିଲା। ମାତ୍ର କିଛି ମାସ ହେଲା ପୌର ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ନିକଟରେ ଜିଲାପାଳଙ୍କ ବଦଳି ପରେ ଗୋ ଶ୍ରଦ୍ଧା କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍ ହୋଇପଡିଛି। କାଞ୍ଜିଆହୁଦାରେ ଏବେ ଅଳ୍ପ ସଂଖ୍ୟକ ଗାଇ ଗୋରୁ ଅଛନ୍ତି। ଅନ୍ୟପକ୍ଷେ ସହରର ବିଭିନ୍ନ ରାସ୍ତାରେ ଶତାଧିକ ଗାଇ ଗୋରୁ ଓ ଷଣ୍ଢ ବୁଲୁଥିବା ଦେଖିବାକୁ ମିଳୁଛି। ଏଥିପାଇଁ ବାରମ୍ବାର ଦୁର୍ଘଟଣା ଘଟୁଛି। ଯାତାୟତରେ ବାଧା ସୃଷ୍ଟି ହେଉଛି। ଗୋ ଶ୍ରଦ୍ଧା କାର୍ଯ୍ୟକ୍ରମର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ।

ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହଯୋଗରେ ଜିଲା ପ୍ରଶାସନ ଓ ପୌର ପ୍ରଶାସନ ମିଳିତ ଭାବେ ସମୟ ସମୟରେ ବୁଲା ଗାଇଗୋରୁଙ୍କୁ ଧରି କାଞ୍ଜିଆ ହୁଦାରେ ରଖିଥିଲେ। ଜରିମାନା ଦେଇ କେତେଜଣ ଲୋକ ସେମାନଙ୍କ ଗୋରୁ ନେଇଥିଲା ବେଳେ ଅଧିକାଂଶ ଗୋରୁର ଦାବିଦାର ନ ଥିଲେ। ପ୍ରାୟ ଦେଢ ଶହରୁ ଊର୍ଦ୍ଧ୍ୱ ଗାଇଗୋରୁଙ୍କୁ ରଖା ଯାଇଥିଲା। ସହର ରାସ୍ତାଘାଟରେ ଗାଇଗୋରୁଙ୍କ ସଂଖ୍ୟା କମିଥିଲା। ମାତ୍ର ସ୍ଥିତି ପୁଣି ପୂର୍ବ ଅବସ୍ଥାକୁ ଫେରିଛି। ସହରର ସୋନପୁର-ଶରଧାପାଲି ମୁଖ୍ୟ ରାସ୍ତାର ଝୁପୁଡିପଡା, ବ୍ଲକ ଛକ, ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ଗୁଣ୍ଡିଚା ମନ୍ଦିର ସମ୍ମୁଖ, ବଡବଜାର, ଭଗବତୀ ପ୍ଲଟ, ମହାନଦୀ ଓ ତେଲନଦୀ ବ୍ରିଜ୍ ଉପରେ ଶତାଧିକ ବୁଲା ଗାଇଗୋରୁ ଏବେ ପ୍ରତ୍ୟହ ଦଳ ଦଳ ହୋଇ ବୁଲୁଛନ୍ତି। ସହରର ଅଧିକାଂଶ ଗୋପାଳକଙ୍କ ଗୁହାଳ ନ ଥିବାରୁ ସେମାନେ ଗାଇଗୋରୁଙ୍କୁ ରାସ୍ତାରେ ଛାଡି ଦେଉଛନ୍ତି। ପ୍ରଶାସନ ଏହି ବୁଲା ଗାଇଗୋରୁଙ୍କୁ ନେଇ କାଞ୍ଜିଆହୁଦାରେ ରଖିବାରେ ବିଫଳ ହୋଇଛି। ଅନ୍ୟପକ୍ଷେ ଜିଲା ସଦର ମହକୁମାର ସମସ୍ତ ମୁଖ୍ୟ ଓ ଗଳି ରାସ୍ତାରେ ବୁଲା ଗାଇ ଗୋରୁ ଏବେ ଅବାଧ ଯାତାୟତ କରୁଛନ୍ତି। ରାତିରେ ରାସ୍ତା ଉପରେ ଶୋଇ ରହୁଛନ୍ତି। ଏଥି ଯୋଗୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସହରରେ ଗାଇ ଗୋରୁ ପାଳନ କରୁଥିବା ବ୍ୟକ୍ତିମାନେ ସେମାନଙ୍କ ପାଳିତ ଗାଇ ଗୋରୁଙ୍କୁ କୌଣସି ପରିସ୍ଥିତିରେ ରାସ୍ତା ଉପରକୁ ନ ଛାଡି ଆବଶ୍ୟକ ଯତ୍ନ ନେବାକୁ ପ୍ରଶାସନ ପକ୍ଷରୁ ପୂର୍ବରୁ ପରାମର୍ଶ ଦିଆଯାଉଥିଲା। ବୁଲା ଗାଇଗୋରୁଙ୍କୁ ଧରାଯାଇ କୋହ୍ଲପଡାସ୍ଥିତ କାଞ୍ଜିଆ ହୁଦାରେ ସର୍ବାଧିକ ୭ ଦିନ ପର୍ଯ୍ୟନ୍ତ ରଖାଯିବାର ବ୍ୟବସ୍ଥା ହୋଇଥିଲା। ଏହି ସମୟ ସୀମା ଭିତରେ ଯଦି ଗୋରୁ ମାଲିକ ନିଜର ମାଲିକାନା ଦାବି କରନ୍ତି ତେବେ ତାଙ୍କୁ ଗୋରୁ ପ୍ରତି ଦୈନିକ ୫୦୦ଟଙ୍କା ଜରିମାନା ଦେବାକୁ ପଡୁଥିଲା। ଦାବିଦାର ନ ଥିବା ଗାଇଗୋରୁ କିମ୍ବା ଚିହ୍ନଟ ହୋଇ ନ ଥିବା ଗାଇଗୋରୁଙ୍କୁ ୭ ଦିନ ସମୟ ସୀମା ପରେ ଯେ କୌଣସି ସମୟରେ କୌଣସି ଚାଷୀ ପରିବାର ଅଥବା ଆଗ୍ରହୀ ବ୍ୟକ୍ତିଙ୍କୁ ବିକ୍ରି ବା ବଣ୍ଟନ ସୂତ୍ରରେ ଦିଆଯିବା ନେଇ ନିଷ୍ପତ୍ତି ହୋଇଥିଲା। ତେବେ ଏହି କାର୍ଯ୍ୟକ୍ରମକୁ ଏବେ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ କରାଯାଉନାହିଁ। ଗୋରୁ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଗୋଚର ଜମିଗୁଡିକ ଏବେ ଜବରଦଖଲକାରୀଙ୍କ କବ୍‌ଜାରେ। ଆଉ କିଛି ଗୋଚର ଜମିରେ ସରକାରୀ କାର୍ଯ୍ୟାଳୟ ନିର୍ମାଣ ହୋଇଛି। ଖାଲି ପଡିଥିବା ସ୍ଥାନରେ ଘର ନିର୍ମାଣ ହେଲାଣି। ଗୋରୁଙ୍କ ପାଇଁ ଖାଦ୍ୟାଭାବ ସୃଷ୍ଟି ହୋଇଛି। ସେମାନେ ରାସ୍ତା ଉପରେ ଶୋଇ ରହୁଛନ୍ତି। ତେଣୁ ମନ୍ଦିର ମାଳିନୀ ସୋନପୁର ସହରର ବୁଲା ଗାଇ ଗୋରୁଙ୍କୁ ପୁଣି ଗୋଶାଳାରେ ରଖିବାର ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଦାବି ହେଉଛି।



@ ବିଷ୍ଣୁ



@ ଶଙ୍କର

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ରବି ଧାନକ୍ରୟ ବୈଠକ: ୨୩ରୁ ଖୋଲିବ ମଣ୍ଡି



ଧାନ କ୍ରୟ ବୈଠକ।

ବୌଦ୍ଧ,୨୮।୪(ସ୍ୱ.ପ୍ର.)

ଖରିଫ ଧାନକ୍ରୟ ସଂଗ୍ରହ ଶେଷ ହୋଇଥିବାବେଳେ ରବି ଧାନକ୍ରୟ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶୁକ୍ରବାର ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ରବି ଧାନକ୍ରୟ ବୈଠକ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଜିଲାର କଣ୍ଟାମାଳ ବ୍ଲକରେ ଆସନ୍ତା ୨୩ ତାରିଖରୁ ରବି ଧାନକ୍ରୟ ପାଇଁ ମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲାରେ ସମୁଦାୟ ୫୪୦୦ ଜଣ ଚାଷୀ ଧାନ ବିକ୍ରୟ ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ବର୍ତ୍ତମାନ ପଞ୍ଜୀକୃତ ଚାଷୀଙ୍କ ତନଖି ଚାଲିଛି। ସମଗ୍ର ଜିଲାରେ ଆସନ୍ତା ୩୦ ତାରିଖରୁ ଧାନ ମଣ୍ଡି ଖୋଲାଯିବ। ମଣ୍ଡିରେ ଚାଷୀମାନେ ଯେପରି ସୁରୁଖୁରୁରେ ଧାନ ବିକ୍ରି କରିପାରିବେ ସେ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏଥିସହିତ ଧାନମଣ୍ଡିରେ ଚାଷୀଙ୍କ ପାଇଁ ପାନୀୟଜଳ ଓ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରାଯିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ଜିଲା ଯୋଗାଣ ଅଧିକାରୀ ବିଭୁ ପ୍ରସନ୍ନ ଆଚାର୍ଯ୍ୟଙ୍କ ସମେତ ମିଲର୍ସ, ଚାଷୀ ନେତା ଓ ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

# ରିଜର୍ଭୟରରେ ବୁଡ଼ି ଜଣଙ୍କର ସଲିଳ ସମାଧି

**ମାଛ ଧରିବାକୁ ଯାଇଥିଲେ**

ବେଲପାହାଡ଼,୨୮।୪(ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବନହରପାଲି ଥାନା ଅନ୍ତର୍ଗତ ଓପିଜିସି ପମ୍ପହାଉସ ରିଜର୍ଭୟରରେ ବୁଡ଼ି ଶୁକ୍ରବାର ଜଣେ ବ୍ୟକ୍ତିଙ୍କର ସଲିଳ ସମାଧି ଘଟିଛି। ମୃତକ ହେଲେ ବନହରପାଲି ପମ୍ପହାଉସ ପଡ଼ାର ବାସିଲ ଡୁଙ୍ଗଡୁଙ୍ଗ୍ (୫୫)। ସୂଚନା ଅନୁସାରେ ବାସିଲ ଓପିଜିସି ରିଜର୍ଭୟରରୁ ଦୈନିକ ମାଛ ଧରି ପରିବାର ପ୍ରତିପୋଷଣ କରନ୍ତି। ସବୁଦିନ ପରି ସେ ସକାଳେ ଉକ୍ତ ରିଜର୍ଭୟରରେ ମାଛ ଧରିବାକୁ ଏକ ମୋଟର ଟିଉବ୍ ସହାୟତାରେ ପାଣିକୁ ପଶି ଜାଲ ବିଛାଇଥିଲେ। ପରେ ସେ ଟିଉବ୍ ସହାୟତାରେ କୂଳକୁ ଫେରୁଥିବା ସମୟରେ ମଝିରେ ଟିଉବ୍‌ଟି ଓଲଟି ପଡ଼ିଥିଲା। ଫଳରେ ବାସିଲ ରିଜର୍ଭୟର ପାଣିରେ ବୁଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଘଟଣା ସମ୍ପର୍କରେ ବନହରପାଲି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଓପିଜିସି ଅଗ୍ନିଶମ ବିଭାଗ ସହାୟତାରେ ରିଜର୍ଭୟର ପାଣିରୁ ମୃତଦେହ ବାହାରକରିଥିଲା। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବାବେଳେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

# ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ ପାଳିତ

ବୌଦ୍ଧ,୨୮।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଲୟର୍ସ ଡେ ପାଳିତ ହୋଇଯାଇଛି। ଜିଲା ସଂଘର ପୂର୍ବତନ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧକ୍ଷତାରେ ସଂଘ କାର୍ଯ୍ୟାଳୟଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ନବକୁମାର ମିଶ୍ର, ସୁଧିର କୁମାର କର୍ଣ୍ଣ ଓ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଯୋଗଦେଇ ମଧୁବାବୁ ଥିଲେ ଜଣେ ପ୍ରକୃତ ଓଡିଆ ଦାୟଦ, ଆଜିର ଦିନରେ ତାଙ୍କର ସ୍ମୃତିଚାରଣ କରିବା ଓଡିଆ ଜାତିପାଇଁ ଗର୍ବ ବୋଲି ମତବ୍ୟକ୍ତ କରିଥିଲେ। ପରେ ସଂଘ ସଦସ୍ୟମାନେ କୋର୍ଟ ଛକ ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଅଶୋକ କୁମାର ମିଶ୍ର, ଅଶୋକ କୁମାର ସାହୁ, ଦେବରଞ୍ଜନ ବିଶି, ଜ୍ଞାନରଞ୍ଜନ ପଟ୍ଟନାୟକ, ଅଙ୍କିତା ଶତପଥି, ମନୋଜ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ଆଇନଜୀବୀ।

# କଂଗ୍ରେସ ଆଇନସେଲ୍ ପକ୍ଷରୁ ମଧୁବାବୁ ଜୟନ୍ତୀ




କାର୍ଯ୍ୟକ୍ରମରେ କଂଗ୍ରେସ ଆଇନସେଲ୍ କର୍ମକର୍ତ୍ତା ।।

ବୌଦ୍ଧ,୨୮।୪(ସ୍ୱ.ପ୍ର.)

ବୌଦ୍ଧ ଜିଲା କଂଗ୍ରେସ ଆଇନ ସେଲ୍ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଶୁକ୍ରବାର ଆଇନ ସେଲ୍ ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ରଙ୍କ ଅଧକ୍ଷତାରେ କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ ହୋଇଛି । କଂଗ୍ରେସ କମିଟି ପକ୍ଷରୁ ମଧୁବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ସୁଧିର କର୍ଣ୍ଣ, ତାରେଣୀ ଜେନା, ପିସିସି ସଭ୍ୟ ଗଣେଶ ଅଗ୍ରୱାଲା, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, ପୌଲସ୍ତି ପ୍ରଧାନ, ଜୟନ୍ତ ପାଣିଗ୍ରାହୀ, ବେଣୁଧର ମେହେର, ମୁଖିପାତ୍ର ଶାନ୍ତନୁ ମହାପାତ୍ର ପ୍ରମୁଖ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିଥିଲେ।

# ଓକିଲ ସଂଘରେ ମଧୁବାବୁ ଜୟନ୍ତୀ

ବରଗଡ଼ ଅଫିସ୍,୨୮।୪

ବରଗଡ଼ ଜିଲା ଓକିଲ ସଂଘ ପକ୍ଷରୁ ଶୁକ୍ରବାର ମଧୁବାବୁ ଜୟନ୍ତୀ ତଥା ଓକିଲ ଦିବସ ପାଳିତ ହୋଇଯାଇଛି। ସଂଘର ସଭାଗୃହରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଜଜ୍ ଲୁନା ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏଲ୍‌ଏଲ୍‌ଏମ୍ ବିଭାଗର ପ୍ରଫେସର ପ୍ରୟାସ ଡନସନା ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ମଧୁବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ବିଚାର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ସଂଘ ସଭାପତି ଭୀଷ୍ମଦେବ ସରାଫ ସଭାପତିତ୍ୱ କରିଥିବାବେଳେ ଉପସଭାପତି ସୁଶିଲ କୁମାର ଶତପଥି ସଭା ପରିଚାଳନା କରିଥିଲେ। ଏହି ଅବସରରେ ୩୫ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓକିଲାତି କରିଥିବା ସଂଘର ୧୧ଜଣ ବରିଷ୍ଠ ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମୁଖ୍ୟ ଅତିଥି ସଂଘ ପକ୍ଷରୁ ଦିଆଯାଉଥିବା ପରିଚୟପତ୍ର ବଣ୍ଟନ କରିଥିଲେ। ସଂଘ ସମ୍ପାଦକ ଉତ୍ତର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

# ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ କର୍ତ୍ତବ୍ୟ, ଦାୟିତ୍ୱ ସମ୍ପର୍କରେ ଆଲୋଚନା




ତାଲିମ ଶିବିରରେ ମଞ୍ଚାସୀନ ବିଚାରପତି ଓ ଅତିଥି ବୃନ୍ଦ।

ସୋନପୁର,୨୮।୪(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ସମ୍ମିଳନୀ କକ୍ଷରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କର ଏକ ଦିନିକିଆ ତାଲିମ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ସୁବର୍ଣ୍ଣପୁର ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରଶ୍ମି ମୋହନ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲା ଆଇନସେବା ପ୍ରାଧିକରଣ ସଚିବ କୁମୁଦିନୀ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ଅନ୍ତରାଷ୍ଟ୍ରୀୟ ଜଷ୍ଟିସ ମିଶନର ପ୍ରଶିକ୍ଷକ ଇବ୍‌ନିଜଏର ଦୀପ ଶିଶୁ ସୁରକ୍ଷା ଆଇନ ଓ ଶ୍ରମ ଆଇନ ବିଷୟରେ ଆଲୋଚନା କରିଥିଲେ। ସୋନପୁର ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମନସ୍ୱିନୀ ମହାପାତ୍ର ପରିବାର ଓ ମହିଳାଙ୍କ ଘରୋଇ ହିଂସା ଆଇନ ବିଷୟରେ ଆଲୋଚନା କରିଥିଲେ। ଜିଲା ଆଇନସେବା ପ୍ରାଧିକରଣର ସଚିବ ସୁଶ୍ରୀ ମୁଦୁଲି ଆଇନସେବା ପ୍ରାଧିକରଣ ଅଧିନିୟମ, ପାରା ଲିଗାଲ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରିୟ ରଞ୍ଜନ ବାରିକ୍ ମୌଳିକ ଅପରାଧିକ ନିୟମ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲା ଜଜ୍ ପୂର୍ଣ୍ଣିମା ଜେନା, ବରିଷ୍ଠ ଦେୱାନୀ ଜଜ୍ କମଳାକାନ୍ତ ନାୟକ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସୁଚରିତା ମହାନ୍ତି, ଜିଲା ଆଇନସେବା ପ୍ରାଧିକରଣର ସଦସ୍ୟ ବ୍ୟୋମକେଶ ଦାଶ ଓ ମୀନା ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ବଲାଙ୍ଗୀର ଜିଲାରୁ ଆସିଥିବା ରଞ୍ଜିତା ରଣା ନିଜ ଶ୍ରମିକ ଜୀବନର କଥା ଓ ସଫଳତା ସମ୍ପର୍କରେ ପ୍ରକାଶ କରିଥିଲେ। ପାରା ଲିଗାଲ ସ୍ୱେଚ୍ଛାସେବୀ ଗୀତାଞ୍ଜଳି ରଣା, ପ୍ରମିଳା ବାଘ, ହାଡିବନ୍ଧୁ ଖମାରୀ, ପ୍ରେମାନନ୍ଦ ନାୟକ, ଆନନ୍ଦ ଖମାରୀ, ଦେବେନ୍ଦ୍ର ପୋଢ, ଓ ଜ୍ୟୋତିଶ୍ରୀ ବେଉରା ଯୋଗ ଦେଇଥିଲେ। ଶିବିର ଆୟୋଜନରେ ଜିଲା ଆଇନ ସେବା ପ୍ରାଧିକରଣର ଅର୍ଜ୍ଜୁନ ବେହେରା, ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ସିଦ୍ଧାନ୍ତ କୁମାର ବାଘ, ଗୌରୀଶଙ୍କର ପାଣିଗ୍ରାହୀ, ଜ୍ୟୋତ୍ସ୍ନାରାଣୀ ବେହେରା, କାହ୍ନୁଚରଣ ରଥ, ଅନାମ ସାହୁ, ବେଣୁଧର ମଲ୍ଲିକ ଓ ରଞ୍ଜନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଥଣ୍ଡା ପାନୀୟ୍ ଜଳ ପ୍ରକଳ୍ପ ଉଦ୍‌ଘାଟିତ



**ସୁନ୍ଦରଗଡ,୨୮।୪(ଡି.ଏନ.ଏ.):** ସୁନ୍ଦରଗଡ ଟାଉନ ରୋଟାରୀ କ୍ଲବ ତରଫରୁ ଲୁହୁରାଡିପା ନୂଆ ବସ୍‌ଷ୍ଟାଣ୍ଡଠାରେ ଏକ ଥଣ୍ଡା ପାନୀୟ୍ ଜଳ ପ୍ରକଳ୍ପ ଶୁକ୍ରବାର ପ୍ରତିଷ୍ଠା କରାଯାଇଛି। ଦିବଙ୍ଗତ ରୋଟାରିଆନ ମୁକେଶ ଅଗ୍ରୱାଲାଙ୍କ ସ୍ମୃତିରେ ଏହି ପ୍ରକଳ୍ପ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି। ରୋଟାରୀ କ୍ଲବ ଏବଂ ଘରୋଇ ବସ୍ ମାଲିକ ସଂଘ ମିଳିତ ଉଦ୍ୟମରେ ପ୍ରତିଷ୍ଠିତ ଏହି ପ୍ରକଳ୍ପକୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ସରୋଜ କୁମାର ମିଶ୍ର ଓ ରୋଟାରୀ କ୍ଲବ ସଭାପତି ଡା.ଦିଲିପ କୁମାର ଷଡ଼ଙ୍ଗୀ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରିଥିଲେ। ରୋଟାରୀ କ୍ଲବ ସମ୍ପାଦକ ବାଲଗୋପାଳ ମିଶ୍ର ଖୁବ୍‌ଶୀଘ୍ର ସହରର ପୋଷ୍ଟ ଅଫିସ ଛକ ଓ ଅନ୍ୟାନ୍ୟ ସ୍ଥାନରେ ଏଭଳି ଥଣ୍ଡା ପାନୀୟ୍ ଜଳ ପ୍ରକଳ୍ପ ପ୍ରତିଷ୍ଠା କରାଯିବ ବୋଲି ସୂଚନା ଦେଇଥିଲେ। ଏହି ଲୋକାର୍ପଣ କାର୍ଯ୍ୟକ୍ରମରେ କ୍ଲବର ଶୁଭେନ୍ଦୁ ମହାପାତ୍ର, ସମୀର କର, ଚୈତାଳି ଦତ୍ତ, ଗଣେଶ ରୋହିଲା, ବିଶ୍ୱ ରଞ୍ଜନ ପୁରୋହିତ, ସସ୍ମିତା ପୁରୋହିତ, ସିମରନ ନାଏକ, ସଞ୍ଜୟ୍ ଅଗ୍ରୱାଲା, ଚେତନା ଅଗ୍ରୱାଲା, ଓମ୍ ପ୍ରକାଶ ସାହୁ, ସୁନୀତା ସାହୁ, ମାମୁନି ମିଶ୍ର, ସୁରେଶ ପୃଷ୍ଟି ଏବଂ ଘରୋଇ ବସ୍ ମାଲିକ ସଂଘର ରତନ ଷଡ଼ଙ୍ଗୀ, ଅବଦୁଲ ସୟିଦ, ଜ୍ଞାନ ରଞ୍ଜନ ହୋତା, ଅଜୟ୍ କର, ପିଙ୍କୁ ଗୁପ୍ତାଙ୍କ ସମେତ ସ୍ୱର୍ଗତ ମୁକେଶ ଅଗ୍ରୱାଲାଙ୍କ ପରିବାରବର୍ଗ ଉପସ୍ଥିତ ଥିଲେ।

# ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ

**ସୁନ୍ଦରଗଡ଼ ଜିଲା ପରିଷଦର ତୃତୀୟ ବୈଠକ**

ସୁନ୍ଦରଗଡ଼,୨୮।୪(ଡି.ଏନ.ଏ.)

ସୁନ୍ଦରଗଡ ବିକାଶ ଭବନଠାରେ ଜିଲା ପରିଷଦର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ସଦର ବିଧାୟିକା କୁସୁମ ଟେଟେ, ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ, ରାଜଗାଙ୍ଗପୁର ବିଧାୟକ ଡ. ସି.ଏସ୍. ରାଜେନ୍ ଏକ୍କା, ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ଜିଲାପାଳ ଡ. ପରାଗ ଗଭାଲି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ ମଞ୍ଚାସୀନ ଥିଲେ । ବୈଠକରେ ମୁଖ୍ୟତଃ ପାନୀୟ ଜଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ଆମ୍ବୁଲାନ୍ସ ସେବା, ଚିକିତ୍ସାଳୟରେ ଆବଶ୍ୟକ ସ୍ୱାସ୍ଥ୍ୟକର୍ମୀ ତଥା ଅଣ ସ୍ୱାସ୍ଥ୍ୟକର୍ମୀ ନିୟୋଜନ, ମହାପ୍ରୟାଣ ଗାଡ଼ି, ଶିକ୍ଷା କ୍ଷେତ୍ର ତଥା ହାଇସ୍କୁଲ ରୂପାନ୍ତରଣ, ଅପହଞ୍ଚ ଅଞ୍ଚଳରେ ବିଦ୍ୟୁତୀକରଣ ବ୍ୟବସ୍ଥା, ଜଙ୍ଗଲ ଅଧିକାର ଆଇନ, ଅଙ୍ଗନବାଡି ଗୃହ ନିର୍ମାଣ, ବେନିୟମ ଖଣି ଖନନ, ଡ଼ି.ଏମ୍.ଏଫ୍ ପାଣ୍ଠି ଆଦି



ବୈଠକରେ ଉପସ୍ଥିତ ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ ।

ସଂକ୍ରାନ୍ତରେ ଆଲୋଚନା ହୋଇଥିଲା । ବିଶେଷ କରି ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା ।

ବୈଠକରେ ଗ୍ରାମ୍ୟ ଜଳଯୋଗାଣ ଏବଂ ପରିମଳ ବିଭାଗ ସୁନ୍ଦରଗଡ଼ ତଥା ରାଉରକେଲା ବିଭାଜନ ପକ୍ଷରୁ ହାତକୁ ନିଆଯାଇଥିବା ବୃହତ୍ ଜଳଯୋଗାଣ ପ୍ରକଳ୍ପ ଗୁଡିକ ଉପରେ ଆଲୋଚନା ହୋଇଥିଲା । ସେହିପରି ସୁନ୍ଦରଗଡ଼ ଜଳସେଚନ ବିଭାଜନ, ଉଠା ଜଳସେଚନ ବିଭାଜନ ଏବଂ କ୍ଷୁଦ୍ର ଜଳସେଚନ ବିଭାଜନ ପକ୍ଷରୁ ବିଭାଗୀୟ ପ୍ରକଳ୍ପ ଯଥା ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ, ଗଭୀର ନଳକୂପ ପ୍ରକଳ୍ପ ଆଦି ଉପରେ ଉପସ୍ଥାପନା ହୋଇଥିଲା। ପ୍ରକଳ୍ପ, ନିର୍ଦ୍ଦେଶକ, ଜଳବିଭାଜିକା ପକ୍ଷରୁ ଜିଲାରେ ଜଳ ଅମଳ ଗଠନ, ଚେକ୍‌ଡ୍ୟାମ୍ ଆଦି ନିର୍ମାଣ ବିଷୟରେ ସୂଚନା ଦେଇଥିଲେ।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଜିଲାର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲାରେ ଚାଲୁଥିବା ବିଭିନ୍ନ ଯୋଜନା ତଥା ପ୍ରକଳ୍ପ ଉପରେ କହିଥିଲେ। ବୈଠକରେ ଜିଲା ରେ ମେଡିକାଲ ଭିତ୍ତିଭୂମି, ୟୁ. ପି.ଏଚ୍. ସି. ପି. ଏଚ୍. ସି ସବ ସେଣ୍ଟର, ଆଶା, ଆଶା ଗୃହ, ଜି.କେ.ଏସ୍, ଆର୍. ବି.ଏସ୍. କେ.,ବାଇକ୍ ଆମ୍ବୁଲାନ୍ସ, ମା' ଗୃହ, ଭି.ଏଚ୍.ଏନ୍. ଡି. ଆଦି ଉପରେ ଆଲୋକପାତ କରାଯାଇଥିଲା । ଜନପ୍ରତିନିଧିମାନେ ବିଭିନ୍ନ ଚିକିତ୍ସାଳୟ ରେ ପାଚେରି ନିର୍ମାଣ, ଡାୟାଲିସିସ୍ ମେଶିନ୍, ଅଲ୍ଟ୍ରା ସାଉଣ୍ଡ ଆଦିର ଆବଶ୍ୟକତା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା । ସେହିପରି ଜିଲା କୃଷି ବିଭାଗ ପକ୍ଷରୁ ଧାନ ତଥା ଅଣଧାନ ଚାଷ, ବିହନ ଯୋଗାଣ, ସାର ଯୋଗାଣ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଆଦି ଉପରେ ସୂଚନା ଦିଆଯାଇଥିଲା । ଉଦ୍ୟାନ କୃଷି ବିଭାଗ ପକ୍ଷରୁ ଜିଲାରେ ବୃକ୍ଷରୋପଣ ଭିତ୍ତିଭୂମି, ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍. ଯୋଜନା ଅନ୍ତର୍ଗତ ଫଳ ବୃକ୍ଷରୋପଣ, ୱାଡି ପ୍ରକଳ୍ପ, ଜୀବିକା ପ୍ରୋତ୍ସାହନ, କୌଶଳର ବିକାଶ, ମେଗା ନର୍ସରୀ ଆଦି ଉପରେ ଆଲୋକପାତ କରାଯାଇଥିଲା । ମସଲା ମିଶନ ଯୋଜନାରେ ଲଙ୍କା, ଧନିଆ, ଅଦା, ହଳଦୀ ଆଦି ଚାଷ ଏବଂ ଛତୁ ମିଶନ ଯୋଜନା ଆଦି ଉପରେ ସୂଚନା ଦିଆଯାଇଥିଲା । ଏହି ପରିପ୍ରେକ୍ଷୀରେ ଜନପ୍ରତିନିଧି ଜନସାଧାରଣଙ୍କୁ ବିଭିନ୍ନ ଫଳ ଚାଷ ସମ୍ପର୍କୀୟ ବୈଷୟିକ ପ୍ରଶିକ୍ଷଣ ତଥା ହାତୀ ଉପଦ୍ରବ ଦ୍ୱାରା ହେଉଥିବା ଫସଲ ନଷ୍ଟ ରୋକିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ। ଜିଲା ଶିକ୍ଷା ବିଭାଗ ତଥା ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଜିଲାର ଶିକ୍ଷା ଭିତ୍ତିଭୂମି, ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟର ବ୍ୟବସ୍ଥା ତଥା ସ୍ଥିତି ଆଦି ଉପରେ ଉପସ୍ଥାପନ କରାଯାଇଥିଲା । ଜିଲା ଯୋଗାଣ ବିଭାଗ ପକ୍ଷରୁ ଜିଲାର ଏନ୍.ଏଫ୍. ଏସ୍. ଏ, ଏସ୍. ଏଫ୍. ଏସ୍. ଏସ୍, ଅନ୍ନପୂର୍ଣ୍ଣା ଯୋଜନା ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା । ବୈଠକରେ ସମସ୍ତ ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧ୍ୟକ୍ଷ, ଅଧ୍ୟକ୍ଷା ତଥା ଜିଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଶେଷରେ ଜିଲା ପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

## ତହସିଲ କାର୍ଯ୍ୟାଳୟରେ ଅଧିବକ୍ତା ଦିବସ ପାଳିତ



ବଡ଼ଗାଁ, ୨୮।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ବଡ଼ଗାଁ ତହସିଲ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ମଧୁବାବୁଙ୍କ ଜନ୍ମତିଥିରେ ଅଧିବକ୍ତା ଦିବସ ପାଳିତ ହୋଇଯାଇଛି। ଓକିଲ ମାନସ ରଞ୍ଜନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ତହସିଲ କାର୍ଯ୍ୟାଳୟ ମୁଖ୍ୟ କିରାଣି ମିଲଟନ ସୋରେଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ମଧୁବାବୁଙ୍କ ଉତ୍ସର୍ଗୀକୃତ ଜୀବନ ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଓକିଲ ସିଦ୍ଧାର୍ଥ ପାଣିଗ୍ରାହୀ ତାଙ୍କ ବକ୍ତବ୍ୟରେ ମଧୁ ବାବୁଙ୍କୁ ନୂତନ ଓଡ଼ିଶାର ସାରଥି ବୋଲି ଅଭିହିତ କରିଥିଲେ। ଉତ୍କଳ ଆର୍ଟ ଓ ଉତ୍କଳ ଟ୍ୟାନେରୀ ମଧୁବାବୁଙ୍କ ଦ୍ୱାରା ସ୍ଥାପିତ ହେଇଥିଲା। ମଧୁବାବୁ ଥିଲେ ଓଡ଼ିଶାର ପ୍ରଥମ ଗ୍ରାଜୁଏଟ । ଏହାଛଡା ପ୍ରଥମ ଓକିଲ ତଥା ବିଦେଶ ଯାଇ ଓକିଲ ପାଠ ପଢ଼ିବାରେ ପ୍ରଥମ ବ୍ୟକ୍ତି ଥିଲେ ବୋଲି ସେ କହିଥିଲେ। ଏହି ଅବସରରେ ଓକିଲ ଶରତ ଚନ୍ଦ୍ର କିସାନ ବକ୍ତବ୍ୟ ରଖିଥିଲେ। ଓକିଲ ମାନସ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଆ ଜାତିର ସ୍ୱାଭିମାନ ଥିଲେ ମଧୁବାବୁ




ମଧୁବାବୁଙ୍କ ଜୟନ୍ତୀ ଉତ୍ସବ ।

**ସୁନ୍ଦରଗଡ଼ ପବ୍ଲିକ ସ୍କୁଲରେ ମଧୁବାବୁ ଜୟନ୍ତୀ**

ସୁନ୍ଦରଗଡ,୨୮।୪(ଡି.ଏନଏ.)

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସୁନ୍ଦରଗଡ ପବ୍ଲିକ ସ୍କୁଲ ପକ୍ଷରୁ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ଅଧ୍ୟକ୍ଷା ହରପ୍ରିୟା ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ମଧୁସୂଦନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅଧ୍ୟକ୍ଷା ପଟେଲ ମଧୁବାବୁଙ୍କ ଜୀବନୀ ଉପରେ ଆଲୋକପାତ କରି ଓଡିଶା ତଥା ଓଡ଼ିଆ ଜାତି ପାଇଁ ରହିଥିବା ଅବଦାନ ସମ୍ପର୍କରେ ଆମ ସମସ୍ତଙ୍କୁ ମନେ ରଖିବାକୁ ପଡିବ ବୋଲି କହିଥିଲେ। ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଶିକ୍ଷକ ଦେବାଶିଷ ଦାସ ସଭା ସଞ୍ଚାଳନ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ, ମାଇକେଲା ଖାଲକୋ, ସୂର୍ଯ୍ୟକାନ୍ତି ପଟେଲ, ପ୍ରିୟଙ୍କା ଜେନା, ଶିକ୍ଷକ ବଶିଷ୍ଠ ଠାକୁର, ଅବିନାଶ ଜେନାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ।

## ମହୁଲ ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୨୮।୪

ଏକ ଟ୍ରକରେ ବିପୁଳ ପରିମାଣର ମହୁଲ ଚୋରାଚାଲାଣ ହେଉଥିବାବେଳେ ରାଉରକେଲା ଅବକାରୀ ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଇକେଲ ନାଗ(୩୬)। ଏ ନେଇ ପୋଲିସ ଏକ ମାମଲା (ନଂ.୧୩।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ରାଇବଗା ଥାନା ଅନ୍ତର୍ଗତ ଆମକୋ ଗ୍ରାମର ମାଇକେଲ ଶୁକ୍ରବାର ଅପରାହ୍ନ ସାଢ଼େ ୩ଟାରେ ଏକ ଟ୍ରକ୍ (ନଂ.ଓଡି୧୪କେ/୭୯୯୬) ଯୋଗେ ୧୧.୦୭ କୁଇଣ୍ଟାଲ ମହୁଲ ଧରି ଝାଡ଼ଖଣ୍ଡ ଅଭିମୁଖେ ଯାଉଥିଲେ। କୌଣସି ବିଶେଷସୂତ୍ରରୁ ଅବକାରୀ ପୋଲିସ ଖବର ପାଇ ବୀରମିତ୍ରପୁର ଛକରେ ଉକ୍ତ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲା।

## ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ଆଇନଜୀବୀ ଦିବସ ପାଳନ



ମଧୁବାବୁଙ୍କ ଜୟନ୍ତୀ ପାଳନ ଅବସରରେ ଆଇନଜୀବୀମାନେ।

ରାଜଗାଙ୍ଗପୁର,୨୮।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ରାଜଗାଙ୍ଗପୁର ଓକିଲ ସଂଘ ପକ୍ଷରୁ ଶୁକ୍ରବାର ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କୋର୍ଟ ପରିସରରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରାଯାଇଥିଲା । ରାଜଗାଙ୍ଗପୁର ସବଜଜ୍ ସସ୍ମିତା ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାସହିତ ସଂଘର ଆଇନଜୀବୀମାନେ ଉପସ୍ଥିତ ରହି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହାପରେ ଓକିଲ ସଂଘର ବୈଠକ ଗୃହରେ ସଭା କାର୍ଯ୍ୟ ସଂଘର ଅଧ୍ୟକ୍ଷ ଅଶୋକ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ସଭାରେ ମୁଖ୍ୟଅତିଥି ଭାବେ ସବଜଜ୍ ସସ୍ମିତା ନାଏକ ତଥା ସମ୍ମାନିତ ଅତିଥି ଭାବେ ଜେଏମ୍‌ଏଫସି ଶ୍ରୀୟା ରତ୍ନପର୍ଣ୍ଣା ସାହୁ , ବରିଷ୍ଠ ଆଇନଜୀବୀ ଲବେନ୍ଦ୍ର ବେହେରା, ପ୍ରଦୀପ ପଟ୍ଟନାୟକ, ମୁରଲୀଧର ଦାସ, ଅର୍ଚ୍ଚନା ମୁଦୁଲି ମଧୁସୂଦନ ଦାସଙ୍କ ସ୍ମୃତିଚାରଣ କରିବା ସହ ଆଇନଜୀବୀ ଦିବସର ଆଭିମୁଖ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ଦିଲୀପ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ସଂଘର ସାଧାରଣ ସଂପାଦକ ରବୀନ୍ଦ୍ର ଦାଶ, ବିକ୍ରମ ପ୍ରସେଠ, ଦିଲୀପ ସିଂ, ରଞ୍ଜିତା ଦଣ୍ଡସନା ,ମହେନ୍ଦ୍ର ମାଝୀ, ରାଜେନ୍ଦ୍ର ଗିରି, ଅଶୋକ ଅଗ୍ରୱାଲ, ମହେନ୍ଦ୍ର କିଶାନଙ୍କ ସମେତ ଆଇନଜୀବୀମାନେ ଉପସ୍ଥିତ ଥିଲେ ।

# ରାଜଗାଙ୍ଗପୁର ମହୋତ୍ସବ ଝରଝରା ଉଦ୍‌ଘାଟିତ

ରାଜଗାଙ୍ଗପୁର,୨୮।୪(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ରାଜଗାଙ୍ଗପୁର ମହୋତ୍ସବ ଝରଝରା ଶୁକ୍ରବାର ସଂଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ମଙ୍ଗଳା କିଷାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ଝରଝରା ମହୋତ୍ସବ ଯୋଗୁ ରାଜଗାଙ୍ଗପୁରରେ ଭାଇଚାରା ସୃଷ୍ଟି ହୋଇଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗରର ବିଧାୟିକା ଅଳକା ମହାନ୍ତି ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ମହୋତ୍ସବ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

## କୁତ୍ରାରେ କିଓରୱେର ଇ କ୍ଲିନିକ ଉଦ୍‌ଘାଟିତ

**କୁତ୍ରା,୨୮।୪(ଡି.ଏନ.ଏ.):** ସୁନ୍ଦରଗଡ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ କଡ଼ ଷ୍ଟେଟବ୍ୟାଙ୍କ ନିକଟସ୍ଥ ଟପ୍ପୋ ମାର୍କେଟ କମ୍ପ୍ଲେକ୍ସରେ କିଓରୱେର ଇ କ୍ଲିନିକ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅଭିନେତା ଶ୍ରୀତମ ଦାସ ଯୋଗଦେଇ ଫିତା କାଟି ଏହାର ଉଦ୍‌ଘାଟନ କରିଥିଲେ । ଗ୍ରାମାଞ୍ଚଳରେ ଏଭଳି ଇ କ୍ଲିନିକ ଖୋଲାଯାଇଥିବା ଯୋଗୁ ଏଠାକାର ତଥା ଆଖପାଖ ଅଞ୍ଚଳର ଜନସାଧାରଣ ନିଜ ଘର ନିକଟରେ ଉନ୍ନତ ଚିକିତ୍ସା ସୁବିଧା ପାଇ ପାରିବେ ବୋଲି କହିଥିଲେ। ବିଭିନ୍ନ ମେଡ଼ିକାଲଗୁଡିକ ସହିତ ଏହାର ଯୋଗାଯୋଗ ରହିଛି । ଫଳରେ ବଡ଼ ବଡ଼ ରୋଗର ମଧ ସହଜରେ ଚିକିତ୍ସା ପାଇପାରିବେ। ଏପରି କି ବିଭିନ୍ନ ପ୍ରକାର ଅପରେଶନର ଲାଭ ଉଠାଇପାରିବେ। ରିହାତିରେ ଔଷଧ ପାଇପାରିବେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ଭୁବନ କୁଜୁର, ସାମାଜିକ କର୍ମୀ ଶଙ୍କର ପ୍ରସାଦ ଟପ୍ପୋଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କୁତ୍ରାର ବରୁଣ ଟପ୍ପୋଙ୍କ ଉଦ୍ୟମରେ ଏଠାରେ ଏହି କ୍ଲିନିକ ଖୋଲାଯାଇଛି। ଏହି କ୍ଲିନିକ ଶୁକ୍ରବାରଠାରୁ କାର୍ଯ୍ୟକାରୀ ହୋଇଥିବା ବେଳେ ପ୍ରଥମ ଦିନରେ ଜନସାଧାରଣଙ୍କୁ ମାଗଣାରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇଥିଲା।

# ହୃଦୟକୁ ଛୁଇଁଥାଏ କବିତା

ସୁନ୍ଦରଗଡ,୨୮।୪(ଡି.ଏନ.ଏ.)

**କବିତା ସଙ୍କଳନ 'ନିର୍ଝରିଣୀ'ଲୋକାର୍ପଣ ଉତ୍ସବ**

ସୁନ୍ଦରଗଡ ଟାଉନର ବୀରମିତ୍ର କ୍ଲବଠାରେ କବୟିତ୍ରୀ ପୁଷ୍ପଲତା ପାଣିଗ୍ରାହୀଙ୍କ ରଚିତ କବିତା ସଙ୍କଳନ ନିର୍ଝରିଣୀ ବୁଧବାର ସନ୍ଧ୍ୟାରେ ଲୋକାର୍ପିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଲୋକାର୍ପଣ ଉତ୍ସବକୁ ଗାଳ୍ପିକ ତଥା ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ଉପସଭାପତି ଗିରି ଦଣ୍ଡସେନା ଉଦ୍‌ଘାଟନ କରିଥିଲେ। ଡା. ଦିଲିପ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କବି ସୁଧାଂଶୁ ଅଶୋକ ଓ ମୁଖ୍ୟବକ୍ତା ଭାବେ ଗାଳ୍ପିକା ତଥା ଅଧ୍ୟାପିକା ସୁପ୍ରିୟା ପାଲ ଯୋଗଦେଇ ନିର୍ଝରିଣୀର ଲୋକାର୍ପଣ କରିଥିଲେ। ଭଲ କବିତା ସଙ୍କଳନ ହୃଦୟକୁ ଛୁଇଁଥାଏ। ତେବେ କବିତାରେ ଯଦି ସାମାଜିକ ପ୍ରତିବେଦନ ଥାଏ, ତେବେ ତାହା ସମୟ ବକ୍ଷରେ କାଳଜୟୀ ହୋଇଥାଏ ବୋଲି ଅତିଥିମାନେ ମତ ଦେଇଥିଲେ। ଅଧ୍ୟାପିକା ମିନତୀ ମିଶ୍ର ଓ କବି ଗଣେଶ ତ୍ରିପାଠୀ କବିତା ସଙ୍କଳନର ଆଲୋଚନା କରି କବୟିତ୍ରୀ ପୁଷ୍ପଲତାଙ୍କ କବିତାଗୁଡିକରେ ନାରୀ ସମାଜର ପୀଡା, ଦହନ, ତ୍ୟାଗ ଓ ମମତାର ପ୍ରତିଫଳନ ହୋଇଛି ବୋଲି କହିଥିଲେ। ଶିଶୁ ଓ ନାରୀ ମନସ୍ତତ୍ତ୍ୱ ଉପରେ ପର୍ଯ୍ୟବେସିତ ଏହି କବିତା ସଙ୍କଳନ ପାଠକଙ୍କ ମନକୁ ନିଶ୍ଚୟ ଛୁଇଁବ ବୋଲି କହିଥିଲେ। ବୀରମିତ୍ର ପଣ୍ଡା, ଦୁର୍ଗାମାଧବ ପଣ୍ଡା, ଲଳିତା ପଣ୍ଡା, ଶିବାଶିଷ ପାଢୀ ପ୍ରମୁଖ କବି ଓ କବିତା ସମ୍ପର୍କରେ ମତ ରଖିଥିଲେ। ଯୁବ ଗାଳ୍ପିକ ବିବିଧ ବିଶ୍ୱ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ସୁସ୍ମିତା ଭୋଇ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ସଖ୍ୟାରେ କବି, ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ।




କବିତା ସଙ୍କଳନ ନିର୍ଝରିଣୀର ଲୋକାର୍ପଣ ଉତ୍ସବରେ ଅତିଥିମାନେ ।

# ଶହେ ବର୍ଷ ତଳର ଖପର ଘରୁ ନୂତନ ଜଗନ୍ନାଥ ମନ୍ଦିରକୁ ଆସିବେ ୩ ଠାକୁର

**ଜରଙ୍ଗଲୋଇ ଜଗନ୍ନାଥ ମନ୍ଦିରର ରତ୍ନମୁଦ, କୁମ୍ଭଭରା ସମ୍ପନ୍ନ**

ବଡ଼ଗାଁ, ୨୮।୪(ଡି.ଏନ.ଏ.)

ଭଗବାନ ଯୁଗେ ଯୁଗେ ପତିତମାନଙ୍କ ଉଦ୍ଧାର କରି ଆସିଛନ୍ତି, ସେଥିପାଇଁ ସେ ପତିତପାବନ । ତାଙ୍କ ମହିମା ଅପାର। ଭଗବାନଙ୍କ ଭକ୍ତିରେ ଜୀବନକୁ ଉତ୍ସର୍ଗ କରି ପ୍ରଭୁଙ୍କ ଗୁଣଗାନ କରିଥିବା ପତିତମାନଙ୍କ ଦୃଷ୍ଟାନ୍ତ ରହିଛି ଅନେକ। ଶ୍ରୀୟା ଚଣ୍ଡାଲୁଣୀଙ୍କ ଭକ୍ତିରେ ଲକ୍ଷ୍ମୀ ପ୍ରସନ୍ନ ହୋଇଥିଲେ। ଦାସିଆ ବାଉରୀଙ୍କ ଭକ୍ତି ଆଗରେ ପ୍ରଭୁ ଜଗନ୍ନାଥଙ୍କ ରଥ ଗଡି ପାରିନଥିଲା। ମୂଳତଃ ଶବର ରାଜା ବିଶ୍ୱାବସୁଙ୍କ ଦ୍ୱାରା ପୂଜା ପାଉଥିଲେ ଜଗନ୍ନାଥ। ତାଙ୍କ ଠାରେ ନ ଥାଏ ଜାତି ବର୍ଣ୍ଣର ଭେଦଭାବ। ସେଥିପାଇଁ ସେ ଜଗତର ନାଥ ଜଗନ୍ନାଥ। ତେବେ ଶତାଧିକ ବର୍ଷ ପୂର୍ବେ ଜଗତର ନାଥ ଜଗନ୍ନାଥଙ୍କ ଶରଣାଗତ ହୋଇ ତାଙ୍କ ସେବାରେ ନିୟୋଜିତ ହୋଇଥିଲେ ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମର ଖଡିଆ ଓ ତୈଳିକ ସମାଜର ପୂର୍ବଜ। ପ୍ରାୟ ୧୦୨ ବର୍ଷ ପୂର୍ବେ ଖଡ଼ିଆ ଓ ତୈଳିକ ସମାଜର କେତେକ ଧାର୍ମିକ ବ୍ୟକ୍ତି ଜଗନ୍ନାଥଗୁଡ଼ି ନାମରେ ଏକ ଖପର ଘର ତିଆରି କରି ସେଠାରେ ତିନି ଠାକୁରଙ୍କୁ ପୂଜା କରିବା ଆରମ୍ଭ କରିଥିଲେ। ସେଠାରେ ମୂଳଦୁଆ ଦେଇଥିବା ସେହି ଧାର୍ମିକ ପୂର୍ବଜମାନଙ୍କ ବଂଶଜମାନେ ଗ୍ରାମବାସୀଙ୍କ ସହଯୋଗରେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଛନ୍ତି। ଗୁରୁବାର ଏହି ନୂତନ ମନ୍ଦିରର ରତ୍ନମୁଦ ଓ କୁମ୍ଭଭରା କାର୍ଯ୍ୟ ସମ୍ପନ୍ନ ହୋଇଛି। ପୂର୍ବାହ୍ନରେ ଶତାଧିକ ମହିଳା ପୁରୁଷ କଳସ ଯାତ୍ରାରେ ଭୋଜପୁର ଗାଁ ନିକଟ ନଦୀରେ ପୂଜାର୍ଚ୍ଚନା ପରେ ପୂର୍ଣ୍ଣ ଜଳ କଳସ ମନ୍ଦିରକୁ ଆଣିଥିଲେ। ମନ୍ଦିର ପାର୍ଶ୍ୱରେ ପୁରୀରୁ ଆସିଥିବା ପୂଜକ ଶାନ୍ତନୁ ଦାଶ ଓ ବିଶ୍ୱନାଥ ରଥ ପୂଜା କାର୍ଯ୍ୟ ଏବଂ ଯଜ୍ଞ କର୍ମ କରିଥିବା ବେଳେ ମନୋଜ ନାଏକ ଓ ତାଙ୍କ ସ୍ତ୍ରୀ ଗୋଲାପି , ହୃଦାନନ୍ଦ ସାହୁ ଓ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏଥିରେ ଜରଙ୍ଗଲୋଇ ଓ ଝାରମୁଣ୍ଡା ଗାଁର ସଙ୍କୀର୍ତ୍ତନ ମଣ୍ଡଳୀ ଭଜନ ପରିବେଷଣ କରିଥିଲେ। ବୈଲୋଚନ ନାଏକ, ହରି ଚନ୍ଦନ ପଟେଲ, ଭ୍ରମର ନାଏକ, ନଳିନୀ ବାହାଲା, ପୁରୁଷୋତ୍ତମ ସାହୁ, ଅନାଦି ନାଏକ, ନିରନ୍ୟ ସାହୁଙ୍କ ସହିତ ସଙ୍କୀର୍ତ୍ତନ ମଣ୍ଡଳୀ ଦ୍ୱାରା ପରିବେଷିତ ଭଜନ ହୃଦୟସ୍ପର୍ଶୀ ହୋଇଥିଲା। ତେବେ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କଠାରୁ ଜାଣିବାକୁ ମିଳିଛି, ଶତାଧିକ ବର୍ଷ ପୂର୍ବେ ସ୍ୱର୍ଗତ ବୁଟୁ ନାଏକ, ସ୍ୱର୍ଗତ ଖମାରୀ ନାଏକ, ସ୍ୱର୍ଗତ ବିରବଲ ମାଝିଙ୍କ ପ୍ରଚେଷ୍ଟା ଓ ଗ୍ରାମବାସୀଙ୍କ ସହଯୋଗରେ ଜଗନ୍ନାଥ ଗୁଡ଼ି ନାମରେ ଖପର ଘର ତିଆରି କରାଯାଇ ସେଠାରେ ତିନି ଠାକୁରଙ୍କୁ ପୂଜା କରାଯାଉଥିଲା। ମନ୍ଦିରକୁ ଖଡିଆ ସମାଜର ଲୋକେ ପୁରୀରୁ ଜଗନ୍ନାଥ ମୂର୍ତ୍ତି ଆଣି ଦେଇଥିଲେ । ବଳଭଦ୍ରଙ୍କ ମୂର୍ତ୍ତି ଜରଙ୍ଗଲୋଇ ଗାଁର ଗୌନ୍ତିଆ ସ୍ୱର୍ଗତ ଆନନ୍ଦ ସା ଓ ସୁଭଦ୍ରାଙ୍କ ମୂର୍ତ୍ତି କୁଲଗା ଗାଁର ଗୌନ୍ତିଆ ସ୍ୱର୍ଗତ ଗଣେଶ ସା ପୁରୀରୁ ଆଣି ଦେଇଥିଲେ। ୨୦୧୮ ମସିହା ପର୍ଯ୍ୟନ୍ତ ମନ୍ଦିର ନିର୍ମାଣ ହୋଇପାରି ନ ଥିଲା। ତେବେ ସ୍ୱର୍ଗତ ବୁଟୁ ନାଏକ ଓ ସ୍ୱର୍ଗତ ଖମାରୀ ନାଏକଙ୍କ ବଂଶଜମାନେ ଗ୍ରାମବାସୀଙ୍କ ସହଯୋଗରେ ଉକ୍ତ ଗ୍ରାମରେ ନୂତନ ମନ୍ଦିର ପ୍ରତିଷ୍ଠା କରିଛନ୍ତି। ନୟାଗଡ଼ ଜିଲା ଓଡ଼ଗାଁର ବଂଶୀଧର ଦାସ, ବନବାସ ସାହୁ, ଗଞ୍ଜାମର ଶେଷଦେବ ସାହୁ ମନ୍ଦିର ନିର୍ମାଣର ମୁଖ୍ୟ କାରିଗର କାମ କରିଛନ୍ତି।



ନଦୀ କୂଳରେ କଳସ ପୂଜା କରାଯାଉଛି ।

# ବୀର ପ୍ରସବିନୀ

## ଗଳ୍ପ

**ଶୁଭ୍ରାଂଶୁ ଶେଖର ପାଢ଼ୀ**

ସେଇଠୁ ସିଧା ବାହାରିଲି ଘରକୁ। ପହଞ୍ଚିଲାବେଳକୁ ଦାଣ୍ଡପିଣ୍ଡାରେ ସ୍ୱାତୀ ଅପେକ୍ଷା କରିଥିଲା ; ସତେଯେମିତି ମୋ' ଆସିବା ଖବର ଧାଇଁ ଯାଇ ପ୍ରଥମେ ମାଆକୁ ଦେବ। ଗାଆଁ ଲୋକମାନେ ମୋତେ ଦେଖି ଫୁସୁରୁଫାସୁରୁ ହେଉଥିଲେ। ଘର ଭିତରେ ମାଆ ବିଛଣାରେ ଶୋଇ ରହିଥିଲା। ସ୍ୱାତୀ ଡାକ ଛାଡୁଥିଲା, ମାଆ! ଭାଇ ଆସିଲେଣି। ମୋତେ ଦେଖି ବାପା ବ୍ୟସ୍ତ ହୋଇପଡ଼ିଲେ। କହିଲେ, ତୋ' ମାଆର ଅବସ୍ଥା ବହୁତ ଖରାପ। ମୋ' ସବୁ ଚେଷ୍ଟା ବିଫଳ ହେଲାଣି। ସେଇଥିପାଇଁ ତୋତେ ଡକାଇଲି। ଅତିକମ୍‌ରେ ଶେଷ ସମୟରେ ତା' ମୁହଁରେ ପାଣି ଟୋପାଏ ଦେବୁ ବୋଲି। ମୋ' ଆସିବା ଖବର ଶୁଣି ମା' ଆଖି ଖୋଲିଲା। ସୋନିକୁ ଠାରିଲା ମୋତେ ଡାକି ଦେବା ପାଇଁ। ପାଖରେ ବସିବା ପାଇଁ କହିଲା।

ମା'ର ଏପରି ଅବସ୍ଥା ଦେଖି ନିଜକୁ ଧିକ୍କାର ଲାଗୁଥାଏ। ଜନ୍ମଭୂମିକୁ ରକ୍ଷାକରିବା ଆଳରେ ଜନ୍ମଦାତ୍ରୀକୁ ଅବହେଳା କରିଥିବା ପାପରେ ଛନ୍ଦି ହୋଇ ଯାଉଥାଏ ମୁଁ। ନିଜକୁ ନିଜେ ପ୍ରଶ୍ନ କରୁଥାଏ, ଯିଏ ନିଜ ମା'ର ଦେଖାଶୁଣା କରିପାରୁନି, ସେ ସୀମାରେ ବନ୍ଧୁକ ଧରି କେମିତି ଦେଶମାତୃକାର ସେବା କରିପାରିବ!

ବାପାଙ୍କ ସହ ଆଲୋଚନା କରି ପୁଣି ଥରେ ଡାକ୍ତରଖାନା ନେବାର ବନ୍ଦୋବସ୍ତ କରାଗଲା। ମା' ଯିବା ପାଇଁ ମନାକରୁଥାଏ। ମୁଁ ପାଚିଲା ପତ୍ର। କେତେବେଳେ ଝଡ଼ିଯିବି। ତୁ ତ ଆସି ସାରିଛୁ। ମୋ' ପାଖରେ ଥିବୁ। ମୁଁ ଏଥର ଶାନ୍ତିରେ ମରିପାରିବି। ତୁ ମୋ' ମୁହଁରେ ନିଆଁଟିକେ ଦେଲେ ମୋର ଶାନ୍ତି। ମୋର ଆଉ କ'ଣ ଦରକାର! ବାପା ହସିଲେ। ମା'କୁ ଶୁଣେଇ ଥଟ୍ଟା କଲା ପରି କହିଲେ, ଦେଖୁଛୁ ଆକାଶ! ତୋତେ ଦେଖିବା ପରେ ତୋ ମା' କେମିତି ସୁସ୍ଥ ହୋଇଗଲାଣି। କଥାବାର୍ତ୍ତା ବି କଲାଣି। ସତେଯେମିତି ତା'ର ଜୀବନ ଫେରିଆସିଲା।

ଆମ୍ବୁଲାନ୍ସ ଆସିଯାଇଥିଲା। ମାଆକୁ ନେଇ ଡାକ୍ତରଖାନା ଗଲି। ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ପଠାଇଦେଲେ ବଡ଼ ଡାକ୍ତରଖାନା। ସେଠାରେ ମାଆର ଚିକିତ୍ସା ବେଶ୍ ଭଲ ଭାବରେ ଚାଲିଲା। ମା' ଧୀରେଧୀରେ ସୁସ୍ଥ ହେବାକୁ ଲାଗିଲା। ଏହି ସମୟରେ ବେସ୍‌କ୍ୟାମ୍ପରୁ ଖବର ଆସିଲା, ଯୁଦ୍ଧ ସ୍ଥିତି ଉପୁଜିଲାଣି। ଶୀଘ୍ର ସେନା ବାହିନୀରେ ଯୋଗଦିଅ।

ଚିନ୍ତାରେ ପଡ଼ିଲି ମୁଁ। ଗୋଟିଏ ପାର୍ଶ୍ୱରେ ଜନ୍ମଦାତ୍ରୀ ମା', ଅନ୍ୟ ପାଖରେ ଜନ୍ମଭୂମି। ଉଭୟେ ବିପଦରେ। କାହା ପାଖରେ ଠିଆହେବି। ବାପାଙ୍କୁ ଜଣାଇଲେ ବାପା ଭାଙ୍ଗିପଡ଼ିବେ। ମା'କୁ ତ ଜଣାଇବାର ପ୍ରଶ୍ନ ହିଁ ଉଠୁନି। କ'ଣ ଯେ କରିବି! ସ୍ୱାତୀ ମୋ' ସାନ ଭଉଣୀ। ତା'ଠୁଁ କି ପରାମର୍ଶ ନେବି! ମା' ସାମାନ୍ୟ ସୁସ୍ଥ ହେଉଛି। ଯିବା କଥା ଜାଣିଲେ ପୁଣି ଦେହ ବିଗିଡ଼ିଯିବ। କେଉଁ ମାଆ ଅବା ଚାହିଁବ ତା' ପୁଅକୁ ମୃତ୍ୟୁକୋଳକୁ ଠେଲିଦେବାକୁ! ନିଷ୍ପତ୍ତି ନେଲି, ଚାକିରି ବରଂ ଚାଲିଯାଉ, ମା' ଭଲ ନ ହେବା ପର୍ଯ୍ୟନ୍ତ ଯୁଦ୍ଧରେ ଯୋଗ ଦେବି ନାହିଁ। ଅନେକ ବୀର ସନ୍ତାନ ଭାରତ ମାତାର ସେବା କରୁଛନ୍ତି, କିନ୍ତୁ ମୋ' ମାଆର ଏକମାତ୍ର ସନ୍ତାନ ମୁଁ। ତା'ର ସେବା କରିବା ନିହାତି ଆବଶ୍ୟକ।

ସନ୍ଧ୍ୟାରେ ଡାକ୍ତର ପଣ୍ଡା ମାଆର ଚିକିତ୍ସା ପାଇଁ ଆସିଲା ବେଳେ ଯୁଦ୍ଧ ସମ୍ପର୍କରେ ମୋ' ସହିତ କଥାବାର୍ତ୍ତା କଲେ। ବାଧ୍ୟ ହୋଇ ତାଙ୍କ ସମ୍ମୁଖରେ ସ୍ୱୀକାର କରିବାକୁ ପଡ଼ିଲା ଯେ ମୋତେ ବି ଯୁଦ୍ଧରେ ଯୋଗ ଦେବା ପାଇଁ ନିର୍ଦ୍ଦେଶ ଆସିଲାଣି। ଆମ କଥାବାର୍ତ୍ତା ମା' ଶୁଣିଲା। ଯୁଦ୍ଧରେ ଯୋଗ ଦେବା ପାଇଁ ଚାହୁଁ ନଥିବା କଥା ବାପାଙ୍କୁ ଜଣାଇଲା। କହିଲା ମୋତେ ବୁଝାଇବା ପାଇଁ। ଜଣକର ମାଆ ପାଇଁ କୋଟି ସନ୍ତାନର ଜନନୀକୁ ଅଣଦେଖା କରିବା ଠିକ୍ ହେବ ନାହିଁ। କର୍ତ୍ତବ୍ୟରେ ହେଳା ନ କରୁ। ମୋ' ପାଇଁ ଚିନ୍ତା ନ କରି ତାକୁ ବୁଝାଇଶୁଝାଇ ଯୁଦ୍ଧକୁ ପଠାଇଦିଅ। ମୋ' ଅପେକ୍ଷା ସେଠାରେ ତା'ର ବେଶୀ ଆବଶ୍ୟକତା ରହିଛି। ମା' କଥା ଶୁଣି ଡାକ୍ତର ପଣ୍ଡା ସ୍ୟାଲୁଟ୍ କଲେ। ମୋତେ ବୁଝାଇଲେ। ମା'ଙ୍କର ସମସ୍ତ ଚିକିତ୍ସା ଓ ସେବା ଦାୟିତ୍ୱ ମୁଁ ନିଜେ ନେବି। ଆପଣ ଯାଆନ୍ତୁ। ଏ ଦେଶ ଆପଣଙ୍କୁ ଅପେକ୍ଷା କରିଛି। ଶତ୍ରୁ ସଂହାର କରି ବିଜୟର ଟିକା ପିନ୍ଧି ଫେରିଆସନ୍ତୁ। ମାଉସୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପର୍ଯ୍ୟନ୍ତ ମୁଁ ତାଙ୍କର ସବୁ ଦାୟିତ୍ୱ ନେବି, ଆପଣ ନିଶ୍ଚିନ୍ତ ରୁହନ୍ତୁ।

ଯୁଦ୍ଧ ଚାଲିଥାଏ। ପ୍ରତିଦିନ ଯୁଦ୍ଧ କ୍ଷେତ୍ରରୁ ବେସ୍‌କ୍ୟାମ୍ପ ଫେରି ଘର ସହ ଯୋଗାଯୋଗ କରୁଥାଏ। ଭିଡିଓ କଲ୍‌ରେ ସମସ୍ତଙ୍କ ସହ କଥା ହେଉଥାଏ। ମା'ର ଖବର ବୁଝୁଥାଏ। ମା' ଆସ୍ତେ ଆସ୍ତେ ଭଲ ହେଉଥାଏ। ସେଦିନ ରାତିରେ ଡାକ୍ତର ପଣ୍ଡା ଶୁଭ ସୂଚନା ଦେଲେ। ମାଉସୀ ସମ୍ପୂର୍ଣ୍ଣ ଭଲ ହୋଇଗଲେଣି। ଆସନ୍ତାକାଲି ଘରକୁ ଯିବେ। ସେଦିନ ମା'ର ମୁହଁରେ ତୃପ୍ତିର ହସ ଦେଖିଥିଲି। ଯୁଦ୍ଧ ସମ୍ପର୍କରେ ଟିକିନିଖି ବିବରଣୀ ଦେଇଥିଲି ପରିବାର ଲୋକଙ୍କୁ ଓ ଡାକ୍ତର ପଣ୍ଡାଙ୍କୁ।

ପରଦିନ ମା' ଘରକୁ ଫେରିଲା। ବେଶ୍ ଚଳଚଞ୍ଚଳ ଲାଗୁଥିଲା। ଡାକ୍ତର ପଣ୍ଡା ପ୍ରତ୍ୟହ ଫୋନ୍ ଯୋଗେ ମା'ର ସ୍ୱାସ୍ଥ୍ୟାବସ୍ଥା ଓ ମୋ'ଠାରୁ ଯୁଦ୍ଧ ଖବର ବୁଝୁଥା'ନ୍ତି। ମୋତେ ବିଭିନ୍ନ ପରାମର୍ଶ ଦେଉଥା'ନ୍ତି। ଯୁଦ୍ଧ ଚାଲୁଥାଏ। ଶେଷରେ ଆସିଲା ସେହି ପ୍ରତୀକ୍ଷିତ ବିଜୟ। ଶତ୍ରୁ ପକ୍ଷକୁ ପରାସ୍ତ କରି ଯୁଦ୍ଧଘାଟିରେ ଉଡ଼ିଲା ତ୍ରିରଙ୍ଗା ପତାକା। ଚତୁର୍ଦ୍ଦିଗରେ ପ୍ରକମ୍ପିତ ହେଲା ଭାରତ ମାତା କି ଜୟ। ହିମାଳୟର ନିର୍ଦ୍ଦିଷ୍ଟ ଘାଟି ଉପରେ ତ୍ରିରଙ୍ଗା ଉଡ଼ାଇଥିଲୁ। ତ୍ରିରଙ୍ଗା ଧରି ନାଚିନାଚି ବିଜୟ ଉତ୍ସବ ପାଳନ କଲୁ। ଭିଡିଓ ଉତ୍ତୋଳନ କରି ବନ୍ଧୁମାନଙ୍କ ନିକଟକୁ ପଠାଇଲି। ଘରକୁ ପଠାଇଲି। ଡାକ୍ତର ପଣ୍ଡାଙ୍କ ନିକଟକୁ ପଠାଇଲି। ଜୀବନର ପ୍ରଥମ ଯୁଦ୍ଧ ବିଜୟରେ ବେଶ୍ ଉତ୍ଫୁଲ୍ଲିତ ଥିଲୁ ସମସ୍ତେ।



ସେଦିନ ସନ୍ଧ୍ୟାରେ କ୍ୟାପ୍‌ଟେନ ନୃସିଂହ ପ୍ରସାଦଙ୍କ ସହ ଗଣପତି, ରାଜେନ୍ଦ୍ର, ବିନୟ, ସମୀର, କିଶୋର ଆଦି ଓଡ଼ିଆ ଯବାନଙ୍କ ସହିତ ଜଣେ ପଞ୍ଜାବୀ ଯବାନ ଭଗବାନ୍ ସିଂ। ସମସ୍ତେ ମିଶି ଯୁଦ୍ଧ ସମ୍ପର୍କରେ ଆଲୋଚନା କରୁଥିଲୁ। ସ୍ୱାତୀର ଫୋନ୍ ଆସିଲା। ଫୋନ୍ ଉଠାଇବା ପାଇଁ ସମସ୍ତଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଲା। କାରଣ ସମସ୍ତଙ୍କ ପ୍ରିୟ ସ୍ୱାତୀ। ରାଖୀ ସମୟରେ ସମସ୍ତଙ୍କୁ ରାଖୀ ପଠାଏ। ମୋ' ସହ ଫୋନ୍‌ରେ କଥା ହେଲେ ସମସ୍ତଙ୍କ ସହ କଥା ହୁଏ। ତେବେ ଭଗବାନ୍ ସିଂର ଅଧିକ ପ୍ରିୟ ସ୍ୱାତୀ। ତା'ର ଭଉଣୀ ନ ଥିବାରୁ ସ୍ୱାତୀର ରାଖୀ ପୂର୍ବରୁ କେବେ ରାଖୀ ପିନ୍ଧି ନଥିଲା। ତେଣୁ ସ୍ୱାତୀକୁ ସେ ସବୁଠୁ ଅଧିକ ଆଗ୍ରହ କରେ। ମୁଁ ଘରକୁ ଆସିଲେ ତା' ପାଇଁ ଗିଫ୍ଟ ପଠାଏ, ଚକୋଲେଟ୍ ପଠାଏ। ସେ ପ୍ରଥମେ ସ୍ୱାତୀଠାରୁ ବିଜୟ ଶୁଭେଚ୍ଛା ନେବା ପାଇଁ ଫୋନ୍ ଉଠାଇଲା, କିନ୍ତୁ କିଛି ନ କହି ମୋ' ହାତକୁ ବଢ଼ାଇଦେଲା ଫୋନ୍।

ଭାଇ! ମା' ଆଉ ନାହିଁ। ସ୍ତବ୍ଧ ହୋଇଗଲି ମୁଁ ସ୍ୱାତୀର କଥାରେ। ପଚାରିବାରୁ କହିଲା, ମାଆ ଟିଭି ଦେଖୁଥିଲା। ତୁମ ବିଜୟ ଖବର ଶୁଣି ବେଶ୍ ଖୁସି ହୋଇଗଲା। ତୁ ତ୍ରିରଙ୍ଗା ଉଡ଼ାଉଥିବା ଦେଖି ଜୋର୍‌ରେ ବାପାଙ୍କୁ ଡାକିଲା। କହିଲା, ଦେଖ ମୋ' ପୁଅ ତ୍ରିରଙ୍ଗା ଉଡ଼ାଉଛି। ମୋ' ଗର୍ଭ ଧନ୍ୟ ହୋଇଗଲା। ମୋ' ପୁଅ ଭାରତ ମାତାର ସେବା କରିପାରିଛି। ମୁଁ ଧନ୍ୟ ହୋଇଗଲି। ଖୁସିରେ ଆତ୍ମହରା ହୋଇ ଏମିତି କେତେ କ'ଣ କହି ସୋଫା ଉପରେ ଟଳିପଡ଼ିଲା। ଫ୍ୟାମିଲି ଡାକ୍ତର ଦଣ୍ଡସେନା ସାର୍ ଆସି ଦେଖିଲେ। ଡାକ୍ତର ପଣ୍ଡାଙ୍କ ସହ ମଧ୍ୟ ଯୋଗାଯୋଗ ହେଲା। ତାଙ୍କ ପରାମର୍ଶରେ ଚିକିତ୍ସା ଚାଲିଲା। କିନ୍ତୁ ମା' ଆଉ ଆଖି ଖୋଲିଲାନି। ଆମକୁ ଛାଡ଼ି ଚାଲିଗଲା।

କେହି କେବେ ଭାବି ନଥିଲେ ମୋ' ଜୀବନର ପ୍ରଥମ ଯୁଦ୍ଧ ବିଜୟ ଏକ କଳଙ୍କିତ ବିଜୟ ହେବ ବୋଲି। ସେଠାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହେଲା। ବିଜୟ ଉତ୍ସବ ହେଲା ଶ୍ରଦ୍ଧାଞ୍ଜଳି ସଭା। ସମସ୍ତେ ମୋତେ ସାନ୍ତ୍ୱନା ଦେଉଥିଲେ। ବଡ଼ଭାଇ କ୍ୟାପ୍‌ଟେନ ନୃସିଂହ ପ୍ରସାଦ କହିଲେ ବ୍ୟସ୍ତ ହୁଅନାହିଁ ବନ୍ଧୁ ; ସେ ବୀର ପ୍ରସବିନୀ। ଅପେକ୍ଷା କରିଥିଲେ ଭାରତ ମାତାର ବିଜୟକୁ। ବିଜୟ ସମାଚାର ଶୁଣି ହସି ହସି ଚାଲିଗଲେ। ଥରେ ଭାବନ୍ତୁ ତ! ଯୁଦ୍ଧ ସରିବା ପୂର୍ବରୁ ଯଦି ଚାଲି ଯାଇଥା'ନ୍ତେ, କେତେ ଅଧୁରା ରହିଥା'ନ୍ତା ତାଙ୍କ ସ୍ୱପ୍ନ। କେମିତି ଅବସୋସ ନେଇ ଦେହତ୍ୟାଗ କରିଥା'ନ୍ତେ। ସେ ବୀର ମାତା ପରା। ବୀର ସନ୍ତାନର ବିଜୟ ଉତ୍ସବ ଦେଖି ବିଦାୟ ନେଇଛନ୍ତି। ଏ ବିଜୟ କଳଙ୍କିତ ବିଜୟ ନୁହେଁ ; ଏ ବିଜୟ ସ୍ୱର୍ଣ୍ଣିମ ବିଜୟ। ଅନ୍ତତଃ ମାଆ ଯିବା ପୂର୍ବରୁ ଆପଣ ତାଙ୍କୁ ସ୍ୱର୍ଣ୍ଣିମ ବିଜୟ ଭେଟି ଦେଇ ପାରିଛନ୍ତି।

ମୋ: ୯୬୬୮୦୦୧୧୫୫

## କବିତା

### କେମିତି ଅଛ ମଧୁମିତା

**ସନ୍ନ୍ୟାସୀ ନାୟକ**

କେମିତି ଅଛ ମଧୁମିତା
ତୁମକୁ ଯେବେ ବି ଭାବିଲେ
କବିତା କବିତା,
ତୁମେ ନଇଁପଡ଼ିଲେ
ଆକାଶ ଓହ୍ଲାଇ ଆସେ ମର୍ତ୍ତ୍ୟକୁ
ସ୍ୱର୍ଗରେ ଶୂନ୍ୟତା ଶୂନ୍ୟତା...
ତୁମେ କେମିତି ଅଛ ମଧୁମିତା ?

ଈଶ୍ୱରଙ୍କର ତୁମେ
ଅନବଦ୍ୟ ସୃଷ୍ଟି
ପାବନର ରଙ୍ଗାମାତା...
ତୁମ ଅଛୁଆଁ ସ୍ପର୍ଶରେ
ଭାବନା ମୋ ଅନ୍ତଃସତ୍ତ୍ୱା...

ଘା' ଦରଜର
ଔଷଧୀୟ ପ୍ରଲେପ
ତୁମ ମିଠା ମିଠା କଥା...
ଆନମନା ମନରେ
କାହିଁକି କୁହ
ଏତେ ବ୍ୟାକୁଳତା...
ତୁମେ କେମିତି ଅଛ ମଧୁମିତା ?

ତୁମ ଲାଗି ହୃଦୟରେ
ଯୋଜନ ଯୋଜନ ଶୂନ୍ୟତା...
ଥରୁଟିଏ ଦେଖିବାକୁ
ଯୁଗ ଯୁଗର ବ୍ୟାକୁଳତା...

ତୁମେ ଯେଉଁଠି ଥାଅ
ଭଲରେ ଥାଅ,
ତୁମ ପ୍ରେରଣାରେ ମୁଁ କବି
ତୁମେ ମୋ କବିତା...
ଯେବେ ବି ଭାବିଲେ ତୁମକୁ
କେବଳ କବିତା କବିତା
ତୁମେ କେମିତି ଅଛ ମଧୁମିତା ?

ମୋ: ୯୪୩୭୩୧୫୨୫୬୦

### ସେଇ ଆଖି ଦୁଇଟି

**ଗୀତାଞ୍ଜଳି ପାଣି**

ସେଇ ଆଖି ଦୁଇଟି
କେବେ ମାନ୍ତ୍ରିକ କରିଦେଉଛି
ଏଇ ଯାନ୍ତ୍ରିକ ମନକୁ ତ
କେବେ ଦେଖେଇଦେଉଛି
ଯାତନାର ଜଉଘରେ
ଯନ୍ତ୍ରଣାମୟ ଜୀବନକୁ।

କେବେ ଦେଖେଇଦେଉଛି ସେ ଆଖି
କିଆରି କିଆରି ସବୁଜ ସ୍ୱପ୍ନ ତ
କେବେ ଦେଖାଉଛି
ଲଣ୍ଡା ପାହାଡ଼ର କରୁଣ କାହାଣୀ।

କେବେ ଦେଖାଉଛି ସେ ଆଖି
ଆକାଶର ଅଗଣାରେ
ଜହ୍ନ ତାରାଙ୍କ ଲୁଚକାଳି ଖେଳ ତ
କେବେ ଦେଖାଉଛି
ମାଟି ମା' କୋଳରେ
ଜଳୁଥିବା ଜଙ୍ଗଲର କାନ୍ଦଣା।

କେବେ ଦେଖାଉଛି ସେ ଆଖି
ନୀଳ ଆକାଶରେ ନାଚିକୁଦି
ପହଁରୁଥିବା ଭସାବାଦଲକୁ ତ
କେବେ ଦେଖେଇଦେଉଛି
ଭୟଙ୍କର ବାଦଲଫଟା ବର୍ଷାରେ
କାୟା ବିସ୍ତାରିଥିବା ମରଣର ଆଁକୁ।

କେବେ ଦେଖେଇଦେଉଛି ସେ ଆଖି
ମଣିଷର ଅନ୍ତହୀନ ଭୋକରେ
ତ୍ରସ୍ତ ଜଗତକୁ ତ
କେବେ ଦେଖାଉଛି ସେ
ଜୀବନ ଜିଇବାର ସରଳ ଉପପାଦ୍ୟ।

ଆହୁରି ଦେଖେଇଦେଉଛି ସେ ଆଖି
ଅବଚେତନ ମନକୁ,
ଚେତନାର ଉନ୍ମେଷରେ
ଅମୃତର ସନ୍ଧାନରେ
ଆୟୁଷ୍ମାନ୍ ହେବାକୁ।

ମୋ: ୯୩୪୮୦୬୯୬୬୦

**ଗୀତି କବିତା**

### ପାପର ନଦୀତୀରେ

**ଶରତ କୁମାର ଦାସ**

ପାପର ନଦୀତୀରେ ପୁଣ୍ୟ ମୁଁ ଖୋଜେ
ଅନ୍ଧାରରେ ଖୋଜେ ଜହ୍ନ
ଉତ୍ତପ୍ତ ମରୁରେ ଖୋଜେ ଜଳବିନ୍ଦୁ
ନିତି ଖୋଜେ ପଦ୍ମବନ
ଖୋଜି ଖୋଜି ଥକି ପଡ଼ିଲିଣି ଯାହା
କାହିଁ ମୋ ପୂରେନି ମନ।୦।

ବେଳାର ଛାତିରେ ଖୋଜେ ନିତି ଯାଇ
ଅତୀତର ପାଦଚିହ୍ନ
ସେଇ ପାଦଚିହ୍ନେ ଖିଲିଖିଲି ହସେ
ସ୍ମୃତିଭରା ସେଇ ଦିନ
ଅଜଣା ରାଇଜେ ଖୋଜୁଛି କେତେ ମୁଁ
ପ୍ରୀତିର ସେ ସମ୍ମୋହନ
ପାପର ନଦୀତୀରେ ପୁଣ୍ୟ ମୁଁ ଖୋଜେ
ଖୋଜେ ଅନ୍ଧାରରେ ଜହ୍ନ।୧।

ମରଣ ଦୁଆରେ ଖୋଜେ ମୁଁ ଜୀବନ
ଲୁହଧାରେ ଖୋଜେ ହସ
ସେଇ ହସଧାରେ ଜିଇବାର ସୁର
କରେ ପରା ମୋତେ ବଶ
ଖୋଜିପାଇବାରେ ଅନେକ ଯନ୍ତ୍ରଣା
ଚଉଦିଗ ଲାଗେ ଶୂନ୍ୟ
ପାପର ନଦୀତୀରେ ପୁଣ୍ୟ ମୁଁ ଖୋଜେ
ଅନ୍ଧାରରେ ଖୋଜେ ଜହ୍ନ।୨।

ମୋ: ୮୨୪୯୧୩୭୦୯୧

## ପୁସ୍ତକ ପରିଚୟ

### ବାସନ୍ତୀ ମହାନ୍ତିଙ୍କ ପ୍ରେମ ଗଳ୍ପ



**ଲେଖିକା:** ବାସନ୍ତୀ ମହାନ୍ତି
**ପ୍ରକାଶକ:** ବିଦ୍ୟା ପବ୍ଲିଶିଂ, ଟରୋଣ୍ଟୋ, କାନାଡ଼ା
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୨୫୦/-

୨୧ଟି ପ୍ରେମ ଗଳ୍ପକୁ ନେଇ ବାସନ୍ତୀ ମହାନ୍ତିଙ୍କ ପ୍ରେମ ଗଳ୍ପ ବହିଟି ପରିକଳ୍ପିତ। 'ପଦେଅଧେ'ରେ ଲେଖିକା ଲେଖିଛନ୍ତି: ''ଯାହାକୁ ପ୍ରେମରେ ବ୍ୟର୍ଥତା ବୋଲି ସଚରାଚର କୁହାଯାଏ, ତାହା ହିଁ ଜୀବନର ସର୍ବଶ୍ରେଷ୍ଠ ସମ୍ପତ୍ତି। ସେକ୍ସପିୟର କହିଥିଲେ- କେବେ ପ୍ରେମରେ ନ ପଡ଼ିବା ଅପେକ୍ଷା ପ୍ରେମରେ ପଡ଼ି ପ୍ରତାରିତ ହେବା ଶତଗୁଣ ଶ୍ରେୟସ୍କର।'' ବହିଟିରେ ସ୍ଥାନିତ 'ଯା ଦେବୀ ସର୍ବଭୂତେଷୁ', 'ରାଜଜେମା, ବିଲେଇ ଓ କୁଲି ପ୍ରସଙ୍ଗ', 'କୁନ୍ତୀ', 'ଗୀତ୍ କୁଡ଼ିଆଣୀ', 'ମାଟିଆ ଚିଲ ଓ ସୋରିଷ ଫୁଲ', 'ବାଜେ ଝିଅ', 'ଅଭିଶପ୍ତ ଗନ୍ଧର୍ବୀ', 'ଦୁଇଟି କଥାକୁହା ଆଖି', 'ପରକୀୟା' ଓ 'ଜଉପେଡ଼ିରେ ଜୀବନ' ପ୍ରଭୃତି ଗଳ୍ପଗୁଡ଼ିକୁ ପଢ଼ିଲେ ଲେଖିକାଙ୍କ ଜୀବନଦୃଷ୍ଟି ଓ ଜାଗତିକ ଚେତନାକୁ ବୁଝିହୁଏ। 'ପ୍ରଚ୍ଛଦଲେଖ'ରେ କୁହାଯାଇଛି- ''ସମାଜରେ ତଳେ ପଡ଼ିଥିବା ମଣିଷଙ୍କ ପାଇଁ ତାଙ୍କ ଲେଖନୀ ଅତ୍ୟନ୍ତ ସମ୍ବେଦନଶୀଳ।'' କେତେକ ଗଳ୍ପରେ ନଗର ଓ ଗ୍ରାମ୍ୟ ଜୀବନ ସାମ୍ନାସାମ୍ନି ହୋଇ ଉଭା ହେଇଥିବା ଦେଖିବାକୁ ମିଳେ। 'ଚରମ ଅଭିମାନ' ଗଳ୍ପରେ ରୂପଧର ଓ ରଜ୍‌ମାଙ୍କ ଚରିତ୍ରକୁ ଲେଖିକା ଏପରି ଆଙ୍କି ଦେଇଛନ୍ତି, ପଢ଼ିଲେ ଆଖି ଅଶ୍ରୁସଜଳ ହୋଇଉଠେ। 'ମାଟିଆ ଚିଲ ଓ ସୋରିଷ ଫୁଲ' ଗପରେ ମଧ୍ୟ ଜୀବନର ନିବିଡ଼ତା ମୁଖର। ଗପର ଶେଷରେ 'ସୋରିଷ ଫୁଲ... ସୋରିଷ ଫୁଲ... ସୋରିଷ ଫୁଲ...' ଭଳି ଗୀତିମୟତା ପାଠକଙ୍କୁ ଅଭିଭୂତ କରେ। ଆଶା, ବହିଟିର କାଟ୍‌ତି ଲେଖିକାଙ୍କୁ ସୁଖୀ କରିବ।

### ବାଲୁଗାଁ ବାଲ୍ମିକୀ



**ସମ୍ପାଦନା:** ଡ. ପ୍ରସନ୍ନ କୁମାର ମହାନ୍ତି
ଅଜିତ ଦାଶମହାପାତ୍ର
କମଳ କୁମାର ମହାନ୍ତି
**ମୂଲ୍ୟ:** ନିଃଶୁଳ୍କ

୨୦୨୩ରେ ପ୍ରକାଶ ପାଇଛି କବି ତପନ ପଟ୍ଟନାୟକଙ୍କୁ ଶ୍ରଦ୍ଧା ଜଣାଇ ତାଙ୍କର ଅନ୍ତରଙ୍ଗ ଆତ୍ମୀୟ, ସୋଦର ଓ ସ୍ୱଜନମାନେ ଲେଖିଥିବା ଶ୍ରଦ୍ଧାଞ୍ଜଳି ସମୂହ। ବହିଟିରେ ଯଦିଓ ତପନଙ୍କ ସାରସ୍ୱତ ସୃଷ୍ଟିର ଗଭୀର ବିଶ୍ଲେଷଣ ନାହିଁ, ତଥାପି ତାଙ୍କୁ ଜାଣିଥିବା ବନ୍ଧୁ ଓ ସୋଦରମାନେ ତାଙ୍କର ଯେଉଁ ସ୍ମୃତିଚାରଣ କରିଛନ୍ତି, ତାହା ଆଖିରେ ଲୁହ ଆଣେ। ତପନ ଜଣେ ସଫଳ କବି ଓ ଗୀତିକାର ଥିଲେ। ତାଙ୍କର ଏକ ଗୀତର ଧାଡ଼ିଟିଏ ଥିଲା ଏହିପରି- ''ତୁମେ ହଜିଯାଇଥିବା ଦୀର୍ଘ ଅତୀତଟିଏ, ବୁଝିବାକୁ ଯାଇ ବୁଝିପାରିନାହିଁ, ତୁମେ କିଏ ତୁମେ କିଏ ?'' ଏହି ଶ୍ରଦ୍ଧାଞ୍ଜଳି ପୁସ୍ତକଟିକୁ ପ୍ରକାଶ କରିଛନ୍ତି ତାଙ୍କର ଏକଦା ବନ୍ଧୁ ପ୍ରସନ୍ନ କୁମାର ମହାନ୍ତି, ଅଜିତ୍ ଦାଶମହାପାତ୍ର ଓ କମଳ କୁମାର ମହାନ୍ତି। ଆଉ ସମ୍ପାଦକୀୟରେ ଲେଖିଛନ୍ତି: ''ଯଦି ଜୀବନ ସେପାରିରେ ବି ସତରେ ଆଉ ଏକ ଜୀବନ ଥିବ, ତେବେ ସେଇଠି ତ ନିଶ୍ଚେ ଭେଟ ହେବ ତପନ ଭାଇ। ତୁମର ସବୁ ବାକି ସ୍ୱପ୍ନକୁ ଆମେ ସମସ୍ତେ ମିଶି ସେଇଠି ବାସ୍ତବତାର ରୂପ ଦେବା। ଆଉ ସେ ପୃଥିବୀରେ ତ କର୍କଟ ନ ଥିବ।'' ତପନମୟ ଏହି କ୍ଷୁଦ୍ର ପୁସ୍ତିକାଟିରେ ତାଙ୍କର ଅନୁରାଗୀମାନେ ତପନଙ୍କୁ ଆଉ ଥରେ ଆବିଷ୍କାର କରିବେ ବୋଲି ଆଶା।

## କାଳକାଳକୁ

### ''ଅନ୍ଧବିଶ୍ୱାସ ଓ କ୍ରୂରତାର ହେତୁ ହେଉଛି 'ଭୟ'।''

– ଆଲୋୟସିଅସ୍ ବର୍ଟ୍ରାଣ୍ଡ



**ଆଲୋୟସିଅସ୍ ବର୍ଟ୍ରାଣ୍ଡଙ୍କ** ଜନ୍ମ ୨୦ ଏପ୍ରିଲ ୧୮୦୭ରେ ଓ ପରଲୋକ ୨୯ ଏପ୍ରିଲ ୧୮୪୧ରେ, ଦୁରାରୋଗ୍ୟ ଯକ୍ଷ୍ମାରୋଗରେ। ଏକାଧାରରେ କବି, ନାଟ୍ୟକାର ଓ ବାର୍ତ୍ତାଜୀବୀ ବର୍ଟ୍ରାଣ୍ଡ୍ ଥିଲେ ଫରାସୀ ଗଦ୍ୟ କବିତାର ପ୍ରବର୍ତ୍ତକ। ଫରାସୀ ପ୍ରତୀକବାଦୀ ସାହିତ୍ୟ ଆନ୍ଦୋଳନରେ ମଧ୍ୟ ସେ ଥିଲେ ଅନ୍ୟତମ ବିନ୍ଧାଣୀ। "Gespard de la Nuit" ଶୀର୍ଷକ ଗଦ୍ୟ କବିତା ଗ୍ରନ୍ଥ ହେଉଛି ତାଙ୍କର ପ୍ରଧାନ କୃତି। ଏହା ତାଙ୍କ ମୃତ୍ୟୁ ପରେ ୧୮୪୨ରେ ପ୍ରକାଶ ପାଇଥିଲା।

## ବିଶେଷ ଗଳ୍ପ

# ମାଆ

**ବିଜୟ କୁମାର ପଣ୍ଡା**

ରାତ୍ରିକୁ ଯୌବନ ଛୁଇଁଲାଣି ବୋଧେ! କ୍ଲିନିକ୍‌ର ବାଲ୍‌କୋନିରୁ ଠିଆ ହୋଇ ରାତିର ବୟସ ମାପୁଥିଲେ ପ୍ରଶାନ୍ତ। କ୍ଲିନିକ୍‌ର ଶେଯରେ ବାପା ଗଣୁଥିଲେ ଅବଶିଷ୍ଟ ଆୟୁଷ। ଦିନକୁ ଥରେ ଦୁଇ ତିନିଟା ପାଉଁରୁଟି ଆଉ କ୍ଷୀର, ତାହା ପୁଣି ଅନେକ ବାଧ ବାଧକତାରେ ଖାଇବାକୁ ପଡ଼େ। ନହେଲେ ଔଷଧ କେମିତି ଖାଇବେ! ତା'ଛଡ଼ା ଦିନକୁ ଦୁଇଥର ଚା'।

ବୋଉର ହାତତିଆରି ଚା' ବାପାଙ୍କୁ ଏତେ ପସନ୍ଦ! ଭଲଥିଲା ବେଳେ ଦିନକୁ ଅନେକ ଥର ଚା' ବରାଦ କରି ପିଅନ୍ତି, ବଜାର କି ହାଟ ଚା' ତାଙ୍କର ପସନ୍ଦ ନୁହେଁ। କୁହନ୍ତି, ''ତୋ' ବୋଉର ଚା'ରେ ଯେଉଁ ଆପଣାପଣ ଅଛି ତାହା କ'ଣ ବଜାର ଚା'ରେ ମିଳିବ!''

ବୋଉ ବି ଷ୍ଟୋଭ୍‌ଟିଏ, ଚା' ଗୁଣ୍ଡ, ଅଦା, ଅଳେଇଚ, ଡାଲଚିନି ନେଇ ଆସିଛି। କ୍ଲିନିକ୍ ମ୍ୟାନେଜରଙ୍କୁ ଅନେକ ଗୁହାରି କରି ତଳ ମହଲାରେ ସିକ୍ୟୁରିଟି ଗାର୍ଡ ଘର ପାଖରେ ଚା' କରିବା ପାଇଁ ଅନୁମତି ପାଇଛି।

ଆକାଶର ଛାତି ଚିରି ପୂରୁବରେ ସୂରୁଯ ଉଇଁଲେଣି। ମା'ର ଡାକ ଶୁଣି ପ୍ରଶାନ୍ତ ଦଉଡ଼ିଲା ବାପାଙ୍କ ପାଖକୁ।

ଶେଷଥର ପାଇଁ କହିଲେ- ''ବାବୁରେ, ମୋ' ନାଁରେ ଥିବା ସବୁ ସମ୍ପତ୍ତି ତୁମ ଦୁଇଭାଇଙ୍କ ନାଁରେ ମୁଁ କରିଦେଇଛି, ହେଲେ ତୁମ ମା'କୁ ଦୁଇଭାଗ କରିପାରିନି। ତା' କଥା ତୁମ ଦୁହିଁଙ୍କୁ ଲାଗିଲା। କେତେବେଳେ କୋଉ କଥା! ଶ୍ୱାସରୁଦ୍ଧ ହୋଇ ଆସୁଥିଲା ବାପାଙ୍କର। 'ଡକ୍ଟର... ଡକ୍ଟର...' ଧଡ଼ପଡ଼ ହୋଇ ଡାକ୍ତରଙ୍କୁ ଡକାଡକି କଲେ। ଶେଷନିଃଶ୍ୱାସ ତ୍ୟାଗ କଲାବେଳେ ଅସ୍ପଷ୍ଟ ସ୍ୱରରେ ବାପା କହିଗଲେ- 'ମାଆ ତୋତେ ଲାଗିଲା।'

ମାଆ ତାଙ୍କ ପାଖେ ରହିବା ପରଠୁଁ ପ୍ରଶାନ୍ତ ଚା' ପିଇବା ଅଭ୍ୟାସ ଆରମ୍ଭ କରିଛନ୍ତି, କିନ୍ତୁ ଏଇ କେତେଦିନ ହେବ ମାଆ ହାତର ଚା' ପିଇବା ପରେ ସେ ଜାଣି ସାରିଥିଲେ ମାଆ ସେମିତି କିଛି ଖାସ୍ ଚା' ବନେଇପାରେନି ; କିନ୍ତୁ ବାପା ତା' ହାତତିଆରି ଚା'ର ଏତେ ପ୍ରଶଂସା କେମିତି କରୁଥିଲେ କେଜାଣି! ମାଆ ଅନେକ ଦିନ ହେଲା ଏମିତି ଏକ ରୋଗରେ ଆକ୍ରାନ୍ତ ଯେ ଛୋଟରୁ ବଡ଼ ଗୁରୁତ୍ୱପୂର୍ଣ୍ଣ କଥା ସବୁ ଅତି ସହଜରେ ସେ ଭୁଲିଯାଏ। କେବେ ବିନା ଚିନିରେ ଚା' ତ କେବେ ଚିନି ଜାଗାରେ ଲୁଣିଆ ଚା' ତ ଆଉ କେବେ ଅଧିକ ଚିନି ଲୁଣମିଶା ଚା'... ସେଥିପାଇଁ ଆଜିକାଲି ସେ ନିଜେ ଚା' ବନେଇ ପିଅନ୍ତି ଆଉ ମାଆକୁ ବି ଦିଅନ୍ତି।



ମାଆ ଆସି ତାଙ୍କ ସହିତ ରହିବା ପରେ, ସ୍ତ୍ରୀ ମାନୁର କଟୁ ବ୍ୟବହାର ଅସହ୍ୟ ହୋଇ ପଡ଼ୁଥିଲା। ସେଥିପାଇଁ ସେ କୋର୍ଟରେ ଛାଡ଼ପତ୍ର ଦାଖଲ କରିସାରିଥିଲେ। ଛ'ମାସ ସାଥିରେ ରହିବା ପରେ କୋର୍ଟ ଶେଷ ନିଷ୍ପତ୍ତି ନେବ ବୋଲି ରାୟ ଦେଇଥିଲେ। ନିଜ ବୈବାହିକ ଜୀବନକୁ ପୁଣିଥରେ ସଜାଡ଼ି ଦେବାକୁ ଅଣ୍ଟାଭିଡ଼ି ଥିଲେ ପ୍ରଶାନ୍ତ। ବାପାଙ୍କ କଥା ମନେପକାଇ ମାନୁର ଅନେକ ଭୁଲ୍ ଏଡ଼ାଇ ଯାଉଥିଲେ। ମାନୁ ତାଙ୍କଠାରୁ ବୟସରେ ଛଅ ସାତ ବର୍ଷ ସାନ। ତେଣୁ ବୟସ ହେଲେ ଆପେ ସବୁ ବୁଝିଯିବ ଭାବି ଘରକାମ ସବୁ ଚୁପ୍‌ଚାପ୍ ନିଜେ କରିନେଉଥିଲେ। ମାଆକୁ ପାଖ ବୃଦ୍ଧାଶ୍ରମରେ ଛାଡ଼ି ଆସିବାର ଜିଦ୍ କିନ୍ତୁ ତାଙ୍କୁ ଦୋଛକିରେ ପକାଇଦେଲା। ତାଙ୍କ ଅନୁପସ୍ଥିତିରେ ମାନୁ ବୃଦ୍ଧାଶ୍ରମରେ କଥା ଛିଡ଼େଇ ମାଆଙ୍କୁ ନେଇ ଛାଡ଼ି ଆସିଥିଲେ।

ସେଦିନ ଘରକୁ ଫେରିବା ପରେ ତାଙ୍କ ଦୁନିଆଟା ତାଙ୍କୁ ପର ଲାଗିଲା। ଘଣ୍ଟା କଣ୍ଟା ମିନିଟ୍ କଣ୍ଟା ତାଙ୍କ ପାଇଁ ଯେମିତି ସ୍ଥାଣୁ ହୋଇଯାଇଥିଲେ। ଖେଳ ସାରି ସନ୍ଧ୍ୟାରେ ଦଶ ବର୍ଷର ପୁଅ ଜଗା ତା' ଜେଜେମା'କୁ ଖୋଜି ନ ପାଇବା ପରେ ତା' ପ୍ରଶ୍ନର ଉତ୍ତର ବାପାଙ୍କଠାରୁ ନ ପାଇ ମାଆ ପାଖକୁ ଗଲା।

''ତୋ ଜେଜେମା' ଏବେଠୁଁ ବୃଦ୍ଧାଶ୍ରମରେ ରହିବେ। ଏଠାରେ ତାଙ୍କର ଯତ୍ନ ନେବାକୁ କାହା ପାଖେ ସମୟ ନାହିଁ। ସବୁ କଥା ଭୁଲି ଯାଉଛନ୍ତି। ସେଠି ତାଙ୍କର ଖୁବ୍ ଭଲ ଯତ୍ନ ନିଆଯିବ ଆଉ ତାଙ୍କୁ ଭଲ ସାଥୀ ମିଳିଯିବେ। ସେଠାରେ ସେ ଖୁବ୍ ଭଲରେ ରହିବେ।'' ଜେଜେମା' ବିଷୟରେ ମାଆର ଉତ୍ତର ଶୁଣି ଖୁବ୍ କଷ୍ଟ ହେଲା ଜଗାକୁ।

''ହଉ ମାଆ ଠିକ୍ ଅଛି। ତୁ ବି ବୁଢ଼ୀ ହେଇଗଲେ ତୋତେ ନେଇ ସେଠି ଛାଡ଼ି ଆସିବି। ମୁଁ ତ ଅଫିସ୍ ଯିବି ଆଉ କାମରେ ବ୍ୟସ୍ତ ରହିବି। ବାପା ତ ବୁଢ଼ା ହୋଇଯାଇଥିବେ, ନିଜ କାମ କରିପାରୁ ନ ଥିବେ। ତୋ' କଥା କିଏ ବୁଝିବ ?'' ଜଗାର ଉତ୍ତର ଶୁଣି ସେଇ ସନ୍ଧ୍ୟାରେ ବୃଦ୍ଧାଶ୍ରମ ଦୌଡ଼ିଲେ ମାନୁ। ଶାଶୁଙ୍କୁ କ୍ଷମା ମାଗି ଘରକୁ ଫେରେଇ ଆଣିଲେ।

ଫେରିଲା ବେଳେ ମାଆ ତା' ହାତର ମୁଦି ଆଉ କେତେଟା ଭଲ ଶାଢ଼ି, ଆଉ ତା' ପାନ ବଟୁଆ, ଏସବୁ ଭୁଲି ଛାଡ଼ି ଆସିଥିଲା ବୃଦ୍ଧାଶ୍ରମରେ ; ହେଲେ ବାପାଙ୍କର ସେଇ ଫଟୋ ଯେଉଁଟା ସେ ଅନେକ ବର୍ଷ ହେଲାଣି ତା' ପାଖରେ ସାଇତି ରଖିଥିଲା, ସେଇ ଫଟୋକୁ ଛାତିରେ ଜାବୁଡ଼ି ଧରିଥିଲା।

ଫୋନ୍: ୯୭୩୯୫୯୧୮୧୬

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଏପ୍ରିଲ ୨୯/୨୦୨୩ Bhubaneswar, Saturday, April 29/ 2023

# ଏଏଫ୍‌ସି କପ୍ ଯୋଗ୍ୟତା ଲଢ଼େଇ

## ଓଡ଼ିଶା ଏଫ୍‌ସି ବନାମ ଗୋକୁଲମ କେରଳ

ଭୁବନେଶ୍ୱର, ୨୮।୪ (କ୍ରୀଡ଼ା ପ୍ରତିନିଧି)

ନିକଟରେ ସୁପର କପ୍ ଚାମ୍ପିୟନ ହୋଇଥିବା ଓଡ଼ିଶା ଏଫ୍‌ସି ପାଇଁ ଆଉ ଏକ ବଡ଼ ସୁଯୋଗ ଆସିଛି। କୋଝିକୋଡ଼ର ଇଏମ୍‌ଏସ୍ କର୍ପୋରେଶନ ଷ୍ଟାଡିୟମରେ ଏହି ଦଳ କ୍ଲବ ପ୍ଲେ-ଅଫ୍ ପର୍ଯ୍ୟାୟରେ ଆଇ-ଲିଗ୍ ଚାମ୍ପିୟନ ଗୋକୁଲମ୍ କେରଳକୁ ଭେଟିବ। ଏହି ମ୍ୟାଚ୍‌ରେ ବିଜୟୀ ହେଲେ ଓଡ଼ିଶା ଏଫ୍‌ସି ପ୍ରଥମଥରପାଇଁ ଏଏଫ୍‌ସି କପ୍ ଗ୍ରୁପ୍ ପର୍ଯ୍ୟାୟ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବ। ମହାଦେଶୀୟ ମୁକାବିଲାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବ। ଗୋକୁଲମ୍ କେରଳ ୨୦୨୧-୨୨ ସିଜନରେ ଆଇ-ଲିଗ୍ ଚାମ୍ପିୟନ ହୋଇଥିବାବେଳେ ଓଡ଼ିଶା ଏଫ୍‌ସି ୨୦୨୩ ହିରୋ ସୁପର କପ୍ ବିଜେତା ହୋଇଛି। ଶନିବାର ଭାରତୀୟ ସମୟ ରାତି ୭ଟାରେ ଏହି ମ୍ୟାଚ ଆରମ୍ଭ ହେବ।

ଗୋକୁଲମ୍ ଏହାର ଘରୋଇ ପରିବେଶରେ ଆଗାମୀ ମ୍ୟାଚ ଖେଳିବ। ତେବେ ଓଡ଼ିଶା ଏଫ୍‌ସି ବିପକ୍ଷ ମ୍ୟାଚ ଏହାପାଇଁ ସହଜ ହେବନାହିଁ। କାରଣ ନୂଆ କୋଚ୍ କ୍ଲିଫୋର୍ଡ ମିରାଣ୍ଡାଙ୍କ ଅଧୀନରେ ଓଡ଼ିଶା ଏଫ୍‌ସି ଏ ପର୍ଯ୍ୟନ୍ତ ଗୋଟିଏ ହେଲେ ମ୍ୟାଚ ହାରିନାହିଁ। ସିଜନକୁ ଅଧିକ ସ୍ମରଣୀୟ କରିବା ପାଇଁ ଓଡ଼ିଶା ଦଳ ନିକଟରେ ଏହା ଉପଯୁକ୍ତ ସୁଯୋଗ। ଇଣ୍ଡିଆନ ସୁପରଲିଗ୍‌ରେ ୬ଷ୍ଠ ସ୍ଥାନ ଅଧିକାର କରି ଏହି ଦଳ ଏସୀୟ ପ୍ରତିଯୋଗିତା ପାଇଁ ପ୍ରଥମ ପାହାଚ ଚଢ଼ିଥିଲା। ପରେ ସୁପର କପ୍ ବିଜୟୀ ହେବାଦ୍ୱାରା ପ୍ଲେ-ଅଫ୍ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ଆଉ ଗୋଟିଏ ବିଜୟ ଦଳ ପାଇଁ ଏସୀୟ ପ୍ରତିଯୋଗିତା ଖେଳିବା ନିଶ୍ଚିତ କରିବ। ଅନ୍ୟପକ୍ଷରେ ଗୋକୁଲମ୍ ଦଳ ମଧ୍ୟ ମଥା ଉଚ୍ଚା ସହ ସିଜିନ ଶେଷ କରିବାକୁ ଚାହୁଁଛି। ସୁପର କପ୍‌ରେ ଏହି ଦଳ ସମସ୍ତ ୩ଟି ଯାକ ଗ୍ରୁପ୍ ମ୍ୟାଚ ହାରି ଯାଇଥିଲା। ଆଇ-ଲିଗ୍ ୨୦୨୨-୨୩ ସିଜନରେ ଏହି ଦଳ ତୃତୀୟ ସ୍ଥାନରେ ରହିଥିଲା। ଚାମ୍ପିୟନ ରାଉଣ୍ଡ ଗ୍ଲାସ ପଞ୍ଜାବ ଏଫ୍‌ସିଠାରୁ ଏହି ଦଳର ପଏଣ୍ଟ ବ୍ୟବଧାନ ୧୩ ରହିଥିଲା। ତେଣୁ ଆଗାମୀ ପ୍ଲେ-ଅଫ୍ ମ୍ୟାଚ ଏହି ଦଳ ପାଇଁ ହୃତଗୌରବ ଫେରାଇ ଆଣିବାପାଇଁ ବଡ଼ ସୁଯୋଗ ଆଣିବ।



ଓଡ଼ିଶା ଏଫ୍‌ସି ଦଳର ଅଭ୍ୟାସ।



କୋଝିକୋଡ଼ର ଇଏମ୍‌ଏସ୍ କର୍ପୋରେଶନ ଷ୍ଟାଡିୟମରେ ଅଭ୍ୟାସ ଅବସରରେ ଗୋକୁଲମ କେରଳ ଦଳ।

## ଜିରୋରୁ ଆରମ୍ଭ କରିବୁ

"ଆମେ ଏଠାକୁ ନିର୍ଦ୍ଦିଷ୍ଟ ଲକ୍ଷ୍ୟନେଇ ଆସିଛୁ। ମାର୍ଚ୍ଚ ୧୬ରୁ ଏପର୍ଯ୍ୟନ୍ତ ଆମେ ଗେମ୍ ପରେ ଗେମ୍ ଯୋଜନାବଦ୍ଧଭାବେ ଖେଳିଆସିଛୁ। ଇତିମଧ୍ୟରେ ସୁପର କପ୍ ବିଜୟୀ ହୋଇଛୁ। ମାତ୍ର ତାହା ଅତୀତ ହୋଇଯାଇଛି। ଆମେ ଏବେ ପୁଣି ଜିରୋରୁ ଆରମ୍ଭ କରିବୁ। ଗତ କିଛି ସପ୍ତାହରେ କ'ଣ ସବୁ ଘଟିଯାଇଛି ଆମେ ଯେତେବେଳେ ଆଗାମୀ ମ୍ୟାଚ ପାଇଁ ପଡ଼ିଆକୁ ଓହ୍ଲାଇବୁ ତାହାର କିଛି ମାନେ ରହିବନାହିଁ। ଆମେ ଆଉଥରେ ନୂଆକରି ଆରମ୍ଭ କରିବୁ"।

– କ୍ଲିଫୋର୍ଡ ମିରାଣ୍ଡା, ଓଡ଼ିଶା ଏଫ୍‌ସି ମୁଖ୍ୟ କୋଚ୍

## ଆମେ ସମ୍ପୂର୍ଣ୍ଣ ପ୍ରସ୍ତୁତ

"ସକାରାତ୍ମକ ଅନୁଭବ ସହ ସିଜନ ଶେଷ କରିବା ପାଇଁ ବଡ଼ ସୁଯୋଗ ଆସିଛି। ଆଗାମୀ ମ୍ୟାଚ ନିଶ୍ଚିତ କଷ୍ଟସାଧ୍ୟ ହେବ। ମାତ୍ର ଆମେ ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ। ଆମ ଦଳ ଅଭିଜ୍ଞ ଓ ଯୁବ ଖେଳାଳିଙ୍କୁ ନେଇ ବେଶ୍ ସନ୍ତୁଳିତ। ସବୁ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ବ୍ୟଗ୍ର। ଏଥିପାଇଁ ସେମାନେ କଠିନ ପରିଶ୍ରମ ଜାରି ରଖିଛନ୍ତି। ଆମେ ଆଗାମୀ ମ୍ୟାଚ୍‌ରୁ ଭଲ ଫଳାଫଳ ନେଇ ଆଶାବାଦୀ ଅଛୁ"।

– ଫ୍ରାନ୍ସେକ୍ ବୋନେଟ, ଗୋକୁଲମ୍ କେରଳ ମୁଖ୍ୟ କୋଚ୍




ଦୁଇ ଦଳର କୋଚ୍ କ୍ଲିଫୋର୍ଡ ମିରାଣ୍ଡା ଓ ଫ୍ରାନ୍ସେକ୍ ବୋନେଟ।

## ଇତିହାସ

ୟୁରୋପୀୟ ଫୁଟବଲ୍ ଲିଗ୍ ଓ ସ୍ପାନିଶ୍ ଫୁଟବଲ୍ ଲିଗ୍ ଭଳି ଏସିଆର ବିଭିନ୍ନ ଫୁଟବଲ୍ କ୍ଲବ୍‌କୁ ନେଇ ଏଏଫ୍‌ସି କପ୍ ଅନୁଷ୍ଠିତ ହୁଏ। ୨୦୦୪ରେ ପ୍ରଥମ ଥର ଏହା ଆୟୋଜିତ ହୋଇଥିଲା। ପ୍ରାରମ୍ଭିକ ଭାବରେ ଏସିଆ ମହାଦେଶରୁ ୧୪ ଦେଶର ୧୮ କ୍ଲବ୍ ଏଥିରେ ଅଂଶଗ୍ରହଣ କରୁଥିଲେ। ଧୀରେ ଧୀରେ ଅଂଶଗ୍ରହଣକାରୀ ଦେଶ ସଂଖ୍ୟା ବୃଦ୍ଧି ପାଇ ୨୦୧୭ ପରଠାରୁ ୩୪ରେ ପହଞ୍ଚିଛି। ୨୦୦୪ ପ୍ରଥମ ସଂସ୍କରଣରେ ଭାରତରୁ ଦୁଇଟି ଦଳ ଅଂଶଗ୍ରହଣ କରିଥିଲେ। ମହିନ୍ଦ୍ରା ୟୁନାଇଟେଡ ଓ ଇଷ୍ଟ ବେଙ୍ଗଲ ପ୍ରଥମ ଦୁଇ ଦଳ ଭାବରେ ଯୋଗ୍ୟତା ଅର୍ଜନ କରିଥିଲେ। ଗୋଟିଏ ଥର ମଧ୍ୟ କୌଣସି ଭାରତୀୟ କ୍ଲବ୍ ଚାମ୍ପିୟନ ହୋଇ ନ ଥିବା ବେଳେ ୨୦୦୮ରେ ଡେମ୍ପୋ ଓ ୨୦୧୩ରେ ଇଷ୍ଟବେଙ୍ଗଲ ସେମିଫାଇନାଲରେ ପ୍ରବେଶ କରିଥିଲେ। ୨୦୧୭ରେ ବେଙ୍ଗାଲୁରୁ ଏଫ୍‌ସି ଇଣ୍ଟର ଜୋନାଲ ପ୍ଲେ ଅଫ୍‌ର ଫାଇନାଲରେ ପହଞ୍ଚି ରନର୍ ଅପ୍ ରହିଥିଲା।

### ଫର୍ମାଟ ଓ ପୁରସ୍କାର

ପୂର୍ବ ଏସିଆ, ପଶ୍ଚିମ ଏସିଆ, ଉତ୍ତର ଏସିଆ, ଦକ୍ଷିଣ ଏସିଆ ସହିତ ଏସ୍‌ଏଇଏଏନ୍ ନାମରେ ୫ଟି ଗ୍ରୁପ୍‌ର କ୍ଲବଗୁଡିକ ଏଥିରେ ଅଂଶଗ୍ରହଣ କରିଥାନ୍ତି। ଭାରତ ଦକ୍ଷିଣ ଏସିଆରୁ ପ୍ରତିନିଧିତ୍ୱ କରିଥାଏ। ପୂର୍ବରୁ ସମସ୍ତ ଜୋନ୍‌ର କ୍ଲବଗୁଡିକ ଏକତ୍ର ଖେଳୁଥିବା ବେଳେ ବର୍ତ୍ତମାନ ସମସ୍ତ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ସର୍ବାଧିକ ପଏଣ୍ଟ ଆଧାରରେ ନକ୍ ଆଉଟ୍ ପାଇଁ ଦଳ ଚୟନ କରାଯାଇଥାଏ। ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ୧.୫ ମିଲିୟନ୍ ଡଲାର ଓ ରନର ଅପ୍ ଦଳକୁ ୭ ଲକ୍ଷ ୫୦ ହଜାର ଡଲାର ପୁରସ୍କାର ରାଶି ମିଳିଥାଏ। ନକ୍ ଆଉଟରେ ପହଞ୍ଚିଲେ ବା ଜୋନାଲ ଚାମ୍ପିୟନ ଦଳକୁ ୧ ଲକ୍ଷ ଡଲାର ପ୍ରଦାନ କରାଯାଇଥାଏ।

### ରେକର୍ଡ

ଇରାକର କ୍ଲବ୍ ଅଲ୍‌କୁଓ୍ୱା ଅଲ୍ ଜିଓ୍ୱା(୨୦୧୬, ୨୦୧୭, ୨୦୧୮) ଏବଂ କୁଏଟି କ୍ଲବ୍ ଅଲ୍ କୁଏଟ୍ (୨୦୦୯, ୨୦୧୨, ୨୦୧୩) ସର୍ବାଧିକ ୩ ଥର ଲେଖାଏ ଏଏଫ୍‌ସି କପ୍ ଜିତିବାର ରେକର୍ଡ ନିଜ ନାମରେ ରଖିଛନ୍ତି। କୁଏଟ୍‌ର ବିଭିନ୍ନ କ୍ଲବ୍ ସର୍ବାଧିକ ୭ ଥର ଚାମ୍ପିୟନ୍ ହୋଇଥିବା ବେଳେ ଇରାକର କ୍ଲବ୍‌ଗୁଡ଼ିକ ୫ ଥର ଟ୍ରଫି ଜିତିବାରେ ସଫଳ ହୋଇଛନ୍ତି। ୨୦୦୮ରେ ବ୍ରାଜିଲିଆନ୍ ଖେଳାଳି ରିକୋ ଗୋଟିଏ ସିଜନରେ ସର୍ବାଧିକ ୧୯ ଗୋଲ୍ ସ୍କୋର କରି ରେକର୍ଡରେ ଅଧିକାରୀ ଅଛନ୍ତି। ସ୍ପେନ୍ ଖେଳାଳି ବିଏନ୍‌ଭେ ସର୍ବାଧିକ ୩୫ଟି ଗୋଲ ସ୍କୋର କରିଛନ୍ତି।



# ସୁଦାନରୁ ଫେରିଲେ ୬ ଓଡ଼ିଆ

## ଭୋକିଲା ଥିଲା ପେଟ, ଛାତି ଥରାଉଥିଲା ବୋମାଶବ୍ଦ

ଭୁବନେଶ୍ୱର,୨୮।୪(ବ୍ୟୁରୋ)

ସୁଦାନରେ ମିଲିଟାରି ଓ ପାରାମିଲିଟାରି ମଧ୍ୟରେ ହିଂସା ଲାଗିରହିଥିବାବେଳେ ସେଠାରେ ପ୍ରାୟ ୧୫ ଓଡ଼ିଆଙ୍କ ସମେତ ୩,୭୦୦ ଭାରତୀୟ ଫସି ରହିଥିଲେ। ଭାରତ ସରକାରଙ୍କ ଅପରେଶନ କାବେରୀ ତଥା ରାଜ୍ୟ ସରକାରଙ୍କ ଉଦ୍ୟମ କ୍ରମେ ଜନ୍ମମାଟିକୁ ୬ଜଣ ଓଡ଼ିଆ ଫେରିଛନ୍ତି। ଶୁକ୍ରବାର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ସୁଦାନରେ ଲାଗି ରହିଥିବା ହିଂସାର ଛାତିଥରା ଅନୁଭୂତି ବଖାଣିବା ସହ ସେମାନେ ଏକ ନୂଆ ଜୀବନ ପାଇଥିବା କହିଛନ୍ତି। ଭୋକ ଉପାସରେ ୯ ଦିନ ତାହା ସାଙ୍ଗକୁ ବୋମା ଓ ଗୁଳିର ଶବ୍ଦ। ବନ୍ଧୁକ ମୁନରେ ଲୁଟପାଟ୍ ଏମିତି ଭୟଙ୍କର ଅନୁଭୂତି ନେଇ ଫେରିଛନ୍ତି।



ଭୁବନେଶ୍ୱର ବିମାନବନ୍ଦରରେ ସୁଦାନରୁ ଫେରିଥିବା ୬ ଓଡ଼ିଆ।

■ ଜୀବନ ଧରି ନିଜ ମାଟିକୁ ଫେରିଆସିବୁ ବୋଲି ଆଶା ନ ଥିଲା। ଏପ୍ରିଲ ୧୫ ତାରିଖରୁ ଗୁଳିଗୋଳା ଶବ୍ଦରେ ଛାତି ଥରି ଉଠୁଥିଲା। କମ୍ପାନୀ ତରଫରୁ ଖାଇବା ପିଇବାର ଅସୁବିଧା ନ ଥିଲା । କିନ୍ତୁ ଧୀରେ ଧୀରେ ବିଦ୍ୟୁତ୍, ପାଣି ଆଦିର ସମସ୍ୟା ଦେଖାଦେଇଥିଲା। ତା' ପରେ ପୁଣି ଲୁଟପାଟ୍ ଆରମ୍ଭ ହୋଇଥିଲା। ଥରକୁ ଥର ଲୁଟେରାମାନେ ଆସି ଟଙ୍କା ଓ ମୋବାଇଲ୍ ଆଦି ଦେବାକୁ ବନ୍ଧୁକ ମୁନରେ ଧମକାଉଥିଲେ। ସେସବୁ ଦୃଶ୍ୟ ଆଖି ଆଗରେ ନାଚୁଛି। ଘରକୁ ଆସିବା ପାଇଁ କମ୍ପାନୀ ପକ୍ଷରୁ ବସ୍‌ଗୁଡ଼ିକୁ ଡିଜେଲ ଯୋଗାଯାଇଥିଲା। ତା'ପରେ ଆମେ ଜଳମାର୍ଗରେ ଆସି ପରେ ସ୍ୱତନ୍ତ୍ର ବିମାନ ଯୋଗେ ଓଡ଼ିଶାକୁ ଫେରିଥିଲୁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗକୁ ଯେତେ ବି କୃତଜ୍ଞତା ଜଣାଇଲେ କମ୍ ପଡ଼ିବ।

– କେଦାର ନାୟକ, ଜଗତସିଂହପୁର

■ ଏମିତି ଦୃଶ୍ୟ ଆମେ ସାଧାରଣତଃ ସିନେମାରେ ଦେଖିଥାଉ। ଏମିତି ଘଟଣା ଯେତେବେଳେ ନିଜ ସହ ଘଟିଥିଲା କିଛି ବୁଦ୍ଧିବାଟ ଦେଖାଯାଇ ନ ଥିଲା। ଖାଲି ଭାବୁଥିଲୁ କେମିତି ଏଠାରୁ ମୁକୁଳିବୁ। ଖାଇବା ପିଇବା ଚିନ୍ତା ଯେତିକି ଥିଲା ; ଜୀବନକୁ ଭୟ ତା' ଠାରୁ ଅଧିକ ରହିଥିଲା। ତେଣୁ ନିଜ ମାଟିକୁ କେମିତି ଫେରିବୁ ସେଇ ଚିନ୍ତା ଘାରିଥିଲା। ଏବେ ଭଦ୍ରକକୁ ଫେରିବା ପରେ ଆଶ୍ୱସ୍ତି ମିଳିଛି କିନ୍ତୁ ସେ ଛାତିଥରା ଦୃଶ୍ୟ ମନରୁ ଲିଭିନାହିଁ। ଓମେଗା ପ୍ରାଇଭେଟ୍ ଲିମିଟେଡରେ ମୁଁ ସିଏମ୍‌ସି ମେଶିନ ଅପରେଟର ଥିଲି। ଆମ କମ୍ପାନୀରେ ମୋ ସହିତ ସୁଧୀର ସ୍ୱାଇଁ ଓ କେଦାର ନାୟକ ମଧ୍ୟ ଥିଲେ। ସେମାନେ ଜଗତସିଂହପୁରର ବାସିନ୍ଦା । ଆମେ ଏକାଠି ଫେରିଲୁ। ମୁଁ ଆଉ କେବେ ବି ସୁଦାନ ଫେରିବିନି।

– ଅମର ବଳ, ଭଦ୍ରକ

■ ବୋମାମାଡ଼ରେ ସମ୍ପୂର୍ଣ୍ଣ ବିଲ୍ଡିଂ ଥରୁଥିଲା। କମ୍ପାନୀର ଗ୍ରାଉଣ୍ଡ ଫ୍ଲୋରରେ କ୍ୟାଣ୍ଟିନ୍ ଥିଲା। ମୁଁ ତୃତୀୟ ମହଲାରେ ରହୁଥିଲି। ତଳକୁ ଆସି ଖାଇବାକୁ ମଧ୍ୟ ଡର ଲାଗୁଥିଲା। ଗୁଳିମାଡ଼ରେ କମ୍ପାନୀ କାନ୍ଥ ସାରା ଗର୍ତ୍ତ ସୃଷ୍ଟି ହୋଇଥିଲା। ଜୀବନ ଫେରିପାଇବୁ ବୋଲି ଆଶା ନ ଥିଲା। ୯ ଦିନ କାଳ ଏମିତି ଆତଙ୍କିତ ଅବସ୍ଥାରେ ଆମେ ସେଠାରେ ରହିଥିଲୁ ।

– ଶିବ ପ୍ରସାଦ ଜେନା, ବାଲେଶ୍ୱର

# ଗୁପ୍ତଧନ ଆଶା ଦେଖାଇ ଠକି ନେଇଥିଲେ ୬୨ ଲକ୍ଷ

■ ତାନ୍ତ୍ରିକ ବୋଲାଉଥିବା ଅଭିଯୁକ୍ତ ଯୁବକ ଗିରଫ
■ ୭୦ ଦାମୀ ମୋବାଇଲ, ୨ କାର୍ ଓ ୨.୭୬ ଲକ୍ଷ ଟଙ୍କା ଜବତ
■ ଠକେଇ ଅର୍ଥରେ ଅୟସ କରୁଥିଲେ

କଟକ ଅଫିସ,୨୮।୪

କଟକ ସହରରେ ବି ଲୋକେ ଅନ୍ଧବିଶ୍ୱାସରେ ବୁଡ଼ି ରହିଛନ୍ତି। ଗୁଣିଗାରେଡ଼ି ମାଧ୍ୟମରେ ଗୁପ୍ତଧନ ପାଇବା ଆଶାରେ ଠକ ଯୁବକଙ୍କ ହାବୁଡ଼ରେ ପଡ଼ିଥିଲେ ରାଣୀହାଟ ଅଞ୍ଚଳର ଜଣେ ମହିଳା। ତାନ୍ତ୍ରିକ ସାଜି ମହିଳାଙ୍କଠାରୁ ୬୨ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ଯୁବକଙ୍କୁ ମଙ୍ଗଳାବାଗ ପୋଲିସ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ କେଶରପୁର ଅଞ୍ଚଳର ମୌଲାନା କୈଫି ଖାନ୍(୨୭)। ତାଙ୍କ ନିକଟରୁ ନଗଦ ୨,୭୬,୪୧୦ ଟଙ୍କା, ୨ଟି ଦାମୀ କାର୍, ୭୦ ଦାମୀ ମୋବାଇଲ ଫୋନ୍, ୨୦ ଦାମୀ ହାତଘଣ୍ଟା, ବ୍ୟାଙ୍କ ପାସ୍‌ବୁକ୍, ଚେକ୍ ବୁକ୍, ବୀମା ପଲିସି ମିଶି ୧୩ଟି, ହୀରା ଭଳି ଦେଖାଯାଉଥିବା ୨ଟି ଧାତୁ, ୨ଟି ପିତ୍ତଳ ଇଟା, ୩ଟି ଲକ୍ଷ୍ମୀଙ୍କ ପିତ୍ତଳରେ ତିଆରି ପାଦ, ୨ଟି ହଳଦିଆ ଓ ନୀଳ ରଙ୍ଗର ହୀରା ସଦୃଶ ଧାତୁ, ଗୋଟିଏ ପିତ୍ତଳ ରାଧାକୃଷ୍ଣ ମୂର୍ତ୍ତି, ଗୋଟିଏ ପିତ୍ତଳ ହଣ୍ଡା, ପିତ୍ତଳର ୨ଟି ଲକ୍ଷ୍ମୀପାଦ, ହୀରା ଭଳି ଦେଖାଯାଉଥିବା ଗୋଟିଏ କାଚଖଣ୍ଡ, ୪ଟି ପିତ୍ତଳ ପାତ୍ର ଓ ୧୦ଟି ଧାତବ ଲକେଟ୍ ଜବତ କରାଯାଇଛି। ଏନେଇ ଏକ ମାମଲା(ନଂ.୧୧୪/୨୩) ରୁଜୁ ହୋଇଥିବା ମଙ୍ଗଳାବାଗ ଥାନାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ କଟକ ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି।





ମୌଲାନା କୈଫି ଖାନ୍

ପୋଲିସ ସୂତ୍ରରୁ ପ୍ରକାଶ, ଠକାମିର ଶିକାର ହୋଇଥିବା ରାଣୀହାଟ ଅଞ୍ଚଳର ମହିଳା ଓ ତାଙ୍କ ବୃଦ୍ଧା ମା'ଙ୍କ ସମେତ ସମସ୍ତ ସଦସ୍ୟ ଘରେ ଭୟଭୀତ ଅବସ୍ଥାରେ ରହୁଥିଲେ। ସେମାନେ ତାଙ୍କ ଘରେ ଏକ ଦୁଷ୍ଟଶକ୍ତିର ଉପସ୍ଥିତିକୁ ଅନୁଭବ କରୁଥିଲେ। ଯେଉଁଥିପାଇଁ ସେମାନେ ଶାନ୍ତିରେ ରହିପାରୁ ନ ଥିଲେ କି ଶୋଇପାରୁ ନ ଥିଲେ। ଏଥିରୁ ରକ୍ଷା ପାଇବା ପାଇଁ ସେମାନେ ବହୁ ପୂଜାର୍ଚ୍ଚନା କରିଥିଲେ। ଏକଥା ତାଙ୍କ କାର୍ ଡ୍ରାଇଭର ସେକ୍ ଅସ୍‌ପାକ୍‌ଙ୍କୁ ଜଣାଥିଲା। ୨୦୨୨ ଅଗଷ୍ଟ ଶେଷ ସପ୍ତାହରେ ଅସ୍‌ପାକ୍ ନିଜେ ଅନୁପସ୍ଥିତ ରହି ଅନ୍ୟ ଜଣେ ଡ୍ରାଇଭର ସେକ୍ ଇସ୍ରାଇଲଙ୍କୁ ଗୋଟିଏ ଦିନ ପାଇଁ ପଠାଇଥିଲେ। କାର୍‌ରେ ଯାଉଥିବାବେଳେ ମହିଳା ଜଣଙ୍କ ତାଙ୍କ ଘରେ ଥିବା ଦୁଷ୍ଟ ଶକ୍ତି ବିଷୟରେ ଇସ୍ରାଇଲଙ୍କୁ କହିଥିଲେ। କେଶରପୁରର କୈଫି ଖାନ୍ ନାମକ ମୌଲାନା ଏହି ଦୁଷ୍ଟ ଶକ୍ତିକୁ ବିତାଡ଼ିତ କରିଦେବେ ବୋଲି ଇସ୍ରାଇଲ୍ ମହିଳାଙ୍କୁ କହିଥିଲେ। ସେହିଦିନଠାରୁ ମହିଳା ଜଣକ କୈଫି ଖାନ୍‌ଙ୍କ ସହ ସମ୍ପର୍କରେ ରହିଲେ। କୈଫି ସମ୍ପୃକ୍ତା ମହିଳାଙ୍କ ଘର ପରିଦର୍ଶନ କରି ଏକ ଦୁଷ୍ଟ ଶକ୍ତି ସ୍ପିରିଟ୍ ଆକାରରେ ରହିଥିବା କହିଥିଲେ। ତାଙ୍କ ଘରର ମାଟି ତଳେ କିଛି ଗୁପ୍ତଧନ ରହିଛି ସେଗୁଡ଼ିକ ବାହାର କରିବାକୁ ପଡ଼ିବ। ନ ହେଲେ ସେହି ଦୁଷ୍ଟ ଶକ୍ତି ବହୁତ ବଡ଼ କ୍ଷତି କରିପାରେ। ଏପରି କି ପରିବାରର କାହାର ଜୀବନ ବି ନେଇପାରେ ବୋଲି କୈଫି ଚେତାଇ ଦେଇଥିଲେ। ତେଣୁ ତୁରନ୍ତ ଏହାର ପ୍ରତିକାର ନିମନ୍ତେ ପରାମର୍ଶ ଦେଇଥିଲେ। ସେହି ଦୁଷ୍ଟଶକ୍ତିକୁ ଘରୁ ବାହାର କରିବା ପାଇଁ ସେ ପ୍ରଥମେ ୧୫ ଲକ୍ଷ ଟଙ୍କା ଦାବି କରିଥିଲେ। ମହିଳା ଜଣଙ୍କ ୧୫ ଲକ୍ଷ ଟଙ୍କା ନିଜ ବ୍ୟାଙ୍କ ଆକାଉଣ୍ଟରୁ ଅଭିଯୁକ୍ତଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ପରେ ବିଭିନ୍ନ ସମୟରେ ସମ୍ପୃକ୍ତ ମହିଳା ମୋଟ ୬୨ ଲକ୍ଷ ଟଙ୍କା ଅଭିଯୁକ୍ତଙ୍କ ବିଭିନ୍ନ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ହେଲେ ମହିଳା ଜଣଙ୍କ ଏ ସମସ୍ତ ଟଙ୍କା ଯୋଗାଡ଼ କରିବାକୁ ୧୭ଟା ସୁନାରଣ କରିଥିଲେ। ଦିନେ ଅଭିଯୁକ୍ତ ତାଙ୍କ ଘରେ ପହଞ୍ଚି ଗୁପ୍ତଧନ ପାଇବା ପାଇଁ ସକାଳୁ ସଞ୍ଜ ପର୍ଯ୍ୟନ୍ତ ଚଟାଣକୁ ଖୋଳିଥିଲେ। ସେଥିରୁ ଗୋଟିଏ ବୁଦ୍ଧମୂର୍ତ୍ତି, ଗୋଟିଏ ପିତ୍ତଳ ପାତ୍ର, ଗୋଟିଏ ପିତ୍ତଳ ରାଧାକୃଷ୍ଣ ମୂର୍ତ୍ତି, ହୀରା ଭଳି ଦେଖାଯାଉଥିବା ଧାତୁ ଓ ପିତ୍ତଳ ଇଟା ଆଦି ମିଳିଥିଲା। ଅଭିଯୁକ୍ତ ଜଣକ ମହିଳାଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମାଇଲେ, ଯାହାକି ଉଦ୍ଧାର ସାମଗ୍ରୀଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ୍ ହୀରା ଓ ସୁନା ବୋଲି। ମାତ୍ର ସେଗୁଡ଼ିକୁ ପରୀକ୍ଷା କରାଯିବା ପରେ ତାହା ନକଲି ବୋଲି ଜଣାପଡ଼ିଥିଲା। ଏହାପରେ ସେ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରିବା ପରେ ଅଭିଯୁକ୍ତ ଜଣଙ୍କ ଠକେଇ ଟଙ୍କାରେ ଦାମୀ ମୋବାଇଲ ଫୋନ୍, ଦାମୀ କାର୍, ଗୋଟିଏ ବୁଲେଟ, ଦାମୀ ହାତଘଣ୍ଟା ଭଳି ସୌଖୀନ ସାମଗ୍ରୀ କିଣି ଅୟସ କରୁଥିବା ଜଣାପଡ଼ିଥିଲା।

# ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ପୁରସ୍କୃତ

## ମିଳିଲା ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ସମ୍ମାନ-୨୦୨୩

ଭୁବନେଶ୍ୱର, ୨୮।୪(ବ୍ୟୁରୋ)

ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମକୁ ବେଷ୍ଟ ଏମ୍ପ୍ଲୟର ବ୍ରାଣ୍ଡ ସମ୍ମାନ-୨୦୨୩ରେ ପୁରସ୍କୃତ କରାଯାଇଛି। ଭୁବନେଶ୍ୱରରେ ଅନୁଷ୍ଠିତ ଏକ ଉତ୍ସବରେ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ନିଗମର ପରିଚାଳନା ନିର୍ଦ୍ଦେଶକ ଗଣେଶ୍ୱର ଜେନାଙ୍କୁ ଏହି ଆୱାର୍ଡ ପ୍ରଦାନ କରିଛନ୍ତି। ପଣ୍ୟାଗାରଗୁଡ଼ିକର ସୁପରିଚାଳନା ପାଇଁ ୱେୟାରହାଉସ୍ ମ୍ୟାନେଜମେଣ୍ଟ ସଲ୍ୟୁଶନର କାର୍ଯ୍ୟକାରିତା ନିମନ୍ତେ ନିଗମକୁ ପୂର୍ବରୁ ସ୍କଚ୍ ଆୱାର୍ଡରେ ସମ୍ମାନିତ କରାଯାଇଛି। ୪୪ଟି ପଣ୍ୟାଗାର ୱେୟାରହାଉସିଂ ଡେଭ୍‌ଲପ୍‌ମେଣ୍ଟ ଆଣ୍ଡ ରେଗୁଲେଟୋରୀ ଅଥରିଟି କର୍ତ୍ତୃପକ୍ଷଙ୍କ ଦ୍ୱାରା ପଞ୍ଜୀକୃତ ହୋଇଛି। ଏଥିଯୋଗୁ କୃଷକ ଓ ଜମାକାରୀମାନେ ଗୋଦାମରେ ଗଚ୍ଛିତ ଶସ୍ୟ ପାଇଁ ହସ୍ତାନ୍ତର ଯୋଗ୍ୟ ପଣ୍ୟାଗାର ରସିଦ ମାଧ୍ୟମରେ ବ୍ୟାଙ୍କ ଋଣ ସୁବିଧା ପାଇବେ। ପଣ୍ୟାଗାରଗୁଡ଼ିକର ବ୍ୟବସାୟିକ ପରିଚାଳନାକୁ ମୂଲ୍ୟାୟନ କରାଯାଇ ପାରଦର୍ଶିତା ଲାଭ କରିଥିବା ତତ୍ତ୍ୱାବଧାରକଙ୍କୁ ପୁରସ୍କୃତ କରାଯିବା ପାଇଁ ନିଗମର ପରିଚାଳନା ମଣ୍ଡଳୀ ବୈଠକରେ ଅନୁମୋଦନ କରାଯାଇଛି।

# ପ୍ରାଣୀ ଚିକିତ୍ସାସେବା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନିଷିଦ୍ଧ ଘୋଷଣା

ଭୁବନେଶ୍ୱର, ୨୮।୪ (ବ୍ୟୁରୋ)

ରାଜ୍ୟ ସରକାରଙ୍କ ଅଧୀନରେ କାର୍ଯ୍ୟରତ ପ୍ରାଣୀ ଚିକିତ୍ସକମାନେ କରୁଥିବା ବିଭିନ୍ନ ଧର୍ମଘଟ, କାର୍ଯ୍ୟବନ୍ଦ ଆନ୍ଦୋଳନ, ସାମୂହିକ ଛୁଟି ବେଆଇନ୍। ଏହା ଓଡ଼ିଶା ସଂଶୋଧିତ ଅତ୍ୟାବଶ୍ୟକ ସେବା (ମେଣ୍ଟେନାନ୍ସ) ଆଇନ୍ ୨୦୨୦ର ଉଲ୍ଲଂଘନ କରୁଛି। ତେଣୁ ଅତ୍ୟାବଶ୍ୟକ ସେବା ଆଇନ ବଳରେ ପ୍ରାଣୀ ଚିକିତ୍ସାସେବାରେ ନିୟୋଜିତ କର୍ମଚାରୀଙ୍କ ଧର୍ମଘଟ କିମ୍ବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନିଷିଦ୍ଧ ଘୋଷଣା କରାଯାଇଛି।

ସୂଚନାଯୋଗ୍ୟ, ଜନସାଧାରଣଙ୍କ ହିତ ଦୃଷ୍ଟିରୁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରାଣୀ ଚିକିତ୍ସାସେବାକୁ ଅତ୍ୟାବଶ୍ୟକ ସେବା ଭାବେ ଘୋଷଣା କରାଯାଇଛି। ରାଜ୍ୟରେ ନିରବଚ୍ଛିନ୍ନ ପ୍ରାଣୀ ଚିକିତ୍ସାସେବା ଯୋଗାଇଦେବା ଉଦ୍ଦେଶ୍ୟରେ ସରକାରଙ୍କ ଗୃହ ବିଭାଗ ଓଡ଼ିଶା ଅତ୍ୟାବଶ୍ୟକ ସେବା (ମେଣ୍ଟେନାନ୍ସ) ସଂଶୋଧନ ଆଇନ-୨୦୨୦ର ଧାରା ୨ର ଉପଧାରା (୯) ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ ପ୍ରାଣୀ ଚିକିତ୍ସାଳୟର କର୍ମଚାରୀଙ୍କ ଧର୍ମଘଟ କିମ୍ବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ନିଷିଦ୍ଧ ଘୋଷଣା କରାଯାଇଛି। ଗୃହ ବିଭାଗ ପକ୍ଷରୁ ଜାରି ଏହି ଆଦେଶନାମା (ସଂଖ୍ୟା ୧୭୦/ସି ତା. ୧୬।୨/୨୦୨୩) ୬ମାସ ପାଇଁ ବଳବତ୍ତର ରହିଛି।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ